ବର୍ଷ-୪୯ : ସଂଖ୍ୟା-୩ ମାର୍ଚ୍ଚ, ୨୦୧୮ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୧୮


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୧ ଫେବ୍ରୁଆରୀ, ୨୦୧୮ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଏକମାତ୍ର ପଥ | ... | ଶ୍ରୀମା | ... | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୬୪) | | | | |
| ସାମ୍ରାଜ୍ୟବାଦର ଆକ୍ରମଣ | ... | ମନୋଜ ଦାସ | ... | ୭ |
| ଅତିମାନସ-କାଳଦୃଷ୍ଟି ଦିଗରେ (୧) | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୦ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୨) | ... | ... | ... | ୧୫ |
| ପ୍ରଶସ୍ତିର ବିଡ଼ମ୍ବନା | ... | ... | ... | ୧୯ |
| ସୁଅ ମୁହଁର ପତର (କବିତା) | ... | ହୃଷୀକେଶ ପଣ୍ଡା | ... | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୭) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୨୨ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୬) | ... | ସାହାନା ଦେବୀ | ... | ୨୫ |
| କର୍ମ ଓ ଯୋଗ | ... | ନଳିନୀକାନ୍ତ ଗୁପ୍ତ | ... | ୨୭ |
| ଭଗିନୀ ନିବେଦିତା (୧) | ... | ନୀରଦବରଣ | ... | ୩୦ |
| ଶ୍ରୀକୃଷ୍ଣ କାହାଣୀ (୭) | | | | |
| ଦୁଇ ତରୁର ପତନ ରହସ୍ୟ | ... | ମନୋଜ ଦାସ | ... | ୩୪ |
| ସ୍ୱଚ୍ଛତା ମଧ୍ୟରେହିଁ ଈଶ୍ୱରଙ୍କ ନିବାସ (୩) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୩୭ |
| ହାରାଧନ (୧) | ... | ... | ... | ୪୦ |
| ଅରୋଭିଲ୍‌ରେ ନୂତନ ଶିକ୍ଷାର ଉଦ୍ୟମ | ... | ରାମନାରାୟଣ ପାତ୍ର | ... | ୪୨ |
| ଆମ ଶରୀର (୪) | ... | ଭୋଳେଶ୍ୱର ଭୂୟାଁ | ... | ୪୬ |
| ନିବେଦନ (କବିତା) | ... | ଜ୍ୟୋସ୍ନାରାଣୀ ଦାଶ | ... | ୪୯ |
| କରୁଛି ତୋ କୃପାଭିକ୍ଷା (କବିତା) | ... | ନିର୍ମଳା ମହାପାତ୍ର | ... | ୪୯ |
| ଈର୍ଷାହିଁ ବିନାଶର କାରଣ | ... | ଦୌଲତ ପାଣ୍ଡେ | ... | ୫୦ |
| ଜିଜ୍ଞାସୁର ପୃଷ୍ଠା | ... | ... | ... | ୫୨ |
| ସାହିତ୍ୟ ସୃଜନ : ପ୍ରବେଗ ଓ ପ୍ରେରଣା | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ଆମର ଯାତ୍ରାରମ୍ଭ କାଳରୁ ଏବଂ ପ୍ରତ୍ୟହ ଅଧିକରୁ ଅଧିକ ଭାବରେ, ସବୁ ବ୍ୟାପାରରେ ଆମେ ଦେଖିପାରୁଁ ତୁମ ଦିବ୍ୟ-ହସ୍ତକ୍ଷେପ, ସବୁଠିଁ ଅଭିବ୍ୟକ୍ତ ତୁମରି ବିଧାନ, ଏବଂ ଏହା ଯେ ସଂପୂର୍ଣ୍ଣ ସ୍ୱାଭାବିକ ତାହା ଅନୁଭବ କରିବା ନିମନ୍ତେ ମୋର ଲୋଡ଼ା ସମସ୍ତ ଅନ୍ତଃପ୍ରତ୍ୟୟ, ଯାହା ଫଳରେ ମୋ ପାଇଁ ଆସୁ ନଥିବ ବିସ୍ମୟ ପରେ ବିସ୍ମୟ ।

ମୁହୂର୍ତ୍ତକ ସକାଶେ ମଧ ମୁଁ ତୁମ ବାହାରେ ଜୀବନ ଧାରଣ କରୁଛି ବୋଲି ଅନୁଭବ କରେନା ଏବଂ ଏଥି ପୂର୍ବରୁ ଦିଗ୍‌ବଳୟ କଦାଚ ମୋତେ ବ୍ୟାପକତର ଏବଂ ଗଭୀରତା ଅଧିକ ପ୍ରୋଜ୍ଜ୍ୱଳ ଏବଂ ଅତଳସ୍ପର୍ଶୀ ମନେ ହୋଇ ନାହିଁ । ହେ ଦିବ୍ୟଗୁରୁ, ଏହାହିଁ ମଞ୍ଜୁର କର, ଆମେ ଯେପରି ଧରାପୃଷ୍ଠରେ ଆମ କର୍ତ୍ତବ୍ୟାଭିଯାନ ଅଧିକରୁ ଅଧିକ ଉତ୍ତମ ଏବଂ ପ୍ରତୁଳରୁ ଅଧିକ ପ୍ରତୁଳ ରୂପେ ଜାଣିପାରୁଁ ଏବଂ ସାଧନ କରିପାରୁଁ, ଯେପରି ଆମ ଭିତରେ ଥିବା ସମସ୍ତ ଓଜଃର ପୂର୍ଣ୍ଣ ଉପଯୋଗ କରିପାରୁଁ, ଏବଂ ତୁମ ସାର୍ବଭୌମ ଉପସ୍ଥିତି ଆମ ଆତ୍ମାର ନିରବ ଗହନରେ, ଆମର ସମସ୍ତ ଭାବନାରେ, ଆମର ସମସ୍ତ ଅନୁଭବରେ, ଆମର ସମସ୍ତ କର୍ମରେ ପ୍ରତିଭାତ ହୋଇପାରେ ।

ମୋ ଭିତରେ ତୁମ ସ୍ଥିତି, ଭାବନା ଓ ପ୍ରେମର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ମୁଁ ତୁମକୁ କିଛି କହିବା ମୋତେ ଅସ୍ୱାଭାବିକ ମନେ ହେଉଛି ।

ମାର୍ଚ୍ଚ ୨୮, ୧୯୧୪ — ଶ୍ରୀମା



## ୨୧ ଫେବ୍ରୁଆରୀ, ୨୦୧୮ରେ ଆଶ୍ରମରେ ବିତରିତ ବାଣୀ

Mother, be with me, now and always. Envelope me with your presence. Raise and purify me with your touch. Inhabit me with your living image.

Transform all dullness and darkness into bright and perfect faith.

Transform all restlessness and agitation into inviolable calm and peace.

Transform all attachment into a deep and stainless purity.

Mother, liberate and change me, perfect your child.

(*Prayer for a disciple*) — Sri Aurobindo

ମା, ରହିଥାଅ ମୋ ସାଥେ ସାଥେ, ବର୍ତ୍ତମାନ ଏବଂ ସର୍ବଦା । ମୋତେ ଆବରିତ କର ତୁମ ଉପସ୍ଥିତି ଯୋଗେ । ତୁମ ସ୍ପର୍ଶ ଯୋଗେ ମୋତେ କର ଉନ୍ନୀତ ଏବଂ ଶୁଦ୍ଧାୟିତ । ମୋ ଭିତରେ ଅଧିଷ୍ଠାନ କରୁ ତୁମର ଜୀବନ୍ତ ଭାବମୂର୍ତ୍ତି ।

ଯାବତୀୟ ଜଡ଼ତା ଏବଂ ଅନ୍ଧକାରକୁ ରୂପାନ୍ତର କର ଉଜ୍ଜ୍ୱଳ ଏବଂ ପୂର୍ଣ୍ଣ ସଂହତ ବିଶ୍ୱାସରେ ।

ଯାବତୀୟ ଅସ୍ଥିରତା ଓ ଉତ୍ତେଜନାକୁ ରୂପାନ୍ତର କର ଅଲଙ୍ଘ୍ୟ ସ୍ଥୈର୍ଯ୍ୟ ଓ ଶାନ୍ତିରେ ।

ଯାବତୀୟ ଆସକ୍ତିକୁ ରୂପାନ୍ତର କର ଏକ ଗଭୀର ଏବଂ ନିଷ୍କଳଙ୍କ ବିଶୁଦ୍ଧତାରେ ।

ମା, ମୋତେ କର ପ୍ରମୁକ୍ତ ଓ ପରିବର୍ତ୍ତିତ, ତୁମ ସନ୍ତାନକୁ କର ପୂର୍ଣ୍ଣସଂହତ ।

(*ଜଣେ ଶିଷ୍ୟ ସକାଶେ ପ୍ରାର୍ଥନା*) — ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

**(The Descent into Night)**

**(୭୧)**

## ଶ୍ରୀଅରବିନ୍ଦ

A bull-throat bellowed with its brazen tongue;
Its hard and shameless clamour filling Space
And threatening all who dared to listen to truth
Claimed the monopoly of the battered ear;
A deafened acquiescence gave its vote,
And braggart dogmas shouted in the night
Kept for the fallen soul once deemed a god
The pride of its abysmal absolute.

ଏକ ବୃଷଭ-କଣ୍ଠ ତା'ର କର୍କଶ ଜିହ୍ୱା ଘେନି ରଡ଼ି ଛାଡୁଥିଲା; ତାହାର କଠୋର ଓ ନିର୍ଲ୍ଲଜ ଉଚ୍ଚ ରୋଳ ପୂର୍ଣ୍ଣ କରୁଥିଲା ଆକାଶମଣ୍ଡଳ ଏବଂ ଯେଉଁମାନେ ସତ୍ୟର ସ୍ୱର ଶୁଣିବାକୁ ସାହସ କରୁଥିଲେ, ସେମାନଙ୍କୁ ଧମକ ଚମକ ଦେଇ ଭୀତି ବିହ୍ୱଳ ଶ୍ରୁତିର ଏକାଧିକାର ସାବ୍ୟସ୍ତ କରୁଥିଲା; ବଧିର ପାଲଟିଥିବା ଏକ ସ୍ୱୀକୃତି ତାକୁ ତାହାର ଅନୁମୋଦନ ଦେଉଥିଲା, ଏବଂ ରାତ୍ରିର ଅନ୍ଧକାରରେ ଚିତ୍କାର ତୋଳୁଥିବା ଦାମ୍ଭିକ ବଦ୍ଧମୂଳ ସିଦ୍ଧାନ୍ତସକଳ ଏକଦା ଦେବତା ରୂପେ ବିବେଚିତ ଅଧଃପତିତ ଅନ୍ତରାତ୍ମା ପାଇଁ ସାଇତି ରଖୁଥିଲେ ରସାତଳର ନିରଙ୍କୁଶ ଦର୍ପ ।

A lone discoverer in these menacing realms
Guarded like termite cities from the sun,
Oppressed mid crowd and tramp and noise and flare,
Passing from dusk to deeper dangerous dusk,
He wrestled with powers that snatched from mind its light
And smote from him their clinging influences.

ସୂର୍ଯ୍ୟାଲୋକଠାରୁ ସୁରକ୍ଷିତ ବଲ୍ମୀକ-ନଗରୀ ତୁଲ୍ୟ ଶଙ୍କାକୀର୍ଣ୍ଣ ଏହିସବୁ ରାଜ୍ୟରେ ସେ ଥିଲେ ଜଣେ ଏକକ ସନ୍ଧାନୀ । ଜନଗହଳି ଓ ଚଳାଚଳ, କୋଳାହଳ ଓ ଦିହୁଡ଼ି ଅନଳ ମଧ୍ୟରେ ନିପୀଡ଼ିତ ହୋଇ ଈଷତ୍ ଅନ୍ଧକାରକୁ ଅତିକ୍ରମ କରି ସେ ଆହୁରି ଗଭୀର ବିପଜ୍ଜନକ ଅନ୍ଧକାର ଭିତରକୁ ଯାତ୍ରା କରୁଥିଲେ, ମନର ଆଲୋକକୁ ଅପହରଣ କରିନେଉଥିବା ଶକ୍ତିସକଳ ସହିତ ସେ ମଲ୍ଲଯୁଦ୍ଧରେ ବ୍ୟାପୃତ ଥିଲେ ଏବଂ ତାଙ୍କୁ ଜଡ଼ାଇ ଧରିଥିବା ସେମାନଙ୍କର ଯାବତୀୟ ପ୍ରଭାବକୁ ସଶକ୍ତ ଆଘାତ ପୂର୍ବକ ସେ ନିଜଠୁ ଦୂରକୁ ଫିଙ୍ଗି ଦେଉଥିଲେ ।

Soon he emerged in a dim wall-less space.

ଅବିଳମ୍ବେ ସେ ସମୁଦ୍‌ଗତ ହୋଇ ଆସିଲେ ଏକ ନିଷ୍ପ୍ରଭ ପ୍ରାଚୀରହୀନ ପ୍ରସାର ମଧ୍ୟକୁ ।

For now the peopled tracts were left behind;
He walked between wide banks of failing eve.

କାରଣ ଏବେ ଜନାକୀର୍ଣ୍ଣ ବିଶାଳ ଭୂଭାଗସକଳ ପଛରେ ପଡ଼ି ରହିଥିଲେ; କ୍ରମଶଃ ଅପସରି ଯାଉଥିବା ସନ୍ଧ୍ୟାର ଦୁଇ ପ୍ରଶସ୍ତତଟ ଭିତର ଦେଇ ସେ ଚାଲିଥିଲେ ଧୀର ପଦକ୍ଷେପରେ ।

Around him grew a gaunt spiritual blank,
A threatening waste, a sinister loneliness
That left mind bare to an unseen assault,
An empty page on which all that willed could write
Stark monstrous messages without control.

ତାଙ୍କ ଚତୁର୍ଦ୍ଦିଗରେ ବୃଦ୍ଧି ପାଉଥିଲା ଏକ ଶୀର୍ଣ୍ଣ ଆଧ୍ୟାତ୍ମିକ ଶୂନ୍ୟତା, ଏକ ଭୀତିପ୍ରଦାୟକ ନିଷ୍ଫଳତା, ଏକ ଅମଙ୍ଗଳକର ନିଃସଙ୍ଗତା, ଯାହା ତାଙ୍କର ମନକୁ ଏକ ଅଦୃଶ୍ୟ ଆକ୍ରମଣ ସକାଶେ ଅନାବୃତ କରିଦେଉଥିଲା । ମନ ତାଙ୍କର ପାଲଟି ଥିଲା ଏକ ଶୂନ୍ୟ ପୃଷ୍ଠା ଯହିଁରେ ସମସ୍ତେ ଯଥେଚ୍ଛା ଲେଖି ଦେଉଥିଲେ ସଂଯମବିହୀନ ଯେତେ ସବୁ ଉତ୍କଟ ବିକରାଳ ବାର୍ତ୍ତା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଏକମାତ୍ର ପଥ

## ଶ୍ରୀମା

### ଉଦ୍ଧାରର ଏକମାତ୍ର ବାଟ (୧)

କେବେହେଲେ ଲୋକଙ୍କଠାରୁ ପ୍ରଶଂସା ବା ସମର୍ଥନ ଚାହଁ ନାହିଁ – କାରଣ, ସାଧାରଣ ଲୋକେ କୌଣସି ବିଷୟକୁ କେଉଁ ଭିତ୍ତିରେ ସମର୍ଥନ କରିବେ, ତାହା ଜାଣନ୍ତି ନାହିଁ। ଅଧିକନ୍ତୁ, ଯଦି କୌଣସି କଥା ସେମାନଙ୍କଠାରୁ ଉତ୍କୃଷ୍ଟତର ହେଲା, ତାହା ସେମାନଙ୍କୁ ଭଲ ଲାଗେ ନାହିଁ।

*ପ୍ରଶ୍ନ : କିନ୍ତୁ ତେବେ କେଉଁଠାରୁ ସେ ଶକ୍ତି ମିଳିବ ?*

ଉତ୍ତର : ତୁମ ନିଜ ଭିତରୁ । ଭଗବାନଙ୍କ ଉପସ୍ଥିତି ତୁମ ଭିତରେ ରହିଛି । ଏହା ତୁମରି ଭିତରେ ଅଛି । ତୁମେ ଏହା ବାହାରୁ ଆଶା କରୁଛ; ତୁମ ଭିତରକୁ ଦେଖ । ଏହା ତୁମ ଭିତରେ ଅଛି । ଭଗବାନଙ୍କ ଉପସ୍ଥିତି ତୁମ ଭିତରେ ରହିଛି । ତୁମେ ଶକ୍ତି ପାଇବ ବୋଲି ଅନ୍ୟମାନଙ୍କର ସମର୍ଥନ ଆଶା କରୁଛ – ତାହା ତୁମେ କେବେ ପାଇବ ନାହିଁ । ପ୍ରକୃତ ଶକ୍ତି ତୁମ ଭିତରେହିଁ ନିହିତ । ଯଦି ତୁମେ ଚାହଁ, ତେବେ ତୁମକୁ ଯାହା ପରମ ଲକ୍ଷ୍ୟ ବୋଲି ମନେ ହେଉଛି, ପରମ ଆଲୋକ ବୋଲି ମନେ ହେଉଛି, ଏବଂ ପରମ ଜ୍ଞାନ ବୋଲି ମନେ ହେଉଛି, ପରମ ପ୍ରେମ ବୋଲି ମନେ ହେଉଛି, ତାହାକୁ ଲାଭ କରିବା ପାଇଁ ଆସ୍ପୃହା କର । କିନ୍ତୁ ଏହା ତୁମ ଭିତରେହିଁ ଅଛି – ତା' ନ ହେଲେ ତୁମେ ସେଇ ପରମ ବସ୍ତୁ ସଙ୍ଗେ କେବେ ସଂପର୍କିତ ହୋଇପାରିବ ନାହିଁ। ନିଜ ଭିତରର ଗଭୀରତା ଭିତରକୁ ଯଦି ତୁମେ ଯାଅ, ତା'ହେଲେ ତୁମେ ସେଇଠାରେହିଁ ତାଙ୍କୁ ପାଇବ । ସେଇଠାରେହିଁ ଏକ ପ୍ରଜ୍ଜ୍ୱଳନ୍ତ ଶିଖା ଭଳି ଏହା ସର୍ବଦା ଊର୍ଦ୍ଧ୍ୱମୁଖୀ ହୋଇ ଜଳୁ ଅଛି ।

### ଉଦ୍ଧାରର ଏକମାତ୍ର ବାଟ (୨)

ତୁମ ଦୃଷ୍ଟି ସବୁବେଳେ ବାହାରକୁ ଥିବା ହେତୁ ତୁମେ ନିଜ ଭିତରେ ଭଗବାନଙ୍କ ଉପସ୍ଥିତି ଅନୁଭବ କରିପାରୁ ନାହଁ । କିନ୍ତୁ ଯଦି ସାହାଯ୍ୟ ପାଇବା ପାଇଁ ତୁମେ ବାହାରକୁ ନ ଚାହଁ, ତୁମକୁ କ'ଣ କରିବାକୁ ହେବ ଏବଂ କିପରି କରିବାକୁ ହେବ ତାହା ଜାଣିବା ପାଇଁ ତୁମ ଅନ୍ତର ଭିତରେ ସେହି ଜ୍ଞାନମୟଙ୍କଠାରେ ଏକାଗ୍ର ହେବ ଏବଂ ପ୍ରାର୍ଥନା କରିବ, ଏବଂ ତୁମେ ସମଗ୍ର ଭାବେ ଯାହା, ପୂର୍ଣ୍ଣତା ପାଇବା ପାଇଁ ତୁମେ ଯାହା କରୁଛ ତାହା ମଧ୍ୟ ଯଦି ତୁମେ ଅର୍ପଣ କରିଦେଇ ପାର ତେବେ ତୁମେ ଅନୁଭବ କରିବ ଯେ ତାଙ୍କର ସାହାଯ୍ୟ ତୁମ ପାଖେ ପାଖେ ଅଛି, ସର୍ବଦା ତୁମକୁ ବାଟ ବତାଉଛି । ଏବଂ ଯଦି କିଛି ଅସୁବିଧା ଥାଏ, ତା'ହେଲେ ଅସୁବିଧା ସହ ଯୁଦ୍ଧ କରିବା ଅପେକ୍ଷା, ତୁମେ ସେଇ ପରମ-ଜ୍ଞାନ ସ୍ୱରୂପଙ୍କ ହାତରେ ଅସୁବିଧାଟିକୁ ଛାଡ଼ିଦିଅ । ତାହାହେଲେ ସେ ସେହି ଅସୁବିଧାଟିର କଥା ବୁଝିବେ । ଆମର ଯେତେ କିଛି ଅଶୁଭ ଇଚ୍ଛା, ଭୁଲ୍ ବୁଝାମଣା ଏବଂ ସବୁପ୍ରକାର ମନ୍ଦ ପ୍ରତିକ୍ରିୟା କଥା ମଧ୍ୟ ସେ ବୁଝିବେ । ତୁମେ ଯଦି ସଂପୂର୍ଣ୍ଣ ଭାବେ ସମର୍ପିତ ହୁଅ, ତାହାହେଲେ ଏହି ଅସୁବିଧାଗୁଡ଼ିକ ଆଉ ତୁମର ନିଜର ହୋଇ ରହିବ ନାହିଁ : ସେଗୁଡ଼ିକର ଦାୟିତ୍ୱ ଯେଉଁ ପରମ ନେଇଛନ୍ତି, ସେ ସେକଥା ବୁଝିବେ ଏବଂ କ'ଣ କରିବାକୁ ହେବ, ସେକଥା ସେହିଁ ଠିକ୍ କରିବେ । କାରଣ, ସମସ୍ତଙ୍କ ଅପେକ୍ଷା ସେହିଁ କ'ଣ ଶ୍ରେୟଃ ତାହା ଜାଣନ୍ତି । ଏହାହିଁ ଏକମାତ୍ର ବାଟ, ମୋର ଶିଶୁ ! ଏହାହିଁ ଏକମାତ୍ର ବାଟ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୬୪)
## ସାମ୍ରାଜ୍ୟବାଦର ଆକ୍ରମଣ
## ମନୋଜ ଦାସ

''୧୯୦୮ରେ ଯେଉଁମାନେ କହୁଥା'ନ୍ତି କି କେତୋଟି ବୋମା ଫୁଟାଇ ଭାରତରେ ବ୍ରିଟିଶ ଶାସନର ଅବସାନ ଘଟାଇବା ସମ୍ଭବ ନୁହେଁ, ସେମାନଙ୍କୁ ବାରୀନ୍ଦ୍ର ଦେଇଥିବା ଏହି ଉତ୍ତରଠାରୁ ଅଧିକ ପ୍ରଭାବଶାଳୀ କିଛି କଥା କହିପାରିବୁ ନାହିଁ : 'ତୁମ ଉପଦେଶାମୃତ ବୃଥାଶ୍ରମ । କେତେ ଜଣ ଇଂରେଜଙ୍କୁ ମାରି ପକାଇ ଆମେ ଆମ ଦେଶ ସ୍ୱାଧୀନ କରିବୁ ବୋଲି ଆଶା କରୁ ନଥିଲୁ । କେମିତି ସାହସିକ ପଦକ୍ଷେପ ନେଇ ମୃତ୍ୟୁବରଣ କରିବାକୁ ପଡ଼େ, ଲୋକଙ୍କ ଆଗରେ ସେହି ଦୃଷ୍ଟାନ୍ତ ରଖିବା ଥିଲା ଆମର ଉଦ୍ଦେଶ୍ୟ ।'

''ଏ ଉଦ୍ଦେଶ୍ୟ ଯେ ସାଫଲ୍ୟମଣ୍ଡିତ ହୋଇଥିଲା, ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ । ମାଣିକତଲା ବଗିଚାରେ ବିପ୍ଳବୀ ଶିବିରର ଆବିଷ୍କାର ଜନସାଧାରଣଙ୍କର ସୁପ୍ତ ମାନସିକତାକୁ ଯେପରି ଜାଗରିତ କଲା, ଆଉ କିଛି ସେପରି କରିପାରି ନଥା'ନ୍ତା । ବ୍ରିଟିଶ ଶକ୍ତି ଓ ମର୍ଯ୍ୟାଦାକୁ ଅମାନ୍ୟ କରିବା ଦିଗରେ ଓ ତାହା ପ୍ରତି ଭୟ ଦୂର କରିବାରେ ଏହା ଅତୁଳନୀୟ ଭୂମିକା ତୁଲାଇଲା – ମହାତ୍ମା ଗାନ୍ଧି ପ୍ରବର୍ତ୍ତିତ ଅହିଂସା ସତ୍ୟାଗ୍ରହ ସମେତ ପରବର୍ତ୍ତୀ ସମସ୍ତ ବୈପ୍ଳବିକ କାର୍ଯ୍ୟକଳାପର ଭିତ୍ତି ସ୍ଥାପନ କଲା ଏହି ଦୃଷ୍ଟାନ୍ତ ।''

– ଆର୍. ସି. ମଜୁମଦାର[୧]

ବିଦେଶୀ ଶାସନ ଶ୍ରୀଅରବିନ୍ଦଙ୍କୁ କିଭଳି ଭୟାର୍ତ୍ତ ଦୃଷ୍ଟିରେ ଦେଖୁଥିଲା, ତା'ର ନମୁନା ବଙ୍ଗ ସରକାରଙ୍କ ସଚିବ ଭାରତ ବିଭାଗ ସଚିବଙ୍କ ନିକଟକୁ ଲେଖିଥିବା ପତ୍ରରୁ ଆମେ ପୂର୍ବରୁ ଅବଗତ ହୋଇଛେ । ସରକାର ଯେଉଁ ଭଳି ଗୋପନ ସମ୍ବାଦମାନ ପାଉଥିଲେ ବୋଲି ଆଜି ଆମେ ସେତେବେଳର ଗୋପନୀୟ କାଗଜପତ୍ରରୁ ଜାଣୁଛୁଁ, ସେସବୁ ପଢ଼ି ଶାସନର କର୍ଣ୍ଣଧାରମାନେ ଯେ ଆତଙ୍କିତ ହେବେ, ସେଥିରେ ବିସ୍ମୟର ହେତୁ ନାହିଁ । କିନ୍ତୁ ଅନ୍ୟ ଏକ ପରିସ୍ଥିତି ଆଜି ଆମ ମନରେ ବିସ୍ମୟ ଉପୁଜାଏ : ଶ୍ରୀଅରବିନ୍ଦ କଦାଚ ନେତା ରୂପେ ଜାଜ୍ୱଲ୍ୟମାନ ହେବାକୁ ଚାହୁଁ ନଥିଲେ । ଅଥଚ ତାଙ୍କ ଅଜ୍ଞାତସାରରେହିଁ ତାଙ୍କ ପ୍ରଭାବ ସର୍ବତ୍ର ପ୍ରଖର ହୋଇଉଠୁଥିଲା । ସି.ଆଇ.ଡ଼ି. ରିପୋର୍ଟରେ ଆମେ ପଢ଼ୁଁ – ଡାକାର ଅନୁଶୀଳନ ସମିତିର କୋଠା ଉପରେ ଚଢ଼ଉ କରି ପୁଲିସ ଦେଖୁଛି, ''ଉପର ମହଲା ବାରନ୍ଦାରେ ଶୋଭିତ ଅରବିନ୍ଦ ଘୋଷଙ୍କର ବନ୍ଧେଇ ଚିତ୍ର'' ![୨] ବାରୀନ୍ଦ୍ର କୁମାରଙ୍କ ସହ ମତଭେଦ ଯୋଗୁଁ ହେମଚନ୍ଦ୍ର କାନୁନଗୋ ଅତ୍ୟନ୍ତ ଅବିବେକୀ ଭଳି ଶ୍ରୀଅରବିନ୍ଦଙ୍କୁ ସମାଲୋଚନା କରୁଥିଲେ । କିନ୍ତୁ ସେ ଯୁବକ ପ୍ୟାରିସ ଯାଇ ଦେଖନ୍ତି, ସେଠାକାର ଭାରତୀୟମାନେ ଶ୍ରୀଅରବିନ୍ଦଙ୍କୁହିଁ ବିପ୍ଳବ ପନ୍ଥୀମାନଙ୍କର ସର୍ବୋଚ୍ଚ ନେତା ଜ୍ଞାନ କରୁଛନ୍ତି ![୩] ସେତେବେଳର ପ୍ରଗତିଶୀଳ ଯୁବକମାନେ ଶ୍ରୀଅରବିନ୍ଦଙ୍କ ଉପରେ କିଭଳି ପ୍ରଗାଢ଼ ବିଶ୍ୱାସ ସ୍ଥାପନ କରୁଥିଲେ, କିଛି ବର୍ଷ ପରେ ପଞ୍ଜାବର ପ୍ରଖ୍ୟାତ ବିପ୍ଳବୀ ଲାଲା ହରଦୟାଲ (୧୮୮୪-୧୯୩୯)ଙ୍କର ଏହି ସ୍ୱତଃସ୍ଫୂର୍ତ୍ତ ମନ୍ତବ୍ୟରୁ ଜଣା ପଡ଼େ : ''ଯଦି ଚରଖା ବୁଲେଇ ଆମେ ସ୍ୱାଧୀନତା ହାସଲ କରିପାରନ୍ତୁ, ତେବେ ଅରବିନ୍ଦ ଏବଂ ତିଳକ ସେ ପନ୍ଥା ଗ୍ରହଣ କରିଥା'ନ୍ତେ !''[୪]

ଏକ ପକ୍ଷରେ ଶ୍ରୀଅରବିନ୍ଦଙ୍କର ନାମ ଏକ ଶକ୍ତି ଏବଂ ପୂର୍ଣ୍ଣ ସ୍ୱରାଜର ପବିତ୍ର ମନ୍ତ୍ର ଭଳି ଗୃହୀତ ହେଉଥିଲା ତ ଅନ୍ୟ ପକ୍ଷରେ ପୁଣି ସରକାରର ତୁଙ୍ଗ ପରିଚାଳକମାନଙ୍କ ପାଇଁ ତାହା ହୋଇ ଉଠିଥିଲା ଆତଙ୍କର ଅନ୍ୟ ଏକ ନାମ ।

ବର୍ତ୍ତମାନ ସେଦିନର ବାସ୍ତବ ପରିସ୍ଥିତିକୁ ଫେରି ଆସିବା । ମାଣିକତଲା ବଗିଚା ଓ କୋଠାରେ ପୁଲିସ ବାହିନୀର ଚଢ଼ଉ ଚାଲିଥିବା ବେଳେ ତେଣେ ଗ୍ରେ-ଷ୍ଟ୍ରୀଟ୍‌ରେ ଅବସ୍ଥିତ ଯେଉଁ 'ନବଶକ୍ତି' ପ୍ରକାଶନ କୋଠାକୁ ଶ୍ରୀଅରବିନ୍ଦ ସଦ୍ୟ ସ୍ଥାନାନ୍ତରିତ ହୋଇଥିଲେ, ତାହା ଉପରେ ମଧ୍ୟ ଆରମ୍ଭ ହୋଇଥିଲା ଅପ୍ରତ୍ୟାଶିତ ଆକ୍ରମଣ । ନିମ୍ନରେ ପ୍ରଦତ୍ତ ହେଉଛି ଏକ ବିରଳ

ପ୍ରତ୍ୟକ୍ଷଦର୍ଶୀ ବିବରଣୀ । ବିବୃତିକାର ଶ୍ରୀଅରବିନ୍ଦଙ୍କ ସାନ ଭଉଣୀ ସରୋଜିନୀ ଦେବୀ । ଥରେ ବଙ୍ଗ ଜନକଲ୍ୟାଣ ସମିତି ସେ ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ସରୋଜିନୀ ଦେବୀଙ୍କୁ କିଛି କହିବା ସକାଶେ ପ୍ରବଳ ଅନୁରୋଧ କରନ୍ତେ ସେ ଏ ବିବରଣୀ ଗୋଟିକେ ପାଠ କରିଥିଲେ । ଏହା ବଙ୍ଗଳାରୁ ଅନୂଦିତ ଏବଂ ଉଦ୍ଧୃତି ଭିତରେ ବନ୍ଧନୀଭୁକ୍ତ ଶବ୍ଦଗୁଡ଼ିକ ଏ ଲେଖକ ଦ୍ୱାରା ଆରୋପିତ ।

''ଶ୍ରୀଅରବିନ୍ଦ ୪୮ ଗ୍ରେ-ଷ୍ଟ୍ରୀଟ୍ ଘରକୁ ଆସିବାର ମାତ୍ର ତିନି, ଚାରି ଦିନ ହୋଇଥାଏ । ଦିନେ ଭୋର ଚାରିଟା ବେଳେ ଦରଜାରେ କେହି ଖୁବ୍ ଜୋର୍ ଜୋର୍ ଆଘାତ ଦେବାର ଶୁଣାଗଲା । ଆମ ଛୋଟ ମାଉସୀ ଲଜ୍ଜାବତୀ ଦେବୀ ମୋତେ ନିଦରୁ ଉଠାଇ କହିଲେ, 'କିଏ ଯେମିତି ଡାକୁଛି !' ମୁଁ ଆମ ପରିଚାରକକୁ ଡାକି କଥା କ'ଣ ବୁଝିବାକୁ କହିଲି । ସେ ଯାଇ କବାଟ ଖୋଲି ଦେବା ମାତ୍ରେ ପୁଲିସ ଦଳ ଧସେଇ ପଶିଆସି ପ୍ରବଳ ଉତ୍କଣ୍ଠା ଦେଖାଇ ଘରର ପ୍ରଥମ ଖଞ୍ଜାଯାକ ଏଣେ ତେଣେ ଦୌଡ଼ିବାକୁ ଲାଗିଲେ । ପରେ ପରେ ଆହୁରି ଦଳେ ପଶି ଆସି ଉପର ମହଲାଯାକ ଭର୍ତ୍ତି ହୋଇଗଲେ । ମାଉସୀ ସେ ଦୃଶ୍ୟ ଦେଖି କହିଲେ, 'ଅରୋକୁ ଡାକ ।' ମୁଁ ଯାଇ ଡକାଡ଼କି କରନ୍ତେ ସେ ଉତ୍ତର ଦେଲେ ଏବଂ ମୁଁ କହିଲି, 'ଘରଯାକ ପୁଲିସରେ ଭରପୂର ।' ସେ ଶୁଣିଲେ, ଉଠି ବସିଲେ ଏବଂ ଶେଯ ଉପରେ ଚୁପ୍ କରି ବସି ରହିଲେ । ମୁଁ ମୋ କୋଠରିକୁ ଯିବା ନିମନ୍ତେ ବୁଲି ପଡ଼ି ବାହାରକୁ ଆସିବା ବେଳକୁ ଦେଖିଲି ଛାତ ଉପରେ ମୋ ପଛରେ ଅନେକ ସାହେବ ସର୍ଜେଣ୍ଟ ଏବଂ ଦେଶୀ ପହରାବାଲାମାନେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଦଣ୍ଡାୟମାନ ଏବଂ ଜଣେ ଭଦ୍ର ବେଶଧାରୀ ସାହେବ କଟି ଦେଶରେ ପିସ୍ତଲଟିଏ ଝୁଲାଇ ଥିବା ସଙ୍ଗେ ସଙ୍ଗେ ମୋ ଆଡ଼େ ପିସ୍ତଲଟିଏ ଉଦ୍ୟତ କରି ଅନାଇ ରହିଛନ୍ତି । ମୁଁ ତାଙ୍କୁ ଅନାଇବାରୁ ସେ ପିସ୍ତଲଟି ଅବନମିତ କଲେ । ପରେ ଶୁଣିଲି ସେ ଆଲିପୁରର ମାଜିଷ୍ଟ୍ରେଟ । ହୁଏତ ସେ ମନେ କରିଥିଲେ ମୁଁ ଗୋଟାଏ ଦୁର୍ଦ୍ଧର୍ଷ ବିପ୍ଳବୀ, ମୋଠାରେ ବି ବୋମା ଥିବ । ଦେଶୀ ପହରାବାଲାମାନେ ଦୁଇ ବଖରାର ଝରକାସବୁ ଆଗରେ ବନ୍ଧୁକଟିଏମାନ ଧରି ଠିଆ ହୋଇଥା'ନ୍ତି । (ସରୋଜିନୀ ଦେବୀ ନିଜ କକ୍ଷରେ ପ୍ରବେଶ କଲେ ।)

ପୁଲିସଦଳ ଶ୍ରୀଅରବିନ୍ଦଙ୍କ ଘର ତଲାସ କରି ସାରି ତାଙ୍କୁ ସାଙ୍ଗରେ ଧରି ମୋ ଘର ଆଗରେ ଆସି ଠିଆ ହେଲେ । ସେ (ଶ୍ରୀଅରବିନ୍ଦ) ମୋ ଘରର ଦରଜା ଖୋଲି ଦେବା ନିମନ୍ତେ ମୋତେ କହିଲେ । ମାଉସୀ, ମୋ ଭାଉଜ (ଶ୍ରୀଅରବିନ୍ଦଙ୍କ ପତ୍ନୀ ମୃଣାଳିନୀ ଦେବୀ) ଏବଂ ମୁଁ ସେ କୋଠରିରେ ଥିଲୁ । କବାଟ ଖୋଲି ଦେଖିଲି ଶ୍ରୀଅରବିନ୍ଦ ହାତ କଡ଼ିରେ ଆବଦ୍ଧ । ସେହି ଅବସ୍ଥାରେ ସେ ମୋତେ ଗୋଟାଏ ଗିନି (ଏକ ସ୍ୱର୍ଣ୍ଣ ମୁଦ୍ରା) ବଢ଼ାଇ ଦେଲେ । ମୁଁ ତା'ପରେ ପୁଣି ପୁଲିସମାନଙ୍କ ଆଡ଼େ ଦୃଷ୍ଟିପାତ କରି ଇନ୍ସପେକ୍ଟର୍ ବିନୋଦ ଗୁପ୍ତଙ୍କୁ ଦେଖିଲି । ଭାଇ କୋଠରି ଭିତରକୁ ଆସନ୍ତେ ତାଙ୍କୁ ପଚାରିଲି, 'ଆମେ କ'ଣ କରିବୁ ?' ସେ ଆମ ମଉସା କୃଷ୍ଣକୁମାର ମିତ୍ରଙ୍କୁ ଏବଂ ଶ୍ୟାମ ସୁନ୍ଦର ବାବୁଙ୍କୁ ଖବର ଦେବା ନିମନ୍ତେ ପରାମର୍ଶ ଦେଲେ । ପାଖ ଘର ଛାତ ଉପରେ ସମବେତ ଭଦ୍ରଲୋକମାନେ ମୋତେ ପ୍ରଶ୍ନ କଲେ, 'ପୁଲିସ କାହିଁକି ଖାନତଲାସ କରୁଛି ?' ଉତ୍ତର ଦେଲି 'କାହିଁକି ଜଣା ନାହିଁ ।' ସେମାନେ କିଛି ସାହାଯ୍ୟ କରି ପାରିବେ କି ବୋଲି ପ୍ରଶ୍ନ କରନ୍ତେ କୃଷ୍ଣ କୁମାର ମିତ୍ର ଓ ଶ୍ୟାମ ସୁନ୍ଦର ବାବୁଙ୍କୁ ଖବର ଦେବା ନିମନ୍ତେ ଅନୁରୋଧ କଲି । ଜଣେ ପିଲା ସାଇକେଲ ଧରି ଯାଇ ଖବର ଦେଇ ଆସିଲା । ମଉସା ମହାଶୟ ମାନନୀୟ ଶ୍ରୀ ଭୂପେନ୍ଦ୍ର ନାଥ ବସୁଙ୍କୁ ଧରି ଉପସ୍ଥିତ ହେଲେ । ଶ୍ରୀଅରବିନ୍ଦଙ୍କ ସହ ପୁଲିସ ଅବିନାଶ ଭଟ୍ଟାଚାର୍ଯ୍ୟ ଓ ଶୈଳେନ୍ଦ୍ର ନାଥ ବସୁଙ୍କୁ ମଧ୍ୟ ନେଇ ଯାଉଥାଏ — ଯେହେତୁ ସେ ଦୁହେଁ ଆମରି ବସାରେ ରହୁଥା'ନ୍ତି । ମଉସାଙ୍କୁ ଶ୍ରୀଅରବିନ୍ଦ କହିଲେ, 'ଏମାନେ ମୋତେ ହାତକଡ଼ି ପିନ୍ଧାଇ ଥିଲେ ।' ତାହା ଶୁଣି କ୍ରୋଧାନ୍ୱିତ ଭାବରେ କୃଷ୍ଣ କୁମାର ବାବୁ ବିନୋଦ ଗୁପ୍ତଙ୍କୁ ପଚାରିଲେ, 'ଏସବୁ କ'ଣ ହେଉଛି ମହାଶୟ ?' ସେ ଉତ୍ତର ଦେଲେ, 'କୃଷ୍ଣ କୁମାର ବାବୁ ! ମାଫ୍ କରିବେ । ସାହେବମାନେ ହାତକଡ଼ି ପିନ୍ଧାଇଥିଲେ । ମୁଁ ଖୋଲି ଦେଲି ।' ଅନେକେ ମୋ ପାଖରୁ ଏସବୁ କଥା ଶୁଣିବାକୁ ଉତ୍ସୁକ । କିନ୍ତୁ ବର୍ତ୍ତମାନ ସବୁ କଥା ମନେ ପକାଇ ପାରିବି ନାହିଁ ବା ଲେଖିପାରିବି ନାହିଁ । ଆପଣ ଦେଶବାସୀମାନେ ଆଜି ମୋ ଭାଇଙ୍କୁ ସମ୍ମାନ ଦେଉଛନ୍ତି । ସେ ସକାଶେ ମୁଁ ନିଜକୁ ଧନ୍ୟ ମନେ କରୁଛି । ମୋର ବକ୍ତୃତା ଦେବାର ଅଭ୍ୟାସ ନାହିଁ । ପୁଣି କେତେ କାଳ ବିତିଗଲାଣି । ସବୁ ମନେ ନାହିଁ । ମୋ ମହାନ୍ ଭାଇଙ୍କ ବିଷୟରେ ମୁଁ ବା କ'ଣ ବୁଝେ, କ'ଣ ବା କହିପାରିବି !''(୫)

ମୁଜାଫରପୁର ବୋମା ବିସ୍ଫୋରଣ ଯୋଗୁଁ ବିପ୍ଳବୀ-ମାନଙ୍କୁ ପୁଲିସ ଧରପଗଡ଼ କରିପାରେ, ଏ ଆଭାସ ପାଇ ଶ୍ରୀଅରବିନ୍ଦଙ୍କ ସହକାରୀ ଅବିନାଶ ଭଟ୍ଟାଚାର୍ଯ୍ୟଙ୍କ ଅନୁଜ ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ତା'ଙ୍କ ଅଗ୍ରଜଙ୍କୁ ଭେଟିବା ସକାଶେ

ସେହି ସକାଳେ ଗାଁ'ରୁ ଆସୁଥା'ନ୍ତି । ସିଆଲ୍‌ଦହ ଷ୍ଟେସନରୁ ସେ ଶ୍ରୀଅରବିନ୍ଦଙ୍କ ବସା ଅଭିମୁଖେ ଚାଲିଥା'ନ୍ତି । ତାଙ୍କ ସ୍ମୃତିକଥାରୁ (ବଙ୍ଗଳାରୁ ଅନୂଦିତ) କିୟଦଂଶ :

''ଷ୍ଟେସନରୁ ବାହାରି ହ୍ୟାରିସନ୍ ରୋଡ଼ ମୋଡ଼ରେ ପହଞ୍ଚି ଦେଖିଲି, ସେଠାରେ ବହୁ ପୁଲିସ ଏକତ୍ର । ରାସ୍ତାର ଦୁଇ କଡ଼ରେ ଲୋକଙ୍କ ଭିଡ଼, ମନରେ ଭୟ । ଟ୍ରାମ୍ ଧରି କଲେଜ ଷ୍ଟ୍ରୀଟ୍ ଆସିଲି । ସେଠାରେ ମଧ୍ୟ ଏକହିଁ ଅବସ୍ଥା । ଗୋଟିଏ ଫୁଟ୍‌ପାଥରେ ବହୁ ସଶସ୍ତ୍ର ପୁଲିସ; ବିପରୀତ ଦିଗରେ ଅସଂଖ୍ୟ ଜନତା । ଏହିଠାରୁ ଏଡ଼େ ବ୍ୟାପକ ପୁଲିସ ସମାବେଶ ଦେଖି ମୋ ବଡ଼ ଭାଇ ଓ ଅନ୍ୟାନ୍ୟଙ୍କର ଏତେବେଳକୁ କିଭଳି ଦଶା ହୋଇଥିବ ଏବଂ ପୁଲିସ କି କାଣ୍ଡ କରୁଥିବ, ସେ ବିଷୟରେ ମୋ ମନରେ ଆଉ କୌଣସି ଦ୍ୱନ୍ଦ୍ୱ ରହିଲା ନାହିଁ । ଦୁର୍ଗା ନାମ ଜପ କରୁ କରୁ ଶ୍ୟାମ ବଜାରଗାମୀ ଟ୍ରାମରେ ଉଠି ଗ୍ରେ-ଷ୍ଟ୍ରୀଟ୍‌ରେ ପହଞ୍ଚିଲି । ସେଠାରେ ଦେଖିଲି ସର୍ବତ୍ର ବିପୁଳ ଜନ ସମାବେଶ ଏବଂ ସଭିଙ୍କ ମୁହଁ ଯେମିତି ପ୍ରବଳ ଉତ୍ତେଜନାରେ ଫାଟି ପଡ଼ୁଛି ! ସ୍ଥାନେ ସ୍ଥାନେ ଦଳବଦ୍ଧ ବା ବିଚ୍ଛିନ୍ନ ଭାବରେ ପୁଲିସବାଲା ଉପସ୍ଥିତ । ମୁଁ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ଧ୍ୟାନ ନଦେଇ ଦ୍ରୁତ ପାଦରେ 'ନବଶକ୍ତି' କାର୍ଯ୍ୟାଳୟ ଅଭିମୁଖେ ଚାଲିଲି । କାର୍ଯ୍ୟାଳୟ ସମ୍ମୁଖରେ ଦେଖିଲି, ଶ୍ରୀଅରବିନ୍ଦଙ୍କର ତଥା ମୋ ବଡ଼ ଭାଇ ଏବଂ ଶୈଲେନ୍-ଦା'ଙ୍କ କଟି ଦେଶରେ ଦଉଡ଼ି ଲଗାଇ ଦୁଇ ଖଣ୍ଡି ଦ୍ୱିତୀୟ ଶ୍ରେଣୀର ଘୋଡ଼ାଗାଡ଼ି ଭିତରକୁ ନିଆଯାଉଛି । କୁଖ୍ୟାତ ପୁଲିସ ସାହେବ କ୍ରେଗାନ୍ ଉଦ୍ଧତ ଭଙ୍ଗୀରେ ଘୋଡ଼ାଗାଡ଼ି ନିକଟରେ ଦଣ୍ଡାୟମାନ । ବିଖ୍ୟାତ ଜନନାୟକ ତଥା ଯଶସ୍ୱୀ ଏଟର୍ଣ୍ଣି ଭୂପେନ୍ ବସୁ ତାଙ୍କ ପାଖରେ ଶ୍ରୀଅରବିନ୍ଦଙ୍କ କଟି ଦେଶରେ ଦଉଡ଼ି ଲଗାଇବା ବିରୋଧରେ ତୀବ୍ର ପ୍ରତିବାଦ କରୁଛନ୍ତି । ଭାରତବର୍ଷର ମୁକ୍ତି ଆନ୍ଦୋଳନର ପ୍ରାଣ ପୁରୁଷଙ୍କ କଟି ଦେଶରେ ଦଉଡ଼ି ବନ୍ଧା ଦେଖି ସମବେତ ଜନତା କ୍ରୋଧରେ ଫାଟି ପଡ଼ିଲେ ଏବଂ ତୀବ୍ର ଭାଷାରେ ଯଥେଚ୍ଛା ପ୍ରତିବାଦ ଆରମ୍ଭ କଲେ । ମୁଁ ମଧ୍ୟ ପ୍ରବଳ ଉତ୍ତେଜନାରେ ଅଭିଭୂତ ହୋଇ ପଡ଼ିଲି । ଶ୍ରୀଅରବିନ୍ଦଙ୍କୁ ମୁଁ ଜଣେ ରାଜନୈତିକ ନେତାଠୁ ବହୁ ଉଚ୍ଚରେ ସ୍ଥାନ ଦେଉଥାଏ । ବସ୍ତୁତଃ ରାଜନୀତି କଥା ବାଦ୍ ଦେଲେ ବି ପାଣ୍ଡିତ୍ୟ କ୍ଷେତ୍ରରେ ତାହାଙ୍କ ସମକକ୍ଷ ବ୍ୟକ୍ତି ଭାରତବର୍ଷରେ ଆଉ କେହି ନଥିଲେ । ସୁତରାଂ ଯେଉଁ ଦାମ୍ଭିକ ସାମ୍ରାଜ୍ୟବାଦ ଅହଂକାରରେ ସ୍ଫୀତ ହୋଇ ତାଙ୍କ ଭଳି ବ୍ୟକ୍ତିଙ୍କ କଟି ଦେଶରେ ଦଉଡ଼ି ବାନ୍ଧିବାକୁ ସାହସ କରିଛି, ତାହାର ଆୟୁକାଳ ଶେଷ ହେଲାଣି ବୋଲି ମୋର ଦୃଢ଼ ପ୍ରତ୍ୟୟ ହେଲା । ପ୍ରବଳ ଉତ୍ତେଜନାପୂର୍ଣ୍ଣ ମୁହୂର୍ତ୍ତରେ ମନେ କଲି ଦୌଡ଼ିଯାଇ କ୍ରେଗାନ୍ ଉପରକୁ ଲମ୍ଫ ଦେବି, ସେଥିରେ ମୋର ତୁଚ୍ଛ ଜୀବନ ଯିବ ଯଦି ଯାଉ । ସେତିକିବେଳେ ବଡ଼ ଭାଇଙ୍କ ଉପରେ ମୋ ଦୃଷ୍ଟି ପଡ଼ିଲା । ସେ ଇସାରା ଯୋଗେ ସେମାନଙ୍କ ନିକଟବର୍ତ୍ତୀ ହେବାକୁ ନିଷେଧ କଲେ । ଫଳରେ ଚୁପ୍ ରହି ସେ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ପଡ଼ିଲା । ଭଲ କରି ଦେଖିବାକୁ ଲାଗିଲି ଶ୍ରୀଅରବିନ୍ଦଙ୍କୁ । ଯାହାଙ୍କ ବନ୍ଧନ ଦଶା ଦେଖି ଲୋକଙ୍କର କ୍ରୋଧର ସୀମା ନାହିଁ, ସେ କିନ୍ତୁ ସମ୍ପୂର୍ଣ୍ଣ ନିର୍ବିକାର, ନିରାସକ୍ତ ମନରେ, ଅବିଚଳିତ ଧୈର୍ଯ୍ୟ ସହକାରେ ଚୁପ୍ କରି ଗାଡ଼ି ଭିତରେ ବସିଥା'ନ୍ତି । ତାଙ୍କ ଧ୍ୟାନ ନିମୀଳିତ ନେତ୍ର ଯେପରି ପୃଥିବୀର ସମସ୍ତ ଘଟଣାକୁ ଉପେକ୍ଷା କରି କୌଣସି ଅଜ୍ଞାତ ଲୋକରେ ଆଲୋକର ସନ୍ଧାନରେ ବ୍ୟାପୃତ । ପୁଲିସ ଘୋଡ଼ାଗାଡ଼ି ଛାଡ଼ି ଦେବା ସଙ୍ଗେ ସଙ୍ଗେ ସମବେତ ଜନତା ତୁମୁଳ ରବରେ 'ବନ୍ଦେ ମାତରମ୍' ଧ୍ୱନି ଦେଇ ବନ୍ଦିଗଣଙ୍କୁ ଅଭିନନ୍ଦନ ଜଣାଇବାକୁ ଲାଗିଲେ ।''[୬]

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା


୧. ରମେଶ ଚନ୍ଦ୍ର ମଜୁମଦାର : Struggle for Freedom; Bharatiya Vidya Bhavan, Mumbai.

୨. Terrorism in Bengal : Vol. II; A Collection of Documents compiled and edited by Amiya Kumar Samanta, Director, Intelligence Branch. Govt. of West Bengal, Kolkata, 1995

୩. ହେମଚନ୍ଦ୍ର କାନୁନ୍‌ଗୋ : 'ବାଂଲାୟ ବିପ୍ଳବ ପ୍ରଚେଷ୍ଟା' (ବଙ୍ଗଳା); Kamala Book Depot, Kolkata, 1928

୪. ଧର୍ମବୀର : 'Lala Hardayal and Revolutionary Movement of His time' : New Delhi, 1970

୫. ଏ ଲିଖିତ ଭାଷଣର ପାଣ୍ଡୁଲିପି ୧୯୫୭ ମସିହାର 'ଶାରଦୀୟ ଯୁଗାନ୍ତର'ରେ ପ୍ରକାଶ ପାଇଥିଲା ।

୬. ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ : ''ଆମାର ଏଲୋମେଲୋ ଜୀବନେର କାହିନୀ'' (ବଙ୍ଗଳା); Modern Book Agency, Kolkata

ଯୋଗସମନ୍ୱୟ (୮୨)

# ଅତିମାନସ-କାଳଦୃଷ୍ଟି ଦିଗରେ

## (୧)

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗ ସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଅନ୍ତିମ ଅଧ୍ୟାୟ **"Towards The Supramental Time Vision"** ଅତିମାନସ କାଳଦୃଷ୍ଟି ଦିଗର ଅବଲମ୍ବନରେ ।]


## ପୂର୍ଣ୍ଣଚନ୍ଦ୍ର ମହାପାତ୍ର


ପ୍ରାୟ ଚାରି, ପାଞ୍ଚବର୍ଷ ଯୋଗ ସମନ୍ୱୟ (The Synthesis of Yoga) ଭଳି ଯୁଗାନ୍ତକାରୀ ମହାଗ୍ରନ୍ଥର ଆଲୋଚନାରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦୃଷ୍ଟି ଅନୁସରଣ କରି ଧାରାବାହିକଭାବେ ଆମ ଭାଷାରେ ଲୋକବୋଧ ହେବା ଭଳି ପ୍ରତ୍ୟେକ ଅଧ୍ୟାୟର ନିଷ୍କର୍ଷ ଉପସ୍ଥାପନ କରି ଏବେ ସର୍ବଶେଷରେ ଅନ୍ତିମ ଅଧ୍ୟାୟରେ ଉପନୀତ ହୋଇଛୁ । ବିଦଗ୍ଧ ପାଠକମାନଙ୍କ ଉତ୍ସାହପୂର୍ଣ୍ଣ ବାଣୀ ଏବଂ ଭଗବତୀ ମା'ଙ୍କ ଆଶୀର୍ବାଦରେ ଉତ୍ସାହିତ ହୋଇ ଏଇ ଯାହାକିଛି ଲଘୁ କୀର୍ତ୍ତି କରିବା ଏ ଅକିଂଚନ ପକ୍ଷେ ସମ୍ଭବ ହୋଇଛି ତାହା ସବୁ କାଳ ପାଇଁ ମୂଳ ଦୁର୍ବୋଧ ପୁସ୍ତକର ଏକ ସରଳ ମୁଖବନ୍ଧ ରୂପେ ବିବେଚିତ ହେବ ବୋଲି ଆଶା କରିପାରୁ । ଅତିମାନସ ଭଳି ମନର ଅନଧିଗମ୍ୟ ବିଷୟରେ କେବଳ ମାତୃକୃପାରେ ଦୁଃସାହସ କରି ଲେଖନୀ ଚାଳନା କରାଯାଇପାରେ ଓ ସକଳ ପ୍ରକାର ସମାଲୋଚନାକୁ ଉପେକ୍ଷା କରାଯାଇପାରେ । ସେଇ ଚେତନା-ସାଗରରେ ନିମଜ୍ଜିତ ବ୍ୟକ୍ତି ଯେବେ ବ୍ୟୁତ୍ଥାନ ଅବସ୍ଥାକୁ ଆସେ ଜଣେ ଜଡ଼ା ବ୍ୟକ୍ତି ମହୁଖାଇ ତା'ର ସ୍ୱାଦ ବର୍ଣ୍ଣି ନପାରିଲା ଭଳି, ଏ ଲେଖକ ଏହାକୁ ବୁଝାଇବାର ଭାଷା ପାଏନି । ତାକୁ ମିଳେ ବ୍ୟକ୍ତ କଲା ଭଳି କିଛି ସାଙ୍କେତିକ ଭାଷା । କିନ୍ତୁ ଦିବ୍ୟଜନନୀ ଯେବେ ତା'ର ପ୍ରକାଶ ଚାହାନ୍ତି, ତେବେ ଅସମ୍ଭବ ବୋଲି କିଛି ରହେ ନାହିଁ । କାରଣ ''କୃପା – ମୂକଂ କରୋତି ବାଚାଳମ୍'' ସେହି ବିଶ୍ୱାସ ଓ ସେଇ ଆଶ୍ରୟ ନେଇ ଅନ୍ୟ ସକଳ ଅଧ୍ୟାୟ ପରି ସବୁଠାରୁ ଦୁର୍ବୋଧ ଅଧ୍ୟାୟରେ ଅନୁପ୍ରବେଶ କରିବାର ଦୁଃସାହସ ଜାରି ରଖୁଛି ।

ପ୍ରଥମତଃ କହି ରଖେ ପୂର୍ବରୁ ଅତିମାନସ-ସଂଜ୍ଞାନ ବା ଇନ୍ଦ୍ରିୟ ସମ୍ପର୍କରେ ଆଲୋଚନା କରି ବୁଝିଛୁ ଏହା ଯେଉଁ ଜ୍ଞାନଦାନ କରେ ତାହା କିପରି ସ୍ଥୂଳ ଇନ୍ଦ୍ରିୟ ଜ୍ଞାନରୁ ପ୍ରକାଣ୍ଡତର, ଭିନ୍ନ ବା ସ୍ୱତନ୍ତ୍ର । ସେହିପରି ସାଧାରଣ ଅନୁଭୂତ କାଳଠାରୁ ଅତିମାନସ ଜ୍ଞାନରେ କାଳ (ସଂଜ୍ଞାନରେ) ବହୁ ବିଶାଳ ଓ ଭିନ୍ନ । ପ୍ରଥମେ ଗୋଟିଏ ପଟେ ପ୍ରବହମାନ କାଳାନୁଭୂତି ଘଟିଲା ବେଳେ ଅନ୍ୟ ପାର୍ଶ୍ୱରେ ଶାଶ୍ୱତ କାଳହୀନତା (timelessness)ର ହୁଏ ଅନୁଭୂତି । ଗୋଟିଏ ମହାନୁଭୂତି, ଅନ୍ୟଟି ଅତି-ମନର ଅନୁଭବ । କାଳ ଓ କାଳାତୀତଙ୍କର ଯୁଗପତ୍ ଉପସ୍ଥିତି ଅତିମାନସରେ ଅନୁଭୂତ । ଏହା ମଧ୍ୟ ଅନ୍ତରର ଗଭୀରତମ ପ୍ରଦେଶରେ ଯୋଗ ବଳରେ ପ୍ରବେଶ କରିଥିବା ଯୋଗୀ ଅନୁଭବ କରେ । କାରଣ ସେଠାରେ ପ୍ରବାହହୀନ କାଳର ଶାଶ୍ୱତତା ଅନୁଭୂତ ହୁଏ । କିନ୍ତୁ ବ୍ୟୁତ୍ଥାନକୁ ବା ବାହାରକୁ ଆସିଲେ କେବଳ ପ୍ରବହମାନ କାଳକୁ ଅନୁଭବ କରାଯାଇପାରେ । କିନ୍ତୁ ଉଭୟ କାଳ – ବହମାନ କାଳ ଓ ସ୍ଥିର ଶାଶ୍ୱତ କାଳ ଅନୁଭବର ବିଷୟ । ଏଥିରୁ ଜଣାଗଲା ଅନନ୍ତ ଚେତନାର ଦୁଇଟି ବିଭାବ – ଗୋଟିଏ କାଳାତୀତ – ଅନ୍ୟଟି ପ୍ରବହମାନ କାଳ ।

ପ୍ରବହମାନ କାଳ ପରିସ୍ଥିତିକୁ ଦେଖିପାରେ, ଜାଣି-ପାରେ । କିନ୍ତୁ କାଳ ଯେଉଁଠି ନିଶ୍ଚଳ ସେଠାରେ ତାହା ଦେଖିବା, ବୁଝିବା ସମ୍ଭବ ହୁଏନି ସାଧାରଣଙ୍କ ପାଇଁ । ଏ ଦୁଇଟିର ସଂଜ୍ଞା ସାଧାରଣ ଚେତନାରେ ଯଥା ପ୍ରବହମାନ କାଳ ଓ କାଳାତୀତ ଯାହାକି ପରସ୍ପର ବିରୋଧୀ । ଏହି ବିରୋଧ ଘଟେ ବହିର୍ମୁଖ ଚେତନାରେ । ମାତ୍ର ଅତିମାନସ ଚେତନାରେ ଏ **ଦୁଇଟିର** ବିରୋଧ ନାହିଁ । କାଳପ୍ରବାହର ଏହି ଦୁଇ ପ୍ରକ୍ରିୟାରେ କାଳାତୀତ ଯେପରି ବୀଜ ସୃଷ୍ଟି କରେ; ବନସ୍ପତି ଯାହାର ଅନେକ ଶାଖାପ୍ରଶାଖା ଏବଂ ଯେଉଁଠି ବୀଜ ହେଉଛି ଗଛର ମୂଳ,

ସେହିପରି କାଳର ମୂଳ ହେଉଛି ଶାଶ୍ୱତ ପ୍ରବହମାନ କାଳ । ଏଇ କଥାଟି ମୂଳରୁ ଭଲ ଭାବରେ ସ୍ମରଣ ରଖିବାକୁ ହେବ ଯେ ଯାବତୀୟ ସତ୍ତା, ଚେତନା ଓ ଅସ୍ତିତ୍ୱର ସ୍ଥିତି ଓ ଗତିଶୀଳତା ଅନନ୍ତତାରେ ଅବ୍ୟାହତ । ଗୋଟିକର କାଳାତୀତ ଯାହାର ସ୍ଥିତି ପରମ ଅନନ୍ତତାରେ । ଅନ୍ୟଟି ସବୁକୁ କାଳଗତଭାବେ ପ୍ରକଟ କରୁଥିବା ଆନନ୍ତ୍ୟର ସ୍ଥିତି । ଆମ ଚେତନାର ଉପରି ଭାଗରେ ଆମେ ଅନୁଭବ କରୁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କାଳଗତ ଗତିଶୀଳତାକୁ । ଏହା ଆମ ପାଇଁ ଅଦୃଶ୍ୟ । ମାତ୍ର ଅତିମାନସ ଚେତନାରେ ଏହା ଦୃଶ୍ୟମାନ । ମନୋମୟ ଭୂମିରେ କାଳାତୀତ ଓ କାଳଗତ ଚେତନା ମଧ୍ୟରେ ପରସ୍ପର ବିରୋଧ ବୋଧ ଥାଏ । କାରଣ ନାନା ବିସଂଗତି ଓ ବିରୋଧିତା ତଥା ଅତୀତର ଶକ୍ତି ଓ ପ୍ରାରବ୍ଧ ଏଥିରେ ଦୃଶ୍ୟମାନ । ଅତିମାନସରେ ଆମେ ଦେଖୁ ଏ ଦୁଇଟି ପରମ ଅନନ୍ତଙ୍କ ସତ୍ୟର ଦୁଇଟି ଗତିସ୍ପନ୍ଦନ । କାଳାତୀତ ପରମ ଆନନ୍ତ୍ୟ ସକଳର ମୂଳ ଭିତ୍ତି । ଏହା ସମସ୍ତଙ୍କୁ ଧାରଣ କରିଛି, ତା'ର ଚଳମାନ ପୂର୍ବାପରତା ଓ ସ୍ଥାୟୀ ଦୃଷ୍ଟି ମଧ୍ୟରେ ସକଳ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ୍ ଧାରଣ କରି ରଖିଛି ।

ମନ କାଳାତୀତକୁ ପ୍ରତ୍ୟକ୍ଷ ନକଲେ ମଧ୍ୟ ତା'ର ଛାୟା ବହନ କରିବାକୁ ସମର୍ଥ । କିନ୍ତୁ ସେ ଅତିମାନସ ଭୂମିକୁ ନଯିବାଯାଏ ତା'ର ଅସ୍ତିତ୍ୱ ଥାଏ, ମାତ୍ର ମନ ଅତିମାନସ ମଧ୍ୟରେ ଅନୁପ୍ରବେଶ କରିବାମାତ୍ରେ ସମାଧିସ୍ଥ ହୋଇଯାଏ ଓ ସ୍ଥିତି ହରାଇ ବିଲୁପ୍ତ ହୋଇଯାଏ । ଯଦି ବ୍ୟୁତ୍ଥାନ ମଧ୍ୟରେ ଆନନ୍ତ୍ୟକୁ ଅନୁଭବ କରିବାକୁ ଉଦ୍ୟମ କରେ ତେବେ ଯନ୍ତ୍ରବତ୍ ଆପଣା ଧାରାରେ ଅନୁଭବ କରିବାକୁ ଚେଷ୍ଟା କରି ବିଫଳ ହୁଏ । କାଳାତୀତ ଓ କାଳସ୍ଥ ବସ୍ତୁ ମଧ୍ୟରେ ସେ କିଛି ସଂଯୋଗ ସେତୁ ପାଏ ନାହିଁ । କିନ୍ତୁ ଅତିମାନସ ଚେତନାରେ କାଳ ଓ କାଳାତୀତ ଯୁଗପତ୍ ବିବୃତ । ବିଶୁଦ୍ଧ ଚୈତନ୍ୟ ସ୍ତରରେ ଶିବ କାଳାତୀତ ଆଉ ତାଙ୍କ ଶକ୍ତି ଅବିନାଭୂତ । ଅତିମାନସ ଅନୁଭବରେ ସାଧକ କାଳର ଭୂମିରେ ବାସ କଲେ ମଧ୍ୟ କାଳାତୀତରେ ପ୍ରତିଷ୍ଠିତ ହୋଇପାରେ ଓ କାଳାତୀତରେ ପ୍ରତିଷ୍ଠିତ ଥାଇ କାଳରେ ସେ ସ୍ପନ୍ଦିତ ହୋଇପାରେ ।

ଅତିମାନସର ସ୍ଥିତି ଅନନ୍ତଙ୍କ ପରମଚେତନା । ଏହା କାଳସ୍ଥ ଚେତନାରେ ଆପଣାକୁ ପ୍ରତିଷ୍ଠିତ କରିପାରେ ଏବଂ କାଳାତୀତ ଚେତନାକୁ ଆପଣାର ସର୍ବୋଚ୍ଚ ମୂଳ ବା ପୃଷ୍ଠଭୂମି କରି ରଖିଥାଏ । ସେହି ମୂଳ ଭୂମିରୁ ସଙ୍ଗଠନକାରୀ ସକଳ ଜ୍ଞାନ, ସଂକଳ୍ପ ଓ କ୍ରିୟାକୁ ଗ୍ରହଣ କରିଥାଏ । କାଳାତୀତ ମଧ୍ୟରେ ରହି କାଳସ୍ଥ ଅନୁଭୂତିକୁ ଅନନ୍ତଭାବେ ଅନୁଭବ କରୁଥାଏ । ଯାହାକୁ ସେ ଗୋଟିକରେ ଦିବ୍ୟ ଭାବେ ଧାରଣ କରିଥାଏ ତାକୁ ସେ ଅନ୍ୟଟିରେ ଅଭିବ୍ୟକ୍ତ କରିପାରେ ।

ଏଥିରୁ ସ୍ପଷ୍ଟ ହୁଏ ଯେ ମନୋମୟ ଚେତନାର କାଳ ଚେତନା ଅତିମାନସ କାଳ ଚେତନାଠାରୁ ଭିନ୍ନ । ଏହା ମନୋମୟ ଚେତନା ପରି ଅସହାୟଭାବେ ଭାସମାନ ନୁହେଁ । କାରଣ ପ୍ରଥମତଃ ଏହା କାଳର ସକଳ ପରିବର୍ତ୍ତନକୁ ଅତିକ୍ରମ କରି ନିଜର ଶାଶ୍ୱତ ଏକତା ଉପରେ ଆଧାରିତ । ଦ୍ୱିତୀୟତଃ ପରମକାଳର ଯୁଗପତ୍ ସଚେତନତା ଉପରେ ଏହା ପ୍ରତିଷ୍ଠିତ । ଏଠାରେ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ୍ ଏକତ୍ର ଐଶ୍ୱରୀୟ ଜ୍ଞାନ ଓ ସାମର୍ଥ୍ୟ ଉପରେ ଅବସ୍ଥିତ । ତୃତୀୟତଃ ଏହା ତିନୋଟି କାଳରେ ଗୋଟିଏ ଗତିସ୍ପନ୍ଦନର ସାମଗ୍ରିକ ଦୃଷ୍ଟି ମଧ୍ୟରେ ଆପଣାକୁ ପ୍ରତିଷ୍ଠିତ କରିପାରେ ଏବଂ ସମଗ୍ର କାଳ ବିଭାଜନ ମଧ୍ୟରେ ଏହା ଅବିଭାଜ୍ୟ ଭାବେ ରହିପାରେ । ଶେଷରେ ଏଥିରେ ରହିବ ତ୍ରିକାଳ ଦୃଷ୍ଟି ପୂର୍ବକାଳର ମୁନିଋଷିମାନଙ୍କ ପରି । କିନ୍ତୁ ଏହି ତ୍ରିକାଳ ଦୃଷ୍ଟିରେ କୌଣସି ଅସ୍ୱାଭାବିକତା, ଅଲୌକିକତା ଓ ଆକସ୍ମିକତା ତଥା ଅଦ୍ଭୁତତା ରହିବ ନାହିଁ, ଯାହା ଘଟୁଥିଲା ଋଷିମୁନିଙ୍କ କ୍ଷେତ୍ରରେ । ମାତ୍ର ଅତିମାନସରେ ପ୍ରତିଷ୍ଠିତ ବ୍ୟକ୍ତି ପାଇଁ ଏହା ହେବ ସ୍ୱାଭାବିକ । କିନ୍ତୁ ସେସବୁ ସାଧାରଣଙ୍କ ମଧ୍ୟରେ ଯେତେବେଳେ କେବେ କେବେ ଘଟେ ତେବେ ଏହା ହୋଇପାରେ ସହଜ ସଂସ୍କାର ବା instinct ଯାହାକୁ କି ଋଷିମାନଙ୍କ ମଧ୍ୟରେ ପ୍ରତିଭାସଂବିତ୍ ବୋଲି କୁହାଯାଏ ।

ଏକତ୍ୱ ତଥା ଅନନ୍ତ କାଳ ଚେତନା ଅତିମାନସ ସତ୍ତାର ସର୍ବୋଚ୍ଚ ଆଲୋକମୟ ଭୂମିର ଏକ ସମ୍ପତ୍ତି । ମନୁଷ୍ୟର ଚେତନା ରୂପାନ୍ତରକାରୀ ବିବର୍ତ୍ତନ ମାର୍ଗରେ ତଥା ଯୋଗ ପଥରେ ଗତି କଲା ବେଳେ କାଳର ପୂର୍ବାପର ଭାବେ (ଯଥା : ଅତୀତ, ବର୍ତ୍ତମାନ, ଭବିଷ୍ୟତ୍) ତିନୋଟି ପାବଚ୍ଛକୁ ସ୍ମରଣରେ ରଖିବ ଓ ଏସବୁକୁ ଅତିକ୍ରମ କରିଯିବାକୁ ହେବ । ଏବେ ଆମେ ଅଚେତନା ଓ ନିଶ୍ଚେତନା ମଧ୍ୟରୁ ଉତ୍ଥିତ ଏକ ଅଜ୍ଞାନାଚ୍ଛନ୍ନ ସ୍ତରରେ ରହିଛୁ । ତଥାପି, ଆମ ଚେତନା ଜ୍ଞାନ ପ୍ରୟାସୀ । ଜ୍ଞାନ ଦିଗରେ ଏହା ସଦା ଉନ୍ମୁଖ । ଏଣୁ କ୍ରମେ ଏହା **ଜ୍ଞାନାବିଷ୍କାର** କରେ । ଊର୍ଦ୍ଧ୍ୱସ୍ଥ ଆଲୋକର ଅନୁପ୍ରବେଶ ଦ୍ୱାରା ଏହା ଶୋଧିତ ହୋଇଚାଲେ । ବୁଦ୍ଧିକୁ ଏହି ଶୋଧନ ଆଲୋକ

ଦିଗରେ ଉନ୍ମୋଚିତ ଓ ପ୍ରସ୍ତୁତ କରେ । କିନ୍ତୁ ଭବିଷ୍ୟତକୁ ଜାଣିବାରେ ବୁଦ୍ଧି ସମର୍ଥ ହୁଏ ନାହିଁ । ସେ ବାହ୍ୟ ଇଙ୍ଗିତ ଉପରେ ନିର୍ଭର କରେ ।

ବୋଧିକୁ ଅନେକ ସମୟରେ ତା'ର ସ୍ଫୁରଣ ପାଇଁ ବୁଦ୍ଧି ବାଧା ଦିଏ । କିନ୍ତୁ ଭବିଷ୍ୟତ୍ ଜାଣିବାରେ ସର୍ବଦା ସେ ଆଗ୍ରହୀ । ଏଣୁ ସେ ନାନା ବିକଳ୍ପର ଆଶ୍ରୟ ନିଏ । ମୂଳ ପୁସ୍ତକର ଭାଷାରେ :

"Man, confronted by this incapacity of the intelligence and yet avid of the knowledge of the future, has fallen back on other and external means, omens, sortileges, dreams, astrology and many other alleged data for a past and future knowledge ..."

(*The Synthesis of Yoga,* p. 893)

ମଣିଷ ବୁଦ୍ଧିର ଅସାମର୍ଥ୍ୟକୁ ସମ୍ମୁଖୀନ ହେଉଥିବା ହେତୁ ଓ ଭବିଷ୍ୟତ୍‌ର ଜ୍ଞାନକୁ ପ୍ରାପ୍ତ କରିବା ଲୋଭରେ ଅନ୍ୟାନ୍ୟ ବାହ୍ୟ ସଙ୍କେତ, ସ୍ୱପ୍ନ, କରକୋଷ୍ଠୀ ବା ଫଳିତ ଜାତକ ସହିତ ପ୍ରଚଳିତ ଅତୀତ ଓ ଭବିଷ୍ୟତର ଅନେକ ତଥାକଥିତ ଜ୍ଞାନ ଦିଗରେ ଆକୃଷ୍ଟ ହୋଇଥାଏ ।...

ଏସବୁ ହେଲା ଶକୁନ ବିଦ୍ୟା (cult of omens), ଯାହା ହେଉଛି ସ୍ୱପ୍ନ, ବାହ୍ୟ ସଂକେତ, କରକୋଷ୍ଠୀ ବା ଫଳିତ ଜାତକ ଇତ୍ୟାଦି । ବିଚାର ବୁଦ୍ଧି ଏସବୁକୁ ହସରେ ଉଡ଼ାଇ ଦିଏ । କିନ୍ତୁ ଏସବୁ କେବେ କେବେ ଏକଦମ୍ ଠିକ୍ ଗଣନା କରିଥା'ନ୍ତି, ମାତ୍ର ଅଧିକାଂଶ ସମୟରେ ଏସବୁ ଠିକ୍ ଫଳ ଦିଏ ନାହିଁ । ତେବେ କେବେ କେବେ ଏସବୁ ଫଳପ୍ରସୂ ହୁଅନ୍ତି କିପରି ? ଏସବୁ ଅପଜ୍ଞାନ ମୂଳରେ କିଛି ବିଜ୍ଞାନର ପ୍ରଭାବ ନିଶ୍ଚୟ ଅଛି । ସେ ବିଜ୍ଞାନର ଧାରକ ହେଲା ବୋଧିର ପ୍ରଭାବ । ଏଇ ବୋଧିର ପ୍ରଭାବରେ ଯିଏ ଚାଲେ ତା'ର ଗଣନା ନିଷ୍ଫଳ ହୁଏ ନାହିଁ ।

ପ୍ରକୃତରେ ତ୍ରିକାଳ-ଦର୍ଶିତାର ସ୍ଫୁରଣ ହୁଏ ଚୈତ୍ୟସତ୍ତା ଓ ଚୈତ୍ୟ ପୁରୁଷର ଉନ୍ମେଷ ଦ୍ୱାରା । ଚୈତ୍ୟସତ୍ତା ଅଧିଚେତନା (Subliminal Self)ର ବିଭୂତି । ଏହାକୁ ସ୍ୱପ୍ନ ସ୍ଥାନ ପୁରୁଷ ବୋଲି କହେ ଉପନିଷଦ୍ । ଯୋଗ ଏହାକୁ ସ୍ୱପ୍ନ ଜ୍ଞାନ କହେ । ଏହା ଚୈତ୍ୟାନୁଭବର ସମର୍ଥକ । ପ୍ରତିଭାସଂବିତ୍ ଏହାର ଅନ୍ତର୍ଗତ । ଏହାର ପରିଧି ଅନନ୍ତ ବିସ୍ତୃତ । ଚୈତ୍ୟସଂବିତ୍ (Psychical Sense) ଦେଶ-କାଳର ବ୍ୟବଧାନ ଭଙ୍ଗ କରି ବାହାରର ଛବି ପ୍ରକଟ କରାଏ । ଦୂରଦର୍ଶନ, ଦୂରଶ୍ରବଣ ଏଇସବୁ ଯୋଗର ସାମାନ୍ୟ ସିଦ୍ଧି ଏଥିରୁ ଘଟେ । କିନ୍ତୁ ଏହାକୁ ଆଧ୍ୟାତ୍ମିକତାର ସୂଚକ ବୋଲି କହିପାରିବା ନାହିଁ । କିନ୍ତୁ ଆଧ୍ୟାତ୍ମିକ ସ୍ତରରେ ଏସବୁ ବିଶେଷ ଚିତ୍-ପରିଣାମ ଯୋଗୁଁ ଦେଖା ଦେଇପାରେ । କିନ୍ତୁ ସବୁ ଆଧ୍ୟାତ୍ମିକ ସାଧକଙ୍କ ପାଇଁ ଏହି ସିଦ୍ଧି ଅପରିହାର୍ଯ୍ୟ ନହୋଇପାରେ । ଜ୍ଞାନାଭିମୁଖୀ ମନ ଊର୍ଦ୍ଧ୍ୱସ୍ଥ ଆଲୋକର ଅନୁପ୍ରବେଶରେ କ୍ରମଶଃ ଶୁଦ୍ଧ ଓ ସ୍ୱଚ୍ଛ ହୋଇ ବୁଦ୍ଧିକୁ ପ୍ରସ୍ତୁତ କରିପାରେ । ପୂର୍ବେ ଯେଉଁ ସତ୍ୟ ଅନନୁଭବ୍ୟ ଥିଲା ଓ ଅନୁଭବର ବାହ୍ୟ ଭୂମିରେ ରହିଥିଲା, ତାହା ଅନୁଭୂତି ଦ୍ୱାରା କ୍ରମଶଃ ଉପଲବ୍ଧିର ପରିସରକୁ ଆସିଯାଏ । ଏହା ଚେତନାର ପ୍ରଥମ ସ୍ଥିତି ।

ଚେତନାର ଦ୍ୱିତୀୟ ସ୍ଥିତି ଯାହା ସୁପ୍ତ ଅବସ୍ଥାରେ ଥାଏ, ଅଜ୍ଞାନମୟ ମନର ରୂପାନ୍ତର ଦ୍ୱାରା ତାହା ଉପଲବ୍ଧ ହୁଏ । ଏହା ଫଳରେ ମନକୁ ଜ୍ଞାନ ଉପଲବ୍ଧି ପାଇଁ ବାହ୍ୟଭୂମିରୁ ଖୋଜିବାକୁ ପଡ଼େ ନାହିଁ; ସେସବୁ ଅନ୍ତର ଜଗତରୁ ପାଇପାରେ । ମନ ଏବେ ମୂଳଭୂତ ଅଜ୍ଞାନ ନୁହେଁ, ସେ ଆତ୍ମବିସ୍ମୃତ ଏକ ଜ୍ଞାନ । ଏବେ ଗୁପ୍ତଜ୍ଞାନ ସ୍ମୃତି ମଧ୍ୟକୁ ଫେରେ । ମନ ଯେତେ ଗଭୀରକୁ ଯାଏ, ସେ ସେତେ ବିଶ୍ୱଗତ ମନର ସମୀପବର୍ତ୍ତୀ ହୁଏ । ପୂର୍ବରୁ ଆମ ବ୍ୟକ୍ତିଗତ ମନ ବିଶ୍ୱଗତ ମନର ଏକ ପ୍ରକ୍ଷେପଣ ଥିଲା, ଏବେ ମନ ଅଧିକରୁ ଅଧିକ ଚେତନାର ଅଧିକାରୀ ।

ଜ୍ଞାନସ୍ଥ ମନର ଏଇ ଅବସ୍ଥାଟିକୁ ଆମେ ଚେତନାର ତୃତୀୟ ପର୍ଯ୍ୟାୟ ବୋଲି କହିବା । ଏବେ ଏହା ମଧ୍ୟରେ ପୂର୍ବରୁ ବିଦ୍ୟମାନ ସତ୍ୟ ପ୍ରତ୍ୟକ୍ଷ ହୋଇଯାଆନ୍ତି । ଏସବୁ ଆଗରୁ ଜ୍ଞାତ ହେବାର ଅନୁଭବ ହୁଏ । ଏହି ତୃତୀୟ ପର୍ଯ୍ୟାୟରେ ସବୁକିଛି ପୂର୍ବାବସ୍ଥିତ ଜ୍ଞାନର ବସ୍ତୁ ମନେ ହୁଅନ୍ତି । ପୂର୍ବୋକ୍ତ ଆତ୍ମବିସ୍ମୃତିଶୀଳ ଅବସ୍ଥାଠାରୁ ଏହା ଉନ୍ନତ ଚେତନା । ଏପରି ସ୍ଥିତିରେ କୌଣସି ବିଷୟ ଜାଣିବା ପାଇଁ ମନ ଚେଷ୍ଟାର ଅପେକ୍ଷା ରଖେ ନାହିଁ । କେବଳ ଅନ୍ତରସ୍ଥ ଆଲୋକ ଦ୍ୱାରା ସବୁ ଜାଣି ପାରେ । ସଂବୋଧିଗତ ମନକୁ କେବଳ ଅବତରିତ ଅତିମାନସ ଆଲୋକ ଦିଗରେ ଉନ୍ମୋଚିତ କରିବା ଦ୍ୱାରା ଏହା ସମ୍ଭବ ହୁଏ । ତେବେ ଅତିମାନସ କ୍ରିୟା କରେ ଆତ୍ମାର ଇଚ୍ଛା ପ୍ରେରିତତାର ସୀମାରେ ।

ମନ ଯେତେବେଳେ ଅତିମାନସ ଦିଗକୁ ବିକଶିତ ହୋଇ ଚାଲେ ସେତେବେଳେ ତାହା ସକଳ ପର୍ଯ୍ୟାୟ ଦେଇ ଚାଲେ ।

ଏହା ତା'ର ଆରୋହଣ ଓ ପ୍ରସାରଣ କ୍ଷେତ୍ରରେ ତା'ର କାଳଗତ ଚେତନାକୁ ତଥା କାଳ-ଜ୍ଞାନ-ଶକ୍ତି-ସାମର୍ଥ୍ୟକୁ ଅନୁଭବ କରିଥାଏ ଏବଂ ପ୍ରବୃତ୍ତିର ପରିବର୍ତ୍ତନକୁ ମଧ୍ଯ ଜାଣିପାରେ ।

ମଣିଷ ଯେତେବେଳେ ପ୍ରଥମ ଅବସ୍ଥାରେ ଅଜ୍ଞାନ-ମନ ସ୍ତରରେ ଥାଏ ସେତେବେଳେ ସେ କିପରି ଅବା ଅନନ୍ତ କାଳ ଚେତନାର ତ୍ରିବିଧ କାଳଜ୍ଞାନକୁ ଅନୁଭବ କରିପାରନ୍ତା ? ଏହି ଅନନ୍ତ କାଳ ଚେତନାରେ କିପରି ବାସ କରନ୍ତା ? ଅନନ୍ତ କାଳ ତ ଅବିଭାଜ୍ୟ ଓ ଅବିଚ୍ଛିନ୍ନ ଭୂମାବତ୍ । ତଥାପି କାଳର ଅବିଚ୍ଛିନ୍ନ ଧାରଣା ଅସ୍ପଷ୍ଟଭାବେ ସେ ଅନୁଭବ କରେ । କାରଣ ଏହି ଧାରଣାର ମୂଳ ଉତ୍ସ ଥାଏ ଆତ୍ମାର ଗଭୀରରେ ମାତ୍ର ଅଜ୍ଞାନସ୍ଥ ମନ ସେହି ଚେତନା ଭୂମିରେ ବା କାଳଗତ ଅବିଚ୍ଛିନ୍ନତାର ଭୂମିରେ ବାସ କରେ ନାହିଁ । ତଥାପି ଜ୍ଞାନକୁ ସେ ତା'ର ପୃଷ୍ଠଭୂମିରେ ବ୍ୟବହାର କରିପାରୁ ଥିବାରୁ ତା' ସତ୍ତା ଏକ ଆଧାରହୀନ ପ୍ରବାହରେ ପରିଣତ ହୁଏ ନାହିଁ । ସେ ତା'ର ବର୍ତ୍ତମାନ ଭୂମିରେ କିଛି ପୂର୍ବସ୍ମୃତି, ପୂର୍ବରୁ ସଞ୍ଚିତ ସଂସ୍କାରଗୁଡ଼ିକର ସାହାଯ୍ୟ ପାଇପାରେ । ତାହା ଅନିଶ୍ଚିତ ପୂର୍ବ ଜ୍ଞାନ ଓ ଅନୁମାନରୁ ବି ସହାୟତା ପାଏ । କେବେ କେବେ ଏହା କଳ୍ପନା ଉପରେ ନିର୍ଭର କରେ । କିଛି ଆପେକ୍ଷିକତା, ସମ୍ଭାବନା ବି ତା'ର ଅବଲମ୍ବନ ହୋଇପାରେ ।

ଅଜ୍ଞାନଗ୍ରସ୍ତ ମନ ମହାକାଳ ନୁହେଁ, ଏହା ପ୍ରବହମାନ ମୁହୂର୍ତ୍ତର ଆୟତନରେ ବାସ କରେ । ଏଣୁ ସେ ଜଣେ ପଥଚାରୀ ପରି ତାତ୍କାଳିକ ଦୃଶ୍ୟର ଦର୍ଶକ । ପୂର୍ବେ ଦେଖିଥିବା ଘଟଣାର ସେ କିଛି ସ୍ମୃତି ସାଇତି ପାରେ । କିନ୍ତୁ ତତ୍‌କ୍ଷଣ ଦୃଷ୍ଟିର ଅନ୍ତରାଳରେ ଯାହା ରହିଯାଏ, ତାହା ତା'ର ଅଜ୍ଞାତ । ଏଣୁ ମଣିଷ ନିଜସ୍ୱ ଅଜ୍ଞାନକୁ ଧରି ବିଚରଣ କରୁଥାଏ । ବୌଦ୍ଧ ଦାର୍ଶନିକର ବିଚାରରେ ମନୁଷ୍ୟ ପାଇଁ ପ୍ରତ୍ୟେକ ମୁହୂର୍ତ୍ତ ଆତ୍ମସତ୍ତାର ଏକମାତ୍ର ସତ୍ୟ ହୋଇ ରହିଥାଏ । ଅତୀତର ଆତ୍ମ-ସତ୍ତା ତା' ପାଇଁ ମୃତ ଅଥବା ଏକ କ୍ଷୀଣ ସ୍ମୃତି ହୋଇ ରହିଥାଏ । ଭବିଷ୍ୟତର ଆତ୍ମସତ୍ତା ତା' ପାଇଁ ଅସ୍ତିତ୍ୱହୀନ ହୋଇ ରହିଥାଏ ।

ଆମର ଜ୍ଞାନ ସ୍ଥୂଳ ଇନ୍ଦ୍ରିୟ ଓ ମନ ଉପରେ ଯଦି ନିର୍ଭର କରୁ ନଥା'ନ୍ତା ତେବେ ଆମେ ଯେପରି ବର୍ତ୍ତମାନ ମଧ୍ୟରେ ବାସ କରୁଛୁ, ଠିକ୍ ସେଇପରି ଅତୀତ ଓ ଭବିଷ୍ୟତ୍ ମଧ୍ୟରେ ବାସ କରିବା ଭଳି ଆମର ବୋଧ ହୁଅନ୍ତା । ଅଧିକ ଅଗ୍ରଗତି କରି ପାରିଲେ ଆମେ ଶାଶ୍ୱତକାଳ ଯାହା କାଳାତୀତ ସେଇ ଆତ୍ମସତ୍ତା ମଧ୍ୟରେ ପ୍ରବେଶ କରିପାରନ୍ତୁ । ଆମେ ବିଭିନ୍ନ ଲୋକ ପଶ୍ଚାତରେ ଅବସ୍ଥିତ ପରମାତ୍ମା ସତ୍ତାଙ୍କର ଅନୁଭୂତି ମଧ୍ୟ ଲାଭ କରି ପାରନ୍ତେ । ଆମେ ସ୍ଥୂଳ ମନ ଓ ଇନ୍ଦ୍ରିୟବୋଧ ସ୍ଥାନରେ ଅନ୍ୟ ଏକ ଭିନ୍ନ ଚେତନାରେ ବାସ କରିପାରନ୍ତେ । ଏଥିପାଇଁ ଆମକୁ ଅଜ୍ଞାନସ୍ଥ ମନୋଭୂମିର ସମ୍ବେଦନ, ସ୍ମୃତି, ଅନୁମାନ ଓ ପ୍ରତ୍ୟୟଗତ ସକଳ ସୀମାବଦ୍ଧତାକୁ ଭାଙ୍ଗି ଦେବାକୁ ପଡ଼ନ୍ତା ।

ମନୁଷ୍ୟ ବର୍ତ୍ତମାନରେ ବଞ୍ଚିଛି । ସେଥିରେ ବ୍ୟସ୍ତ ରହିଛି । ତଥାପି ତା'ର ସୀମାରେ ବନ୍ଦି ହୋଇ ରହିବାକୁ ସେ ଭଲ ପାଏ ନାହିଁ । ସେ ଚାହେଁ ଅତୀତକୁ ସ୍ମରଣ କରିପାରିବ ଓ ତା'ର ଭବିଷ୍ୟତ୍ ଜାଣି ପାରିବ । ଏଥିପାଇଁ ସେ ବୃହତ୍ତର, ସୂକ୍ଷ୍ମତର ଅନ୍ତରରେ ପ୍ରଚ୍ଛନ୍ନ ବା ଅତିଚେତନ ଆତ୍ମସତ୍ତାରୁ ଆସୁଥିବା ସନ୍ଦେଶ ପ୍ରତି ନିଜକୁ ଉନ୍ମୋଚିତ କରି ରଖିଥାଏ । ଏ ଦିଗରେ ବୁଦ୍ଧି ହୁଏ ତା'ର ପ୍ରଥମ ସହାୟକ । ସେ ଏକ ପ୍ରକାର ବୈଜ୍ଞାନିକତାକୁ ଭିତ୍ତି କରି ଅତୀତ ଓ ଭବିଷ୍ୟତକୁ ତା' ଧାରାରେ ଉପସ୍ଥାପନ କରେ । ମାତ୍ର ଏହା ସୀମିତ କ୍ଷେତ୍ରରେ ସମ୍ଭବ । ଏଇ ପଥ ଦେଇ ଗଲେ ଆମେ ନାନା ଅନିଶ୍ଚିତତା ଓ ଆପେକ୍ଷିକତା ମଧ୍ୟରେ ପଡ଼ିଯିବା । କାରଣ ଉପଲବ୍ଧ ଗତିସ୍ପନ୍ଦନ ବହୁ ଶକ୍ତିର ଏକ ଜଟିଳ ସମଷ୍ଟିକୁ ବହନ କରେ । ତେଣୁ ଜ୍ଞାତ ତଥ୍ୟ ଆଧାରରେ ପୂର୍ବବର୍ତ୍ତୀ ବା ପରବର୍ତ୍ତୀ କାଳର ଘଟଣା ଜାଣିବାରେ ବୁଦ୍ଧି କ୍ଷମ ହୁଏ ନାହିଁ । କେବଳ ବୁଦ୍ଧି ଯାବତୀୟ ଅବଧାରଣାକୁ ଏକ ଅନିଶ୍ଚିତ ଓ ଆପେକ୍ଷିକ ରୂପ ଦେଇ ଥାଏ । ଏହା ଆତ୍ମାର ସଂକଳ୍ପ କ'ଣ ବୁଝେ ନାହିଁ ।

ତେବେ ତ୍ରିବିଧ କାଳର ଦୃଷ୍ଟି ସାମର୍ଥ୍ୟ ଆମେ କିପରି ଲାଭ କରିବା ? ତେଣୁ ଆମକୁ ଭୌତିକ ମନର ବାହ୍ୟ କ୍ଷେତ୍ରରୁ ଅପସରି ଆସି ଚୈତ୍ୟ ତଥା ଆଧ୍ୟାତ୍ମିକ କାଳ ଚେତନା ମଧ୍ୟରେ ପ୍ରବେଶ କରିବାକୁ ହେବ । ଆମେ ଆଉ କ୍ଷଣ ଓ ମୁହୂର୍ତ୍ତର ଦୃଷ୍ଟି ପରିସର ମଧ୍ୟରେ ସୀମିତ ହୋଇ ରହିବା ନାହିଁ । ଗଭୀର ମଗ୍ନ ଚେତନା (Subliminal)ରେ ଯେଉଁ ଜ୍ଞାନ ସଂଗୁପ୍ତ ତାହା ଯେତେବେଳେ ମନସ୍ତାତ୍ତ୍ୱିକ ଓ ଚୈତ୍ୟ ଜାଗରଣରେ ଜାଗ୍ରତ୍ ହୁଏ ସେତେବେଳେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ଆମ ଚକ୍ଷୁ ସମ୍ମୁଖରେ ଚଳଚ୍ଚିତ୍ର ଭଳି ଭାସି ଉଠେ । ସେଗୁଡ଼ିକ କେବଳ ଦୃଶ୍ୟ ନୁହନ୍ତି ଶ୍ରବ୍ୟ ମଧ୍ୟ ।

ଶ୍ରୀଅରବିନ୍ଦ ଏ ସମ୍ପର୍କରେ ଆମକୁ ସତର୍କ କରି କହିଛନ୍ତି ମଗ୍ନ ଚେତନା ବା ଚୈତ୍ୟ ଜାଗରଣରେ ଯେଉଁସବୁ ଦୃଶ୍ୟ ଆମେ ଦେଖୁ, ସେସବୁ ସମ୍ପୂର୍ଣ୍ଣ ସତ୍ୟ ନ ହୋଇପାରେ । ଏ ସମ୍ପର୍କରେ

ଆମ ପୂର୍ବ ଚେଷ୍ଟାର କିଛି ଭୂମିକା ଅଛି । ଏହା ବି ସମ୍ଭବ ଯେ ଅନ୍ୟ କୌଣସି ବ୍ୟକ୍ତିର ସଂକଳ୍ପର ଏସବୁ ପ୍ରତିଫଳନ ହୋଇପାରେ । ଏସବୁ ଦୃଶ୍ୟମାନ ହେଲା ବୋଲି ଏସବୁ ଯେ ସତ୍ୟ ଏହା କୁହାଯାଇ ନପାରେ । ଅନେକର ହୋଇପାରେ ଅପମିଶ୍ରଣ । ଏଣୁ ଆମକୁ ମନସ୍ତାତ୍ତ୍ୱିକ ଓ ବୋଧିଗତ ବିଶ୍ଳେଷଣ କରି ସତ୍ୟକୁ ଚିହ୍ନିବାକୁ ପଡ଼ିବ । କାରଣ ଆମ ମନରେ ବିଭିନ୍ନ ବିଷୟମାନ ଆପଣାକୁ ପ୍ରକାଶ କରିବାକୁ ଘୋଡ଼ା ଭଳି ଦୌଡୁଛନ୍ତି । ପଞ୍ଚାଏ ଘୋଡ଼ା ମଧ୍ୟରୁ ଗୋଟିଏ ଜିତିଲା ଭଳି, ଆମ ମଧ୍ୟରେ ଯେଉଁ ବିଷୟ ଅଧିକ ଶକ୍ତିଶାଳୀ ସେ ତା'ର ପ୍ରଭାବ ବିସ୍ତାର କରେ । ଅତିମାନସ ପ୍ରେରିତ ସଂବୋଧିଗତ ବୁଦ୍ଧି କେବଳ ସତ୍ୟାସତ୍ୟ ନିର୍ଦ୍ଧାରଣ କରିବାକୁ ସମର୍ଥ ।

କିନ୍ତୁ ଚୈତ୍ୟସତ୍ତାର କେବଳ ଜାଗରଣଠାରୁ ତା'ର ପୂର୍ଣ୍ଣତମ ଉନ୍ମୋଚନ ସହ ବୋଧିର ଅନୁପ୍ରବେଶ ଭିନ୍ନ କଥା । ଏହା ଆମକୁ ନୂତନ କାଳଚେତନା ମଧ୍ୟରେ ପ୍ରବେଶ କରାଏ । ଆମକୁ ତ୍ରିବିଧ କାଳ ସମ୍ପର୍କରେ ବହୁ କଥା ସ୍ପଷ୍ଟ କରାଇ ଚାଲେ । ଏହା ଅତୀତ ଓ ଅନାଗତ ଘଟଣାବଳୀକୁ ଆମ ମନରେ ପ୍ରକ୍ଷେପିତ କରିପାରେ । ଏହା ମଗ୍ନଚେତନା (Subliminal), ସ୍ୱପ୍ନ, ସୂକ୍ଷ୍ମ ମନସ୍ତାତ୍ତ୍ୱିକତାରୁ ସମ୍ଭବ । ଏହାର ଦୃଷ୍ଟିର ପ୍ରସାର ସୀମାହୀନ, ଦିଗନ୍ତ ବିସ୍ତାରୀ । ଭବିଷ୍ୟତ୍ କାଳର ଘଟଣାଗୁଡ଼ିକର ସବୁପ୍ରକାର ଛାପଗୁଡ଼ିକର ବା ସଂକେତମାନଙ୍କର ସାଧନ ଏହି ପୂର୍ଣ୍ଣ ଚୈତ୍ୟ ବିକାଶରୁ ସମ୍ଭବ । ''ଆକାଶ ଲିପି'' ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଯାବତୀୟ କଥା ସାଇତି ରଖିଥାଏ । ବର୍ତ୍ତମାନ ପ୍ରକ୍ରିୟାର ସବୁ ବସ୍ତୁର ଇତିବୃତ୍ତି ସେ ଲେଖୁଥାଏ, ଭବିଷ୍ୟତର ମଧ୍ୟ ଲେଖୁଥାଏ, ସେସବୁ ଚକ୍ଷୁ ସମ୍ମୁଖରେ ସ୍ପଷ୍ଟ ହୋଇଯାଏ ।

ମୂଳ ପୁସ୍ତିକା *The Synthesis of Yoga* ର ପୃଷ୍ଠା ୧୦୨୪ରେ ଏହା ସ୍ପଷ୍ଟ କରି ଦିଆଯାଇଛି ।

(ପରବର୍ତ୍ତୀ ସଂଖ୍ୟାରେ ଅବଶିଷ୍ଟାଂଶ...) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free

No side effects

*Exported to over 16 countries*

Bhubaneswar Contact

Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୬୨)

### ମା'ଙ୍କର ଆରୋଗ୍ୟଲାଭ :

ତରୁଣ ବାନାର୍ଜିଙ୍କ ଉକ୍ତିରୁ : ''ବିଛଣାରେ ମା ତାଙ୍କ ପିଠିରେ ଭରାଦେଇ ଶୋଇଥିଲେ, ଅତି ଦୁର୍ବଳ, କପାଳରେ ଏକ ବଡ଼ ବରଫ ଥଳି ଲାଲ ମସଲିନ୍ କପଡ଼ାରେ ବନ୍ଧା ହୋଇଥିଲା । ନିମୀଳିତ ଚକ୍ଷୁ । ଜେଜେ ଘର ଭିତରକୁ ପ୍ରବେଶ କରିବା ମାତ୍ରେ ଶାର୍ଦ୍ଦୂଳ ସଦୃଶ ତାଙ୍କର ସନ୍ଧାନୀ ଚକ୍ଷୁ ଦ୍ୱୟ ବାରୀନ୍ଦ୍ର ମା'ଙ୍କ ସମ୍ବନ୍ଧେ ଯେଉଁସବୁ କଥା ଜଣାଇ ନଥିଲେ ସେସବୁକୁ ଜଣାଇ ଦେଲା । ସେ ଲକ୍ଷ୍ୟ କଲେ ଯେ ମା'ଙ୍କର ବାମ ପାଦର ରଙ୍ଗ ଡାହାଣ ପାଦର ରଙ୍ଗଠାରୁ ବେଶ୍ ବୋଧଗମ୍ୟ ଭାବରେ କୃଷ୍ଣବର୍ଣ୍ଣ ଦେଖାଯାଉଛି – ବିଷାକ୍ତ ଏବଂ ଘନୀଭୂତ ରକ୍ତର ସୁସ୍ପଷ୍ଟ ଲକ୍ଷଣ । ଏସବୁ ଲକ୍ଷ୍ୟ କରି ସେ ହଠାତ୍ କୌଣସି ସିଦ୍ଧାନ୍ତ ନେଲେ ନାହିଁ ସତ, କିନ୍ତୁ ତାଙ୍କର ସ୍ୱଭାବସିଦ୍ଧ ନିଖୁଣ ସୂକ୍ଷ୍ମବୋଧ ଦ୍ୱାରା ଜାଣି ପାରିଲେ ଯେ ରୋଗ ନିର୍ଣ୍ଣୟ କର୍ମଟିକୁ ସମାଧାନ କରିବାକୁ ହେଲେ କେଉଁ ପଥରେ ଆଗେଇବାକୁ ହେବ ।

''ସାଧାରଣତଃ ସମସ୍ତେ ଯେପରି ଆଶା କରିଥା'ନ୍ତି, ଠିକ୍ ତା'ର ବିପରୀତଭାବେ, ଜେଜେ ମା'ଙ୍କ ବିଛଣା ପାଖକୁ ଆଗେଇ ଗଲେ ନାହିଁ, ବରଂ ସେଠାରୁ ଦୂରେଇ ଯାଇ ଗୋଟିଏ କୋଣରେ ଛିଡ଼ା ହେଲେ । ଯାହା ହେଉ, ଏଇଟି କିଛି ଏକ ବିଶେଷ ରଣକୌଶଳ ନଥିଲା, କେବଳ ସାବଧାନତା ଅବଲମ୍ବନ – ସେ ଚାହିଁଥିଲେ ତାଙ୍କ ଚମଡ଼ା ବ୍ୟାଗ୍‌ଟିକୁ ଭଲ କରି ଝାଡ଼ି ପୋଛି ନେବେ, କାହିଁକି ନା ଦୀର୍ଘ ଟ୍ରେନ୍ ଯାତ୍ରା ସମୟରେ ତା' ଉପରେ ଅନେକ ଧୂଳିମଳି ଜମି ଯାଇଥିଲା, ସେସବୁ ଯେପରି ମା'ଙ୍କ ବିଛଣାରେ ବା ମା'ଙ୍କ ଶରୀରରେ ନପଡ଼ୁ । ଆଉ ଏହି ସମୟ ଭିତରେ, ଧୋବ ଫର ଫର ଶାଢ଼ି ପିନ୍ଧି ଦତ୍ତା ନୈଷ୍ଠିକ ଭାରତୀୟ ନାରୀ ସଦୃଶ ମଥା ଅବନତ କରି ସଂଭ୍ରମପୂର୍ଣ୍ଣ ଦୂରତ୍ୱ ନେଇ ଅପେକ୍ଷା କରି ରହିଥିଲେ । ତାଙ୍କର ନାରୀସୁଲଭ ପ୍ରତ୍ୟେକଟି ଅଙ୍ଗ ମୌନଭାବେ ଜଣାଇ ଦେଉଥିଲା ଯେ ଡାକ୍ତରଙ୍କର ସାମାନ୍ୟତମ ଆଦେଶକୁ ସେ ପାଳନ କରିବାକୁ ସଦାପ୍ରସ୍ତୁତ । ତାଙ୍କ ସାହାଯ୍ୟରେ ବ୍ୟାଗ୍‌ଟି ପରିଷ୍କାର କରାହେଲା । ଗୋଟିଏ ଚେୟାର ଅଣାଯାଇ ମା'ଙ୍କ ବିଛଣା ପାଖରେ ମଥା ଆଡ଼କୁ ରଖାହେଲା ।

''ଘର ଭିତରକୁ ପ୍ରବେଶ କରିବା ମୁହୂର୍ତ୍ତରୁ ଜେଜେଙ୍କର ଏକ ଅଦ୍ଭୁତ ଅନୁଭୂତି ହେଉଥିଲା ଯେ ଯଦିଓ ମା'ଙ୍କ ଚକ୍ଷୁ ମୁଦ୍ରିତ ଥିଲା ତଥାପି ଅବିରତ ସେ ସବୁକିଛି ଦେଖି ପାରୁଛନ୍ତି । ଅବଶ୍ୟ ବାରୀନ୍ଦ୍ରଙ୍କଠାରୁ ତାଙ୍କର ଅସାଧାରଣ ଅଲୌକିକ ଶକ୍ତି ସମ୍ବନ୍ଧେ ସେ ସୂଚନା ପାଇଥିଲେ, କିନ୍ତୁ ତାଙ୍କର ଏହି ଅସୁସ୍ଥ ଅବସ୍ଥାରେ କ'ଣ ସେସବୁ ଶକ୍ତି ସକ୍ରିୟ ହୋଇପାରେ ? ତାଙ୍କ ଶରୀରକୁ ଅନାଇଲେ ପ୍ରଥମ ଦୃଷ୍ଟିପାତରେହିଁ ବୁଝାଯାଉଥିଲା ଯେ ତାଙ୍କର ଅବସ୍ଥା ବେଶ୍ ଗୁରୁତର । ତାଙ୍କ ମୁଖମଣ୍ଡଳ ଏତେ ଲାଲ ଥିଲା ଯେ ଯେକୌଣସି ବିଶେଷଜ୍ଞ ବୁଝିପାରିବେ ଯେ ଜ୍ୱର ଖୁବ୍ ବେଶୀ । ଏହା ଉପରେ ପୁଣି ଥିଲା ଛାତିରେ ଭୀଷଣ ଯନ୍ତ୍ରଣା, ମସ୍ତିଷ୍କରେ ହାତୁଡ଼ି ପିଟିବାର ଯନ୍ତ୍ରଣାବୋଧ, କିଛି ଦିନ ଧରି ଅନାହାର, ଏତଦ୍‌ବ୍ୟତୀତ ଆହୁରି ସାଂଘାତିକ କିଛି ଯାହାକି ଏବେ ବି ଧରା ପଡ଼ିନି । ଶରୀରରେ ଏହିସବୁ ଦୁଃସହ ଯନ୍ତ୍ରଣା ମଧ୍ୟରେ କ'ଣ ତାଙ୍କର ଅସାଧାରଣ ଅଲୌକିକ ଶକ୍ତି ସକ୍ରିୟ ରହିଛି ? ଜେଜେ ତାଙ୍କର ଅନୁଭୂତିକୁ ସନ୍ଦେହ କରୁ ନଥିଲେ ତଥାପି ଏହା କେମିତି ସମ୍ଭବ ଥିଲା ? କିନ୍ତୁ ଅବସ୍ଥାର ଆପାତ-ଯୁକ୍ତିହୀନତାରେ ସେ ଆହୁରି ବେଶୀ ଅପ୍ରତିଭ ହୋଇଉଠିଲେ ଯେତେବେଳେ ସେ ମା'ଙ୍କ ମୁହଁ ପାଖକୁ ଥର୍ମୋମିଟର ନେଇ ତାଙ୍କୁ ମୁହଁ ଖୋଲିବାକୁ କହିବା ପୂର୍ବରୁ ସେ ମନକୁ ମନ ମୁହଁ ଖୋଲିଦେଲେ ।...

''ଏହିପରି ଏକ ସାଂଘାତିକ କ୍ଷେତ୍ରରେ, ଡାକ୍ତର ସମୟଜ୍ଞାନ ବିଷୟରେ ଅନୁମାନ ଉପରେ ନିର୍ଭର ନକରି, ମା'ଙ୍କ ମୁଖରୁ ଥର୍ମୋମିଟର ଅପସାରଣ କରିବା ପୂର୍ବରୁ ପକେଟରୁ ଘଡ଼ି ବାହାର କରି ପୂରା ମିନିଟିଏ ଅତିକ୍ରାନ୍ତ ହେବାକୁ ଦେଲେ । ବାରୀନ୍ଦ୍ର ଠିକ୍ କହିଥିଲେ । ଥର୍ମୋମିଟରରେ ୧୦୬ ଡିଗ୍ରୀ ଦେଖାଗଲା । ବରଫ ଥଳିଟିରେ ହାତ ଦେଇ ଦେଖିଲେ, ପ୍ରାୟ ଭରା ରହିଛି । ତା'ପରେ ସେ ଚମଡ଼ା ବ୍ୟାଗ୍‌ରୁ ତାଙ୍କର ବୃହତ୍ତମ

ହତିଆର ଷ୍ଟେଥସ୍କୋପ୍‌ଟି ବାହାର କରି କାନରେ ଲଗାଇ ଟିକିଏ ଆଗକୁ ଝୁଙ୍କିଲେ ।

''ଏହାପରେ ସେ ତାଙ୍କ ପରୀକ୍ଷା କାର୍ଯ୍ୟରେ କିପରି ଅଗ୍ରସର ହେଲେ ସେକଥା ସେ ମୋତେ କେବେ କହି ନାହାନ୍ତି, ଏବଂ ମୋର ମଧ୍ୟ ଏ ବିଷୟରେ ପଚାରିବାକୁ କେବେ ବି ଇଚ୍ଛା ହୋଇ ନାହିଁ । ସୁତରାଂ ଏକଥାଟି ବର୍ତ୍ତମାନ ଅନୁମାନର ବିଷୟ ଏବଂ ଚିରଦିନ ପାଇଁ ବି ଅନୁମାନଯୋଗ୍ୟ ହୋଇ ରହିବ । ମୁଁ ଏ ବିଷୟରେ କିଛି କହିବାର ଦାୟିତ୍ୱ ନେଉ ନାହିଁ । ସେ କିଂବା ମା ଯେତେବେଳେ ମୋତେ ଏ ବିଷୟରେ କିଛି କହି ନାହାନ୍ତି, ତେବେ ତା' ଚିରଦିନ ସକାଶେ ଅଜଣା ହୋଇ ରହିଥାଉ ।

''ତା'ପରେ, ଜେଜେ ଦତ୍ତାଙ୍କ ପାଖରୁ ଏକ ଲେଖାର ପ୍ୟାଡ଼୍ ମାଗି ନେଲେ ଏବଂ ରୋଗର ଉପସର୍ଗ ସମ୍ବନ୍ଧେ ନିଜର ଅନୁସନ୍ଧାନପ୍ରାପ୍ତ ବିବରଣାଦି ଲେଖିଲେ – ଯେଉଁ ଟିକିନିଖି ବିବରଣ ଶ୍ରୀଅରବିନ୍ଦଙ୍କର ଅଲୌକିକ ଶକ୍ତି ପ୍ରୟୋଗର ଧାରାକୁ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତନ କରିଦେଲା ।

''ପ୍ରଥମେ ସେ କାଗଜର ବାମ ପାଖରେ ମା'ଙ୍କ ନାମ ଲେଖିଲେ, ଡାହାଣ ପାଖରେ ତାରିଖ । ଠିକ୍ ତା' ତଳକୁ ଲେଖିଲେ, 'ମୋ ଥର୍ମୋମିଟରରେ ଜ୍ୱର ୧୦୬ ଡିଗ୍ରୀ ।' ତା' ତଳକୁ ଏକ ବିସ୍ମୟଜନକ ଲେଖା : 'ହୃଦ୍‌ଯନ୍ତ୍ର ଠିକ୍ ଅଛି – ସୁସ୍ଥ, ସ୍ୱାଭାବିକ ଏବଂ ତ୍ରୁଟିହୀନଭାବେ କାର୍ଯ୍ୟ କରୁଛି ।' ଯଦି ଉପରୋକ୍ତ ମନ୍ତବ୍ୟଟି ବିସ୍ମୟଜନକ ହୋଇଥାଏ, ତେବେ ତା'ପରେ ସେ ଯାହା ଲେଖିଲେ ତାକୁ କହିବାକୁ ହେବ ଦୁଃସାହସିକ ବା ଅତ୍ୟନ୍ତ ବିସ୍ମୟଜନକ, 'ଶାରୀରିକ ପୀଡ଼ାର ପ୍ରକୃତ କାରଣ ହୃଦ୍‌ଦେଶରେ ନୁହେଁ, ତାହା ବାମ ପାଦର ଆଣ୍ଠୁ ତଳେ ରହିଛି । ଏହା ହେଉଛି ଗଣ୍ଠିବାତ (gout)ର ପ୍ରବଳ ପ୍ରକୋପ । ଏହା ପୂର୍ବରୁ ମୁଁ କେବେହେଲେ ଏପରି ପ୍ରବଳ ସ୍ଫୀତି ଦେଖି ନାହିଁ ।' ଏବଂ ତା' ତଳେ ସେ ସମୟ ଲେଖି ନିଜ ନାମ ଦସ୍ତଖତ କଲେ – ଉପେନ୍ଦ୍ରନାଥ ବାନାର୍ଜୀ ।

''ଜେଜେ ଯେତେବେଳେ ଘରୁ ବାରଣ୍ଡାକୁ ଫେରି ଆସିଲେ, ଶ୍ରୀଅରବିନ୍ଦଙ୍କୁ ଯେଉଁ ସ୍ଥାନରୁ ଦେଖି ଯାଇଥିଲେ, ଠିକ୍ ସେହି ସ୍ଥାନରେ ଛିଡ଼ା ହୋଇଥିବାର ଦେଖିଲେ । ଡାକ୍ତର ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ । କାହିଁକି ନା ରୋଗ-ନିର୍ଦ୍ଧାରଣ କର୍ମରେ ବ୍ୟାପୃତ ଥିବା ସମୟରେ ସେ ବୋଧ କରୁଥିଲେ ଯେ ଶ୍ରୀଅରବିନ୍ଦ ତାଙ୍କ ପଶ୍ଚାତ୍‌ରେ ଛିଡ଼ା ହୋଇଛନ୍ତି । ଜେଜେ ତାଙ୍କର ବିବରଣଲିପି ଶ୍ରୀଅରବିନ୍ଦଙ୍କ ହସ୍ତରେ ନିବେଦନ କଲେ ।

''ମୁଁ ମୋ ଜେଜେଙ୍କୁ ଥରେ ପଚାରିଥିଲି ଯେ ସାଧାରଣତଃ ଡାକ୍ତରମାନଙ୍କର ପ୍ରଚଳିତ ରୀତି ଅନୁଯାୟୀ ସେ ତାଙ୍କର ରୋଗ ବିବରଣ ତଳେ ଚିକିତ୍ସା ସମ୍ବନ୍ଧେ କିଛି ପ୍ରସ୍ତାବ ଜଣାଇ ନଥିଲେ କାହିଁକି । ସେ ମୋତେ କହିଲେ, 'ଶ୍ରୀଅରବିନ୍ଦଙ୍କ ଶକ୍ତି ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଥିଲା । ମୁଁ ଜାଣିଥିଲି, ସେ ତାଙ୍କୁ ନିଶ୍ଚୟ ଆରୋଗ୍ୟ କରିବେ ।'

''ସୂଚୀକର୍ମ ବିଭାଗର କୋଠା ଅନ୍ତର୍ଗତ ଏକ କୋଣ ଘରଟିରେ ଜେଜେଙ୍କ ରହିବା ପାଇଁ ସ୍ଥିର କରାଯାଇ ଥିଲା; ବର୍ତ୍ତମାନ ଆମ ପୋଷ୍ଟ ଅଫିସର ଠିକ୍ ବିପରୀତ ପାର୍ଶ୍ୱରେ । ସେହି ଘରଟି ଭିତରେ ପ୍ରବେଶ କରିବାର କେତୋଟି ମିନିଟ ପରେହିଁ ଦରଜାରେ ମୃଦୁ ଆଘାତ ଶୁଣାଗଲା । ଦତ୍ତା ଆସି ଥିଲେ । ଦତ୍ତା ଯିଏକି ତଉଲିଆ, ଲିନେନ୍ ଧୋତି, ପଞ୍ଜାବି, ବ୍ୟାଗ୍ ଇତ୍ୟାଦିର ଏକ ଲୁଗାସ୍ତୂପର ପଶ୍ଚାତ୍‌ରେ ପ୍ରାୟ ସମ୍ପୂର୍ଣ୍ଣ ଡାଙ୍କି ହୋଇ ଯାଇଥିଲେ । ତାରବାର୍ତ୍ତା ପାଇ ରିକ୍ତ ହସ୍ତରେ ଧାଇଁ ଆସିଥିବା ଡାକ୍ତରଙ୍କର ବ୍ୟବହାର ପାଇଁ, ସତରେ କହିବାକୁ ଗଲେ ସ୍ୱଚ୍ଛଳତା ସହିତ ସୁରୁଚି ସମ୍ପନ୍ନ ଜୀବନଯାପନ ସକାଶେ ଯାହାକିଛି ଆବଶ୍ୟକ, ସବୁକିଛି ଧରି ସେ ହାଜିର ହୋଇଥିଲେ । ଯଦି ମୋତେ ଅନୁମାନ କରିବାକୁ କୁହାଯାଏ, ତେବେ ଏହିସବୁ ଲୁଗାପଟା ମା'ଙ୍କ ନିର୍ଦ୍ଦେଶରେ ଅଣା ଯାଇଥିଲା, ଯଦିଓ ତାଙ୍କର ତଦାରଖରେ ଏହା ନହୋଇ ପାରିଥାଏ । କାହିଁକି ନା ପୁଙ୍ଖାନୁପୁଙ୍ଖ ଭାବରେ ଏହା ଏତେ ନିଖୁଣ ଥିଲା ଯେ ତାଙ୍କ ବ୍ୟତୀତ ଅନ୍ୟ କିଏ ହୋଇପାରେ ! କେବଳ ଯେ ବିଛଣା ଚାଦର ଓ ତକିଆ ଖୋଳ ଦେଇ ଦତ୍ତା ତାଙ୍କର ବିଛଣା ପ୍ରସ୍ତୁତ କରିଦେଲେ ଏବଂ ଖଣ୍ଡେ ଶୁଭ୍ର ଲିନେନ୍ ବସ୍ତ୍ରରେ ସୁନ୍ଦର କରି ଟେବୁଲଟିକୁ ଘୋଡ଼ାଇ ଦେଲେ, ତା' ନୁହେଁ, ଏତଦ୍‌ବ୍ୟତୀତ ଆହୁରି ଛୋଟ ଛୋଟ ଜିନିଷ, ଯେମିତି ଦାନ୍ତ ଖୁଣ୍ଟିବାର କାଠି, ଗୋଟିଏ ଛୋଟ ଡବାରେ ଦାନ୍ତ ଘଷା ପାଉଡ଼ର ମଧ୍ୟ ଆଣି ଥୋଇ ଦେଇଥିଲେ । ମୋର ମନେହୁଏ, ମା ନିଶ୍ଚୟ ଲକ୍ଷ୍ୟ କରିଥିଲେ ଯେ ଡାକ୍ତର ତାଙ୍କ କର୍ମରେ କିପରି ନିଖୁଣ, ତ୍ରୁଟିହୀନ ଥିଲେ, ସୁତରାଂ ଅତିଥି ଆପ୍ୟାୟନରେ ସେ ପଛାଇ ରହିବେ ନାହିଁ । ଦତ୍ତା ଚାଲିଗଲେ କିନ୍ତୁ ଅଳ୍ପକ୍ଷଣ ପରେହିଁ ଫେରି ଆସିଲେ; ଏଥର କିନ୍ତୁ ପରିବେଶିକା ହିସାବରେ, ସାଥିରେ ଥିଲା ସାଧାସିଧା କିନ୍ତୁ ଅତ୍ୟୁତ୍ତମ ଆହାର୍ଯ୍ୟ ସାମଗ୍ରୀ । ମା କ'ଣ ଏସବୁର ତଦାରଖ କରୁ ନଥିଲେ ? ଯଦିଓ ସେ ଶଯ୍ୟାଶାୟୀ ଥିଲେ ତଥାପି ସେ

ଯେ ଏସବୁ କରୁ ନଥିଲେ – ଏହା ମୁଁ କେବେ ହେଲେ ବିଶ୍ୱାସ କରିପାରିବି ନାହିଁ ।

''ଶ୍ରୀଅରବିନ୍ଦଙ୍କ ଶକ୍ତିର କଳନା କରିବା ଯେକୌଣସି ବ୍ୟକ୍ତିଙ୍କର ସାଧ୍ୟାତୀତ, ସେ ଯେତେ ପ୍ରତିଭାବାନ୍ ବା ଭାସ୍ୱର ପୁରୁଷ ହୋଇଥାଆନ୍ତୁ ନା କାହିଁକି । କି ପ୍ରଚଣ୍ଡ ଅଲୌକିକ ଶକ୍ତି ତାଙ୍କର ଅଧିକାରରେ ଥିଲା ଏବଂ କି ବିଦ୍ୟୁତ୍‌ବେଗରେ ସେ ତାହାକୁ ପ୍ରୟୋଗ କରି ପାରୁଥିଲେ – ଏଇ ଘଟଣାରୁ ଆମେ ତା'ର କିଛି ଆଭାସ ମାତ୍ର ପାଇ ପାରିବା ।

''ଦତ୍ତା ଜେଜେଙ୍କ ଘରୁ ଥାଳି, ବାଟି, ଚାମଚସବୁ ନେଇଗଲେ (ସେ ସେସବୁ ଜେଜେଙ୍କୁ ପରିଷ୍କାର କରିବାକୁ ଆଦୌ ଦେଲେ ନାହିଁ, ବିନୟପୂର୍ଣ୍ଣ ମୃଦୁ ଭାଷାରେ କହୁଥା'ନ୍ତି 'ନା, ନା, ନା, ଦୟାକରି ଏସବୁ ମୋତେ କରିବାକୁ ଦିଅନ୍ତୁ ।') ବିଶ୍ରାମ ନେବା ଉଦ୍ଦେଶ୍ୟରେ ଜେଜେ ବିଛଣାରେ ଶୋଇଲେ, ଯଦିଓ ନିଦ୍ରା ଆସିଯିବ ଏମିତି ଆଶା ତାଙ୍କର ନଥିଲା । ମୋର ମନେହୁଏ ଯେତେବେଳେ ରୋଗୀର ଅବସ୍ଥା ମାରାତ୍ମକ ହୋଇଥାଏ ସେତେବେଳେ କୌଣସି ଡାକ୍ତର ପାଖରେ ଥାଇ ଶୋଇ ପାରିବା ସହଜ ନୁହେଁ । କିନ୍ତୁ ଏ କ୍ଷେତ୍ରରେ ନିଦ୍ରାଦେବୀଙ୍କର ଉଦ୍ଦେଶ୍ୟ ଭିନ୍ନ ଥିଲା ଏବଂ ସେ ତନ୍ଦ୍ରାଭିଭୂତ ହେଲେ ।

''ଆନନ୍ଦ ଓ ଉଚ୍ଛ୍ୱାସର କୋଳାହଳରେ ଜେଜେ ହଠାତ୍ ଜାଗି ଉଠିଲେ । ଗଣ୍ଡଗୋଳ ଏତେ ଆକସ୍ମିକ ଏବଂ ପ୍ରବଳ ଥିଲା ଯେ ମୁହୂର୍ତ୍ତକ ପାଇଁ ସେ ଆପେକ୍ଷିକ ଅବସ୍ଥାନ ସମ୍ବନ୍ଧେ ହତବୁଦ୍ଧି ହୋଇଗଲେ । ପ୍ରଥମେ ଭାବିଲେ ଯେ ସେ ମିର୍ଜାପୁରରେ ଅଛନ୍ତି । କିନ୍ତୁ ନା, ଇଏତ ବାରୀନ୍ଦ୍ର କୁମାରଙ୍କର ନିଜ କର୍ମକ୍ଷେତ୍ରର କଣ୍ଠସ୍ୱର ! ତାଙ୍କ ସଙ୍ଗେ ଥିଲେ ଏ. ବି. ପୁରାଣୀ, ପ୍ରାଣ ପ୍ରାଚୁର୍ଯ୍ୟରେ ଭରପୂର ନବୀନ ଯୁବକ । ଜେଜେ ଶୀଘ୍ର ଝରକା ପାଖକୁ ଗଲେ । ଝରକା ପାଖରେ ଜେଜେଙ୍କୁ ଦେଖି ବାରୀନ୍ଦ୍ର ତାଙ୍କ ହସ୍ତଯୁଗଳକୁ ଉତ୍ତୋଳନ କଲେ, କ୍ରିକେଟ୍ ଖେଳରେ ଏଲ. ବି. ଡବ୍ଲିଉ. ଆଉଟ୍ ନେବା ପାଇଁ ପିଲାମାନେ ଯେପରି କରନ୍ତି ! ଏବଂ ପୁରାଣୀ ତ ହସରେ ଭରପୂର । ବାରୀନ୍ଦ୍ର କୁମାର ଆନନ୍ଦାତିଶଯ୍ୟରେ କହି ଉଠିଲେ, 'ଡାକ୍ତର ବାବୁ, ମା'ଙ୍କ ଜ୍ୱର ୧୦୪ ଡିଗ୍ରୀକୁ କମି ଆସିଛି । ଏଇ ମାତ୍ର ଦତ୍ତା ଆମକୁ ଖବର ଦେଲେ । ଡାକ୍ତର ବାବୁ, ଏହା ଆଶ୍ଚର୍ଯ୍ୟ, ଅତି ଆଶ୍ଚର୍ଯ୍ୟ !'

''ଶ୍ରୀଅରବିନ୍ଦହିଁ ଏହା ସାଧନ କରିଥିଲେ । ସକାଳର ବିଷଣ୍ଣତା ଉଭେଇ ଯାଇଥିଲା ଏବଂ ମାତ୍ର ଘଣ୍ଟାଏ ପୂର୍ବରୁ ସଂଶୟ ଓ ଆଶଙ୍କାର ଯେଉଁ ଗମ୍ଭୀର ବାତାବରଣ ଭରପୂର ହୋଇ ରହିଥିଲା, ତାହା ଏବେ ପୂର୍ଣ୍ଣରୂପେ ତିରୋହିତ ହୋଇ ତା' ସ୍ଥାନରେ ପ୍ରଫୁଲ୍ଲତା ବିରାଜମାନ କରିଥିଲା । ପ୍ରତ୍ୟେକେ ଉତ୍‌ଫୁଲ୍ଲ । ଯଦିଓ ଜେଜେ କେବେ ବି ମୋତେ ଏକଥା କହି ନଥିଲେ, ତଥାପି ମୋର ଦୃଢ଼ ବିଶ୍ୱାସ ତାଙ୍କର ହୃଦୟ ବି ନିଶ୍ଚୟ ଆନନ୍ଦରେ ସ୍ପନ୍ଦିତ ହୋଇଥିଲା । ନିୟତିର ଚକ ଏବେ ଘୂରିଗଲା । ଦେବଗଣ କ'ଣ ସ୍ୱର୍ଗରୁ ପୁଷ୍ପବୃଷ୍ଟି କଲେ ଆଉ ଦୁଷ୍ଟ ସଇତାନ କ'ଣ ନିଜ ଗଣ୍ଡଦେଶ ଆମ୍ପୁଡ଼ିବାରେ ଲାଗିଲା ? ଜାଣେନି ।

''ଉପରବେଳାକୁ କେହି ଜଣେ ଆସି ସମ୍ବାଦ ଦେଲେ ଯେ ଶ୍ରୀଅରବିନ୍ଦ ଜେଜେଙ୍କୁ ସାକ୍ଷାତ୍ କରିବାକୁ ଚାହାନ୍ତି । ଏଥର ଯେତେବେଳେ ସେ ଆଶ୍ରମ ଭିତରକୁ ପ୍ରବେଶ କଲେ, ବାତାବରଣ ସମ୍ପୂର୍ଣ୍ଣ ରୂପେ ଭିନ୍ନ ହୋଇ ଯାଇଥିଲା । ସକାଳର ସେଇ ସଂଶୟ ଓ ଆଶଙ୍କାର ଚାପା ଭାବ ଆଉ ନଥିଲା; ଚେୟାରରେ ବସିଥିବା ସମସ୍ତ ବ୍ୟକ୍ତି ସୁଖରେ ହାସ୍ୟମୁଖ ହୋଇ ବସିଥିଲେ । ଡାକ୍ତର ମଧ୍ୟ ସେମାନଙ୍କର ଆଚରଣରେ ଅନ୍ୟ ଏକ ପରିବର୍ତ୍ତନ ଲକ୍ଷ୍ୟ କଲେ – ସେ ଆଶ୍ରମ ଭିତରକୁ ପ୍ରବେଶ କରିବା ମାତ୍ରେ ସମସ୍ତେ ଛିଡ଼ା ହୋଇଗଲେ । କିନ୍ତୁ ସେମାନଙ୍କର ଏହି ସମ୍ମାନ-ପ୍ରଦର୍ଶନ ତାଙ୍କୁ ଗର୍ବିତ କରି ନଥିଲା, କାହିଁକି ନା ତାଙ୍କର ମନସ୍ତାତ୍ତ୍ୱିକ ଭାବ ଥିଲା ଭିନ୍ନ ପ୍ରକାରର । ଏହି ସମ୍ମାନପ୍ରାପ୍ତି ତାଙ୍କୁ କେବଳ ଦ୍ୱିଗୁଣ ଆଶ୍ୱାସନା ଦେଲା ଯେ ମା ଆରୋଗ୍ୟ ଲାଭ କରୁଛନ୍ତି ।

''ଦ୍ୱିତୀୟ ଥର ପାଇଁ ସେ ଶିଡ଼ି ଦେଇ ଉପରକୁ ଉଠିଲେ ଏବଂ ଦ୍ୱିତୀୟ ଥର ପାଇଁ ମଧ୍ୟ ସେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଯେତେବେଳେ ସେ ଦେଖିଲେ ଶ୍ରୀଅରବିନ୍ଦ ସେହି ସମାନ ସ୍ଥାନରେ ସମାନଭାବେ ଦଣ୍ଡାୟମାନ ହୋଇଛନ୍ତି । ଶ୍ରୀଅରବିନ୍ଦ ମନ୍ଦମଧୁର ହସ ହସି ଗୋଟିଏ ମାତ୍ର ବାକ୍ୟ କହିଲେ – ମାତ୍ର ଗୋଟିଏ ବାକ୍ୟ ଯାହାକି ମହାପୁରୁଷଙ୍କର ନମ୍ରତା ସମ୍ବନ୍ଧେ ସହସ୍ର ଧାରାରେ ଗ୍ରନ୍ଥାବଳୀ ପ୍ରକାଶ କରିପାରେ । ସେ କହିଲେ :

'ଉପେନ୍, ବୋଧ ହେଉଛି ତୁମର ରୋଗୀ ଭଲ ଆଡ଼କୁ ଗତି କରୁଛନ୍ତି; ମୋର ବିଶ୍ୱାସ ତୁମେହିଁ ଏହା କରିଛ ।'

''ଅବଶ୍ୟ ଜେଜେ ଏହି ଭାବେ ଭାବନା କରି ନଥିଲେ । କାହିଁକି ନା ସେ ଭଲ କରି ଜାଣିଥିଲେ କିଏ କାହାର ରୋଗୀ ଏବଂ କିଏ କାହାର ଡାକ୍ତର । ସେ ନୀରବ ରହିଲେ ।

''ଦତ୍ତା ସକାଳେ ଯେମିତି ଯେଉଁ ସ୍ଥାନରେ ଛିଡ଼ା ହୋଇଥିଲେ, ବର୍ତ୍ତମାନ ଠିକ୍ ସେମିତି ଭାବରେ ସେହି ସମାନ

ଜାଗାରେ ଛିଡ଼ା ହୋଇଥିଲେ । ସେ ଜେଜେଙ୍କୁ ମା'ଙ୍କ ପ୍ରକୋଷ୍ଠକୁ ନେଇଗଲେ । ମା ସକାଳେ ଯେମିତି ଶୋଇଥିଲେ, ସେମିତି ଶୋଇଥିଲେ । ତାଙ୍କୁ ଦର୍ଶନ କରିବା ମାତ୍ରେ ଜେଜେ ବୁଝିପାରିଲେ ଯେ ବିପଦ କଟିଯାଇଛି । ମୁଖମଣ୍ଡଳ କମ୍ ରକ୍ତିମ ଥିଲା, ପାଦ ବି କମ୍ ଗାଢ଼ ରଙ୍ଗ ଥିଲା ଏବଂ ମୋଟ ଉପରେ କହିବାକୁ ଗଲେ ପରିବେଶ ଅନେକ ସହଜ ଓ ସ୍ୱାଭାବିକ ହୋଇ ଉଠିଥିଲା । ପରୀକ୍ଷା ପରେ ସେ ଲେଖିଲେ :

'ଜ୍ୱର ୧୦୩ ଡିଗ୍ରୀ ।

'ଫୁଲା କମିଛି, ପାଦର ଫୁଲାଟି ଅନେକ ସଙ୍କୁଚିତ ହୋଇ ଆସିଛି । ରକ୍ତସଞ୍ଚାଳନରେ ଯଥେଷ୍ଟ ଉନ୍ନତି ଘଟିଛି ।

'ବରଫ-ଥଳି ବାହାର କରି ନିଆଯାଇ ପାରେ ।'

''ମୁଁ ଜେଜେଙ୍କୁ ଉଚ୍ଛ୍ୱସିତ ହେବାର କଦାଚିତ୍ ଦେଖିଛି – ତାଙ୍କର ଥିଲା ଶାନ୍ତ, ଗମ୍ଭୀର ସ୍ୱଭାବ । ତାଙ୍କର ସମ୍ମାନାସ୍ପଦ ଆକୃତି, ରଜତ ଶୁଭ୍ର ଦୀର୍ଘ କେଶଗୁଚ୍ଛ, ସୁସ୍ପଷ୍ଟ ପୃଥୁଳ ଅବୟବରେ ଉଦର ପର୍ଯ୍ୟନ୍ତ ବିସ୍ତୃତ ସୁବିନ୍ୟସ୍ତ ଶ୍ମଶ୍ରୁ – ମୋତେ ପ୍ରାୟଶଃ ଉପକଥାବର୍ଣ୍ଣିତ ପ୍ରାଚ୍ୟଦେଶୀୟ ବିଜ୍ଞପୁରୁଷଙ୍କ କଥା ସ୍ମରଣ କରାଇ ଦେଉଥିଲା । କିନ୍ତୁ ମୁଁ ତାଙ୍କ ସଦୃଶ ପୂର୍ବେ କାହାକୁ ଦେଖି ନଥିଲି ଏବଂ ପରେ ମଧ୍ୟ ନୁହେଁ । ଏ ଧରଣର ବ୍ୟକ୍ତିଙ୍କ ପାଖରୁ ଭାବୋଚ୍ଛ୍ୱାସ କେବେହେଲେ ଆଶା କରାଯାଇ ନଥାଏ । କିନ୍ତୁ ଏ କ୍ଷେତ୍ରରେ ବ୍ୟତିକ୍ରମ ଘଟିଥିଲା । ଏଇ ବ୍ୟତିକ୍ରମ ଥରେ, ଅନ୍ତତଃ ମୋ ଉପସ୍ଥିତିରେ, ଥରଟିଏ ମାତ୍ର ସେ କରିଥିଲେ, ଯେତେବେଳେ ସେ ପରଦିନ ସକାଳେ ମା'ଙ୍କୁ କି ଅବସ୍ଥାରେ ଦେଖିଥିଲେ ତା' ବର୍ଣ୍ଣନା କରିଥିଲେ । ସେହି ଦୃଶ୍ୟଟି ବର୍ଣ୍ଣନା କରିବା ବେଳେ କି ଜୋର୍‌ରେ ସେ ହସୁ ନଥିଲେ, ଠିକ୍ ବାଳବତ୍ ! ତାଙ୍କର ସମଗ୍ର ଶରୀରଟି କମ୍ପି ଉଠୁଥିଲା,... ଆୟତ ନୟନଯୁଗଳରେ ଆନନ୍ଦାଶ୍ରୁ ଭରପୂର ହୋଇଉଠୁଥିଲା । ଯାହାହେଉ, ମୁଁ ଏତିକି କହିପାରେ ଏଥିରେ ସେ କେବଳ ଉଚ୍ଛ୍ୱସିତ ନଥିଲେ, ସେ ଥିଲେ ଅତ୍ୟୁଚ୍ଛ୍ୱସିତ ।

''ତାଙ୍କର ବର୍ଣ୍ଣନାକୁ ଯେତେଦୂର ସମ୍ଭବ ଠିକ୍ ଭାବରେ କହିବାକୁ ଚେଷ୍ଟା କରିବି । ସେ କହିଲେ :

''ଓ ବାବା, ପରଦିନ ସକାଳେ ମୁଁ ମା'ଙ୍କ ପ୍ରକୋଷ୍ଠକୁ ପ୍ରବେଶ କରି ଦେଖିଲି ଯେ ସେ ବିଛଣାରେ ସିଧାସଳଖ ହୋଇ ବସିଛନ୍ତି – ହଁ, ସିଧାସଳଖ ! ମୁଁ କିଛି ବୁଝିପାରିବା ଆଗରୁ ସେ ମୋ ଆଡ଼କୁ ଅନାଇ ହସି କରି କହିଲେ, 'Come in Doctor.' ହୋଃ ! ରୋଗଯନ୍ତ୍ରଣା, ରୋଗ ଏବଂ ସଇତାନ ଆଉ ତା'ର ଦଳବଳସବୁ, ସବୁକିଛି ସେଇ ଘରଟି ଭିତରୁ କୁଆଡ଼େ ଛିନ୍ନଭିନ୍ନ ହୋଇ ଏକେବାରେ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ହୋଃ...ହୋଃ – ହଁ ! ମା ଏକେବାରେ ସୁସ୍ଥ ଥିଲେ !''

''ଏସବୁ ବର୍ଣ୍ଣନା କରୁଥିବା ବେଳେ ଜେଜେ ହୋଇ ଉଠିଥିଲେ ଆମୋଦ-ପ୍ରମୋଦରେ ଉତ୍‌ଫୁଲ୍ଲିତ ଜଣେ ସ୍ଫୂର୍ତ୍ତିମାନ ଶିଶୁ ।

''ସେହିଦିନଠାରୁ ସେ 'ଡାକ୍ତର ବାବୁ' ନାମରେ ପରିଚିତ ହେଲେ ଏବଂ ତା'ପରଠାରୁ ବରାବର ଆଶ୍ରମବାସିଗଣ ତାଙ୍କୁ ସେମାନଙ୍କର ପ୍ରିୟ ଡାକ୍ତର ବାବୁ ହିସାବରେ ଆଦରି ନେଲେ... ଶ୍ରୀଅରବିନ୍ଦଙ୍କଠାରେ ତାଙ୍କର ପରିଚୟ ଥିଲା, 'ମା'ଙ୍କ ଡାକ୍ତର' ଏବଂ କେବେ କେବେ ଅନ୍ୟ ସାଧକମାନଙ୍କ ପାଖକୁ ପତ୍ର ଲେଖିଲା ବେଳେ ସେ ଜେଜେଙ୍କ ନାମ 'ଡାକ୍ତର ବାବୁ' ବୋଲି ଉଲ୍ଲେଖ କରୁଥିଲେ । ଏବଂ ମା ତାଙ୍କୁ 'ମୋ ଡାକ୍ତର' ବୋଲି ଉଲ୍ଲେଖ କରୁଥିଲେ ।

''ଉପରୋକ୍ତ ଘଟଣା ପରେ ପରେ ତାଙ୍କୁ କଲିକତା ଫେରିଯିବାକୁ ପଡ଼ିଥିଲା; କିନ୍ତୁ ଛ' ମାସ ଅତିବାହିତ ହେଉ ନ ହେଉଣୁ ସେ ପୁଣି ପଣ୍ଡିଚେରୀକୁ ଆସିଥିଲେ । ଏଥର କିନ୍ତୁ ବଡ଼ ଭଉଣୀ (ନନିବାଳା, ଆଶ୍ରମର ନାମ 'ଜୟା')ଙ୍କୁ ସାଥିରେ ନେଇ ଆସିଥିଲେ ଏବଂ ୧୯୨୬ରେ ୨୪ ନଭେମ୍ବରର ସିଦ୍ଧି ଦିବସ ପାଳନ ପରେ ପରେ ଶ୍ରୀଅରବିନ୍ଦ ଅନ୍ତରାଳକୁ ଚାଲିଯିବା ପରେ ସେ ପୁଣି ମିର୍ଜାପୁରକୁ ଫେରିଯାଇଥିଲେ; କିନ୍ତୁ ସୁଯୋଗ ପାଇବା ମାତ୍ରେ ମଝିରେ ମଝିରେ ସେ ଆଶ୍ରମକୁ ଯିବା ଆସିବା କରି ୧୦ ଅଗଷ୍ଟ ୧୯୪୯ରେ ଆସି ଆଉ ଫେରି ନଥିଲେ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ବ୍ୟକ୍ତି ନିଜ ଅନ୍ତରସ୍ଥ ପ୍ରେମର ଅନୁରୂପ ପ୍ରେମ ଜଗତରେ ଲାଭ କରିଥାଏ ।

– ଶ୍ରୀମା

ନୂତନ ବିକ୍ରମ-ବେତାଳ କାହାଣୀ :

# ପ୍ରଶସ୍ତିର ବିଡ଼ମ୍ବନା

ଆକାଶ ବ୍ୟାପୀ ଘୋର କଳା ମେଘ । ମୃଦୁ ମୃଦୁ ବାରିପାତ ସମେତ ଘନ ଘନ ଶୁଭୁଥାଏ ବଜ୍ରପାତ ଧ୍ୱନି । ବିଜୁଳି ଆଲୁଅରେ ଝଲସି ଉଠୁଥାଏ ସେ ନିର୍ଜନ ଶ୍ମଶାନ । ବୁଦାମାଳ ଭିତରୁ ଶୁଣାଯାଉଥାଏ ଶ୍ୱାନ, ଶ୍ୱାପଦଙ୍କ ରଡ଼ି । ତୁହାକୁତୁହା ଶୀତଳ ପବନ ଯେକୌଣସି ମଣିଷର ଅସ୍ଥିମଜ୍ଜା ଥରାଇଦେବ ।

କିନ୍ତୁ ସେ ଦୁର୍ଯୋଗମୟ ପରିସ୍ଥିତି ପ୍ରତି ଭ୍ରୂକ୍ଷେପ ନକରି ରାଜା ବିକ୍ରମ ବୃକ୍ଷାରୋହଣ କରି ବୃକ୍ଷ ଡାଳରୁ ମୃତଦେହଟିକୁ ଉତାରି ଆଣିଲେ । ତେବେ ତାକୁ କାନ୍ଧରେ ପକାଇ ଅଗ୍ରସର ହେବାକୁ ଆରମ୍ଭ କରିବା ମାତ୍ରେ ସେ ଦେହସ୍ଥିତ ବେତାଳ କହିଲା : ହେ ରାଜନ୍ ! ତୁମକୁ ଗୋଟାଏ ଘଟଣା କହୁଛି; ମନ ଦେଇ ଶୁଣ । ଶ୍ରମଭାର ଲାଘବ ହେବ :

ଆମର ଏ ମାଳବ ମୁଲକରୁ ବହୁ ଦୂରରେ ଅବସ୍ଥିତ ଚନ୍ଦନପୁର ରାଜ୍ୟ । ତହିଁ ଏକଦା ରାଜୁତି କରୁଥିଲେ ଶୁଭଚନ୍ଦ୍ର ନାମକ ସୁଦକ୍ଷ ଓ ସୁନୀତିପରାୟଣ ରାଜା । ପ୍ରଜାଏଁ କିପରି ସୁଖରେ ରହିବେ, ତାହାହିଁ ଥିଲା ତାଙ୍କର ଏକମାତ୍ର ଚିନ୍ତା; ରାଜକୋଷର ସମସ୍ତ ଅର୍ଥ ଯେପରି ବିଭିନ୍ନ ପ୍ରଜାମଙ୍ଗଳ ଯୋଜନାରେ ବ୍ୟୟ ହେବ, ସେ ଦିଗରେ ସେ ଥିଲେ ସର୍ବଦା ତତ୍ପର । ତାଙ୍କ ଶାସନକୁ ଲୋକେ ରାମରାଜ୍ୟ ସହ ତୁଳନା କରୁଥିଲେ । ସେ ମଧ୍ୟେ ମଧ୍ୟେ ରାଜ୍ୟ ସୀମାନ୍ତର ଅରଣ୍ୟ ଭିତରେ ଆଶ୍ରମରେ ରହିଥିବା ଯୋଗୀ ତପୋଦେବଙ୍କୁ ଯାଇ ଭେଟୁଥିଲେ, ଯଥାର୍ଥ ରାଜ୍ୟଶାସନ ନିମନ୍ତେ ତାଙ୍କ ଉପଦେଶ ଗ୍ରହଣ କରୁଥିଲେ । ତପୋଦେବ ତପସ୍ୱୀ ହେବା ସଙ୍ଗେ ସଙ୍ଗେ ଅତ୍ୟନ୍ତ କରୁଣାବନ୍ତ ବ୍ୟକ୍ତି ଥିଲେ । ତେବେ ସେ ଆଶ୍ରମର ପ୍ରତିଷ୍ଠାତା ତପୋଦେବଙ୍କ ଗୁରୁ ଯଜ୍ଞଦେବ ଥିଲେ ଅସାଧାରଣ ସିଦ୍ଧଯୋଗୀ । ଶୁଣାଯାଏ ସେ ମୃତପ୍ରାୟ ବ୍ୟକ୍ତିକୁ ଅବିଳମ୍ବେ ଚଳଚଞ୍ଚଳ କରିପାରୁଥିଲେ । ଆଶ୍ରମରେ ସେ ଏକ ସୁନ୍ଦର ଫଳ-ଫୁଲ ଉଦ୍ୟାନ ଉପୁଜାଇ ଥିଲେ ।

ପରିଣତ ବୟସରେ ରାଜା ଶୁଭଚନ୍ଦ୍ରଙ୍କ ପରଲୋକ ହୁଅନ୍ତେ ତାଙ୍କ ସୁପୁତ୍ର ଚନ୍ଦ୍ରପ୍ରକାଶ ସିଂହାସନ ଆରୋହଣ କଲେ । ରାଜ୍ୟର ହିତ ନିମନ୍ତେ ପିତା ଯେଉଁ ସମସ୍ତ ନୀତି ନିର୍ଦ୍ଧାରଣ କରିଥିଲେ, ନୂତନ ରାଜା ଚନ୍ଦ୍ରପ୍ରକାଶ ସେସବୁ ଅନୁସରଣ କରିବାରେ ତ୍ରୁଟି କଲେ ନାହିଁ । ଲୋକେ ତାଙ୍କୁ ମଧ୍ୟ ଧନ୍ୟ ଧନ୍ୟ କହିଲେ ।

ରାଜାଙ୍କ ମନ୍ତ୍ରିମଣ୍ଡଳରେ ପାଞ୍ଚଜଣ ସଦସ୍ୟ ଥା'ନ୍ତି । ଥରେ ଜଣେ ସଦସ୍ୟଙ୍କ ମୃତ୍ୟୁ ହୁଅନ୍ତେ ତାଙ୍କ ଆସନରେ ଆଉ କାହାକୁ ବସାଇବା ଦରକାର ହେଲା । ତରୁଣ ରାଜା ଚନ୍ଦ୍ରପ୍ରକାଶ ପିତାଙ୍କ ମୃତ୍ୟୁ ପରେ କେବେ ଯୋଗୀ ତପୋଦେବଙ୍କୁ ଭେଟିବାକୁ ଯାଇ ନଥିଲେ । ସେ ଭାବିଲେ ରାଜ୍ୟ ବ୍ୟାପୀ ଜନପଦମାନଙ୍କରେ ତପୋଦେବଙ୍କର ବହୁ ଶିଷ୍ୟ, ଭକ୍ତ ଓ ଅନୁରକ୍ତ ଅଛନ୍ତି । ମନ୍ତ୍ରିପଦ ସକାଶେ ସେ ହୁଏତ ଜଣେ ଉପଯୁକ୍ତ ବ୍ୟକ୍ତିର ସନ୍ଧାନ ଦେଇପାରିବେ । ତେଣୁ ସେ ଯାଇ ଆଶ୍ରମରେ ପହଞ୍ଚିଲେ । ତପୋଦେବଙ୍କ ସମୀପକୁ ପରଲୋକଗତ ରାଜା ଶୁଭଚନ୍ଦ୍ର ଏକାକୀ ଯାଉଥିଲେ, ଦେହରକ୍ଷୀମାନେ କିଛି ଦୂରରେ ଅପେକ୍ଷା କରୁଥିଲେ । ଚନ୍ଦ୍ରଦେବ ମଧ୍ୟ ତାହାହିଁ କଲେ । ତେବେ ସେ ଯାଇ ପହଞ୍ଚିବା ବେଳକୁ ତପୋଦେବ ଦୂରାନ୍ତରେ ଅବସ୍ଥିତ ତାଙ୍କର ଜଣେ ଗୁରୁଭାଇଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଯାଇଥିଲେ । ସାଥିରେ ଯାଇଥିଲେ ତାଙ୍କ ପଟ୍ଟଶିଷ୍ୟ ଶ୍ରୀଧର । ତେବେ ତରୁଣ ରାଜାଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ଆଶ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ତୁଲାଉଥିବା ଯୁବକ ମଣିଶଙ୍କର । ସେ ଖୁବ୍ କୁଶଳୀ ଓ ସୌଜନ୍ୟ ପରାୟଣ ଥିଲେ । ରାଜାଙ୍କୁ ଶଙ୍ଖୋଳିବା କମ୍ ଗୌରବର କଥା ନୁହେଁ । ମଣିଶଙ୍କର ଉଲ୍ଲସିତ ହୋଇ ରାଜାଙ୍କର ପ୍ରଶଂସା ଗାନ କଲେ ଓ ତାଙ୍କୁ ଆଶ୍ରମ ବଗିଚାରେ ଉତ୍ପନ୍ନ ନାନାଦି ଫଳମୂଳ ଖାଇବାକୁ ଦେଲେ ।

ଫଳତକ ଖାଉଁ ଖାଉଁ ତରୁଣ ରାଜା ମନ୍ତବ୍ୟ ଦେଲେ, ''ଫଳ ଏଡ଼େ ସୁସ୍ୱାଦୁ ହୋଇପାରେ ବୋଲି ମୁଁ ଜାଣି ନ ଥିଲି !''

''ରାଜନ୍ ! ଏହା ଆପଣଙ୍କ ଗୁଣରୁହିଁ ସମ୍ଭବ ହୋଇଛି । ଆପଣଙ୍କ ମହତ୍ତ୍ୱ, ସୁଶାସନ, ଆଦର୍ଶ ଇତ୍ୟାଦି ରାଜ୍ୟର ବାତାବରଣରେ ମାଧୁର୍ଯ୍ୟ ଭରିଦେଇଛି । ଏସବୁ ଫଳର ମଧୁର ସ୍ୱାଦ ତାହାରି ପ୍ରତିଫଳନ !'' କୃତକୃତ୍ୟ ଭାବରେ କହିଲେ ମଣିଶଙ୍କର ।

ରାଜାଙ୍କ ମୁହଁରେ ଆନନ୍ଦ ପ୍ରକଟିତ ହେଲା ।

ଅଳ୍ପ ସମୟ ବିଶ୍ରାମ ଅନ୍ତେ ରାଜା ଅରଣ୍ୟ ସନ୍ନିକଟସ୍ଥ ଏକ ଜଳାଶୟ ଦେଖିବାକୁ ଗଲେ । ସେ ଦୁଇଘଣ୍ଟା ପରେ ଫେରିବେ । ସେତେବେଳକୁ ତପୋଦେବ ଆସିଯାଇଥିବେ ।

ତେବେ ତପୋଦେବ ଘଣ୍ଟାକ ପରେ ଲେଉଟି ଆସିଲେ । ଉତ୍ସାହଭରେ ମଣିଶଙ୍କର ରାଜାଙ୍କ ଆଗମନ ବିଷୟ ବର୍ଣ୍ଣନା କଲେ । ମଣିଶଙ୍କରଙ୍କ ପାଖରେ ଠିଆ ହୋଇଥିବା ଆଉ ଜଣେ ଶିଷ୍ୟ ଫଳର ମାଧୁର୍ଯ୍ୟର କାରଣ ହିସାବରେ ମଣିଶଙ୍କର ରାଜାଙ୍କୁ ଯେଉଁ ବ୍ୟାଖ୍ୟା ଦେଇଥିଲେ, ତାହା ଜଣାନ୍ତେ ତପୋଦେବ ପଚାରିଲେ, ''ସେ ବ୍ୟାଖ୍ୟା ଶୁଣି ରାଜାଙ୍କ ପ୍ରତିକ୍ରିୟା କ'ଣ ହେଲା ?''

''ସେ ପ୍ରୀତ ହେଲେ ଆଜ୍ଞା !'' ଉତ୍ତର ଦେଲେ ଶିଷ୍ୟ ମଣିଶଙ୍କର ।

ତପୋଦେବ ତାଙ୍କ ପଟ୍ଟଶିଷ୍ୟ ଶ୍ରୀଧରଙ୍କ ଆଡ଼େ ଅନାଇ ମୃଦୁକଣ୍ଠରେ କହିଲେ, ''ରାଜାଟିର ଅଧଃପତନ ଆରମ୍ଭ ନହେଲେ ଭଲ !'' ଅନ୍ୟ କେହି ଅବଶ୍ୟ ସେ ମନ୍ତବ୍ୟ ଶୁଣିପାରିଲେ ନାହିଁ ।

ଘଣ୍ଟାକ ପରେ ତରୁଣ ରାଜା ଲେଉଟି ଆସି ତପୋଦେବଙ୍କୁ ପ୍ରଣାମ କଲେ ଓ କିଛି ସମୟ ଆଳାପ ପରେ ଆସିବାର ଉଦ୍ଦେଶ୍ୟ ଜଣାଇଲେ । ତପୋଦେବ ମଣିଶଙ୍କର ଆଡ଼େ ନିର୍ଦ୍ଦେଶ କରି କହିଲେ, ''ଏହି ଯୁବକ ହେବେ ତୁମର ସଫଳ ମନ୍ତ୍ରୀ । ପଡ଼ୋଶୀ ରାଜ୍ୟମାନଙ୍କ ସହ ସୁସମ୍ପର୍କ ରକ୍ଷାର ଦାୟିତ୍ୱ, ତୁମ ରାଜକୀୟ ଅତିଥିମାନଙ୍କର ହେପାଜତର ଦାୟିତ୍ୱ ଏହାଙ୍କୁ ଅର୍ପଣ କରି ନିଶ୍ଚିନ୍ତ ରହିପାର !''

''ଆଜ୍ଞା, ଗୁରୁଦେବ ! ମୁଁ ପରା ଆଶ୍ରମରେ ସାଧନା କରିବା ନିମନ୍ତେ ରହିଛି !'' କିଞ୍ଚିତ୍ କ୍ଷୁବ୍ଧ କଣ୍ଠରେ ଆପତ୍ତି ଜଣାଇଲେ ମଣିଶଙ୍କର ।

''ରାଜ୍ୟର ସେବାକୁହିଁ ତୁମ ସକାଶେ ନିର୍ଦ୍ଦିଷ୍ଟ ସାଧନା ଭାବରେ ଗ୍ରହଣ କର !'' ସସ୍ମିତ ବଦନରେ କହିଲେ ତପୋଦେବ ।

ତରୁଣରାଜା ବିଦାୟ ନେଲେ । ଅଚିରେ ରାଜଧାନୀ ଯାଇ ମନ୍ତ୍ରୀ ରୂପେ ଯୋଗଦେଲେ ମଣିଶଙ୍କର ।

ବେତାଳ ମୁହୂର୍ତ୍ତକ ସକାଶେ ଚୁପ୍ ରହି କଣ୍ଠସ୍ୱର ତୀବ୍ର କରି ପ୍ରଶ୍ନ କଲା, ''ରାଜା ! ତପୋଦେବ ରାଜାଙ୍କ ଅଧଃପତନ ଆରମ୍ଭ ନହେଲେ ଭଲ – ଏମିତି ମନ୍ତବ୍ୟ ଦେଲେ କାହିଁକି ? ମଣିଶଙ୍କରକୁ ସେ ଶିଷ୍ୟ ଭାବରେ ଗ୍ରହଣ କରି ଆଶ୍ରମରେ ରଖିଥିଲେ । ତାକୁ ମନ୍ତ୍ରୀ ଭାବରେ ରାଜସଭାକୁ ପଠାଇଦେଲେ ବା କାହିଁକି ? ପାରିଲେ ମୋ ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ଦେବାର ଶକ୍ତିଥାଇ ମଧ୍ୟ ଯଦି ନିରୁତ୍ତର ରହିବ, ତେବେ ତୁମ ଶିର ହେବ ସ୍କନ୍ଧଚ୍ୟୁତ !''

ମୁହୂର୍ତ୍ତେ ମଧ୍ୟ ବିଳମ୍ବ ନକରି ରାଜା ବିକ୍ରମ ଦେଲେ ଉତ୍ତର : ''କ୍ଷମତା ଓ ଉଚ୍ଚାସନର ଏକ ସ୍ୱତଃ ଆକର୍ଷଣ ଶକ୍ତି ରହିଥାଏ । ଜଣେ ସାଧାରଣ କିଂବା କୃପାପ୍ରାର୍ଥୀ ବ୍ୟକ୍ତି ରାଜାଙ୍କ ସମ୍ମୁଖରେ ଅଭିଭୂତ ଅନୁଭବ କରିବ । କିନ୍ତୁ ଜଣେ ସାଧକ ରାଜାଙ୍କୁ ଯଥୋଚିତ ମର୍ଯ୍ୟାଦା ଦେବା ଏବଂ ତାଙ୍କ ସେବା କରିବା ସତ୍ତ୍ୱେ ଅଭିଭୂତ ହେବ ନାହିଁ ବୋଲି ଆଶା କରାଯାଏ । ରାଜାଙ୍କ ଗୁଣକୁ ସେ ଅତିରଞ୍ଜିତ କରିବା ଅନୁଚିତ । ତରୁଣ ରାଜା ଚନ୍ଦ୍ରପ୍ରକାଶ ସୁଶାସକ ଥିଲେ, କିନ୍ତୁ ସୁଶାସନ ପ୍ରବର୍ତ୍ତନ କରିଥିଲେ ତାଙ୍କ ପିତା ରାଜା ଶୁଭଚନ୍ଦ୍ର । ତରୁଣ ରାଜା ପିତାଙ୍କ ଆଦର୍ଶରେ ନିଜ କର୍ତ୍ତବ୍ୟ ପାଳନ କରୁଥିଲେ । ତାହା ଉତ୍ତମ । କିନ୍ତୁ ସଂସାରରେ ତାଙ୍କ ଛଡ଼ା ଆହୁରି ଅନେକ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ଥା'ନ୍ତି ବୋଲି ସମାଜ ତିଷ୍ଠି ରହିଥାଏ । ଚନ୍ଦ୍ରପ୍ରକାଶ ରାଜା ବୋଲି ତାଙ୍କ କର୍ତ୍ତବ୍ୟପରାୟଣତା ବାରି ହୋଇ ପଡୁଥିଲା ।

''କିନ୍ତୁ ସେ ତରୁଣରାଜାଙ୍କ ପୁଣ୍ୟ ଫଳରେ ପ୍ରକୃତିଦତ୍ତ ଫଳମୂଳର ମାଧୁର୍ଯ୍ୟ ବଢ଼ିଯିବ, ଏଭଳି ଭାବିବା ଅବାସ୍ତବ; ଏଭଳି କହିବା ସ୍ତୁତି; ଜଣେ ମାମୁଲି ଲୋକ ଏହା କହିପାରେ, ଜଣେ ଆଶ୍ରମବାସୀ ଏପରି କହିବା ଅନୁଚିତ । ଅବଶ୍ୟ ମଣିଶଙ୍କର ମିଥ୍ୟା କହିବାକୁ ସ୍ଥିର କରି ଏପରି କହି ନାହିଁ । ହଠାତ୍ ଉଚ୍ଛ୍ୱସିତ ହୋଇ କହିଛି । କିନ୍ତୁ ତାହା ଯେ ସେ ଯୁବକର ବାକ୍-ସଂଯମର ଅଭାବ, ଏଥିରେ ସନ୍ଦେହ ନାହିଁ ।

''କିନ୍ତୁ ଗୁରୁ ଜାଣୁଥିଲେ ସେ ଯୁବକ କୁଶଳୀ, ବାକ୍‌ପଟୁ ଏବଂ ବହୁ ସାମାଜିକ ଗୁଣର ଅଧିକାରୀ । ସର୍ବୋପରି ସେ ଆଧ୍ୟାତ୍ମିକତାରେ ବିଶ୍ୱାସୀ । ଅତଏବ ଜଣେ ଉତ୍ତମ ମନ୍ତ୍ରୀ ରୂପେ ସେ ରାଜ୍ୟର ସେବା କରିପାରିବ । ତା'ର ମଧ୍ୟ ସେଭଳି ସାମାଜିକ ଉଚ୍ଚାଭିଳାଷ ଥିଲା ବୋଲି ସେ ବିଶେଷ ଆପତ୍ତି କଲା ନାହିଁ ।

''ତପୋଦେବଙ୍କ ମୃଦୁ ମନ୍ତବ୍ୟର କାରଣ, ନିଜ ସ୍ତୁତିଗାନ ଶୁଣିବା ନିମନ୍ତେ ତରୁଣରାଜାଙ୍କର ମୋହାସକ୍ତି ରହିଛି । ସେ ତ ପୁଣି ନିଜ ଉଦ୍ୟାନରେ ଉତ୍ପାଦିତ ଉତ୍କୃଷ୍ଟ ଫଳମୂଳ ଭକ୍ଷଣ କରୁଥିବେ ! ଯଦି ସେସବୁ ଆହାର ଆଶ୍ରମର ଫଳମୂଳ

ତୁଳନାରେ କମ୍ ମଧୁର, ତେବେ ତାଙ୍କ ମହତ୍ତ୍ୱ ଯୋଗୁଁ ଆଶ୍ରମର ଫଳମୂଳ ଅଧିକ ମଧୁର ହେବ କେଉଁ ଯୁକ୍ତିରେ ?

''ସେ ବୁଝିବା ଏବଂ କହିବା ଉଚିତ ଥିଲା ଯେ ଆଶ୍ରମର ଫଳମୂଳ ଯଦି କୌଣସି ରହସ୍ୟମୟ କାରଣରୁ ଅଧିକ ମଧୁର, ସେ କାରଣ ପୂର୍ବତନ ମହାନ୍ ଗୁରୁ ଯଜ୍ଞଦେବଙ୍କର ତଥା ସ୍ୱୟଂ ତପୋଦେବଙ୍କ ମହତ୍ତ୍ୱ ଓ ବିଭୂତିର ଶୁଭଫଳ ।

''ଯିଏ ନିଜର ଅବାସ୍ତବ ସ୍ତୁତି ଅକାତରେ ଗ୍ରହଣ କରିପାରେ, ତାହା ଭିତରେ ନୀତିଭ୍ରଷ୍ଟ ହେବାର ସମ୍ଭାବନା ନିହିତ ଥାଏ । ଗୁରୁ ତପୋଦେବ ସେହି ଆଶଙ୍କା ବ୍ୟକ୍ତ କରିଥିଲେ ।''

ରାଜାଙ୍କ ମୌନ ଭଙ୍ଗ ହେବା ମାତ୍ରେ ବେତାଳ ତା'ର ଆଧାର ସହ ତାଙ୍କ କାନ୍ଧରୁ ଖସିଯାଇ ପୁନର୍ବାର ବୃକ୍ଷଡ଼ାଳରେ ଝୁଲିପଡ଼ିଲା ।

(ଉତ୍ସ : ସୁପ୍ରାଚୀନ ଲୋକକଥା ।
ନବବିନ୍ୟାସ : ଦେବପ୍ରିୟ) ❑

# ସୁଅ ମୁହଁର ପତର

## ହୃଷୀକେଶ ପଣ୍ଡା

ଯେତେବେଳେ ଏମିତି ହୁଏ
ମୁଁ ପିମ୍ପୁଡ଼ି ପାଲଟିଯାଏଁ
ମଝି ନଈରେ
ବଞ୍ଚିବାର ଥଳକୂଳ ନଥାଏ
ପହଁରୁ ଥାଏ ପ୍ରଖର ସୁଅରେ ।

କାହୁଁ ଭାସି ଆସେ ପତରଟେ
ଟାଣି ନିଏ ନିଜ କୋଳକୁ
ଆଉ ମୁଁ ଅସହାୟ ପିମ୍ପୁଡ଼ି
କେବଳ ଭାସୁଥାଏ ତା'ରି ଭରସାରେ ।

ତୁମେ ସେହି ପତର
ସ୍ରୋତକୁ, ଭଉଁରୀକୁ ସମ୍ଭାଳି
ସମ୍ଭାଳିଥାଅ ମୋତେ
ଅତି ଯତ୍ନରେ ।
ଯେବେ ପତ୍ର ପଠାରେ ଲାଗେ
ମାଟିରେ ପାଦ ଦେବା ମାତ୍ରେ
ମୁଁ ତଟସ୍ଥ ହୋଇ ଚାହିଁ ରହେ
କେବଳ ତୁମକୁ ।

ମୋତେ କୂଳରେ ଛାଡ଼ି
କିପରି ଉବୁଟୁବୁ ହୋଇ
ଭାସି ଚାଲିଥାଅ
ଆଉ କେଉଁ ପିମ୍ପୁଡ଼ିକୁ
ଉଦ୍ଧାର କରିବାକୁ ।

ମୋତେ ଲାଗେ
ସବୁ ଖେଳ ତୁମର
ତୁମେହିଁ ନଈ
ତୁମେହିଁ ସୁଅ
ତୁମେହିଁ ପୁଣି
ସୁଅ ମୁହଁର ପତର ।। ❑

ଶ୍ରୀଅରବିନ୍ଦଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଆମେ ତାଙ୍କ ଶିକ୍ଷାର ଜୀବନ୍ତ ଦୃଷ୍ଟାନ୍ତ ହେବାଠାରୁ ଅଧିକ ଉତ୍ତମ କିଛି କରି ପାରିବା ନାହିଁ ।

ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୭)

## ମହେନ୍ଦ୍ର ନାଥ ସ୍ୱାଇଁ

### ଦିବ୍ୟ-ଶିଶୁର ପ୍ରତିଚ୍ଛବି

ମା' ''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକରେ ଉଲ୍ଲେଖ କରିଥିବା ଶିଶୁର ପ୍ରତିଚ୍ଛବି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଦୃଷ୍ଟି ଆକର୍ଷଣକାରୀ । ମା'ଙ୍କ ପ୍ରାର୍ଥନାର ପୂର୍ଣ୍ଣ ସମର୍ପଣ, ଗୋଟିଏ ଶିଶୁର ସ୍ମୃତି ସହିତ ସମ୍ପର୍କିତ । ଶିଶୁ ପରି ଖଣ୍ଡେ ଧଳା କାଗଜ ଫର୍ଦ ହୋଇଯିବାକୁ ସେ ଇଚ୍ଛା କରିଛନ୍ତି । ତାଙ୍କର ଇଚ୍ଛା ପୁଣି ଶିଶୁଟିଏ ହୋଇ ଜନ୍ମ ହେବା ପାଇଁ । ଶିଶୁ ପରି ସରଳ, ସାଦାସିଧା ଓ ପରିଷ୍କାର ହୋଇଯିବା ପାଇଁ । ଦିବ୍ୟପ୍ରେମର ସରଣିରେ ମା ଯେତେ ଆଗକୁ ଚାଲୁଛନ୍ତି, ସେତେ ତାଙ୍କର ଆସ୍ପୃହା ଜାଗରିତ ହେଉଛି ନବଜାତ ଶିଶୁର ଯେତେକ ଦିବ୍ୟଗୁଣ, ସେସବୁକୁ ନିଜ ଭିତରେ ପ୍ରତିପୋଷଣ କରିବା ପାଇଁ । ଏହାର ସୂଚନା ଅକ୍‌ଟୋବର ୭, ୧୯୧୩ ପ୍ରାର୍ଥନାଟିର ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଅନୁଚ୍ଛେଦରେ ମା ପ୍ରକାଶ କରିଛନ୍ତି । ମା କହୁଛନ୍ତି –

"A new door has opened in my being and an immensity has appeared before me.

I cross the threshold with devotion, feeling hardly worthy yet of entering upon this hidden path, veiled to the sight and as though invisibly luminous within.

All is changed, all is new; the old wrappings have fallen off and the new-born child half-opens its eyes to the shining dawn."

(CWM - 1, p. 33)

''ମୋ ସତ୍ତା ଭିତରେ ଏକ ନୂତନ ଦ୍ୱାର ଉନ୍ମୁକ୍ତ ହୋଇଯାଇଛି ଏବଂ ମୋ ସମ୍ମୁଖରେ ଉପସ୍ଥିତ ଏକ ଅନନ୍ତ ବିସ୍ତୃତି ।

ମୁଁ ଉକ୍ତ ଏରୁଣ୍ଡିବନ୍ଧ ଟପି ଯାଉଛି ଗଭୀର ଭକ୍ତିର ସହ, ତଥାପି ମୁଁ ଅନୁଭବ କରୁଛି ଏ ଲୁକ୍‌କାୟିତ-ପଥରେ ପାଦ ଥାପିବାକୁ, ପ୍ରବେଶ କରିବାକୁ ପ୍ରାୟ ସାମର୍ଥ୍ୟ ପ୍ରାପ୍ତ ହୋଇ ନାହିଁ । ତାହା ଦୃଷ୍ଟିର ଅନ୍ତରାଳରେ ରହିଛି ଏବଂ ଯେପରିକି ଅଦୃଶ୍ୟଭାବେ ଭିତରେ ଆଲୋକ ବର୍ତ୍ତିକାଟିଏ ହୋଇ ଜ୍ୟୋତିଃ ପ୍ରକାଶ କରୁଛି ।

ସବୁ କିଛିରେ ପରିବର୍ତ୍ତନ ଘଟିଛି, ସବୁକିଛି ନୂତନ; ପୁରୁଣା ଖୋଳପାସବୁ ଖସିପଡ଼ିଛି ଏବଂ ନବଜାତ ଶିଶୁଟି ଆସ୍ତେ ଆସ୍ତେ ନିଜର ଚକ୍ଷୁଦ୍ୱୟକୁ ଅର୍ଦ୍ଧ ଉନ୍ମୀଳିତ କରି ଦେଖୁଛି ଅତ୍ୟୁଜ୍ଜ୍ୱଳ ପ୍ରଭାତର ଆଲୋକକୁ ।''

''ଧ୍ୟାନ ଓ ପ୍ରାର୍ଥନା''ର ଅନ୍ତଃସ୍ରୋତରେ ଏକାଧିକବାର ମୃତ୍ୟୁ ଓ ବାରଂବାର ପୁନର୍ଜନ୍ମର କଥା ପ୍ରତିଫଳିତ । ଅଧିକାଂଶ ସ୍ଥାନରେ ମା ଏକ 'କ୍ରମବର୍ଦ୍ଧିଷ୍ଣୁ ସଚେତନତା' (Progressive Awareness) କଥା ଉଲ୍ଲେଖ କରିଛନ୍ତି । ନଭେମ୍ବର ୨, ୧୯୧୨ ପ୍ରାର୍ଥନାଟି ହେଉଛି ''ଧ୍ୟାନ ଓ ପ୍ରାର୍ଥନା''ର ପ୍ରଥମ ପ୍ରାର୍ଥନା । ଏହି ପ୍ରାର୍ଥନାଟି ମା'ଙ୍କର ଲକ୍ଷ୍ୟସ୍ଥଳକୁ ସ୍ଥିର କରି ଦେଇଛି । ସେହି ଲକ୍ଷ୍ୟସ୍ଥଳ ହେଲା ପରମପ୍ରଭୁଙ୍କ ସହିତ ଏକାକାର ହୋଇଯିବା । ଉକ୍ତ ପ୍ରାର୍ଥନାର ପ୍ରଥମ ଅନୁଚ୍ଛେଦର ଶେଷଭାଗରେ ମା କହୁଛନ୍ତି :

''This is the goal that I would reach; towards this victory all my efforts will tend more and more. I aspire for the day when I can no longer say "I", for I shall be *Thou*.''

(CWM - 1, p. 1)

''ଏହାହିଁ ମୋର ଲକ୍ଷ୍ୟସ୍ଥଳ ଯେଉଁଠି ମୋତେ ପହଞ୍ଚିବାକୁ ହେବ; ଏହି ବିଜୟ ଅଭିମୁଖରେ ମୋର ସମସ୍ତ ପ୍ରକାର ପ୍ରଚେଷ୍ଟା ଅଧିକରୁ ଅଧିକ ଭାବରେ ଅଗ୍ରଗତି କରିବାରେ ଲାଗିଛି । ମୁଁ ସେହି ଦିନଟିକୁ ଅଭୀପ୍‌ସା କରୁଛି ଯେଉଁଦିନ ମୁଁ ଆଉ ''ମୁଁ'' ବୋଲି କହିବି ନାହିଁ କାରଣ ସେହିଦିନ ମୁଁ ଆପଣ ହୋଇ ଯାଇଥିବି ।''

ଏହି ଲକ୍ଷ୍ୟସ୍ଥଳ ଆଡ଼କୁ ଯେଉଁ ରାସ୍ତାଟି ଲମ୍ବିଛି ସେଇଟି ମଧ୍ୟ ଏକ ''ଶିଶୁର ନିର୍ଭରଶୀଳତା'' । ମା ତାଙ୍କର ଏହି ଉକ୍ତିଟିକୁ ଉପରୋକ୍ତ ପ୍ରାର୍ଥନାର ଶେଷ ଭାଗରେ ଉଲ୍ଲେଖ କରିଛନ୍ତି ।

ସମର୍ପଣ ପ୍ରକ୍ରିୟାଟି ହେଉଛି ଏକ ଶିଶୁର ଭାବଭଙ୍ଗୀ ସହିତ ସମ୍ପର୍କିତ । ମା କହୁଛନ୍ତି – ''କୌଣସି କଥାରେ ମୁଁ ଆଉ ସଂଘର୍ଷ କରୁ ନାହିଁ; ଏବଂ ମା କୋଳରେ ଥିବା ଶିଶୁଟିଏ ପରି, ଗୁରୁଙ୍କ ପାଦତଳେ ବସିଥିବା ଏକ ନିଷ୍ଠାବାନ୍ ଶିଷ୍ୟଟିଏ ପରି ମୁଁ ଆପଣଙ୍କ ଉପରେ ଗଭୀର ଆସ୍ଥା ସ୍ଥାପନ କରିଛି ଏବଂ ସମର୍ପିତ ହୋଇ ଆପଣଙ୍କ ନିର୍ଦ୍ଦେଶକୁ, ଆପଣଙ୍କ ନିଶ୍ଚିତ ବିଜୟକୁ ଅପେକ୍ଷା କରି ରହିଛି ।'' (ଜାନୁଆରୀ ୪, ୧୯୧୪)

ଶିଶୁର କାର୍ଯ୍ୟକଳାପ, ଭାବଭଙ୍ଗୀ ହେଉଛି ଏକ ରାସ୍ତା ଯେଉଁ ରାସ୍ତା ଦେଇ ପରମ ପ୍ରଭୁଙ୍କ ପାଖରେ ପହଞ୍ଚିହେବ । ଏପରିକି ଗୋଟିଏ ନବଜାତ ଶିଶୁକୁ ମଧ୍ୟ ଏହି ସମ୍ଭାବନାକୁ ଖୋଲି ବାହାର କରିଦେବାକୁ ପଡ଼ିବ । ''ଧ୍ୟାନ ଓ ପ୍ରାର୍ଥନା''ର ପ୍ରତ୍ୟେକ ପ୍ରାର୍ଥନା ହେଉଛି ଏକ ନୂତନ ଜନ୍ମ ଅଥବା ନୂତନ ମୃତ୍ୟୁର ପ୍ରତୀକ । ଜନ୍ମ ଏବଂ ମୃତ୍ୟୁ ଗୋଟିକ ପରେ ଗୋଟିଏ ଆସନ୍ତି ଏବଂ ଯାଆନ୍ତି । ମା ତାଙ୍କ ପ୍ରାର୍ଥନାରେ ବାରଂବାର ତୁଳନାତ୍ମକ କଥା (ଦୁଇଟି କଥା ଭିତରେ) ଉପସ୍ଥାପନ କରିଛନ୍ତି । ''ସୁପରଲେଟିଭ ଡିଗ୍ରୀ''ଟିକୁ ''ସୁପର ଚାଇଲ୍ଡ୍'' ନିମନ୍ତେ ସାଇତି ରଖି ଦେଇଛନ୍ତି; ଏହି ''ଅତିମାନସ ସନ୍ତାନ'' ଜନ୍ମ ହେଲା ମାତ୍ରକେ ମନୁଷ୍ୟ ଏବଂ ଭଗବାନଙ୍କ ଭିତରେ ଥିବା ବ୍ୟବଧାନ ଦୂର ହୋଇଯିବ । ଏହି କଥା ହୃଦୟଙ୍ଗମ କରିବା ପାଇଁ ''ଧ୍ୟାନ ଓ ପ୍ରାର୍ଥନା''ର ପାଠକମାନଙ୍କୁ ଏପ୍ରିଲ ୩, ୧୯୧୪ ପ୍ରାର୍ଥନାଟିକୁ ଅଧ୍ୟୟନ କରିବାକୁ ଅନୁରୋଧ । ଏହି ପ୍ରାର୍ଥନାଟି ଗୋଟିଏ ଶିଶୁର ଚିତ୍ରକଳ୍ପ ଦେଇ ବିବର୍ତ୍ତନର ସୂଚନା ପ୍ରଦାନ କରୁଅଛି । ମା କହୁଛନ୍ତି –

''It seems to me that I am being born to a new life and all the methods, the habits of the past can no longer be of any use. It seems to me that what I thought were results is nothing more than a preparation.... It is as though I were stripped of my entire past, of its errors as well as its conquests, as though all that has vanished and made room for a new-born child whose whole existence is yet to be lived, who has no Karma, no experience to learn from, but no error either which has to be set right.'' (CWM - 1, p. 116)

''ମୋର ମନେ ହେଉଛି ମୋର ନବଜନ୍ମ ହୋଇଛି ଏବଂ ଅତୀତର ଯେତେ ଉପାୟ, ଯେତେ ଅଭ୍ୟାସ ଏଣିକି ଆଉ କୌଣସି କାମରେ ଲାଗିବେ ନାହିଁ । ମୋର ମନେ ହେଉଛି ମୋର ସକଳ ଚିନ୍ତା, ଭାବନା କେବଳ ଏକ ପ୍ରସ୍ତୁତି ମାତ୍ର, ଆଉ କିଛି ନୁହେଁ... ଏପରିକି ମୋର ସକଳ ଅତୀତ – ସେହି ଅତୀତର ଯେତେ ଭୁଲ୍‌ଭ୍ରାନ୍ତି – ପୁନଶ୍ଚ ଏଥିସହିତ ତାହାର ସବୁ ପ୍ରକାର ସଫଳତା – ସବୁକିଛି ମୋଠାରୁ ଅପସରି ଯାଇଛି, ଅର୍ଥାତ୍ ମୁଁ ସେସବୁଥିରୁ ମୁକ୍ତ ହୋଇଯାଇଛି । ଏବଂ ଗୋଟିଏ ନୂତନ ଶିଶୁର ନବଜନ୍ମ ନିମନ୍ତେ ପଥମୁକ୍ତ କରି ଦେଇଛି । ଯେଉଁ ଶିଶୁର ସାମଗ୍ରିକ ସ୍ଥିତି ଏପର୍ଯ୍ୟନ୍ତ ଏଠାକୁ ଆସି ନାହିଁ । ଏଠାରେ ରହିବାକୁ ଏପର୍ଯ୍ୟନ୍ତ ସକ୍ଷମ ହୋଇ ନାହିଁ – ଯାହାର କୌଣସି ଅର୍ଜିତ କର୍ମ ବି ନାହିଁ, କୌଣସି ଅଭିଜ୍ଞତା ନାହିଁ ଯେଉଁଥିରୁ ସେ କିଛି ଶିକ୍ଷାଲାଭ କରିପାରିବ, ପୁନଶ୍ଚ ସେ କିଛି ଭୁଲ୍ କରି ନାହିଁ ଯାହାକୁ ଠିକ୍ କରିବାକୁ ହେବ ।''

ଏପ୍ରିଲ ୩, ୧୯୧୪ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦର ପ୍ରଥମ ଭାଗରେ ମା ଉପରୋକ୍ତ ନୂତନ ଶିଶୁଟିର ନବଜନ୍ମର ଧାରଣାକୁ ସରଳ, ସର୍ବଜନବୋଧ, ବିନମ୍ର ଏବଂ ରାଜକୀୟ ଭାବରେ ପ୍ରକାଶ କରିଛନ୍ତି । ପାଠକମାନେ ଜାଣନ୍ତି ଦିବ୍ୟଜନନୀ ଶ୍ରୀମା'ଙ୍କର ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ସହ ପ୍ରଥମ ସାକ୍ଷାତ୍ ହୋଇଥିଲା ମାର୍ଚ୍ଚ ୨୯ ତାରିଖ ୧୯୧୪ ମସିହାରେ – ଯାହା ମାନବଜାତିର ଆଧ୍ୟାତ୍ମିକ ଇତିହାସରେ ଏକ ବିଶିଷ୍ଟ ଘଟଣା । ଏକ ମାଇଲଖୁଣ୍ଟ । ଉକ୍ତ ଐତିହାସିକ ଘଟଣାର ମାତ୍ର ଚାରିଦିନ ପରେ ମା' ଏପ୍ରିଲ ୩, ୧୯୧୪ ପ୍ରାର୍ଥନାଟି ଲିପିବଦ୍ଧ କରିଛନ୍ତି । ମା' କହୁଛନ୍ତି ମୋର ନବଜନ୍ମ ହୋଇଛି, ଅତୀତର ସମସ୍ତ ଅଭ୍ୟାସ, କୌଶଳ ଆଉ କାମରେ ଲାଗିବେ ନାହିଁ । ଶ୍ରୀଅରବିନ୍ଦଙ୍କ ସହ ଭେଟ ହେବା ପୂର୍ବରୁ ଅର୍ଥାତ୍ ୨୮ ମାର୍ଚ୍ଚ ୧୯୧୪ ପର୍ଯ୍ୟନ୍ତ ସେ ଯାହାସବୁ କରିଛନ୍ତି ସେ ସମସ୍ତର ପରିଣାମ ଏହି ଐତିହାସିକ ''ଭେଟ'' ।

ମା' ତାଙ୍କର ସମସ୍ତ ଅତୀତକୁ ପରିହାର କରିଛନ୍ତି । ଯେତେ ପରାଜୟ, ଯେତେ ବିଜୟ ସବୁ ଅନ୍ତର୍ଦ୍ଧାନ ହୋଇଯାଇଛି । ଏହି ବିଷୟକୁ ପ୍ରକାଶ କରିବାକୁ ଯାଇ ମା କହୁଛନ୍ତି ''I were stripped of my entire past'' ମୋର ସମଗ୍ର ଅତୀତର ଖୋଳପା ଖସିପଡ଼ିଛି, ଫଳରେ ଯେଉଁ ନୂତନ ଆଲୋକଦୀପ୍ତ ଶିଶୁଟି ଜନ୍ମ ନେବ ତା ପାଇଁ ପଥ ପରିଷ୍କାର ହୋଇଯାଇଛି । ନୂଆ ହୋଇ ଜନ୍ମ ହୋଇଥିବା 'ଶିଶୁ'

ଶବ୍ଦର ଅର୍ଥ ଆମେ ଯାହା ବୁଝୁ ମା ସେକଥା କହୁ ନାହାନ୍ତି । ମା ଯାହା ଲେଖୁଛନ୍ତି ବା କହୁଛନ୍ତି ତାହା 'ଶିଶୁ' ଶବ୍ଦର ନୂତନ ସଂଜ୍ଞା । ତାହାହେଲା – ଶିଶୁଟି ଭିତରେ କୌଣସି ପ୍ରଭାବ ନଥାଏ, ଇନ୍ଦ୍ରିୟ ବୋଧ ବା ଜ୍ଞାନ ନଥାଏ, ପୂର୍ବରୁ କୌଣସି ଅନୁଭୂତି ନଥାଏ ଯାହା ତା'ର ଦିବ୍ୟ-ପ୍ରଦୀପ୍ତ ସ୍ୱଭାବକୁ ବିକାରଗ୍ରସ୍ତ କରିଦେବ । କିଛି ଭ୍ରାନ୍ତି ନଥାଏ, ମୋଡ଼ ନଥାଏ ଯାହାକୁ ସଳଖି ଦେବାକୁ ହେବ ।

ମା ଏପରି ଏକ ''ଶିଶୁ''ର କଥା କହୁଛନ୍ତି ଯାହା ପିଠିରେ ''Learner's label'' ବା ''ଶିକ୍ଷାର୍ଥୀର ପରିଚୟ-ପତ୍ର'' ଲଗାଇ ଦିଆଯାଇ ନଥିବ । ଅତୀତର ଯେଉଁ ଧାରଣା କେବଳ ''ପିଲାମାନେହିଁ ପଢ଼ିବେ'' – ''ପିଲାଙ୍କ ପାଇଁ ପାଠଶାଳା ବା ବିଦ୍ୟାଳୟ'' – ତାହା କ'ଣ ସେହିପରି ରହିଥିବ ? କ'ଣ ବଡ଼ମାନେ ପାଠ ପଢ଼ିବାର ଆବଶ୍ୟକତା ନାହିଁ ?

ମା' ଯେଉଁ ନୂତନ ଶିଶୁର ନବଜନ୍ମ କଥା ଉଲ୍ଲେଖ କରିଛନ୍ତି ଏପ୍ରିଲ ୩, ୧୯୧୪ ପ୍ରାର୍ଥନାରେ ଠିକ୍ ସେହି ଜ୍ୟୋତିର୍ମୟ ଶିଶୁମାନଙ୍କ କଥା ପ୍ରଭୁ ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟର ତୃତୀୟ ପର୍ବ ଚତୁର୍ଥ ଅଧ୍ୟାୟ 'ଦିବ୍ୟ ଦୃଷ୍ଟି ଓ ବରଦାନ'ରେ ତାଙ୍କର ସ୍ୱକୀୟ ଅପୂର୍ବ ଭାଷା ତଥା ଶବ୍ଦ ସଂଯୋଜନାରେ ପ୍ରକାଶ କରିଛନ୍ତି । ତାହା ଏହିପରି –

"I saw the Omnipotent's flaming pioneers
Over the heavenly verge which
turns towards life
Come crowding down the amber
stairs of birth;..."

(*Savitri,* P. 343)

''ଦେଖୁଅଛି ମୁହିଁ ସର୍ବ ଶକ୍ତିମାନ୍ ଜ୍ୟୋତିର୍ମୟ ଅଗ୍ରଦୂତ
ସରଗସୀମାକୁ ଅତିକ୍ରମ କରି ଆସନ୍ତି ପ୍ରାଣ ଜଗତ
ଜନମ ଶିଢ଼ିର ରଙ୍ଗିନ ପାବଚ୍ଛେ
ସେମାନେ ଲଗାନ୍ତି ଭିଡ଼
ପ୍ରଭୁଙ୍କ ସୃଷ୍ଟିରେ ଅସଂଖ୍ୟ ସେମାନେ
ଅଗ୍ରଧାବକ ସେ ଦୃଢ଼;...''

ପୁନଶ୍ଚ ସେହି ଦିବ୍ୟ-ଜ୍ୟୋତିର୍ଦୀପ୍ତ ଶିଶୁଗଣ ଗୋଟିଏ ନୂତନ ଯୁଗର ଗୋଧୂଳି ବା ସନ୍ଧିକ୍ଷଣକୁ ଅତିକ୍ରମ କରି ଚାଲି ଆସୁଛନ୍ତି । ଶ୍ରୀଅରବିନ୍ଦଙ୍କ ଅପୂର୍ବ ଭାଷାରେ ସେଇମାନେ ହେଉଛନ୍ତି ଏକ ଚମତ୍କାର ପ୍ରଭାତର ସୂର୍ଯ୍ୟନେତ୍ର ଶିଶୁଗଣ, ମହାନ୍ ଶିଳ୍ପୀ, ସେମାନଙ୍କର ପ୍ରଶସ୍ତ ଭ୍ରୂଲତା ଦ୍ୱୟରେ ତା ନିଶ୍ଚୟତାର ଛାପ, ସଂସାରର ସକଳ ପ୍ରତିବନ୍ଧକକୁ ଭାଙ୍ଗି ଚୂର୍‌ମାର କରି ଦେବାର ଶକ୍ତି, ଭାଗ୍ୟର ନିର୍ଦ୍ଧାରିତ ତାଲିକା ସହିତ ଯୁଦ୍ଧ କରିବାର ମଲ୍ଲ ଯୋଦ୍ଧା, ଦେବତାମାନଙ୍କ ଖଣିର ଶ୍ରମିକ, ସଂଚାରିତ ହୋଇ ନଥିବା ଶବ୍ଦମାନଙ୍କୁ ବହନ କରିଆଣୁଥିବା ଦେବଦୂତ, ସର୍ବୋପରି ସେଇମାନେହିଁ 'ଅମରତ୍ୱର ରୂପକାର' ।

ଏହି ଆଲୋକ-ଦୀପ୍ତ, ସୂର୍ଯ୍ୟନେତ୍ର ଶିଶୁମାନଙ୍କର କଥା ମା ଏତିକିରେ ସାରି ନାହାନ୍ତି । ଏପ୍ରିଲ ୧୦, ୧୯୧୪, ମାର୍ଚ୍ଚ ୪, ୧୯୧୫ ଏବଂ ଡିସେମ୍ବର ୨୬, ୧୯୧୬ ପ୍ରାର୍ଥନାମାନଙ୍କରେ ସେହି ଶିଶୁମାନଙ୍କ କଥା ଅତ୍ୟନ୍ତ ଚମତ୍କାର ଶବ୍ଦମାନଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ତାହା ଏହିପରି –

"I present myself before Thee, O my divine Master, with all the simplicity, all the nudity of a child. ..."

(April 10, 1914)

''ହେ ମୋର ପରମ ପ୍ରଭୁ, ଗୋଟିଏ ଶିଶୁର ସକଳ ପ୍ରକାରର ସରଳତା ଏବଂ ନଗ୍ନତା ନେଇ ମୁଁ ଆପଣଙ୍କ ନିକଟରେ ନିଜକୁ ଉପସ୍ଥାପନ କରୁଛି ।''

ମାର୍ଚ୍ଚ ୪, ୧୯୧୫ ପ୍ରାର୍ଥନାଟିର ଶେଷ ବାକ୍ୟରେ ମା ଏକ ସମ୍ପୂର୍ଣ୍ଣ ନିର୍ଭରଶୀଳ ଶିଶୁଟିଏ ବିଷୟରେ ତାଙ୍କର ଅପୂର୍ବ ଦିବ୍ୟ-ଶବ୍ଦ ବିନ୍ୟାସରେ ପ୍ରକାଶ କରୁଛନ୍ତି –

"But if Thou shouldst withdraw, just a poor child is left, capable only of nestling in Thy arms and sleeping there in the sweet dreamless sleep where nothing else exists but Thou."

(CWM - 1, p. 296)

''ଯଦି ତୁମେ ଚାଲିଯାଅ – ନିଜକୁ ଅପସାରିତ କରି ନିଅ – ତେବେ କେବଳ ଛୋଟ ଶିଶୁଜଣକ ଏକାକୀ ରହିଯିବ, ଯେଉଁ ଶିଶୁଟି ତୁମର ବାହୁ ବେଷ୍ଟନୀ ମଧ୍ୟରେ ନୀଡ଼ହୀନ ପକ୍ଷୀ ଶାବକଟିଏ ପରି ଲାଗିରହି ସ୍ୱପ୍ନହୀନ ନିଘୋଡ଼ ମଧୁର ନିଦରେ ଶୋଇଯିବାର ସାମର୍ଥ୍ୟ ଲାଭ କରିପାରିଛି – ଯେଉଁଠାରେ ତୁମ ବ୍ୟତୀତ ତା'ର ଆଉ କେହି ନାହାନ୍ତି ।''

ଶେଷରେ ଡିସେମ୍ବର ୨୬, ୧୯୧୬ ପ୍ରାର୍ଥନାରେ ମା କହନ୍ତି ପରମ ପ୍ରଭୁଙ୍କର ହୃଦୟର କଥାକୁ ଉଦ୍ଧାର କରି –

*(ଅବଶିଷ୍ଟାଂଶ ପୃଷ୍ଠା ୨୬ରେ ଦେଖନ୍ତୁ)*

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୬)

## ସାହାନା ଦେବୀ

**ସାହାନା :** ଶ୍ରୀଅରବିନ୍ଦ ଦେବ, ''ଜ'' – ପତ୍ରିକାର ସମ୍ପାଦିକା ମୋତେ କ୍ରମାଗତ ଲେଖୁଛନ୍ତି ଲେଖା ଦେବା ପାଇଁ । ତିନି ଖଣ୍ଡ ଚିଠି ପୂର୍ବରୁ ଲେଖିଥିଲେ । ଆପଣଙ୍କର ଅନୁମତି ନେଇ ଗୋଟିଏ କବିତା ପଠାଇଥିଲି । ତା'ପରେହିଁ ମୁଁ ଶୁଣିଲି ଆପଣ ଏବଂ ମା ଉଭୟେ ବାରଣ କରିଛନ୍ତି, ତେଣୁ ଚିଠିପତ୍ରର ଉତ୍ତର ମୁଁ ଆଉ ଦେଇ ନାହିଁ । ଆଜି ପୁଣି ଲେଖିଛନ୍ତି, ଅର୍ଥାତ୍ ସେମାନେ ଲେଖିବା ବନ୍ଦ କରୁ ନାହାନ୍ତି, ଲେଖି ଚାଲିଛନ୍ତି, ଏପରିକି ପାରିଶ୍ରମିକ ଦେବାକୁ ବି ରାଜି ଅଛନ୍ତି । ଲେଖା ଦେବା ପାଇଁ ନୁହେଁ, କିନ୍ତୁ ଭଦ୍ରମହିଳାଙ୍କର ଚିଠିର କୌଣସି ଗୁରୁତ୍ୱ ନ ଦେବାଟା ବା ଦୃଷ୍ଟିକୁ ନ ଆଣିବା ଅଭଦ୍ରାମି ହେଉ ନାହିଁ ତ ? ଆପଣଙ୍କର ସମୟ ନାହିଁ, ନହେଲେ ଲୀଳା ନାଗ୍‌ଙ୍କର ଚିଠିଗୁଡ଼ିକ ଆପଣଙ୍କ ପାଖକୁ ପଠାଇ ଥାଆନ୍ତି । ମୁଁ ଜାଣିବାକୁ ଚାହେଁ ଚିଠିର ଉତ୍ତର ଦେଲେ କ'ଣ ଖୁବ୍ କ୍ଷତି ହେବ ? ''ଜ'' – ପତ୍ରିକାରେ ଦେଖିଲି ସବୁ ସାହିତ୍ୟିକମାନେହିଁ ଲେଖା ଦେଉଛନ୍ତି । ମନେ ହୁଏ ଲେଖା ଦେବା ନଦେବାରେ ଏତେ ବେଶୀ କିଛି ଯାଏ ଆସେ ନାହିଁ ଯେତେଟା ଆମେ ଭାବୁଥିଲୁ । କାହିଁକି ନା ଦେଶର ବିଶିଷ୍ଟ ଲୋକମାନଙ୍କର ଚିଠି ମଧ୍ୟ ସେଥିରେ ଅଛି (ଆପଣ ଦେଖିଲେ ବୁଝି ପାରିଥାଆନ୍ତେ, ଜ୍ୟୋତି ପାଖରେ ଅଛି, ପଠାଇବି ?) । ଯାହା ହେଉ ଚିଠିର ଉତ୍ତର ଦେବା ସମ୍ବନ୍ଧରେ ଆପଣଙ୍କର ମତାମତ ଜାଣିବାକୁ ଇଚ୍ଛା କରେ, ଦୟାକରି ଜଣାଇବେ । ଜ୍ୟୋତି ମଧ୍ୟ ଜାଣିବାକୁ ଚାହୁଁଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୁଁ ଜ୍ୟୋତିର୍ମୟୀକୁ କହିଛି ଚିଠିର ଉତ୍ତର ଦେଇପାରେ ଏବଂ ଏପରି ଭାବେ ଯେମିତି କି ପତ୍ରାଳାପ ଚାଲୁ ରଖାଯାଏ; ଏବଂ ପରେ ଯେପରି ଧୀରେ ଧୀରେ ତାହା ବନ୍ଦ ହୋଇଯାଏ, ତୁମେ ବି ସେହିପରି କରିପାର । (କାହିଁକି ବନ୍ଦ ହେଲା ତା'ର କୌଣସି କାରଣ ନ ଦେଖାଇ) । ଆଶ୍ରମ ଯେଉଁ ପ୍ରକାର ପରିସ୍ଥିତିର ଚାପରେ ରହିଛି, ଭାରତବର୍ଷର ବହୁ ଜନ ପରିଚିତ ବ୍ୟକ୍ତିମାନଙ୍କର ସେପରି ଅବସ୍ଥା ନାହିଁ । ଆମମାନଙ୍କ ପକ୍ଷରେ ମଧ୍ୟ ଏହା ଯଦି କେବଳ ଗୋଟିଏ ବ୍ୟକ୍ତିଗତ ବିଷୟ ହୋଇଥାଆନ୍ତା ତା'ହେଲେ ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ଯଦି ବ୍ରିଟିଶ ଅଥବା ଫରାସୀ ପୋଲିସଙ୍କ ପାଖରୁ ଗୋଟିଏ ରିପୋର୍ଟ ଯାଏ ଯେ ଆଶ୍ରମ ବଙ୍ଗ ଦେଶର ବିପ୍ଳବୀମାନଙ୍କ ସଙ୍ଗରେ ବା ଏକ ପତ୍ରିକା ସଙ୍ଗରେ ସଂଶ୍ଳିଷ୍ଟ ଯାହାକୁ ଚଳାଉଛି ଜଣେ ସନ୍ତ୍ରାସବାଦୀ, ତାହା ହେଲେ ସେଇଟି ଆମମାନଙ୍କ ବିରୋଧରେ ଗୋଟିଏ ତଥ୍ୟ ହୋଇ ରହିବ ରେକର୍ଡ଼ରେ (ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଆମମାନଙ୍କ ସମ୍ବନ୍ଧରେ ଅଭିଯୋଗଶୂନ୍ୟ) ଏବଂ ଭବିଷ୍ୟତରେ କୌଣସି ଗଭର୍ଣ୍ଣର ବା ଏଠାକାର ଶାସନ କ୍ଷମତାରେ ଅଧିଷ୍ଠିତ ଦଳ, ସେମାନେ ଯଦି ଆମମାନଙ୍କର ବିରୋଧୀ ହୋଇ ଉଠନ୍ତି, ତା'ହେଲେ 'ପ୍ୟାରିସ'ର ମନ୍ତ୍ରିମଣ୍ଡଳଙ୍କ ନିକଟରେ ଏହାକୁ ଏକ ରିପୋର୍ଟ ବା ଅଭିଯୋଗ ହିସାବରେ ବ୍ୟବହାର କରାଯାଇପାରେ । ସେ କ୍ଷେତ୍ରରେ ସେ ଗଭର୍ଣ୍ଣର ଅବା କୌଣସି ଦଳ କେବଳ ମାତ୍ର ସେଇ ଟିକକକୁ ଭିତ୍ତି କରି କଲମ ମୁନର ଏକ ଗାରରେ ଆଶ୍ରମକୁ ଉଠେଇ ଦେଇ ପାରନ୍ତି – ଏଠାରେ ଗଭର୍ଣ୍ଣର ହେଉଛନ୍ତି ସର୍ବେସର୍ବା, ଏବଂ ଏଇ ଧରଣର କାର୍ଯ୍ୟ ସେ କରିପାରନ୍ତି କେବଳମାତ୍ର ଏକ ସରକାରୀ ଆଦେଶନାମା ଜାରି କରି । ତେଣୁ ଅନର୍ଥକ ଏପରି ଏକ ତୁଚ୍ଛ କାରଣରେ ଆଶ୍ରମକୁ ବିପଦ୍‌ଗ୍ରସ୍ତ କରିବା ଅନାବଶ୍ୟକ ଯାହା ସହ ଆଶ୍ରମ ବା ତା'ର କାର୍ଯ୍ୟକଳାପର କୌଣସି ସମ୍ବନ୍ଧ ନାହିଁ । ଏଥିପାଇଁ ଏପରି କିଛି ନ କରିବାକୁ ମା ଏତେ ସାବଧାନ ଯାହା ଆମମାନଙ୍କର ବିରୋଧରେ ଶତ୍ରୁପକ୍ଷର ଆବେଦନର ଏକ ଭିତ୍ତିସ୍ୱରୂପ ହୋଇପାରେ ଏବଂ ସେଥିସକାଶେ ସେ ଚାହାନ୍ତି ନାହିଁ ଆଶ୍ରମ ଲୋକମାନଙ୍କ ସହ ଏବଂ ସେଠାକାର ସନ୍ଦେହଭାଜନ କାହାରି ମଧ୍ୟରେ କୌଣସି ପ୍ରକାର ଯୋଗସୂତ୍ର ରହୁ ।''

**ସାହାନା :** ମା ଗୋ, ଗ୍ରାମୋଫୋନରେ ରେକର୍ଡ଼ିଂ ପାଇଁ ଯେଉଁସବୁ ଗୀତ ମୁଁ ଗାଇଛି ତାହା ଆଦୌ ଭଲ ହେଉ ନାହିଁ । କଣ୍ଠସ୍ୱରର ଅବସ୍ଥା ମଧ୍ୟ ଭଲ ନାହିଁ, ଏହା ଛଡ଼ା ଗୀତର ରେକର୍ଡ଼ିଂ ଯେଉଁମାନେ ନେବାକୁ ଆସିଛନ୍ତି ସେମାନଙ୍କର ଧାରଣା ଏହି ଯେ ପୁରୁଣା ଯେଉଁସବୁ ଗୀତ ମୁଁ ସେଠାରେ ଥିବାବେଳେ ଗାଇଥିଲି, ସେଇ ପ୍ରକାରର ସବୁ ଗୀତ ଗାଇଲେ ଭଲ ହୋଇ

ଥାଆନ୍ତା । ମୁଁ ସେମାନଙ୍କୁ କହିଛି, ''ଆପଣମାନେ ଯାହା ଭାବୁଛନ୍ତି ତାହା ହୋଇ ପାରିବ ନାହିଁ, କାହିଁକି ନା ସେସବୁ ଧରଣର ଗୀତ ଗାଇବାକୁ ବର୍ତ୍ତମାନ କୌଣସି ଝୁଙ୍କ୍ ବା ପ୍ରେରଣା ପାଉ ନାହିଁ।'' ଗୀତ ଭଲ ହେଉନି ବୋଲି ମୋର ସେଥିରେ ଦୁଃଖ ନାହିଁ, ତେବେ ଏତେ ଖର୍ଚ୍ଚ କରି କେତେ ଦୂରରୁ ବିଚରାମାନେ ଆସିଛନ୍ତି, ସେମାନଙ୍କର କିଛି କ୍ଷତି ନହେଲେ ମୋତେ ଭଲ ଲାଗି ଥାଆନ୍ତା, ସେହି ଦୃଷ୍ଟିରୁ ଭାବୁଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ଯଦି ଠିକ୍ ସମୟରେ ଆମକୁ ତୁମର କଣ୍ଠସ୍ୱରର ଅବସ୍ଥା ସମ୍ବନ୍ଧରେ ଜଣାଇଥାଆନ୍ତ ତେବେ ରେକର୍ଡ଼ିଂ କରିବାକୁ ଲୋକମାନେ ଆସିବା ପୂର୍ବରୁ ତୁମ କଣ୍ଠସ୍ୱର ଆମେ ଠିକ୍ କରିବାକୁ ଚେଷ୍ଟା କରି ଥାଆନ୍ତୁ । ଏପରିକି ବର୍ତ୍ତମାନ ସୁଦ୍ଧା ଯାହା କିଛି ଅଛି, ତା' ବି ତୁମେ ଯଦି ତୁମର ସେଇ ସ୍ନାୟବିକ ଦୁର୍ବଳତା ଭାବକୁ ଝାଡ଼ିଝୁଡ଼ି ଫୋପାଡ଼ି ଦେଇପାର ଏବଂ ଭିତରୁ ପ୍ରେରଣା ପାଅ ତେବେ କଣ୍ଠସ୍ୱର ପୁଣି ହଠାତ୍ ଫେରି ଆସିପାରେ ଏବଂ ରେକର୍ଡ଼ିଂ କରିବା ଉଦ୍ଦେଶ୍ୟରେ ଯଥେଷ୍ଟ ଦିନ ପର୍ଯ୍ୟନ୍ତ ନିଜର କଣ୍ଠସ୍ୱରକୁ ଅକ୍ଷତ ଅବସ୍ଥାରେ ରଖି ପାରିବ । ପରେ ବିଶ୍ରାମ ଦ୍ୱାରା ଏବଂ କଣ୍ଠ ସ୍ୱରର ଅବସ୍ଥାର ଉନ୍ନତି ସାଧନ ସଙ୍ଗେ ସଙ୍ଗେ ତାହା ମଧ୍ୟ ସ୍ଥାୟୀ ଭାବେ ଆରୋଗ୍ୟ ଲାଭ କରି ପାରିବ ।

**ସାହାନା :** କୌଣସି ଦୂର ସମ୍ପର୍କୀୟ ଆତ୍ମୀୟ ପଠାଇଥିବା ଟଙ୍କାକୁ ଫେରସ୍ତ ଦେବାକୁ ଚାହିଁବାରୁ ଶ୍ରୀଅରବିନ୍ଦ ମୋତେ ଗୋଟିଏ ପତ୍ର ଲେଖିଥିଲେ ।

**ଶ୍ରଅରବିନ୍ଦଙ୍କ ପତ୍ର :** ତୁମ ସହ ତାଙ୍କର ଅତୀତରେ ଥିବା ସମ୍ବନ୍ଧ ଦୃଷ୍ଟିରୁ ଦେଖିଲେ ଏଇ ଟଙ୍କା ଫେରାଇ ଦେବାଟା ଏକ କଷ୍ଟକର ବ୍ୟାପାର, ବିଶେଷ କରି ସେ ଯେତେବେଳେ ଟଙ୍କାଟା ପଠାଇ ଦେଇଛନ୍ତି । କିନ୍ତୁ ତୁମର ଆଶ୍ରମର ହିସାବ ଖାତା ଅନୁଯାୟୀ ଖର୍ଚ୍ଚର ହିସାବ ଦେବା ପରେ ଯାହା ଅଧିକା ପାଉଣା ହେଉଛି ତାହାରି ଆଗୁଆ (advance) ଟଙ୍କା ହିସାବରେ ତୁମେ ଏଇ ଟଙ୍କାକୁ ନେଇପାର । ତୁମର ଟଙ୍କାର ପ୍ରୟୋଜନ ଅଛି ଏହି କଥା କହିବାହିଁ ତୁମର ଭୁଲ୍ – ଫଳରେ ତାଙ୍କର ପଠାଇବାଟା ସ୍ୱାଭାବିକ, କିନ୍ତୁ ଥରେ ଯେତେବେଳେ ପଠାଇଛନ୍ତି, ବର୍ତ୍ତମାନ ଯଦି ତୁମେ ଏହାକୁ ଫେରାଇ ଦିଅ ତେବେ ତାଙ୍କ ଦେବା ଉପହାରଟିକୁ ତାଙ୍କ ମୁହଁ ଉପରକୁ ଫୋପାଡ଼ି ଦେବା ଭଳି ହେବ – ତାହା ଆଦୌ ଭଲ ହେବ ନାହିଁ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

---

*(ପୃଷ୍ଠା ୨୪ ର ଅବଶିଷ୍ଟାଂଶ)*

"Once more Thou hast taken me in Thy omnipotent arms and cradled me on Thy unfathomable heart, and Thy heart said to me, "Torment not thyself at all, be confident like a child: art thou not myself crystallised for my work ?" (CWM - 1, p. 338-339)

''ଆଉ ଥରେ ଆପଣ ମୋତେ ଆପଣଙ୍କର ସର୍ବଶକ୍ତିମାନ୍ ବାହୁ ଯୁଗଳ ମଧ୍ୟରେ ତୋଳି ନେଲ, ଏବଂ କୋଳାଗ୍ରତ କରି ଆପଣାର ଅନନ୍ତ ହୃଦୟର ଝୁଲଣାରେ ଝୁଲାଇଲେ ଏବଂ ଆପଣଙ୍କ ହୃଦୟରୁ ଉତ୍ଥିତ ସ୍ୱର ମୋ କାନରେ କହିଲା, ନିଜକୁ ଆଦୌ କଷ୍ଟ ଦିଅନା, ଶିଶୁଟିଏ ପରି ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଯାଅ : ମୋର କାର୍ଯ୍ୟ ନିମନ୍ତେ ତୁମେ କ'ଣ ମୋର ଏକ ସଘନ (Crystalised) ରୂପ ନୁହଁ ?''

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal

# କର୍ମ ଓ ଯୋଗ

## ନଳିନୀକାନ୍ତ ଗୁପ୍ତ

[ଆଧୁନିକ ଶିକ୍ଷା ବିଶେଷ ଭାବରେ ମାନସିକ ଶିକ୍ଷା, ତାହା ବ୍ୟକ୍ତିବିଶେଷର ଜୀବିକାର୍ଜନର ଉପାୟ ବତାଉଛି । ବିଶେଷ ଧରଣର କାମ ଲାଗି ବିଶେଷ ପ୍ରଶିକ୍ଷଣ ମଧ ରହିଛି । ଏଇସବୁ ଦେଖି ଆଧୁନିକ ମାନବ ମନରେ ଧାରଣା ଆସିଛି ଯେ ଭକ୍ତି, ଶ୍ରଦ୍ଧା, ଯୋଗ-ସାଧନା ଏଗୁଡ଼ିକ କେବଳ ଅନ୍ତର୍ଜୀବନ ଲାଗି, ସଂସାରବିମୁଖ ଲୋକମାନଙ୍କ ଲାଗି, ବାହ୍ୟ କର୍ମକ୍ଷେତ୍ରରେ ଏସବୁର ଆବଶ୍ୟକତା କ'ଣ ? ଫଳରେ ଏବେ ଦେଖାଯାଉଛି ଛାତ୍ରଛାତ୍ରୀଗଣ ଅନ୍ତଃସାରଶୂନ୍ୟ ହୋଇଯାଉଛନ୍ତି । ଆତ୍ମାନୁସନ୍ଧାନ ବା ଭଗବତ୍ ଭାବଠାରୁ ଦୂରେଇ ଯାଉଛନ୍ତି, ସେମାନେ କେବଳ ଚେତନାର ଉପରି ସ୍ତରରେହିଁ ବାସ କରୁଛନ୍ତି ।

ଏଠାରେ ପ୍ରବୀଣସାଧକ ନଳିନୀକାନ୍ତ ମନୁଷ୍ୟର ସ୍ୱଭାବକୁ ତିନିଗୋଟି ସ୍ତରରେ ଭାଗକରି ସେଥିରେ କର୍ମଜୀବନ ସେଇ ତିନିଟି ସ୍ତରରୁ କିପରି ପରିଚାଳିତ ହେଉଛି ତାହା ଦେଖାଇଛନ୍ତି । ଏହି ତିନିଗୋଟି ସ୍ତରର କର୍ମ କେମିତି ପରସ୍ପରର ପରିପୂରକ ହେବ, ସର୍ବଶେଷରେ ଯୋଗଶକ୍ତି ଓ ତପଃଶକ୍ତି କେମିତି ଅନ୍ୟ ଦୁଇ ସ୍ତରକୁ ଆହୁରି ପରିପୂର୍ଣ୍ଣ ଓ ସଂଗଠିତ କରିପାରିବ ତାହା ଉଲ୍ଲେଖ କରି ଶିକ୍ଷା ଓ ଯୋଗ ଭିତରେ ପାର୍ଥକ୍ୟ କ'ଣ ଏବଂ ଅଧ୍ୟାତ୍ମ-ମାର୍ଗରେ ରହି ମଧ ବିଦ୍ୟାର୍ଜନ, କବିତ୍ୱ-ଶକ୍ତିର ବର୍ଦ୍ଧନ ତଥା ଯୁଦ୍ଧ ଭଳି ଘୋରକର୍ମକୁ ମଧ ଉନ୍ନତ ଧରଣର କରିହେବ – ସେ ସମସ୍ତ ଆଲୋଚନା କରିଛନ୍ତି । ଆତ୍ମାନୁଚିନ୍ତନ ଓ ଭଗବତ୍ ଅନୁସରଣ ଶିକ୍ଷାର ଉଦ୍ଦେଶ୍ୟକୁ ସଫଳ କରିବ ଏବଂ ଯୋଗ ଶକ୍ତିକୁ ଆମ କର୍ମଜୀବନରେ ଅନୁପ୍ରବେଶ କରାଇବ, ପ୍ରବୀଣ-ସାଧକଙ୍କ ରଚନାରୁ ତାହାହିଁ ଅନୁଧ୍ୟାନ କରିବା । - ଅନୁବାଦିକା]

ସାଧନା କାହିଁକି ଦରକାର ? ଭଗବାନ୍ ଯାହା ଇଚ୍ଛା କରିବେ, ତାହା କେବେ ନିଷ୍ଫଳ ହେବାର ନୁହେଁ; ସେ ଯାହା ଚାହିଁବେ ତାହା ନିଶ୍ଚୟ ଘଟିବ । ସେ ଯାହା ଚାହାନ୍ତି ନାହିଁ, ଶହେ ଥର ମୁଣ୍ଡ ପିଟିଲେ ବି ସେ ଜିନିଷଟି ହେବାର କଥା ନୁହେଁ । ଆମ ଭିତରେ ଯଦି କିଛି ସାର ପଦାର୍ଥ ଥିବ, ତାହା ଅବଶ୍ୟ ଫୁଟି ବାହାରିବ; ଜଗତରେ ଆମର ଯଦି କିଛି କରିବାର ଥିବ, ତାହା ଆମ ଦ୍ୱାରା ହୋଇଉଠିବ । ସେଥିପାଇଁ ଏତେ ପ୍ରୟାସ, ଏତେ ପରିଶ୍ରମ, ଏତେ ଗଳଦ୍‌ଘର୍ମ ହେବାର କିଛି ଦରକାର ଅଛି କି ? ଅନ୍ତରର ଶକ୍ତି ତ ଆଉ ବାହାରର ଉପକରଣ ନୁହେଁ ! ନେପୋଲିଅନ୍ ବା ଆଲେକ୍‌ଜାଣ୍ଡର ଆମ ଭଳି କ'ଣ କୃଚ୍ଛ୍ରସାଧନା କରିଛନ୍ତି ? ସେମାନେ କ'ଣ ଚେଷ୍ଟା କରି ଶକ୍ତି ଆହରଣ କରିଛନ୍ତି ? ଉତ୍ତରରେ ଏକଥା ସ୍ୱୀକାର କରିବା ଯେ ଆଲେକ୍‌ଜାଣ୍ଡର ବା ନେପୋଲିଅନ୍‌ଙ୍କ କ୍ଷେତ୍ରରେ ଯେ ଦ୍ୱନ୍ଦ୍ୱ, ସଂଘର୍ଷ ଆଦି ଆସି ପହଞ୍ଚି ନାହିଁ – ସେ କଥା ଠିକ୍ ନୁହେଁ । ସେମାନଙ୍କୁ ମଧ ସାଧନା କରିବାକୁ ପଡ଼ିଛି । କେବଳ କର୍ମୀମାନଙ୍କ କ୍ଷେତ୍ରରେ ନୁହେଁ, କବିମାନଙ୍କ କ୍ଷେତ୍ରରେ ବି ଏକଥା ପ୍ରଯୁଜ୍ୟ ହେବ; ଯଦିଓ କୁହାଯାଏ ଯେ କବି ଜନ୍ମସିଦ୍ଧ ବୋଲି, ତଥାପି ସେମାନଙ୍କର ବି ସାଧନା ଅଛି, କୌଣସି କବି ଏହାକୁ ଏଡ଼ାଇ ପାରିଛନ୍ତି ବୋଲି ମନେହୁଏ ନାହିଁ । ଋତୁସଂହାରର କାଳିଦାସ କେମିତି ଶକୁନ୍ତଳାର କାଳିଦାସ ହେଲେ, 'ଭିନସ୍ ଓ ଆଡୋନିସ୍'ର ସେକ୍ସପିୟର କେମିତି ହ୍ୟାମ୍‌ଲେଟ୍‌ର ସେକ୍ସପିୟର ହେଲେ ?– କବି ହୃଦୟର ସେଇ ଇତିବୃତ୍ତି ଆମକୁ ଜଣା ନ ଥିଲେ ବି ଆମେ ସହଜରେ ଅନୁମାନ କରିନେଇ ପାରିବା ଯେ ସେମାନଙ୍କର ବି ସାଧନା ଥିଲା । ତେବେ ପ୍ରଶ୍ନ ଉଠିପାରେ ଯେ ଆମଭଳି ସେମାନେ ଯୋଗସାଧନା କରିଥିଲେ କି ? ଶକ୍ତି ପାଇବା ସକାଶେ ସେମାନେ କ'ଣ ଅଧ୍ୟାତ୍ମ-ତତ୍ତ୍ୱ ନେଇ ମୁଣ୍ଡ ଖେଳାଇଛନ୍ତି ? ଜଗତ୍ ସଂସାରଠାରୁ ଅଲଗା ହୋଇ ଯେଉଁମାନେ ପାରଲୌକିକ ଭଗବାନଙ୍କ ମଧରେ ବା ନିର୍ବାଣ ମଧରେ ବୁଡି ରହିବାକୁ ଚାହାନ୍ତି, ସେମାନଙ୍କ ପାଇଁ ଯୋଗ-ସାଧନା କରିବାର ସାର୍ଥକତା ବୁଝିହୁଏ; ସାଧୁ ଯେ ଯୋଗୀ ହେବାକୁ ଚାହାନ୍ତି, ତାହା ସ୍ୱତଃସିଦ୍ଧ କଥା । ମାତ୍ର ଆମଭଳି ଲୋକ ଯେଉଁମାନେ ନାମକରା କର୍ମୀ ହେବାକୁ ଚାହାନ୍ତି, ଯେଉଁମାନଙ୍କର ଲକ୍ଷ ସେକ୍‌ସପିୟର ବା ନେପୋଲିଅନ୍‌ଙ୍କ ଭଳି କିଛି ଗୋଟାଏ ହୋଇଉଠିବାକୁ କିଂବା କିଛି ଐହିକ କର୍ମ ସମ୍ପାଦନ କରିବାକୁ, ସେଭଳି ଲୋକ କି ହେତୁ ଅଧ୍ୟାତ୍ମ-ଚର୍ଚ୍ଚା କରିବ, ବା ଅଧ୍ୟାତ୍ମ ଚର୍ଚ୍ଚା ଓ ଯୋଗସାଧନା ଆଦି ତା'ର କେଉଁ କାମରେ ଲାଗିବ ?

କୌଣସି କର୍ମର ପ୍ରେରଣା ଓ ତାହାକୁ ଉଦ୍‌ଯାପନ କରିବାର ପ୍ରତିଭା, ଏଦୁଇଟି ଜିନିଷ ଯଦି କାହାରି ଭିତରେ ଥାଏ ତେବେ ଜୀବନରେ ତଥା କର୍ମରେ ସେସବୁର ବିକାଶ ଆପଣାଛାଏଁ ଘଟିବ; ଏଦୁଇଟି ଜିନିଷ ଜନ୍ମରୁ କାହାକୁ କାହାକୁ ମିଳିଥାଏ । ଧର ବା ଯଦି କାହା ଭାଗ୍ୟରେ ଜୁଟି ନଥାଏ ଆଗରୁ, ଏଦୁଇଟିକୁ ଆହରଣ କରାଯାଇ ପାରିବ ନାହିଁ । ଯାହାର ଭାଗ୍ୟରେ ଏଦୁଇଟି ରହିଛି, ସେଥିପାଇଁ ଯେଉଁ ଚେଷ୍ଟା ବା ଚର୍ଚ୍ଚା କରାଯାଇଥାଏ, ତାହା ଶକ୍ତିବିକାଶର କାରଣ ନହୋଇପାରେ, ବରଂ ଖାଲି ଏକ ଅନୁକୂଳ ଆନୁଷଙ୍ଗିକ ଅବସ୍ଥା ହୋଇପାରେ ମାତ୍ର । ପୁନଶ୍ଚ ସେଇ ଚେଷ୍ଟା ବା ଚର୍ଚ୍ଚା — ଅର୍ଥାତ୍ ଯେଉଁ ବିଷୟଟି ଆମର ଲକ୍ଷ୍ୟ, ସେଇଟିକୁ ନେଇ କରାଯିବା ଦରକାର, ତାକୁହିଁ କେନ୍ଦ୍ର କରି କରାଯିବା କଥା, ସେଥିପାଇଁ ବିଷୟାତିରିକ୍ତ ସୁଦୂର ଅଧ୍ୟାତ୍ମରାଜ୍ୟ ଭିତରେ ବୁଡିଯିବା କିଂବା ସେଥିରେ ଲୀନ ହୋଇଯିବାର କୌଣସି କାରଣ ତ ଦେଖାଯାଉ ନାହିଁ ଅବା ସେଥିର କିଛି ସାର୍ଥକତା ଅଛି କି ?

ଆଚ୍ଛା, ଆମେ ମାନିନେଲୁ ଯେ କର୍ମୀ ନେପୋଲିୟନ୍ ବା କବି ସେକ୍‌ସପିୟର ଯୋଗ-ସାଧନା କରି ନାହାନ୍ତି, କିନ୍ତୁ ଅର୍ଜୁନ ତ କରିଛନ୍ତି, ଶିବାଜି ମଧ୍ୟ କରିଛନ୍ତି । କବି-ଲେଖକଙ୍କ ମଧ୍ୟରେ କେହି କ'ଣ ସାଧନା କରି ନାହାନ୍ତି ? ବ୍ୟାସ, ବାଲ୍ମିକି ଥିଲେ ଋଷି, ମହାଯୋଗୀ । ଅଧୁନାତନ କାଳର ତୁଳସୀଦାସ ବି ପରମ-ସାଧକ ଥିଲେ, ଏକଥା ଆମେ ଜାଣୁ । ଏହାର ଉତ୍ତରରେ ତୁମେ କହିପାର ଭାରତର କର୍ମିଗଣ ପ୍ରାୟଶଃହିଁ ଏକାଧାରରେ କର୍ମୀ ଓ ଯୋଗୀ ଥିଲେ ଅବଶ୍ୟ, ତେବେ ସେଥିରେ ବଡ଼ କଥା କ'ଣ ? ବିଶେଷ ପାର୍ଥକ୍ୟ ବା କେଉଁଠି ? କ'ଣ ଯୋଗୀ ହୋଇ ଭାରତର କବି ସେକ୍‌ସପିୟରଙ୍କୁ ବଳି ଯାଇଛନ୍ତି ? କର୍ମୀ ହିସାବରେ ନେପୋଲିଅନ୍ ବା ସିଜର୍ ପ୍ରାକୃତ-ସ୍ୱଭାବ-ପ୍ରଣୋଦିତ ହୋଇ ମଧ୍ୟ କ'ଣ ଆସ୍ତିକ୍ୟ ବୁଦ୍ଧିସମ୍ପନ୍ନ ଶିବାଜିଙ୍କ ଅପେକ୍ଷା ନିମ୍ନକୋଟୀର ?

ତେବେ ଆହୁରି ସ୍ପଷ୍ଟ କରି ପଚରାଯାଇପାରେ ଯେ କର୍ମ ଉପରେ ଯୋଗର କ'ଣ ସତରେ କିଛି ପ୍ରଭାବ ରହିଛି ? ମୁଁ ଦେଶକୁ ସ୍ୱାଧୀନ କରିବାକୁ ଚାହେଁ ବା କବି ହେବାକୁ ଚାହେଁ କିଂବା ମୁଁ ଏଦୁଇଟି ଯାକ ଚାହେଁ ନାହିଁ ଅଥଚ ଏ ଦୁଇଟି ପ୍ରେରଣା ମୋ ଭିତରୁ ଫୁଟି ବାହାରିବାକୁ ମୁଣ୍ଡ ଟେକୁଛି । ସେଭଳି କ୍ଷେତ୍ରରେ ଯୋଗସାଧନା ମୋର କ'ଣ କାମରେ ଲାଗିବ, କି ବିଶେଷ ସାହାଯ୍ୟ ମୋତେ ସେଥିରୁ ମିଳିବ ? ଯାହା ଅନ୍ୟମାନେ ସ୍ୱାଭାବିକ କ୍ରମବିକାଶର ସହଜାତ ଶକ୍ତିଗୁଡ଼ିକର ପୁଷ୍ଟି ଦ୍ୱାରା ଲାଭ କରି ପାରିଛନ୍ତି, ସେଇ ଜିନିଷ ପାଇଁ ମୋତେ ଯୋଗସାଧନାର ଆଶ୍ରୟ ନେବାକୁ ପଡ଼ିବ କାହିଁକି ? ହୁଏତ ଏପରି ବି ହୋଇପାରେ ଯେ ମୁଁ ଯୁଗପତ୍ କର୍ମୀ ବୋଲାଇବାର ଆନନ୍ଦଟିକୁ ତଥା ଯୋଗୀ ହେବାର ଆନନ୍ଦଟିକୁ ଏକାଠି ଭୋଗ କରିବାକୁ ଇଚ୍ଛା କରୁଛି । ତେବେ, ସେ ବିଷୟ ବର୍ତ୍ତମାନ ପାଇଁ ସ୍ଥଗିତ ରଖି କେବଳ ଏଇ ପ୍ରଶ୍ନଟି ଆଖିରେ ରଖିବା ଯେ କର୍ମ ସମ୍ପାଦନ ଲାଗି ଯୋଗର ନିହାତି ଦରକାର ଅଛି କି ଅବା କର୍ମ କ୍ଷେତ୍ରରେ ଯୋଗର ଆବଶ୍ୟକତା କେଉଁଠି ?

କର୍ମୀ ଦୁଇ ପ୍ରକାର : ସଜ୍ଞାନ କର୍ମୀ ଓ ଅଜ୍ଞାନ କର୍ମୀ । ଭଗବାନ୍ ଜଣକ ଭିତରେ ଜାଗ୍ରତ୍ ରହି କାମ କରୁଛନ୍ତି, ଅନ୍ୟ ଜଣକ ଭିତରେ ଲୁଚି-ଛପି ଯବନିକାର ଅନ୍ତରାଳରେ ରହି କାମ କରୁଛନ୍ତି । ତାଙ୍କ ହାତରେ ସମସ୍ତେ ଯନ୍ତ୍ର, କେହି ଏକଥା ବୁଝିଥାଏ, ଆଉ କେହି ଏକଥା ବୁଝି ନଥାଏ, ଜଣକର ବୋଧରେ ଆସିଥାଏ, ଆଉ ଜଣେ ଏହା ବୋଧ କରି ପାରନ୍ତି ନାହିଁ; ଗୀତାର ଭାଷାରେ କହିଲେ ଜଣେ କର୍ମୀ ହୋଇପାରେ ସ୍ଥିତପ୍ରଜ୍ଞ, ଅନ୍ୟ ଜଣକ ହୋଇପାରେ ପ୍ରମତ୍ତ । ଭଗବାନଙ୍କ ଶକ୍ତି ଦୁଇ ଧରଣର କର୍ମୀଙ୍କ ମଧ୍ୟରେ ସମାନ ଭାବରେ ଖେଳିପାରେ, ଏପରିକି ଜଣେ 'ପ୍ରମତ୍ତକର୍ମୀ' ବୃହତ୍ତର ଶକ୍ତିର ଧାରକ ବି ହୋଇ ପାରିଥା'ନ୍ତି । ତେବେ କର୍ମ ଦୁଇଟିର ଧାରା ଅଲଗା ଅଲଗା, ଭଙ୍ଗିମା ବି ଭିନ୍ନ ଭିନ୍ନ, ଫଳ ମଧ୍ୟ ବିଭିନ୍ନ ଓ ପୃଥକ୍ । ସ୍ଥିତପ୍ରଜ୍ଞ ଭାବରେ ସଂଯୁକ୍ତ ରହିଥାଏ, କିଛି ପରିମାଣରେ ଦେବ-ଭାବ, ଶାନ୍ତି, ଶୁଦ୍ଧି ଓ ଜ୍ୟୋତିଃ । ପ୍ରମତ୍ତର କର୍ମରେ ରହିଥିବ ଚାଞ୍ଚଲ୍ୟ ଓ ମଳିନତା । ପ୍ରଥମଟିର ଶକ୍ତି ସଂଯତ ଓ ସଂହତ, କେଉଁଠି କିଛି ଅପଚୟ ବା ବୃଥା ବ୍ୟୟ ନାହିଁ — ଅନାବଶ୍ୟକ କ୍ଷୟ ନାହିଁ; ଲକ୍ଷ୍ୟ ଓ ଉପାୟ ମଧ୍ୟରେ କେଡ଼େ ସୁନ୍ଦର ପୂରାପୂରି ଠିକ୍ ସାମଞ୍ଜସ୍ୟ । ପରବର୍ତ୍ତୀ କର୍ମଟିରେ ଶକ୍ତି କେତେ ବିକ୍ଷିପ୍ତ, ଏପରିକି ଏଇ ପ୍ରକାର ଶ୍ରେଷ୍ଠ କର୍ମବୀରମାନଙ୍କ ମଧ୍ୟରେ ବି ଯେଉଁମାନଙ୍କୁ ଗଣ୍ୟମାନ୍ୟ କୁହାଯାଏ, ତାଙ୍କଠି ବି କେତେ ଅବାନ୍ତର, ଅପ୍ରୟୋଜନୀୟ ବ୍ୟୟ ଲକ୍ଷ୍ୟ କରିଥାଉ । ସେ କ୍ଷେତ୍ରରେ ସମସ୍ତ ଶକ୍ତିର ଅତି ସାମାନ୍ୟ ମାତ୍ରହିଁ ପ୍ରକୃତ ଉଦ୍ଦେଶ୍ୟ ସାଧନରେ ସହାୟକ ହୋଇଥାଏ ! ପୁଣି ଶେଷୋକ୍ତ କର୍ମରେ କେତେ ପରିମାଣରେ 'ବିକର୍ମ' ମିଶି ଯାଇଥାଏ ଯାହାର ପ୍ରତିକ୍ରିୟା ଓ ପରିଣାମର ଫଳ ଆମକୁ ଭୋଗ କରିବାକୁ ପଡ଼େ । ଅଥଚ ପ୍ରଥମ କର୍ମରେ ବିକର୍ମ ବୋଲି କିଛିହିଁ ନାହିଁ, ବରଂ

କର୍ମୀର ଅନ୍ତରରେ ରହିଥାଏ କର୍ମହୀନତା ଅର୍ଥାତ୍ ଅକର୍ମ – ଯାହାର ନା ଅଛି ପ୍ରତିକ୍ରିୟା, ନା ଅଛି କୌଣସି ଦାଗ ବା ଚିହ୍ନ; ସେଥିଯୋଗୁଁ କିଛି ଫଳ ଭୋଗ କରିବାକୁ ପଡ଼େ ନାହିଁ । ମତ୍ତ କର୍ମୀର ବି ପ୍ରୟୋଜନ ରହିଛି, ସମୟ ସହିତ ଯୁଗଧର୍ମର ଆବଶ୍ୟକତା ଅନୁସାରେ ବେଳେବେଳେ ଭଗବାନଙ୍କୁ ଆସୁରୀ ବିଭୂତିର ଆଶ୍ରୟ ନେଇ ଆବିର୍ଭୂତ ହେବାକୁ ପଡ଼ିଥାଏ । କିନ୍ତୁ ସେଇସବୁ ଜିନିଷ ସାଙ୍ଗରେ ଆସୁରୀ ଭାବର ଯାବତୀୟ ଆନୁଷଙ୍ଗିକ ମଇଳା, ଆବର୍ଜନା, କେତେ କ'ଣ ସ୍ୱଳ୍ପତା, ଖଣ୍ଡିତତା ବି ସ୍ୱୀକାର କରିବାକୁ ପଡ଼ିଥାଏ ତାଙ୍କୁ । ପ୍ରମତ୍ତ କର୍ମୀର ଭିତର ଦେଇ ଭଗବାନ୍ ତାଙ୍କର ଉଦ୍ଦେଶ୍ୟ ସିଦ୍ଧ କରି ନିଅନ୍ତି । ଯନ୍ତ୍ର ଯେପରି ହେଉ ନା କାହିଁକି, ତାକୁ କେମିତି ବ୍ୟବହାର କରିବାକୁ ହେବ, ସେକଥା ସେଇ କୁଶଳୀ ଯନ୍ତ୍ରୀଙ୍କୁ ଜଣା । ତାଙ୍କ କାମର ଉଦ୍ଦେଶ୍ୟଟି ସମ୍ପାଦିତ ହୁଏ, ମାତ୍ର ଉଦ୍ଦେଶ୍ୟଟି ପୂରଣ ହେବା ସଙ୍ଗେ ସଙ୍ଗେ ସେଇ ଯନ୍ତ୍ରଟିକୁ ସେ ଭାଙ୍ଗି ପକାନ୍ତି । ଯେତେବେଳ ଯାଏଁ ତାଙ୍କର କାମ ରହିଛି, କାଳପୁରୁଷ ସେଇ ଯନ୍ତ୍ରଟିକୁ ମୁଣ୍ଡ ଉପରେ ବସାଇଥା'ନ୍ତି, କାମ ଶେଷ ହେଲେ ପାଦ ତଳେ ପକାଇ ଚୂର୍ମାର କରିଦିଅନ୍ତି । ଆଲେକ୍‌ଜାଣ୍ଡରଙ୍କର କ'ଣ ଘଟିଲା ?– ଅକାଳମୃତ୍ୟୁ ଏବଂ ନେପୋଲିୟନ୍‌ଙ୍କର ସେଣ୍ଟ୍‌ହେଲେନାରେ ବନ୍ଦି ଦଶା ! ଜୁଲିଅସ୍ ସିଜର ଏକ ବିରାଟ ବିଭୂତି, ତାଙ୍କର ଘଟିଲା ଅପମୃତ୍ୟୁ । କିନ୍ତୁ ଦେଖ ଶ୍ରୀକୃଷ୍ଣଙ୍କୁ, ଭୀଷ୍ମଙ୍କୁ ସେମାନଙ୍କ ପାଖରେ ପ୍ରକୃତି ତାହାର ଅନ୍ତିମ ଅବ୍ୟର୍ଥ ଦାବିଟିକୁ ଆଦାୟ କରିପାରି ନାହିଁ । ସେମାନଙ୍କର ଘଟିଛି ଇଚ୍ଛା ମୃତ୍ୟୁ – 'ଯୋଗେନାନ୍ତେ ତନୁତ୍ୟଜାମ୍' ।

'ଅପ୍ରମତ୍ତ' ଯେଉଁ କର୍ମୀ ତାହାର କର୍ମ ସୁଦୂର ଭବିଷ୍ୟତରେ ବି ସଫଳତାର ସହ ସଂଗ୍ରଥିତ, ଅନନ୍ତ କାଳର କେଉଁ ଏକ ସାର୍ଥକତା ପୂରଣ କରିବା ଉଦ୍ଦେଶ୍ୟରେ ତାହା ନିୟୋଜିତ; ଭୂତ-ଭବିଷ୍ୟତ୍-ବର୍ତ୍ତମାନର ଭିତର ଦେଇ ଭଗବାନଙ୍କର କର୍ମଶକ୍ତିର ଆବେଗ ଯେପରି ଭାବରେ ବହି ଚାଲିଛି, ସେହି ମୌଳିକ ଆବେଗକୁ ଉପ୍‌ଚିତ କିଂବା ଉଦ୍ଧିତ କରି ସଜ୍ଞାନରେ ତାହାର ସହାୟକ ହୋଇ, ସେସବୁକୁ ପରିପୂର୍ଣ୍ଣ କରି ସେ କର୍ମଟି ଭାବୀକାଳ ଦିଗରେ ଆଗେଇ ଚାଲିଛି । ସେ କ୍ଷେତ୍ରରେ 'ପ୍ରମତ୍ତକର୍ମୀ' ହେଉଛନ୍ତି ବର୍ତ୍ତମାନର, ବର୍ତ୍ତମାନକୁ ନେଇ ତାଙ୍କର ପୂର୍ଣ୍ଣତା – ସାମୟିକ ଅଭାବ ପୂରଣ ପାଇଁ ତାଙ୍କର ଆଗମନ ଅବା ଆବିର୍ଭାବ, ସନାତନଙ୍କ ଉପରେ ତାଙ୍କର ପ୍ରଭାବ ଗୌଣ ହିସାବରେ ମାତ୍ର । ଆଲେକ୍‌ଜାଣ୍ଡରଙ୍କୁ ଗ୍ରୀସ୍ କ'ଣ ଦେଇଛି, ତାହାର ଅସ୍ତିତ୍ୱ ଏବେ କାହିଁ ? ସିଜରଙ୍କ ରୋମ୍ ଏବେ ଅଛି କି ? ନେପୋଲିୟନଙ୍କର ଫରାସୀ ଦେଶ ଆଜି କ'ଣ ସେମିତି ଅଛି ? ଜଗତ୍ ଭଣ୍ଡାରକୁ ଏଗୁଡ଼ିକର ଅବଦାନ ଏବେ ଯେ ଆଉ ନିର୍ଦ୍ଦେଶ କରାଯାଇ ପାରିବ ନାହିଁ, ସେକଥା କହୁ ନାହୁଁ, ମାତ୍ର ସେଗୁଡ଼ିକର ଦାନ କେତେ ତଳକୁ ଖସିଗଲାଣି, ଆଜି ତାହା ସମସ୍ତଙ୍କର ଆଖିରେ ପଡ଼ୁଛି କି ନାହିଁ ସନ୍ଦେହ । ଆଉ ତୁଳନା କର ଭାରତବର୍ଷ ସହିତ, ଭାରତ-ଜାତି ସହିତ ସେସବୁ ଦେଶକୁ, ଜାତିକୁ – ସେ ଦେଶ, ସେ ଜାତି ଜୀର୍ଣ୍ଣ, ପତିତ, ସର୍ବାପେକ୍ଷା ପ୍ରାଚୀନ ପୁରାତନ ହୋଇ ମଧ ଏବେ ବି ତାହା ଭିତରେ କି ଅପରୂପ ପ୍ରତିଭା ଖେଳୁଅଛି; କାହିଁକି ? କାରଣ ଭାରତର କର୍ମଗୁରୁ ଥିଲେ ରାମ, କୃଷ୍ଣ, ଅର୍ଜୁନ, ଶିବାଜି । ପ୍ରମତ୍ତର ଶକ୍ତି ଯେମିତି ବିପୁଳ କର୍ମଜାଲ ସୃଷ୍ଟି କରି ଚାଲିଥାଏ, ଅନ୍ୟ ଦିଗରେ ସେହି ଶକ୍ତି ସେମିତି ନିଜକୁହିଁ ଗ୍ରାସ କରିବାରେ ଲାଗିଥାଏ । ଅଥଚ ସ୍ଥିତଧୀ, ସ୍ଥିତପ୍ରଜ୍ଞଙ୍କର କର୍ମ ଆପଣା ଉପରକୁ ଫେରି ଆସେ ନାହିଁ ବା ଓଲଟି ଚାପି ବସେ ନାହିଁ; ସେ ଚାଲୁଥାଏ ସମ୍ମୁଖ ଦିଗରେ ସ୍ରୋତସ୍ୱିନୀ ଭଳି ଅନନ୍ତର ବକ୍ଷରେ ମିଶିବାକୁ । ସେ ଯେତିକି ମାତ୍ରାରେ କରୁନା କାହିଁକି ସେଇଥିରେହିଁ ତା'ର ସାର୍ଥକତା, ତାହାର ଧ୍ୱଂସ ନାହିଁ – 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' ।

ଅନୁବାଦ : କୃଷ୍ଣାଦେବୀ

❑❑❑

ତୁମର ଚେତନା ଯେତିକି ଅଧିକ ବ୍ୟାପକ ଓ ବିସ୍ତୃତ ହେବ, ଊର୍ଦ୍ଧ୍ୱରୁ ଗ୍ରହଣ କରିବା ପାଇଁ ତୁମେ ସେତିକି ଅଧିକ ସକ୍ଷମ ହେବ ।

– ଶ୍ରୀଅରବିନ୍ଦ

# ଭଗିନୀ ନିବେଦିତା

## (୧)

### ନୀରଦବରଣ

"All in her pointed to a nobler kind. ...
A wide self-giving was her native act;..."

*'Savitri'* – Sri Aurobindo

'ଶିବନେତ୍ର' ବିବେକାନନ୍ଦଙ୍କର ପ୍ରିୟ ଶିଷ୍ୟା ନିବେଦିତା । ଶ୍ରୀକୃଷ୍ଣଙ୍କର ପ୍ରିୟ ଶିଷ୍ୟ ଅର୍ଜୁନ, ବୁଦ୍ଧଙ୍କର ପ୍ରିୟ ଶିଷ୍ୟ ଆନନ୍ଦ, ଶ୍ରୀରାମକୃଷ୍ଣଙ୍କର ବିବେକାନନ୍ଦ ଏବଂ ବିବେକାନନ୍ଦଙ୍କର ପ୍ରିୟ ଶିଷ୍ୟା ମାର୍ଗାରେଟ୍ ନୋବେଲ୍ (Margaret Noble), ନିବେଦିତା । ଏମାନେ ଯେପରି ଏକରେ ଦୁଇ, ଦୁଇରେ ଏକ – One in two, two in one. ବିଶେଷ ଏକ ଉଦ୍ଦେଶ୍ୟ ନେଇ ଏହି ପୃଥିବୀକୁ ଓହ୍ଲାଇ ଆସିଛନ୍ତି ।

ନାଆଁଟି କି ସୁନ୍ଦର ! ଦୁଇଟି ନାମହିଁ ଅପୂର୍ବ ସାର୍ଥକ । ଏପରି ଏକ ଶ୍ରୀମଣ୍ଡିତ, ପବିତ୍ରମୟ ଯେ ମନେହୁଏ ନାମହିଁ ରୂପ, ରୂପହିଁ ନାମ । ନାମ ଶୁଣି ଲୋକଟି ପ୍ରତି ଯେଉଁ ଆକର୍ଷଣ ଆସିଥିଲା ତା'ର ମୂଳରେ ଶ୍ରୀଅରବିନ୍ଦ । ସେ ଆମମାନଙ୍କୁ କହନ୍ତି, "ନିବେଦିତାଙ୍କର *Kali, the Mother* ବହିଟି ଅପୂର୍ବ । ଏବଂ *My Master as I saw Him* ବିବେକାନନ୍ଦଙ୍କ ସମ୍ବନ୍ଧରେ ଏତେ ଭଲ ବହି ଆଉ ପଢ଼ିନି" । ଉତ୍ସାହ ଦେଲେ ଗୁରୁ, କିନ୍ତୁ କହିବାରେ ଲଜ୍ଜା ନାହିଁ ଯେ ସେତେବେଳେ ମୋର ଆଧୁନିକ ମନରେ ଆଧ୍ୟାତ୍ମିକତାର ଛାପ ପଡ଼ି ନଥିଲା ବୋଲି ବହିଟିର ଗଭୀର ସୁର ମୋର ମର୍ମ ସ୍ପର୍ଶ କରି ନଥିଲା । ଗୁରୁଙ୍କ କୃପାରେ ତାହା ଆଜି ସମ୍ଭବ ହୋଇଛି । ବିବେକାନନ୍ଦଙ୍କର ଜ୍ଞାନରେ ନୁହେଁ ଅବା ଶିଷ୍ୟଙ୍କର ତୀକ୍ଷ୍ଣ ମେଧା ପାଇଁ ନୁହେଁ, ମୁଗ୍ଧ ହୋଇଛି ଗୁରୁ-ଶିଷ୍ୟାଙ୍କର ନିବିଡ଼ ଅନ୍ତରଙ୍ଗତାରେ । ଗୁରୁଙ୍କର ଅସୀମ, ନିଜର ଅନୁରୂପ ଅନାବିଳ ସ୍ନେହ ଓ କରୁଣା, ଶିଷ୍ୟାର ପ୍ରଣତ ଭକ୍ତି ଓ ସ୍ନେହ, ସାମାନ୍ୟ ଅଭିଜ୍ଞତା ନେଇ ଉପଲବ୍ଧି ହୋଇଛି, ବହି ପଢ଼ି ଏହାହିଁ ମୋର ଶ୍ରେଷ୍ଠ ଲାଭ ।

କାହିଁ ପରାଧୀନ ଆୟାର୍‌ଲ୍ୟାଣ୍ଡରେ ଏହି ଅଗ୍ନି ସ୍ଫୁଲିଙ୍ଗର ଜନ୍ମ, ଆଉ ବିବେକାନନ୍ଦ ତାଙ୍କୁ ଶିଷ୍ୟ କରି ଆଣିଲେ ପରାଧୀନ ଭାରତକୁ । ଗୋଟିଏ ପଲକରେ ବିବେକାନନ୍ଦଙ୍କର ଯୋଗଦୃଷ୍ଟି ଚିହ୍ନି ନେଲା ଏଇ ଅଗ୍ନି ସ୍ଫୁଲିଙ୍ଗ କିଏ, କେଉଁଠାରେ ତା'ର ସ୍ଥାନ ଏବଂ କ'ଣ ତା'ର ଭବିଷ୍ୟତ୍ । ଏଇ ସ୍ଫୁଲିଙ୍ଗ ନେଇ ସେ ଭାରତରେ ନିଆଁ ଜାଳିବେ, ଯେପରି ତାଙ୍କୁ କରିଛନ୍ତି ତାଙ୍କ ଗୁରୁ, ସେହି ଉଦ୍ଦେଶ୍ୟ ନେଇ ଶିଷ୍ୟାକୁ ଗଢ଼ିଲେ, ଶିଷ୍ୟା ପ୍ରସ୍ତୁତ ହେଲେ, ଗୁରୁଙ୍କର ଐହିକ କାର୍ଯ୍ୟ ଶେଷ ହେଲା ।

ଭାରତର ଆଧ୍ୟାତ୍ମିକ ଇତିହାସରେ ଗୁରୁ-ଶିଷ୍ୟ ସମ୍ବନ୍ଧ ଅତି ମହତ୍ ଓ ପବିତ୍ର । ସମସ୍ତ ଜାଗତିକ ସମ୍ପର୍କର ଉର୍ଦ୍ଧ୍ୱରେ ଆତ୍ମାର ଏହି ଆତ୍ମୀୟତା ଜନ୍ମ-ଜନ୍ମାନ୍ତରର, ମୃତ୍ୟୁ ତା'ର ଶେଷ କଥା ନୁହେଁ । ହିନ୍ଦୁଶାସ୍ତ୍ର ମତରେ ଗୁରୁ ଭଗବାନଙ୍କ ପ୍ରତିନିଧି । ଗୁରୁ-ଶିଷ୍ୟ ବରଣ ବିଧାତାଙ୍କ ବିଧାନ ଉପରେ ନିର୍ଭର କରେ, *One who chooses the infinite is chosen by the Infinite.* ଗୁରୁର ଆଦେଶ ଶିଷ୍ୟ ନିକଟରେ ଦେବବାକ୍ୟ । ବିବେକାନନ୍ଦ କହିଛନ୍ତି, "ଗୁରୁ ମାତାପିତାଙ୍କଠାରୁ ଉର୍ଦ୍ଧ୍ୱରେ, ସେ ଏକାଧାରରେ ଆଧ୍ୟାତ୍ମିକ ଶିକ୍ଷକ, ସର୍ବେସର୍ବା ପ୍ରଭୁ... ସେ ଶିଷ୍ୟର ଅନ୍ତରତମ ଗୂଢ଼ କମ୍ପନ ବୁଝି ପାରନ୍ତି ।" ଶିଷ୍ୟର ଜୀବନ-ମରଣ, ପାର୍ଥିବ-ଅପାର୍ଥିବ ମଙ୍ଗଳ, ପାପପୁଣ୍ୟ ଗୁରୁ ବହନ କରନ୍ତି, ଯୋଗକ୍ଷେମମ୍ ପ୍ରତିଦାନରେ ଶିଷ୍ୟର ଆଧ୍ୟାତ୍ମିକ ମଙ୍ଗଳ କାମନା କରନ୍ତି । ଶିଷ୍ୟର ମଙ୍ଗଳ ଲାଗି ଗୁରୁଙ୍କର ନିରନ୍ତର ଅନଳସ ପ୍ରୟାସର ତୁଳନା ନାହିଁ ।

ଶିଷ୍ୟ ମନରେ ଗୁରୁ ଉପରେ କେତେ ସନ୍ଦେହ ଜନ୍ମେ, କେତେ ଅଭିମାନ ସ୍ତୂପୀକୃତ ହୁଏ । ଭୁଲ୍ ବୁଝିବାର ଶେଷ ନାହିଁ, ବିଦ୍ରୋହର ଅନ୍ତ ନାହିଁ କିନ୍ତୁ ଗୁରୁ ଅବିଚଳ, ପ୍ରେମ ଓ କରୁଣାରେ

ବି. ଦ୍ର. : ଅକ୍‌ଟୋବର ୨୯, ୨୦୧୭ଠାରୁ ଆରମ୍ଭ ହୋଇଥିବା ଭଗିନୀ ନିବେଦିତାଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆମର ଶ୍ରଦ୍ଧାଞ୍ଜଳୀ । – ସମ୍ପାଦନା

ଶିଷ୍ୟକୁ ମାତୃ ଅଞ୍ଚଳସ୍ଥ ପ୍ରଦୀପ ଶିଖା ପରି ସକଳ ବିପଦରୁ ରକ୍ଷା କରନ୍ତି, ତା'ର ସମସ୍ତ ଅପରାଧ କ୍ଷମା କରନ୍ତି, ପ୍ରୟୋଜନ ବୋଧରେ ସେ କଠୋର ହୁଅନ୍ତି କିନ୍ତୁ ସେ କଠୋରତା ମା'ର । ଶିଷ୍ୟ ଗୁରୁଙ୍କୁ ତ୍ୟାଗ କରେ, କିନ୍ତୁ ଗୁରୁ କରନ୍ତି ନାହିଁ ।... ...

ଏଇ ଗୁରୁଶିଷ୍ୟ ତତ୍ତ୍ୱର ସତ୍ୟତା ପ୍ରମାଣ ଲାଗି ଆମକୁ ବେଶୀ ଦୂର ଯିବା ଅନାବଶ୍ୟକ । ଶ୍ରୀମା-ଶ୍ରୀଅରବିନ୍ଦଙ୍କ ବିଷୟ ଯଦି ଏବେବି ପ୍ରକାଶଗୋଚର ହୋଇ ନଥାଏ, ଶ୍ରୀରାମକୃଷ୍ଣ-ବିବେକାନନ୍ଦଙ୍କୁ ଆମେମାନେ ବର୍ତ୍ତମାନ ସୁଦ୍ଧା ଭୁଲି ନାହୁଁ ।

ବିବେକାନନ୍ଦ-ନିବେଦିତାଙ୍କ ସମ୍ପର୍କରେ ଏହି ଶାଶ୍ୱତ ସ୍ୱର ଆମେମାନେ ମଝିରେ ମଝିରେ ଶୁଣିବାକୁ ପାଉ । ବିବେକାନନ୍ଦ ନିବେଦିତାଙ୍କ ନିକଟକୁ ଲେଖିଥିଲେ, ''ମୁଁ ତୁମକୁ କଥା ଦେଉଛି ଯେ ତୁମେ ଭାରତ ଲାଗି କାର୍ଯ୍ୟ କର ବା ନକର, ବେଦାନ୍ତ ଗ୍ରହଣ କର ବା ତ୍ୟାଗ କର, ମୁଁ କିନ୍ତୁ ଆମରଣ ତୁମ ପାଖରେ ରହିଥିବି । ହାତୀର ଦାନ୍ତ ଥରେ ବାହାରି ଆସିଲେ ଆଉ ଭିତରକୁ ଯାଏନା'' । ଶ୍ରୀଅରବିନ୍ଦ ଥରେ ମୋ ପାଖକୁ ଲେଖିଥିଲେ, ''ମୁଁ ତୁମକୁ କେତେବେଳେ ତ୍ୟାଗ କରିବି ନାହିଁ ।'' ଏହି ପ୍ରତିଶ୍ରୁତି ଯେ ଶିଷ୍ୟର ଦୀର୍ଘ ଅନିର୍ଣ୍ଣିତ ଯାତ୍ରାପଥରେ କେତେ ଆଶ୍ୱାସ ନିର୍ଭର ଆଣେ, ତାହା କେବଳ ସାଧକ ମର୍ମହିଁ ଜାଣେ ।

ମାର୍ଗାରେଟ୍‌ର ଆତ୍ମା ଖୋଜି ଚାଲିଛି ଧ୍ରୁବ ସତ୍ୟ, ତାଙ୍କର ତୀକ୍ଷ୍ଣ ମନୀଷା ଆଶା, ସନ୍ଦେହ, ବେଦନାରେ ବିଚଳିତ ହୋଇଛି, ତଥାପି ପଥର ସନ୍ଧାନ ପାଇନି । ବିକ୍ଷୁବ୍ଧ ଚେତନାର ଏହି ସନ୍ଧିକ୍ଷଣରେ ଲଣ୍ଡନରେ ସ୍ୱାମିଜିଙ୍କ ସହ ଦେଖା । ସ୍ୱାମିଜିଙ୍କ ଉଦାତ୍ତ କଣ୍ଠରୁ ଶୁଣିଲେ ଗୀତା, ଉପନିଷଦ୍‌ର ବାଣୀ । ତାଙ୍କ ନିକଟରେ ପ୍ରତିଭାତ ହେଲା –''ଏ ମୋର ଗୁରୁ ।'' ତାଙ୍କ ମନର ଭାବ ଶ୍ରୀଅରବିନ୍ଦଙ୍କ ଭାଷାରେ କୁହାଯାଏ :

"Who then art thou hiding in human guise ?
Thy voice carries the sound of infinity,
Knowledge is with thee, Truth speaks through thy words;
The light of things beyond shines in thy eyes."

*Savitri,* p. 663 – Sri Aurobindo

ମାର୍ଗାରେଟ୍ ଲେଖିଛନ୍ତି, ''ଯଦି ସ୍ୱାମିଜି ଲଣ୍ଡନ ଆସି ନଥା'ନ୍ତେ, ଯଦି ହିମାଳୟ ଶୃଙ୍ଗରେ ଧ୍ୟାନସ୍ଥ ଥାଆନ୍ତେ, ମୁଁ ନିଶ୍ଚୟ ଏଠାରେ ନଥା'ନ୍ତି ... ମୁଁ ଜାଣେ ତାଙ୍କର ଡାକରା ଆସିବ ।''

ଅନ୍ୟ ଦିଗରେ ସ୍ୱାମିଜି ତାଙ୍କ ଯୋଗଦୃଷ୍ଟିରେ ବୁଝିପାରିଲେ ନିବେଦିତାହିଁ ଏକମାତ୍ର ନାରୀ, ଯେ ଭାରତବର୍ଷରେ ତାଙ୍କ କାର୍ଯ୍ୟ ଲାଗି ଉପଯୁକ୍ତ । ଯେତେବେଳେ ସ୍ୱାମିଜିଙ୍କ ନିକଟରେ ଆତ୍ମଦାନର ଇଚ୍ଛା ପ୍ରକାଶ କଲେ ସେତେବେଳେ ଶାନ୍ତ କଣ୍ଠରେ ସ୍ୱାମିଜି କହିଲେ, ''ହଁ ତୁମର ସ୍ଥାନ ଭାରତବର୍ଷରେ, ତେବେ ବର୍ତ୍ତମାନ ସମୟ ଆସି ନାହିଁ, ପ୍ରସ୍ତୁତ ହୁଅ ।'' ପରେ ସେ ଦେଶକୁ ଫେରିଯାଇ ଲେଖିଲେ, ''ମୋର ଦୃଢ଼ ପ୍ରତ୍ୟୟ ହୋଇଛି ଭାରତବର୍ଷର କାର୍ଯ୍ୟରେ ତୁମେ ଅଶେଷ ସାଫଲ୍ୟ ଲାଭ କରିବ । ଭାରତ ଲାଗି, ବିଶେଷତଃ ଆମ ନାରୀ ଜାତି ଲାଗି – ପୁରୁଷ ଅପେକ୍ଷା ନାରୀର – ଜଣେ ପ୍ରକୃତ ସିଂହିନୀର ପ୍ରୟୋଜନ । ବର୍ତ୍ତମାନ ସୁଦ୍ଧା ଭାରତବର୍ଷ ସେପରି ମହୀୟସୀ ମହିଳା ଜନ୍ମ ଦେଇ ନାହିଁ । ତେଣୁ ଅନ୍ୟ ଜାତିଠାରୁ ତାକୁ ଋଣସ୍ୱରୂପ ଗ୍ରହଣ କରିବା ପାଇଁ ହେବ । ତୁମର ଶିକ୍ଷା, ଐକାନ୍ତିକତା, ପବିତ୍ରତା, ଅସୀମ ପ୍ରୀତି, ଦୃଢ଼ତା, ସର୍ବୋପରି ତୁମ ଧମନୀରେ ପ୍ରବାହିତ ସେଲ୍‌ଟିକ୍ ରକ୍ତ ତୁମକୁ ସର୍ବତୋଭାବେ ସେହି ନାରୀରୂପେ ଗଠନ କରିଛି ।''

ୟୁରୋପଠାରୁ ଭାରତ ଅନେକ କିଛି ଲାଭ କରିଛି, କିନ୍ତୁ ସର୍ବଶ୍ରେଷ୍ଠ ଲାଭ ଏଇ ନାରୀରତ୍ନ । ବର୍ତ୍ତମାନ ଆଧ୍ୟାତ୍ମିକ ଭାରତରେ ମହୀୟସୀ ନାରୀର ଅଭାବ । ବିବେକାନନ୍ଦଙ୍କର ସେଇ ପ୍ରସ୍ଫୁଟ ଆକ୍ଷେପ ଏବେ ବି ପ୍ରବଳଭାବେ ପ୍ରତିଧ୍ୱନିତ । ସୀତା ଓ ସାବିତ୍ରୀଙ୍କ ଦେଶର ନାରୀ ଶକ୍ତିକୁ ଜାଗ୍ରତ୍ କରିବା ପାଇଁ ସେ ୟୁରୋପର ଦ୍ୱାରସ୍ଥ ହେଲେ । ଶ୍ରୀଅରବିନ୍ଦଙ୍କ ସାଧନାରେ ମଧ୍ୟ ଆମେ ଦେଖୁଛୁ, ମାତୃଶକ୍ତି ଆସିଛନ୍ତି ସୁଦୂର ୟୁରୋପରୁ । ବିବେକାନନ୍ଦଙ୍କ ଆନୀତ ଭଗ୍ନିଶକ୍ତି ଆମମାନଙ୍କର ଅତୀତ ଭାଙ୍ଗି ଗଢ଼ିଛି, ବର୍ତ୍ତମାନ ମଧ୍ୟ ଫଲ୍‌ଗୁ ପରି ତା'ର ସ୍ରୋତ ବହି ଚାଲିଛି । ଶ୍ରୀଅରବିନ୍ଦଙ୍କ ମାତୃଶକ୍ତି ଲୋକଚକ୍ଷୁର ଅନ୍ତରାଳରେ ବର୍ତ୍ତମାନ ଓ ଭବିଷ୍ୟତର ବିରାଟ ରୂପ ଦେଉଛନ୍ତି । ଶ୍ରୀଅରବିନ୍ଦଙ୍କ ଭାଷାରେ ଦକ୍ଷିଣେଶ୍ୱରର କାର୍ଯ୍ୟ ଆରମ୍ଭ ହୋଇଛି, ଶେଷ ହୋଇନି ।

ସମସ୍ତ ସାଂସାରିକ ବନ୍ଧନ ଛିନ୍ନକରି ମାର୍ଗାରେଟ୍ ଭାରତ ଆସିଲେ । ପ୍ରାଣରେ ଅଦମ୍ୟ ଉତ୍ସାହ, ଅଫୁରନ୍ତ ଆଶା, ଗୁରୁସଙ୍ଗ ପାଇବେ ଏବଂ ଗୁରୁଙ୍କ କାର୍ଯ୍ୟରେ ସମ୍ପୂର୍ଣ୍ଣ ଆତ୍ମନିୟୋଗ କରିପାରିବେ । ଦିନ ପରେ ମାସ ବିତିଯାଏ, ଗୁରୁ ନାନା ପ୍ରକାର କଥା କହନ୍ତି କିନ୍ତୁ କାର୍ଯ୍ୟ କଥା ଥରେ ମଧ୍ୟ ଉଲ୍ଲେଖ କରନ୍ତି ନାହିଁ । ନିତାନ୍ତ ଅସ୍ଥିର ହେଲେ କହନ୍ତି, ''ଦେଖ,

କି ସୁନ୍ଦର ଗଙ୍ଗାର ଶୋଭା ! ଅସ୍ଥିର ହୁଅନା, କୌଣସି ଯୋଜନା କରନା'', ଶିଷ୍ୟା ମନରେ ଦ୍ୱନ୍ଦ୍ୱ ଜାଗେ ! ପାଶ୍ଚାତ୍ୟର ରାଜସିକ କର୍ମପ୍ରେରଣା ପ୍ରାଚ୍ୟର ଶାନ୍ତ ଧୀରତାରେ ଚଞ୍ଚଳ ହୋଇଉଠେ । ଅସହିଷ୍ଣୁତା ନୁହେଁ, ଅଥଚ ଅଭୀପ୍‌ସାର ତୀବ୍ରତା, ଯେପରି ସମ୍ମୁଖରେ ଅନନ୍ତକାଳ ବିସ୍ତୃତ, ଆଧ୍ୟାତ୍ମିକତାର ଏହି ଯେଉଁ ମୂଳମନ୍ତ୍ର, ୟୁରୋପୀୟ ଜୀବନଧାରା ସେଥିରେ ଅଭ୍ୟସ୍ତ ନୁହେଁ । ଗୁରୁଙ୍କର ନିହିତ ଅଭିପ୍ରାୟ ହେଲା ପ୍ରଥମେ ଏହି ଚମତ୍କାର ଆଧାରକୁ ଧୀରେ ଧୀରେ ସମ୍ପୂର୍ଣ୍ଣ ଖାଣ୍ଟି ଭାରତୀୟ ଛାପ ଦେବା । କିପରି ସ୍ୱାଧୀନଚେତା ପ୍ରତିଭା-ଦୀପ୍ତା ଶିଷ୍ୟାର ସମସ୍ତ ବିଦେଶୀ ରକ୍ତ ନିଃଶେଷ କରି ତା'ର ଶିରାରେ ଶିରାରେ, କୋଷରେ କୋଷରେ, ନିଜ ଆତ୍ମାର ରକ୍ତବହ୍ନି ସଞ୍ଚାରିତ କଲେ, ଏଇ ଆଧ୍ୟାତ୍ମିକ ଇତିହାସ ଏକ ଦିଗରେ ଯେପରି ରୋମାଞ୍ଚକର, ଅପର ଦିଗରେ ସେହିପରି ଗୁରୁର ଅସୀମ କୃପା, ଯୋଗଶକ୍ତି ଏବଂ ଶିଷ୍ୟାର ନିଷ୍ଠା ଓ ନେତିର ପରିଚାୟକ । ସେହି ଗୂଢ଼ ସୂକ୍ଷ୍ମ କାହାଣୀର ଯେତିକି ବୁଝିପାରିଛି ସେତକ କହିବାକୁ ଚେଷ୍ଟା କରିବି ।

ମାର୍ଗାରେଟ୍ ସ୍ୱାମିଜିଙ୍କୁ ଗୁରୁ ଏବଂ ଭାରତର ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କଲେ ସତ, କିନ୍ତୁ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କାର ବଶତଃ ତାଙ୍କ ପ୍ରକୃତିରେ ପ୍ରବଳ ବାଧା ରହିଥିଲା, କବିଙ୍କ ଭାଷାରେ କହିପାରେ :

"Her spirit bowed; her will obeyed the law
Of its own nature binding even on Gods."

ସେସବୁ ବାଧା ଗୁରୁଙ୍କୁହିଁ ଦୂର କରିବା ପାଇଁ ହେବ । ପ୍ରଥମତଃ ସ୍ୱାମିଜିଙ୍କ ପ୍ରତି ତାଙ୍କର ବିଶେଷ ଆକର୍ଷଣ, ଯୋଗର ପରିଭାଷାରେ ଅନେକଟା ରଜଃମିଶ୍ରିତ । ସେ ଆକର୍ଷଣ ମୂଳତଃ ଆତ୍ମା ଉପରେ ପ୍ରତିଷ୍ଠିତ ହେଲେ ମଧ୍ୟ ବାହ୍ୟତଃ ଯେପରି ବ୍ୟକ୍ତି ଉପରେ ନିବଦ୍ଧ । ଯାଜ୍ଞବଲ୍‌କ୍ୟଙ୍କ ଭାଷାରେ ସ୍ତ୍ରୀ ଧନ, ମାନ, ଆତ୍ମା ଲାଗି ପ୍ରିୟ, ସେତେବେଳେ ମଧ୍ୟ ଏହି ଆଧ୍ୟାତ୍ମିକ ଭାବ ଶିଷ୍ୟାର ଅନୁପସ୍ଥିତ । ଭାରତବର୍ଷ ପ୍ରତି ତାଙ୍କର ଯେଉଁ ସ୍ନେହ, ତା'ର ଉତ୍ସ ହେଲେ ସ୍ୱାମିଜି ଏବଂ ଭାରତ ପାଇଁ ଯେଉଁ ସେବା ତା' ମଧ୍ୟ ସ୍ୱାମିଜିଙ୍କର ସେବା । ତାଙ୍କୁହିଁ କେନ୍ଦ୍ର କରି ଶିଷ୍ୟାର ସମସ୍ତ ବ୍ୟକ୍ତିତ୍ୱ ଗଢ଼ିଉଠୁ, ଏହା ଗୁରୁଙ୍କର ଅଭିପ୍ରେତ ନୁହେଁ । ସେ ଚାହାନ୍ତି ବ୍ୟକ୍ତିତ୍ୱର ସଂକୀର୍ଣ୍ଣ ଗଣ୍ଡି ଅତିକ୍ରମ କରି ଶିଷ୍ୟା ଅସୀମ, ଅବ୍ୟକ୍ତ ଚେତନାର ବିଶାଳତା ଲାଭକରୁ । ଅର୍ଥାତ୍ ଆସ୍ତେ ଆସ୍ତେ ଗୁରୁ ତାଙ୍କୁ ସାଧନା ପଥରେ ପ୍ରବେଶ କରାଇଲେ । ଗୋଟିଏ ଜାଗାରେ ଗୁରୁ କହିଛନ୍ତି, ''ତୁମ ନିଜ ଗୋଡ଼ରେ ଠିଆ ହେବାକୁ ହେବ, ଅନ୍ୟ କାହାର ଛାୟାରେ ନୁହେଁ ।'' ପୁଣି ''ଭଲ ପାଇବାର ମଉତା ଥିବ କିନ୍ତୁ ଆସକ୍ତି ନୁହେଁ । ମୁଁ ମୋର ସମସ୍ତ ସତ୍ତା କୌଣସି ଜଣକୁ ଦେଇ ପାରିବି ନାହିଁ, ତଦ୍ଦ୍ୱାରା ସମସ୍ତ କାର୍ଯ୍ୟ ପଣ୍ଡ ହେବ । ମୋର ପ୍ରେମ ହେବ ଏକେବାରେ ନୈର୍ବ୍ୟକ୍ତିକ, ବଜ୍ର ପରି କଠୋର, ଫୁଲ ପରି କୋମଳ ।''

ଗୁରୁଙ୍କର ଦ୍ୱିତୀୟ ଚେଷ୍ଟା ହେଲା ଶିଷ୍ୟାକୁ ସମ୍ପୂର୍ଣ୍ଣରୂପେ ଭାରତୀୟ ନାରୀ ଭାବରେ ତିଆରି କରିବା । ପାଶ୍ଚାତ୍ୟ ଶିକ୍ଷା-ଦୀକ୍ଷା ସଂସ୍କାର ମୁକ୍ତ ହୋଇ ସେ ଯେପରି ବିଦେଶକୁ ନିଜ ଦେଶ ପରି ଭଲ ପାଇପାରିବେ । ସେ ଭାରତବର୍ଷକୁ ଦେଖିଛନ୍ତି, ବୁଝିଛନ୍ତି ବାହାରୁ, ତା'ର ଦାରିଦ୍ର୍ୟ, ଶିକ୍ଷାହୀନତା ଇତ୍ୟାଦି ହଜାର ଅଭାବ ତାଙ୍କୁ ବ୍ୟଥିତ କରିଛି, କିନ୍ତୁ ତାଙ୍କର ପାଶ୍ଚାତ୍ୟ ମନୀଷା ଓ କର୍ମପ୍ରଚେଷ୍ଟା ବାହ୍ୟ ପଥ ଅନୁସରଣ କରିଛି । ଆତ୍ମାର ଦୃଷ୍ଟି ପ୍ରବେଶ କରେ ନିଜ ଅନ୍ତରରେ, ଆତ୍ମାର ଶକ୍ତି ସଞ୍ଚୟ କରେ କର୍ମଜୀବନରେ ଅବତୀର୍ଣ୍ଣ ହେବା ପାଇଁ, ଯେତେବେଳେ କର୍ମ ହେବ ଭଗବାନଙ୍କ ସେବା, 'ମା ଫଳେଷୁ କଦାଚନ' – ଗୁରୁ ଏଇ ଦୀକ୍ଷା ଦେବେ । ତା'ର ପ୍ରଥମ ଧାପ ହେବ ଗୁରୁବାକ୍ୟରେ ସମ୍ପୂର୍ଣ୍ଣ ବାଧ୍ୟତା । ଏଇ ବାଧ୍ୟତା ଓ ନତିରୁ ଆସିବ ଶିଷ୍ୟର କର୍ମରେ ପୂର୍ଣ୍ଣ ସ୍ୱାଧୀନତା । ବିବେକାନନ୍ଦ ତାଙ୍କ ଗୁରୁଭାଇମାନଙ୍କୁ ସାବଧାନ କରି ଦେଇଥିଲେ, ''ନିବେଦିତାର ସ୍ୱାଧୀନତାରେ କେହି ହସ୍ତକ୍ଷେପ କର ନାହିଁ । ତାକୁ ମୁଁ କ'ଣ ଦେଇଛି ତୁମେମାନେ ଜାଣନା ।''

ହିନ୍ଦୁନାରୀ ପରି ଜୀବନ ଯାପନ କରିବା ପାଇଁ ତାଙ୍କୁ ଗୁରୁ ଆଦେଶ ଦେଲେ – ତାଙ୍କର ବେଶ, ତାଙ୍କର ଖାଇବା ପିଇବା, ପରପୁରୁଷର ସଂସ୍ରବତ୍ୟାଗ ଇତ୍ୟାଦି କଠୋର ନିୟମ ପାଳନ କରି ମନେ, ପ୍ରାଣେ ହିନ୍ଦୁ ହେବା, ଅସଂଯତ ପାଶ୍ଚାତ୍ୟ ଉତ୍ସାହ ଧ୍ୟାନ-ଧାରଣା ଦ୍ୱାରା ଦମନ କରିବା ଇତ୍ୟାଦି ... । ତା' ନହେଲେ କିପରି ନେବେ ସେ ହିନ୍ଦୁନାରୀର ଶିକ୍ଷାଭାର ? ତାଙ୍କୁ ଶାଢ଼ି ପିନ୍ଧିବା ପାଇଁ ହେବ, ମାଟିରେ ଶୋଇବା ପାଇଁ ହେବ, ହାତରେ ଖାଇବା ପାଇଁ ହେବ ଇତ୍ୟାଦି ଛୋଟ ବଡ଼ ନାନା ଆଚାର ପାଳନ କରି ସେ ଏହି ଆଚାର-ନୀତିର ମର୍ମ ବୁଝିବା ପାଇଁ ସକ୍ଷମ ହେବେ । ତାଙ୍କ ଆଗରେ ରହିଛି ସ୍ୱୟଂ ଶ୍ରୀରାମକୃଷ୍ଣଙ୍କର ଉଜ୍ଜ୍ୱଳ ଦୃଷ୍ଟାନ୍ତ, ପ୍ରତ୍ୟେକ ଧର୍ମ ସହ ଏକାତ୍ମ୍ ଅନୁଭୂତି ଲାଗି ଶ୍ରୀରାମକୃଷ୍ଣ ସେହିସବୁ ଧର୍ମର ଯାବତୀୟ ବହିର୍ନୀତି ପର୍ଯ୍ୟନ୍ତ ପାଳନ କରି ନାହାନ୍ତି କି ? ଏଇ ସମସ୍ତ ଅନଭ୍ୟସ୍ତ କୃଚ୍ଛ୍ର ସାଧନାରେ ଶିଷ୍ୟାର କି କଷ୍ଟ, ମାନସିକ ଓ

ଶାରୀରିକ କ୍ଲେଶ । ସର୍ବୋପରି ଗୁରୁର କଠୋର ମୂର୍ତ୍ତି ଜୀବନକୁ ଯେପରି କଠୋରତର କରି ତୋଳେ । ନିୟମ ଭଙ୍ଗରେ ତିରସ୍କାର ମଧ୍ୟ ବାଦ୍ ଯାଇନି । କେଉଁଠି ଲଣ୍ଡନର ଶାନ୍ତ, ସୌମ୍ୟ, ଉଦାରକାନ୍ତ ସ୍ୱାମିଜି, ଆଉ କେଉଁଠି ସେଇ ତପସ୍ୟାନିରତ ଦୀକ୍ଷାଗୁରୁ । କିନ୍ତୁ ଦୃଢ଼ନିଷ୍ଠା ଓ ମାନସିକ ଶକ୍ତି ବଳରେ ଶିଷ୍ୟା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଥରକ ଲାଗି ମଧ୍ୟ ପ୍ରଶ୍ନ କଲେ ନାହିଁ ଯେ ଏସବୁର ପ୍ରୟୋଜନ ନାହିଁ ।

ସାଧନାର ପ୍ରଥମ ପର୍ଯ୍ୟାୟରେ ଏଇ କଠୋର ନିୟମ ପାଳନର ଯେ କି ପ୍ରୟୋଜନୀୟତା ତାହା ସାଧକମାତ୍ରେହିଁ ଜାଣନ୍ତି । ଶ୍ରୀରାମକୃଷ୍ଣ କହନ୍ତି ପ୍ରଥମେ ପ୍ରଥମେ ଚାରାଗଛକୁ ବାଡ଼ ଦେଇ ଘେରି ରଖିବା ପାଇଁ ହୁଏ । ପଣ୍ଡିଚେରୀ ଜୀବନର ପ୍ରଥମାବସ୍ଥାରେ ମଧ୍ୟ ଆମମାନଙ୍କୁ କଠୋର ନିୟମ ପାଳନ କରିବା ପାଇଁ ହୋଇଛି । ଶୁଣିଛି, ଆଶ୍ରମର ଭାର ଗ୍ରହଣ କରିବା ପୂର୍ବରୁ ଶ୍ରୀମା ବହୁଦିନ ନିର୍ଜନରେ ରହି ଭାରତୀୟ ଜୀବନଧାରା ପାଳନ କରିଛନ୍ତି ।

ଭାରତ ଆସିବାର ପ୍ରାୟ ଦୁଇମାସ ପରେ ଗୁରୁ ପ୍ରାଥମିକ ଦୀକ୍ଷା ଦେଲେ ଶିଷ୍ୟାକୁ, ନାଁ ଦେଲେ ନିବେଦିତା । ଆଶ୍ଚର୍ଯ୍ୟର କଥା ନିବେଦିତାଙ୍କ ଜନ୍ମ ସମୟରେ ତାଙ୍କ ମା କନ୍ୟାକୁ ଭଗବାନଙ୍କ ପାଖରେ ଉତ୍ସର୍ଗ କରି ଦେଇଥିଲେ । ନିବେଦିତା ଗୁରୁଙ୍କ ପାଦତଳେ ଆତ୍ମନିବେଦନ କଲେ । ଏଥର ଗୁରୁ ନିବେଦିତାଙ୍କୁ କହିଲେ, ‘‘ଏଇ ଗଙ୍ଗାର ସେପାରିରେ ତୁମର ବାଳିକା ସ୍କୁଲ ତିଆରି ହେବ ।’’

ସ୍ୱାମିଜିଙ୍କର ଦ୍ୱିତୀୟ କାର୍ଯ୍ୟ ହେଲା ନିବେଦିତାଙ୍କୁ ବାହ୍ୟ ଜଗତ୍ ସହ ପରିଚିତ କରାଇ ଦେବା । ସେ ନିବେଦିତାଙ୍କର ଅସାଧାରଣ ବାକ୍‌ଶକ୍ତି ଦେଖିଛନ୍ତି । ସେଇ ଶକ୍ତିସହ ଯେତେବେଳେ ତାଙ୍କର ଦୀର୍ଘ, ତନ୍ୱୀ, ସୁନ୍ଦର ଅବୟବ ଯୁକ୍ତ ହେଲା, ସେତେବେଳେ କହିବା ବାହୁଲ୍ୟ, ଆଲବର୍ଟ ହଲ୍‌ରେ ସମବେତ ଶିକ୍ଷିତ ମଣ୍ଡଳୀ ମୁଗ୍‌ଧ ହେଲେ । ହଠାତ୍ ବିବେକାନନ୍ଦଙ୍କ କଣ୍ଠ ଶୁଣାଗଲା, ‘‘ଭଗିନୀ ନିବେଦିତା ଇଂଲଣ୍ଡର ଆଉ ଏକ ଉପହାର ।’’ ତା’ପରେ ଆମେମାନେ ନିବେଦିତାଙ୍କୁ ଦେଖିବାକୁ ପାଉ କାଳୀଘାଟ ବକ୍ତୃତାରେ, ବ୍ରାହ୍ମସମାଜ ସହ ସହୃଦୟତାରେ, ପତ୍ରିକାର ଲେଖାରେ ନିବେଦିତାଙ୍କର ନାମ ଚାରିଆଡ଼େ ବ୍ୟାପିଗଲା । କିନ୍ତୁ ଏଇ ପ୍ରଶଂସାରେ ତାଙ୍କ ଚିତ୍ତ ବିନ୍ଦୁମାତ୍ର ବିଚଳିତ ହେଲାନି ।

କଲିକତାରେ ଅସମ୍ଭବ ଗରମ, ପ୍ଲେଗ୍‌ର ସମ୍ଭାବନା । ସ୍ୱାମିଜି ନିବେଦିତା ଏବଂ ତାଙ୍କର ଅନ୍ୟାନ୍ୟ ବିଦେଶୀ ଶିଷ୍ୟାମାନଙ୍କୁ ନେଇ ହିମାଳୟ ଯାତ୍ରା କଲେ । ତାଙ୍କର ଗୋଟିଏ ବିଶେଷ ଉଦ୍ଦେଶ୍ୟ ନିବେଦିତାଙ୍କ ପ୍ରକୃତିରେ ବର୍ତ୍ତମାନ ସୁଦ୍ଧା ଯାହାକିଛି ତ୍ରୁଟି ଓ ପୂର୍ବ ସଂସ୍କାର ମିଶ୍ରିତ ହୋଇ ରହିଛି ସେଗୁଡ଼ିକ ନିଶ୍ଚିହ୍ନ କରିଦେବା । ହିମାଳୟର ପ୍ରାକୃତିକ ଦୃଶ୍ୟ, ତା’ର ମୌନ, ବିଶାଳ ଗାମ୍ଭୀର୍ଯ୍ୟ, ଅପରୂପ ତନ୍ମୟତା, ସର୍ବୋପରି ଗୁରୁଙ୍କର ନିକଟ ସଙ୍ଗ ଫଳରେ ନିବେଦିତାଙ୍କର ଆନନ୍ଦର ସୀମା ନାହିଁ । ଏପରି ଚମତ୍କାର ପରିବେଶ ମଧ୍ୟରେ ଆଲମୋଡ଼ାରେ ପହଞ୍ଚି ନିବେଦିତା ହଠାତ୍ ଘୋର ବିଷଣ୍ଣ ହୋଇ ପଡ଼ିଲେ । ବିଶ୍ୱପ୍ରକୃତିର ସକଳ ଶୋଭା ଯେପରି ଲୁପ୍ତ ହୋଇଗଲା । ମନେ ହେଲା ସେ ଅତ୍ୟନ୍ତ ଏକା, ଅସହାୟ । ଚାରିଦିନର ଅସହ୍ୟ ମନ କଷ୍ଟ ପରେ ବୁଝି ପାରିଲେ ଗୁରୁ ଯେପରି ତାଙ୍କୁ ତ୍ୟାଗ କରିଛନ୍ତି, ଅକାରଣରେ ସେ ଅନେକ ଦୂର ଦୂରେଇ ଯାଇଛନ୍ତି । ତାଙ୍କ ସହ ବେଶୀ କଥା କହନ୍ତି ନାହିଁ, ପ୍ରଶ୍ନର ଉତ୍ତର ମଧ୍ୟ ଦିଅନ୍ତି ନାହିଁ । ତାଙ୍କର କାର୍ଯ୍ୟ, ସେବା-ଯତ୍ନରେ ଅନାଗ୍ରହୀ, ଅନୁତ୍ସାହୀ, ଅନ୍ୟ ବନ୍ଧୁମାନଙ୍କ ସହ ଯେପରି ତାଙ୍କର କୌଣସି ପାର୍ଥକ୍ୟ ନାହିଁ । ଅଥଚ ଏଇ ଉଦାସୀନତାର କୌଣସି କାରଣ ସେ ଖୋଜି ପାଉ ନାହାନ୍ତି । ଗୁରୁଙ୍କର ଏଇ ଅପ୍ରତ୍ୟାଶିତ ବ୍ୟବହାର ଫଳରେ ତାଙ୍କ ଉପରୁ ଶିଷ୍ୟାର ଆସକ୍ତି କମିଲା ସତ କିନ୍ତୁ ତା’ ପରିବର୍ତ୍ତେ ଭରିଗଲା ବିରାଟ ଶୂନ୍ୟତା । ମାନସିକ ଯନ୍ତ୍ରଣା ଯେତେବେଳେ ଚରମ ଅବସ୍ଥାରେ ସେତେବେଳେ ଜଣେ ମହିଳା ବନ୍ଧୁଙ୍କ କାତର ଅନୁରୋଧରେ ଗୁରୁ କହିଲେ, ‘‘ମୁଁ ସବୁ ଜାଣେ, ଆଚ୍ଛା ମୁଁ ନିର୍ଜନକୁ ଚାଲିଯାଉଛି, ଶାନ୍ତିର ସମ୍ପଦ ନେଇ ଫେରିଆସିବି ।’’ ନିବେଦିତା ବୁଝି ପାରିଲେ ଗୁରୁଙ୍କ ଉପରେ ଆସକ୍ତିହିଁ ତାଙ୍କ ବେଦନାର କାରଣ, ଗୁରୁ ଯେତେବେଳେ ଫେରିଆସିଲେ । ତାଙ୍କର ଅଭିମାନ, ଭୁଲ୍ ଧାରଣା ଆଉ ନଥିଲା, ସେ ଆତ୍ମାର ଶାନ୍ତି ଫେରି ପାଇଛନ୍ତି, ଜନୈକ ବନ୍ଧୁଙ୍କୁ ସେ ଲେଖିଲେ, ‘‘ବର୍ତ୍ତମାନ ମୁଁ ବେଶ୍ ବୁଝିପାରିଛି ଆଧ୍ୟାତ୍ମିକତା କି ବସ୍ତୁ । ମୋତେ ତାହା ଲାଭ କରିବା ପାଇଁ ହେବ, ଆମର ହୃଦୟ ମଣିଷର ସ୍ନେହ ଚାହେଁ, ଆତ୍ମା ଚାହେଁ ଭଗବାନଙ୍କୁ । ଏ ଦୁଇଟି ମଝିରେ ଦ୍ୱନ୍ଦ୍ୱ ଲାଗିରହେ ।’’

ନିବେଦିତାଙ୍କର ପ୍ରକୃତ ଶିକ୍ଷା ଆରମ୍ଭ ହେଲା ।

(କ୍ରମଶଃ)

*Mother India*, ଅକ୍‌ଟୋବର, ୧୯୬୭ରୁ ଅନୂଦିତ ।

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୭)

## ଦୁଇ ତରୁର ପତନ ରହସ୍ୟ

## ମନୋଜ ଦାସ

[**କାହାଣୀ ଏ ଯାବତ୍ :** ମଥୁରାର ଦାନବ ରାଜା କଂସ ତା’ ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ତାକୁ ନିଧନ କରିବ ବୋଲି ଦୈବବାଣୀ ଶୁଣି ଦେବକୀଙ୍କର ସନ୍ତାନଟିଏ ଜନ୍ମ ନେବା ମାତ୍ରେ ତାକୁ ହତ୍ୟା କରୁଥାଏ । କିନ୍ତୁ ତା’ ଅଜାଣତରେ ଅଷ୍ଟମ ସନ୍ତାନ ଯାଇ ଗୋପରେ ନନ୍ଦ ରାଜା ଓ ତାଙ୍କ ରାଣୀ ଯଶୋଦାଙ୍କ କୋଳରେ ବଢ଼ୁଥାଏ । ସେ ଶିଶୁଟି ଉପରେ ସନ୍ଦେହ ହେବାରୁ ତାକୁ ମାରିବାକୁ କଂସ ପୁତନା ରାକ୍ଷସୀକୁ ପଠାଇଲା; କିନ୍ତୁ ରାକ୍ଷସୀ ମଲା । ତା’ପରେ ତୃଣାବର୍ତ୍ତ ନାମକ ମାୟାବୀ ରାକ୍ଷସ ଘୂର୍ଣ୍ଣିବାୟୁ ରୂପେ ସେ ଶିଶୁକୁ ମେଘମାଳା ଉପରକୁ ଉଡ଼ାଇ ନେଇଗଲା । କିନ୍ତୁ ଶୂନ୍ୟରେ ଶିଶୁହିଁ କଲା ତା’ର କଣ୍ଠରୋଧ । ତପ୍ତରେ ଶିଶୁ ଖସି ଆସିଲା ମାଆ କୋଳକୁ । ତା’ପରେ...]

ଗୋପ ଏକ ମନୋରମ ଗ୍ରାମ । ବ୍ରଜ ନାମକ ମୁଲକର ତାହା ଏକ ଅଂଶ । ଗ୍ରାମକୁ ଘେରି ରହିଥାଏ ସର୍ବଦା ସବୁଜ ପ୍ରାନ୍ତର । ଦିଗ୍‌ବଳୟରେ ବିରାଜିତ ପର୍ବତମାଳା । ସେ ମୁଲକ ମଧ୍ୟ ଦେଇ ବହମାନ ଥାଏ କୁଳୁକୁଳୁ ନାଦିନୀ ନଦୀ ଯମୁନା । ଅଦୂରର ଅରଣ୍ୟ ଭିତରକୁ ପ୍ରବାହିତ ହୋଇ ତାହା ଅଦୃଶ୍ୟ ହୋଇ ଯାଇଥାଏ ।

ସେ ଅରଣ୍ୟ ଗ୍ରାମବାସୀମାନଙ୍କର ବହୁ ହିତ ସାଧନ କରୁଥାଏ । ଗୋପର ବାଳକମାନେ ପ୍ରାନ୍ତରରେ ଗୋରୁ ଚରାଉଥା’ନ୍ତି, ଖେଳୁଥା’ନ୍ତି, ଗୀତ ବୋଲୁଥା’ନ୍ତି । ବଡ଼ ମଣିଷମାନେ ଅରଣ୍ୟ ଅଭ୍ୟନ୍ତରକୁ ଯାଇ କାଠ ଓ ନାନାଦି ଫଳମୂଳ ସଂଗ୍ରହ କରି ଆଣୁଥା’ନ୍ତି । ଅରଣ୍ୟ ସହ ଏମିତି ଘନିଷ୍ଠତା ସହକାରେ ସେମାନଙ୍କ ଜୀବନ ବିତୁଥାଏ ପୁରୁଷ ପୁରୁଷ ଧରି ।

ହଠାତ୍ କିନ୍ତୁ ସବୁ ଯେମିତି ଓଲଟ ପାଲଟ ହୋଇଗଲା !

ସୂର୍ଯ୍ୟାସ୍ତକୁ ଅଳ୍ପ ସମୟ ବାକି ଥାଏ । ପରିବେଶ ଶାନ୍ତ । ପ୍ରାନ୍ତର ଭିତରୁ ଶୁଭୁଥାଏ କୌଣସି ଗୋପାଳ ବାଳକର ଗୀତ; ମଧ୍ୟେ ମଧ୍ୟେ ହମ୍ବାରଡ଼ି । ପବନ ଗତି ବଦଳାଇ ନଈ ପଟରୁ ବହି ଆସିଲେ ଶୁଭୁଥାଏ ଉଚ୍ଛଳ ଜଳ ସ୍ରୋତର ମୃଦୁ ମଧୁର ଶବ୍ଦ ।

ହଠାତ୍ ପ୍ରାନ୍ତର ଭିତରୁ ଶୁଭିଲା ଗୋଟାଏ ଚିତ୍କାର । ଲୋକେ ପଦାକୁ ବାହାରି ଆସିଲେ । ଅନେକେ ଦୌଡ଼ିଗଲେ ପ୍ରାନ୍ତର ଭିତରକୁ ।

ପ୍ରାନ୍ତରର ଅରଣ୍ୟ ପାଖ ସୀମାରୁ ଦୌଡ଼ି ଆସୁଥାଏ ଗୋଟାଏ ବାଳକ । ସେହିଁ ଚିତ୍କାର କରୁଥିଲା । ମୁହଁରେ ତା’ର ଫୁଟି ଉଠିଥାଏ ଆତଙ୍କ ।

‘‘କଥା କ’ଣ ?’’ ଗ୍ରାମବାସୀମାନେ ତାକୁ ଅଟକାଇ ପ୍ରଶ୍ନ କଲେ ।

‘‘ବାଘ !’’ ସେ ଥରେ ପଛକୁ ଅନାଇ ଦେଇ କହିଲା ।

ଲୋକେ ଆଚମ୍ବିତ ହେଲେ । ସେ ଅରଣ୍ୟ ସେମାନଙ୍କର କେତେ ପରିଚିତ । ତହିଁ ଭିତରେ ବାଘ ପୁଣି କେବେଠୁଁ ଆସି ବସବାସ କଲାଣି ?

ବାଘ ଖାଲି ଦେଖା ଦେଲା, ସେତିକି ନୁହେଁ; ଗୋଟାଏ ଗୋରୁ ଉପରକୁ ଲମ୍ଫ ଦେଇ ତାକୁ ରକ୍ତାକ୍ତ କରି ସେ ବଣ ଭିତରକୁ ଓଟାରି ନେଇଗଲା ।

ତଟସ୍ଥ ହେଲେ ଲୋକେ । କେତେଜଣ ଦୌଡ଼ିଯାଇ ନନ୍ଦ ରାଜାଙ୍କୁ ସେ ଖବର ଦେଲେ । ସେ ତତ୍‌କ୍ଷଣାତ୍ ତରବାରି ହସ୍ତେ ବାହାରି ଆସିଲେ । ଲାଠି ଓ ଧନୁତୀର ଧରି ଲୋକେ ତାଙ୍କୁ ଅନୁସରଣ କଲେ । ଯେଉଁଠୁ ବାଘଟି ଲମ୍ଫ ଦେଇ ଗୋରୁକୁ ନେଇଗଲା, ସଭିଏଁ ଯାଇ ସେଠାରେ ପହଞ୍ଚିଲେ । ମାଟି ଉପରେ ଥିଲା ଅସ୍ପଷ୍ଟ ଖୋଜ ଚିହ୍ନ । ବୁଝି ହେଲା, ବାଘଟି ବିରାଟ ।

ବଣ ଭିତରେ ପଶି ସେମାନେ ବାଘର ସନ୍ଧାନ କଲେ । କିନ୍ତୁ ସେ କେଉଁଠି ଛପି ରହିଥିବ ତା'ର କୌଣସି ସଙ୍କେତ ମିଳିଲା ନାହିଁ । ବଣ ବ୍ୟାପିଥାଏ ଦୂରକୁ ଦୂରକୁ । କ୍ରମେ ତାହା ହେଉଥାଏ ନିଘଞ୍ଚ । କିଛି ସମୟ ପରେ ନନ୍ଦ ଏବଂ ଅନ୍ୟମାନେ ଲେଉଟି ଆସିଲେ ।

କିନ୍ତୁ ରାତିରେ ସେ ବାଘ ଗାଁ ମୁଣ୍ଡର ଜଣକ ଘର ପାଖରୁ ଆଉ ଗୋଟାଏ ଗୋରୁ ଟାଣି ନେଇଗଲା । ପରବର୍ତ୍ତୀ ପାଞ୍ଚ, ଛଅ ଦିନ ଭିତରେ ଏକଥା ସ୍ପଷ୍ଟ ହୋଇଗଲା ଯେ ଗୋଟାଏ ନୁହେଁ, ପଲେ ବାଘ ମାତିଛନ୍ତି । ଗାଁ ହରାଇଲା ଅନେକ ଗୃହପାଳିତ ଜୀବ ।

କେବେ କେମିତି ଗଧିଆଟାଏ କାହାରି କାହାରି ଗୋଶାଳାରେ ପଶିବାର ଚେଷ୍ଟା କରୁଥାଏ । କିନ୍ତୁ ପଲେ ବାଘ କାହୁଁ ଆସି ଗାଁର ପଶୁ ସମ୍ପଦ ଉପରେ ଆକ୍ରମଣ କରିବେ, ଏହା ମୋଟେ ସ୍ୱାଭାବିକ ମନେ ହେଲା ନାହିଁ ।

ଦେବକୀଙ୍କ ଅଷ୍ଟମ ସନ୍ତାନକୁ ବସୁଦେବ ଆଣି ନନ୍ଦଙ୍କ ଘରେ ଛାଡ଼ିବା ପୂର୍ବରୁ ତାଙ୍କର ଅନ୍ୟ ପତ୍ନୀ ରୋହିଣୀ ଏବଂ ତାଙ୍କ ପୁତ୍ର ସନ୍ତାନ ସେଠାକୁ ଚାଲି ଆସିଥା'ନ୍ତି । ଦୁଇ ଶିଶୁଙ୍କର ନାମକରଣ ହେବା ନିମନ୍ତେ ଶୁଭ ଦିନ ସ୍ଥିର ହେଲା । ଜଣେ ମହାନ୍ ଜ୍ୟୋତିର୍ବିଦ୍ ସେମାନଙ୍କ ଜାତକ ଗଣନା କଲେ । ସେ ପ୍ରସ୍ତାବ ଦେଲେ, ରୋହିଣୀଙ୍କ ପୁତ୍ରର ନାମ ହେବ ବଳରାମ – କାରଣ ସେ ହେବେ ବିପୁଳ ବଳ ବା ପରାକ୍ରମର ଅଧିକାରୀ । ଦେବକୀଙ୍କ ପୁତ୍ରର ନାମ ହେବ କୃଷ୍ଣ – ଯାହାର ସାଧାରଣ ଅର୍ଥ ଆକର୍ଷଣକାରୀ । ଗହନ ଅର୍ଥ, ତାଙ୍କ ଦିବ୍ୟଶକ୍ତି ସମସ୍ତଙ୍କୁ ଆକୃଷ୍ଟ କରିବ । ଜ୍ୟୋତିର୍ବିଦ୍ ନନ୍ଦଙ୍କୁ ଗୋପନରେ ଜଣାଇ ଦେଲେ, ଶିଶୁ ଦୁଇଜଣ ଅସାଧାରଣ । ପୃଥିବୀପୃଷ୍ଠରେ କୌଣସି ବିରାଟ କର୍ମ ସାଧନ ନିମନ୍ତେ ଦୁହେଁ ଆବିର୍ଭୂତ ହୋଇଛନ୍ତି । ସେ ଯୁଗରେ ସଚ୍ଚା ଜ୍ୟୋତିର୍ବିଦ୍‌ମାନେ ଖାଲି ନିଜ ବିଦ୍ୟାରେ ଯେ ପ୍ରଭୂତ ଜ୍ଞାନ ଅର୍ଜନ କରିଥା'ନ୍ତି ସେତିକି ନୁହେଁ, ସେମାନେ ସାଧନା ଯୋଗେ ନିଜ ନିଜ ଅନ୍ତର୍ଦୃଷ୍ଟିର ବିକାଶ ସାଧନ ମଧ୍ୟ କରିଥା'ନ୍ତି ।

ବାଘମାନେ ତାଙ୍କ ଗ୍ରାମରେ ବିଭୀଷିକା ସୃଜିବାର ରହସ୍ୟ ବର୍ତ୍ତମାନ ନନ୍ଦଙ୍କ ଧାରଣାରେ ସ୍ପଷ୍ଟ ହୋଇଗଲା । ଯେବେ ଯେବେ ଦିବ୍ୟଶକ୍ତି ପୃଥିବୀରେ ମଣିଷ ରୂପ ନେଇ ଆବିର୍ଭୂତ ହୁଏ ସେବେ ସେବେ କୁଶକ୍ତିମାନେ ତତ୍ପର ହୋଇଉଠନ୍ତି । ଦିବ୍ୟ-କର୍ମରେ ବାଧା ଉପୁଜାଇବା ଦିଗରେ ସେମାନେ ଆପ୍ରାଣ ଚେଷ୍ଟା କରନ୍ତି ।

ସମ୍ଭବତଃ ବାଘଗୁଡ଼ିକୁ ଆୟତ୍ତ କରିଥିଲେ ସେହିସବୁ ଦୁଷ୍ଟ ଶକ୍ତି । ଦିବ୍ୟ-ଶିଶୁଙ୍କ ବସତିରେ ପରିଣତ ସେ ଗ୍ରାମ ଉପରେ ସେମାନେ ଦାଉ ସାଧୁଥିଲେ ।

ଏମିତି ଗୋଟାଏ ଘଟଣା ଘଟିଲା, ଯାହା ଦ୍ୱାରା ନନ୍ଦଙ୍କ ଧାରଣା ଠିକ୍ ବୋଲି ଜଣା ପଡ଼ିଲା ।

ଶିଶୁ କୃଷ୍ଣ କ୍ରମେ କ୍ରମେ ବଡ଼ ଚପଳ ଆଚରଣ କରୁଥିଲେ । ଗୁରୁଣ୍ଡି ଗୁରୁଣ୍ଡି ଯାଇ ସେ ରୋଷେଇ ଘର ଭିତରେ ଥିବା ବିଭିନ୍ନ ପାତ୍ରରୁ ସର, ମାଖନ ଇତ୍ୟାଦି ଖାଇ ଯାଉଥିଲେ; କିନ୍ତୁ ଧରା ପଡ଼ୁଥିଲେ – ଯେହେତୁ ନିଜ ମୁହଁରୁ ସେସବୁର ଦାଗ ପୋଛିବାକୁ ସେ ଭୁଲି ଯାଉଥିଲେ ।

ସେ ଅପୂର୍ବ ଶିଶୁଟିର ମନରେ ଭୟ ବୋଲି କିଛି ନଥିଲା । ଦିନେ ଦେଖାଗଲା ସେ ଗୋଟାଏ ଷଣ୍ଢର ଦୁଇ ଶିଙ୍ଗ ଧରି ଓହଳି ପଡ଼ିଛନ୍ତି । ସେ ଷଣ୍ଢ ଭାରି ବଦରାଗୀ । ବଳୁଆ ଲୋକେ ବି ତାକୁ ଡରୁଥା'ନ୍ତି । ଆଉ ଥରେ ଦେଖିବା ବେଳକୁ ସେ ଗୋଟାଏ ଧାରୁଆ ତରବାରି କୋଷମୁକ୍ତ କରି ତାକୁ ଧରି ଖେଳୁଛନ୍ତି ।

ସେମିତି ଶିଶୁକୁ ଦୃଷ୍ଟି ଆଢ଼ୁଆଳରେ ରଖିବା ଉଚିତ କି ? ମୋଟେ ନୁହେଁ । କିନ୍ତୁ ସେଦିନ ମା ଯଶୋଦାଙ୍କୁ ଗୋଟାଏ ଜରୁରୀ କାମରେ ପଡ଼ୋଶୀ ଘରକୁ ଯିବାକୁ ପଡ଼ିଲା । ଆଖ ପାଖରେ କେହି ପରିଚାରିକା ନଥିଲେ । ସେ କ'ଣ କଲେ ? ଶିଶୁକୁ ଦଧି ମନ୍ଥନ କରିବା ସକାଶେ ବ୍ୟବହାର ହେଉଥିବା ଖଣ୍ଡିଏ ଦଣ୍ଡରେ ରେଶମ ସୂତା ଯୋଗେ ବାନ୍ଧି ଦେଇ ସେ ଦଣ୍ଡକୁ ଗୋଟାଏ ଖୁମ୍ବ ଦେହରେ ଲଟକାଇ ଦେଲେ । ତେଣିକି ଶିଶୁ କୁଆଡ଼େ ଖସି ଯାଇ ପାରିବ ନାହିଁ ବୋଲି ସେ ନିଶ୍ଚିତ ହୋଇଗଲେ ।

ଅଳ୍ପ ସମୟ ପରେ ଶୁଭିଲା ଗୋଟାଏ ଶବ୍ଦ । ନନ୍ଦଙ୍କ ଉଆସର କେହି କେହି ପରିଚାରକ ଦେଖିଲେ, କୃଷ୍ଣ ଆଣ୍ଠେଇ ଆଣ୍ଠେଇ ଆଗକୁ ଯିବା ଫଳରେ ଦଣ୍ଡଟି ଖୁମ୍ବ ଦେହରୁ ବାହାରି ଆସିଛି । ତାଙ୍କ ପଛେ ପଛେ ଦଣ୍ଡ ଘୋଷାରି ହୋଇ ଚାଲିଛି ।

ଦର୍ଶକମାନଙ୍କୁ ମଜା ଲାଗିଥିବ । ଏଡ଼ିକିଟିଏ ଶିଶୁ, ଏତେ ତା'ର ବଳ ? ତେବେ କେହି ସଙ୍ଗେ ସଙ୍ଗେ ଦୌଡ଼ିଯାଇ ଶିଶୁକୁ ଅଟକାଇବାର ଚେଷ୍ଟା କଲେ ନାହିଁ । ସେ କେତେ ବାଟ ବା ସେମିତି ରୀତିରେ ଅଗ୍ରସର ହୋଇ ପାରିବ !

କିନ୍ତୁ ମୁହୂର୍ତ୍ତକ ଭିତରେ ସେମାନଙ୍କ ମୋହଭଙ୍ଗ ହେଲା । ଶିଶୁ ଯେମିତି ବିଜୁଳି ବେଗରେ ଘରର ପଛ ଦ୍ୱାର ଅତିକ୍ରମ

କରି ଉଦ୍ୟାନ ଭିତରକୁ ପଶିଗଲା ! ଏଥର ସେମାନେ ଦୌଡ଼ିଲେ ତାକୁ କୋଳ କରି ଫେରାଇ ନେଇ ଆସିବା ନିମନ୍ତେ ।

କିନ୍ତୁ ସେମାନେ ଦେଖିଲେ ଶିଶୁଟି ଆଗକୁ ବଢ଼ିବା ବେଳେ ଦଣ୍ଡଟିର ଦୁଇ ପ୍ରାନ୍ତ ଦୁଇ ପଟେ ଠିଆ ହୋଇଥିବା ଦୁଇଟି ବିରାଟ ଗଛ ଦେହରେ ଲାଖିଯିବା ଫଳରେ ଶିଶୁର ଗତି ବନ୍ଦ ହୋଇ ଯାଇଛି ।

ଭଲ ହେଲା । ଆଉ ଦୌଡ଼ିବା ଦରକାର ନାହିଁ । ପରିଚାରକମାନେ ଗତି ମନ୍ଥର କଲେ । ପରେ ପରେ ସେମାନେ ଦେଖିଲେ, ଶିଶୁଟି ଥରେ ବାମକୁ ବୁଲି ଓ ଥରେ ଡାହାଣକୁ ବୁଲି ଦୁଇ ଗଛକୁ ହଲାଇ ଦେଲା । ଦେଖଣାହାରୀମାନେ ହସିଲେ । କଅଁଳା କୁନି ପାପୁଲି ଯୋଡ଼ିକ ପ୍ରୟୋଗ କରି ଶିଶୁଟି ସେ ବିଶାଳ ମହୀରୁହ ଦୁଇଟିକୁ ଅପସରାଇ ଦେଇ ପାରିବ ବୋଲି କଳ୍ପନା କରୁଛି ପରା !

ନା, ସେଇଟା ଶିଶୁର କଳ୍ପନା ନଥିଲା, ଥିଲା ସିଦ୍ଧାନ୍ତ । ଚାହୁଁ ଚାହୁଁ ଗଛ ଦୁଇଟି ପ୍ରବଳ ଭାବରେ କମ୍ପମାନ ହେବାକୁ ଲାଗିଲେ । ତା'ପରେ ପ୍ରଚଣ୍ଡ ଶବ୍ଦ କରି ଦୁଇ ଗଛ ଶିଶୁର ଦୁଇ ବିପରୀତ ଦିଗକୁ କଚାଡ଼ି ହୋଇ ପଡ଼ିଲେ । ଉଡ଼ନ୍ତା ଧୂଳି ଭିତରେ କିଛି ସମୟ ପାଇଁ ସବୁ ଅଦୃଶ୍ୟ ହୋଇଗଲା ।

ଯଶୋଦା ସେ ଭୀଷଣ ଶବ୍ଦ ଶୁଣି ଦୌଡ଼ି ଆସିଥିଲେ । ''କାହିଁ ଗଲା ମୋ ପୁଅ ?'' ସେ ପ୍ରଶ୍ନ କଲେ ।

ପରିଚାରକମାନଙ୍କ ମୁହଁକୁ ହଠାତ୍ କଥା ଜୁଟିଲା ନାହିଁ । କିଏ କହିବ କ'ଣ ହୋଇଥିବ ଶିଶୁଟିର ?

''ଆରେ, ତୁମେମାନେ ନୀରବ କାହିଁକି ? କୃଷ୍ଣ କାହିଁ ?'' ଯଶୋଦା ଉତ୍କଣ୍ଠିତ କଣ୍ଠରେ ଜଣଙ୍କୁ ଝିଙ୍କି ଦେଇ ପ୍ରଶ୍ନ କଲେ ।

ଧୂଳି ଅପସରି ଗଲା । ଦୁଇ ଭୂଲୁଣ୍ଠିତ ଗଛ ଆଡୁଆଳରୁ ଶୁଭିଲା ସୁପରିଚିତ ଖିଲି ଖିଲି ସୁମଧୁର ହସ – ଯେଉଁ ହସ ଶୁଣି ଦେଲେ ସମସ୍ତଙ୍କର ମନେ ହୁଏ ଯେମିତି ସେମାନେ ଅମୃତ ପାନ କଲେ !

ମା ଯଶୋଦା ଦୌଡ଼ିଯାଇ କୃଷ୍ଣଙ୍କୁ କୋଳ କରି ନେଲେ । ପରିଚାରିକାମାନେ ତତ୍ପର ହୋଇ ଶିଶୁର ଅଣ୍ଟାରୁ ବନ୍ଧନ ଖୋଲି ଦେଲେ – ଯାହା ସେପର୍ଯ୍ୟନ୍ତ ଦଣ୍ଡଟି ସହ ଲାଖି ରହିଥିଲା ।

ଗୋଟାଏ ଶିଶୁଠୁଁ ଠେଲାଟିଏ ଲେଖାଏଁ ପାଇ ଦୁଇ ଦୁଇଟି ବିରାଟ ତରୁ କେମିତି ଉତ୍ପାଟିତ ହୋଇ ତଳେ ପଡ଼ିଗଲେ ? ସେ ରହସ୍ୟ କେବଳ ଋଷିମାନଙ୍କୁ ଜଣାଥିଲା । ଅବଶ୍ୟ ଶ୍ରୀକୃଷ୍ଣଙ୍କର ଖେଳ ସାଥିଟିଏ ବି ଅଦୂରରୁ ଦେଖିଥିଲା ଗୋଟାଏ ବିଚିତ୍ର ଦୃଶ୍ୟ । ଯେତେବେଳେ ଗଛ ଦୁଇଟିର ବିପୁଳ ପତ୍ରରାଶି ଥର ଥର ହେଉଥା'ନ୍ତି ସେତେବେଳେ ସେମାନଙ୍କ ଭିତରୁ ଫୁଟି ଉଠୁଥାଏ ଦୁଇଟି ମନୋରମ ମୁହଁ । ସେ ମୁହଁରେ ଥାଏ ପ୍ରସନ୍ନତା ଓ କୃତଜ୍ଞତା ।

ଏହାହିଁ ତା'ର ରହସ୍ୟ :

ଥରେ ଦୁଇଜଣ ଗନ୍ଧର୍ବ ବା ଉପଦେବତା ଦେବର୍ଷି ନାରଦଙ୍କ ପ୍ରତି ରୁକ୍ଷ ବ୍ୟବହାର କରିଥିଲେ । ଦେବର୍ଷି ସେମାନଙ୍କୁ ଦେଇଥିଲେ ଏହି ଅଭିଶାପ : ବୃକ୍ଷ ରୂପେ ତୁମେ ଦୁହେଁ ଶହେ ବର୍ଷ କାଳ ମଣିଷର ସୁଖ, ଦୁଃଖ, ରୁକ୍ଷ ବା କୋମଳ ଆଚରଣର ସାକ୍ଷୀ ହୁଅ । କାରଣ ତୁମେମାନେ ମଣିଷଙ୍କ ଭଳି ଅବିବେକୀ ଆଚରଣ କରିଛ !

ଗନ୍ଧର୍ବ ଦୁହେଁ କ୍ଷମା ପ୍ରାର୍ଥନା କରନ୍ତେ ଦେବର୍ଷି ନାରଦ ତାଙ୍କୁ ଏହି ଶୁଭଙ୍କର ବର ମଧ ଦେଇଥିଲେ, ମଣିଷ ରୂପେ ଜନ୍ମ ଗ୍ରହଣ କରିବାକୁ ଥିବା ବିଷ୍ଣୁଙ୍କର କିଞ୍ଚିତ୍ ଲୀଳା ଦର୍ଶନ ମଧ ସେମାନଙ୍କ ଭାଗ୍ୟରେ ଜୁଟିବ ଏବଂ ସେହି ଲୀଳା ଭିତରେ ସେମାନେ ବୃକ୍ଷ ଜନ୍ମରୁ ମୁକ୍ତିଲାଭ କରିବେ ।

ନନ୍ଦ ବା ଯଶୋଦାଙ୍କୁ ଅବଶ୍ୟ ଏ ରହସ୍ୟ ଜଣା ନଥିଲା । ସେମାନେ ମନେ କଲେ କୌଣସି କୁଶକ୍ତି ଗଛ ଦୁଇଟି ଉପରେ ସବାର ହୋଇ ସେମାନଙ୍କ ଦିବ୍ୟଶିଶୁର ଜୀବନ ନେବାକୁ ଯୋଜନା କରିଥିଲା ।

(କ୍ରମଶଃ)

❑❑❑

ଶାନ୍ତ ନିଶ୍ଚଳ ଭାବରେ ବସି ମା'ଙ୍କୁ ସ୍ମରଣ କର ଓ ନିଜକୁ ତାଙ୍କ ପ୍ରତି ଉନ୍ମୁକ୍ତ ରଖ । ଏହାହିଁ ହେଉଛି ଧ୍ୟାନର ନିୟମ ।

– ଶ୍ରୀଅରବିନ୍ଦ

# ସ୍ୱଚ୍ଛତା ମଧ୍ୟରେହିଁ ଈଶ୍ୱରଙ୍କ ନିବାସ

## (୩)

## ସୂର୍ଯ୍ୟକାନ୍ତି ମହାନ୍ତି

ସ୍ୱାସ୍ଥ୍ୟପ୍ରଦ ଓ ଶାନ୍ତିପୂର୍ଣ୍ଣ ଜୀବନ ଯାପନ ନିମନ୍ତେ ବାହ୍ୟ ଓ ଅନ୍ତଃସ୍ୱଚ୍ଛତା ସହିତ ଅର୍ଥ ବ୍ୟବସ୍ଥାରେ ମଧ୍ୟ ସ୍ୱଚ୍ଛତା ଆବଶ୍ୟକ ।

ପ୍ରସ୍ତର ଯୁଗର ପରବର୍ତ୍ତୀ କାଳରେ ଯେତେବେଳେ ମଣିଷ ଏକ ସାମାଜିକ ପ୍ରାଣୀ ଭାବରେ ବସବାସ କରିବାକୁ ଲାଗିଲା ସେତେବେଳେ ସେ ନିଜେ ଓ ନିଜର ପରିବାର ପାଇଁ ବିଭିନ୍ନ ଜିନିଷର ଆବଶ୍ୟକତା ଅନୁଭବ କଲା । ଜଣେ କେବେ ନିଜର ଚାହିଦା ଅନୁଯାୟୀ ସବୁକିଛି ଉତ୍ପନ୍ନ ବା ସଂଗ୍ରହ କରିବା ସମ୍ଭବ ହେଲା ନାହିଁ । ଏଣୁ ସମାଜରେ ଅଦଳ ବଦଳ ପ୍ରକ୍ରିୟା (Barter System) ପ୍ରଚଳିତ ହେଲା । ଅର୍ଥାତ୍ ଜଣକର ଅଧିକ ଚାଉଳ ଯଦି ଅଛି, ମାତ୍ର ଲୁଣ ନାହିଁ ତେବେ ସେ ଲୁଣଥିବା ଲୋକ ପାଖକୁ ଯାଇ ତା'କୁ ଚାଉଳ ଦେଇ ପ୍ରତି-ବଦଳରେ ଲୁଣ ପାଉଥିଲା । ସମୟ ସମୟରେ ଏପରି ଅସୁବିଧା ସୃଷ୍ଟି ହେଲା ଯେ ଯାହା ପାଖରେ ଲୁଣ ଅଛି, ତା'ର ଚାଉଳର ଆବଶ୍ୟକତା ନଥିଲା । ଏଣୁ ପ୍ରଥମ ଲୋକଟି ତା'ର ଆବଶ୍ୟକୀୟ ଜିନିଷ ସଂଗ୍ରହ କରିବା ପାଇଁ ବହୁ ଲୋକଙ୍କ ପାଖକୁ ଯିବାକୁ ହେଉଥିଲା । ପୁନଶ୍ଚ ଉଚ୍ଚ ମୂଲ୍ୟଯୁକ୍ତ ଜିନିଷ ବଦଳରେ ସେ କମ୍ ମୂଲ୍ୟର ଜିନିଷ ପାଉଥିଲା । ଏଣୁ ବହୁ ସମସ୍ୟା ସୃଷ୍ଟି ହେଲା ।

ଏଭଳି ପରିସ୍ଥିତିରୁ ମୁକୁଳିବା ପାଇଁ ସମୟ କ୍ରମେ କଉଡ଼ିର ବ୍ୟବହାର ହେଲା । କଉଡ଼ି ହେଲା ସେ ସମୟର ଅର୍ଥ ବିନିମୟର ମାଧ୍ୟମ । କଉଡ଼ି ବିନିମୟରେ ଚାଉଳ, ଲୁଗା, ଗାଈ, ଲୁଣ ଆଦି ସବୁ ଜିନିଷ ଉପଲବ୍ଧ ହୋଇପାରିଲା । ଏଣୁ ଲୋକମାନେ କଉଡ଼ି ସଂଗ୍ରହ କରି ସାଇତି ରଖିଲେ । ତେବେ ପ୍ରଥମ ଅବସ୍ଥାରେ ଅନ୍ୟ ଏକ ସମସ୍ୟା ସୃଷ୍ଟି ହେଲା । ଜିନିଷ ବଦଳରେ ଜିନିଷ ମଣିଷ ପାଉଥିଲା । ମାତ୍ର ସମୟାନୁକ୍ରମେ କଉଡ଼ି ସଂଗ୍ରହର ଆବଶ୍ୟକତାକୁ ନେଇ ସମାଜରେ ଚୋରି, ଡକାୟତି, ମରାମରି ଆଦି ଯେତେକ ଅସାମାଜିକ ଘଟଣାମାନ ଘଟିବାକୁ ଲାଗିଲା । ନୂତନ ପଦ୍ଧତିରେ ନୂତନ ସମସ୍ୟାର ସମ୍ମୁଖୀନ ହେବାରୁ କିଛି ଲୋକ ସେହି ପୂର୍ବ ପ୍ରକ୍ରିୟାକୁ ଏବଂ ଆଉ କିଛି ଲୋକ ନୂତନ ପ୍ରକ୍ରିୟାକୁ ଠିକ୍ ବୋଲି କହିଲେ ।

ଏହାର ପରବର୍ତ୍ତୀ ଯୁଗ, ଅର୍ଥାତ୍ ରାଜା ରାଜୁଡ଼ାଙ୍କ ଶାସନ ସମୟରେ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରାର ପ୍ରଚଳନ ଏବଂ ଟିକସ ବ୍ୟବସ୍ଥାର ଆରମ୍ଭ ହେଲା । ଏଥିରେ ମଧ୍ୟ ସମସ୍ୟା ଦେଖାଦେଲା । ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରାଗୁଡ଼ିକୁ କେହି କେହି ତରଳାଇବା ଦ୍ୱାରା ମୁଦ୍ରାର ମୂଲ୍ୟଠାରୁ ଅଧିକ ମୂଲ୍ୟ ପାଇଲେ । ଏଥିରେ ବି ଅଧିକ ମୁଦ୍ରା ଏକ ସଙ୍ଗେ ନେବା ଆଣିବାରେ ଓଜନ ବଢ଼ିବା ଯୋଗୁଁ ଅସୁବିଧା ସୃଷ୍ଟି ହେଲା । ଏଣୁ ଏହାକୁ ଏଡ଼ାଇବା ପାଇଁ ପରବର୍ତ୍ତୀ ସମୟରେ କାଗଜ ତିଆରି ନୋଟ ପ୍ରଚଳନ କରାଗଲା । ତେବେ ନୋଟର ଆୟୁଷ କମ୍ ଦିନ ହେଉ ଥିବାରୁ ଏହାକୁ କିଛି ଲୋକ ଠିକ୍ ଏବଂ କିଛି ଲୋକ ଭୁଲ୍ ବୋଲି କହିଲେ । ଏହିପରି ଭାବରେ ଅର୍ଥ କ୍ଷେତ୍ରରେ ଯୁଗ ଯୁଗ ଧରି ଗୋଳମାଳିଆ ପରିସ୍ଥିତି ଲାଗି ରହି ଆସିଛି । ଅବଶ୍ୟ କେହି କେହି ରାଜା କିଛି ସଂସ୍କାର ଆଣିବାକୁ ଚେଷ୍ଟା କଲାବେଳେ ରୂଢ଼ିବାଦୀମାନେ ଏଥିରେ ଘୋର ପ୍ରତିବାଦ କରିଛନ୍ତି ।

ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ କିପରି ସଂକଟମାନ ଦେଖାଯାଏ ତାହାର କେତୋଟି ଉଦାହରଣ ଦେବାର ଆବଶ୍ୟକତା ଏଠାରେ ଅଛି । ଭାରତରେ ସତୀଦାହ ପ୍ରଥା ଉଚ୍ଛେଦ ନିମନ୍ତେ ରାଜା ରାମମୋହନ ରାୟଙ୍କ ଚେଷ୍ଟା ଅବିସ୍ମରଣୀୟ । ଯେତେବେଳେ ଏହି ପ୍ରଥା ବିରୋଧରେ ସେ ପ୍ରତିବାଦ କଲେ, ଜନସାଧାରଣଙ୍କଠାରୁ ତାଙ୍କୁ ଲାଠି ପ୍ରହାର ଖାଇବାକୁ ପଡ଼ିଥିଲା । ଅବଶ୍ୟ ତାଙ୍କର ଅନୁରୋଧ କ୍ରମେ ଇଂରେଜ ଶାସକ ଲର୍ଡ଼ ବେଣ୍ଟିକ୍ ୧୮୨୯ ମସିହାରେ କଠୋର ଆଇନ ପ୍ରଣୟନ କରି ଏହି ପ୍ରଥାର ଉଚ୍ଛେଦ କରି ଥିଲେ । ସେହିପରି ଯୁକ୍ତରାଷ୍ଟ୍ର ଆମେରିକାରେ କ୍ରୀତଦାସ ପ୍ରଥାକୁ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ୍ ଆଇନ କରି ଉଚ୍ଛେଦ କରିବାକୁ ଯାଇ ତାଙ୍କୁ ଜୀବନ ଦେବାକୁ ହୋଇଥିଲା । ପୁନଶ୍ଚ ଭାରତୀୟ ସମାଜରେ ଦେବୀ ପୂଜା ସମୟରେ ପଶୁ ବଳିପ୍ରଥା ବନ୍ଦ କରିବା କଥା ଉଠିଲେ ଲୋକମାନେ ଘୋର ପ୍ରତିବାଦ କରି ସରକାରଙ୍କ

ବିରୋଧରେ ପ୍ରତିବାଦ କରୁଥିଲେ । ଯଦିଓ ଆଇନ ବଳରେ ଏହାକୁ କିଛି ପରିମାଣରେ ଆୟତ୍ତାଧୀନ କରାଯାଇ ପାରିଥିଲା । ଦେବୀମାନେ ପଶୁପକ୍ଷୀ, ମଣିଷ ରକ୍ତ ପିପାସୁ ବୋଲି ସମାଜରେ ଏକ ଭ୍ରମଧାରଣା ଏବେ ବି କେତେକ ଲୋକଙ୍କ ଭିତରେ ରହିଛି ।

ଏହିପରି ଭାବରେ ବହୁ ଘଟଣା ଅଛି ଯେଉଁଥିରୁ ଦେଖାଯାଏ ଯେ ଏକ ପ୍ରକାର ବ୍ୟବସ୍ଥାରୁ ଅନ୍ୟ ପ୍ରକାର ଏକ ସୁବ୍ୟବସ୍ଥାକୁ ପରିବର୍ତ୍ତିତ ହେବାବେଳେ ଲୋକଙ୍କର ଘୋର ପ୍ରତିବାଦର ସମ୍ମୁଖୀନ ହେବାକୁ ହୁଏ । ପ୍ରଥମ ଅବସ୍ଥାରେ କୌଣସି ବ୍ୟବସ୍ଥାକୁ ପ୍ରଥା ଭାବରେ ଗ୍ରହଣ କରାଯାଏ, ପରବର୍ତ୍ତୀ ସମୟରେ ଯଦି ସେହି ବ୍ୟବସ୍ଥାରେ ସଂସ୍କାର କରାଯାଏ, ସେତେବେଳେ ସମାଜରେ କିଛି ଲୋକ ଭୟାନକ ପରିସ୍ଥିତି ସୃଷ୍ଟି କରନ୍ତି ।

ଏହିପରି ଏକ ସମୟ ଆସିଛି ବର୍ତ୍ତମାନର ଭାରତୀୟ ଅର୍ଥନୀତି କ୍ଷେତ୍ରରେ । ଭାରତର ଶାସକଙ୍କ ଉଦ୍ଦେଶ୍ୟ ହେଉଛି ଅର୍ଥନୀତିରେ ସ୍ୱଚ୍ଛତା ଆଣିବା, ମାତ୍ର ଲୋକଙ୍କର ଏଥିରେ ଘୋର ପ୍ରତିରୋଧ । ଅବଶ୍ୟ ଏହାର କାରଣ ଅନେକ । ଚାତକ ପକ୍ଷୀ ଯେପରି ବର୍ଷା ଜଳକୁ ପାନ କରିବା ପାଇଁ ଆକାଶକୁ ଅନାଇଥାଏ; ବର୍ଷା ହେଲେ ଯାଇ ତା' ତୃଷା ମେଣ୍ଟିବ, ସେହିପରି ଜନସାଧାରଣ ସର୍ବଦା ଅନେଇ ରହିଥା'ନ୍ତି ସରକାରୀ ସାହାଯ୍ୟକୁ । ଏଥିରେ ସାମିଲ ଥାଏ ରିହାତି ମୂଲ୍ୟରେ ଅନେକ ଜିନିଷ ଯଥା – ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ରାସ୍ତା ନିର୍ମାଣ, ରନ୍ଧା ଖାଦ୍ୟ, ଡାକ୍ତରୀ ଖର୍ଚ୍ଚ, ପିଲାମାନଙ୍କ ପଢ଼ାଖର୍ଚ୍ଚ, ପୋଷାକ, ସାଇକେଲ, କମ୍ପ୍ୟୁଟର ଆଦି ଯୋଗାଣ, କ୍ରୀଡ଼ାବିତ୍‌ଙ୍କୁ ପ୍ରଚୁର ଅର୍ଥ ପ୍ରଦାନ, ଦୈବୀ ଦୁର୍ବିପାକ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ ଆଦି ସରକାରଙ୍କର ଦାୟିତ୍ୱ । ଏଣୁ ସରକାରଙ୍କର ଏହି ପ୍ରକାର ଜନହିତକର କାର୍ଯ୍ୟ ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ । ତେବେ ଏହା ଆସିବ କେଉଁଠୁ ? ବାର୍ଦ୍ଧକ୍ୟ ଭତ୍ତାର କିଛି ଆବଶ୍ୟକତା ଅଛି କି ? ନିଶ୍ଚୟ ଅଛି । କାରଣ, ସନ୍ତାନ-ସନ୍ତତିମାନେ ବୃଦ୍ଧାବସ୍ଥାରେ ଥିବା ତାଙ୍କ ମାତାପିତାଙ୍କ ଦାୟିତ୍ୱ ନେବାକୁ ନାରାଜ । ବିଧବାମାନଙ୍କର ସାମାଜିକ ସମ୍ମାନ ଓ ନିରାପତ୍ତା ତଥା ସେମାନଙ୍କର ଭରଣପୋଷଣର କୌଣସି ବ୍ୟବସ୍ଥା ନଥିବା ଯୋଗୁଁ ଏହାର ଦାୟିତ୍ୱ ମଧ୍ୟ ସରକାର ତୁଲାଇ ଥା'ନ୍ତି । ଶାରୀରିକ ଅସୁସ୍ଥତାରେ ବ୍ୟୟବହୁଳ ଚିକିତ୍ସା ପ୍ରଣାଳୀ ଉପରେ କିଛି ଅଙ୍କୁଶ ନାହିଁ । ଏଣୁ ମାଗଣାରେ ସରକାରଙ୍କୁ କିଛି ପରିମାଣରେ ଔଷଧ ଯୋଗାଇବାକୁ ପଡ଼େ ।

ଏଭଳି ସ୍ଥିତିରେ ସରକାରଙ୍କର ପ୍ରଚୁର ଅର୍ଥ ଆବଶ୍ୟକ । ଅତଏବ ଏହି ଅର୍ଥ ଜନସାଧାରଣଙ୍କଠାରୁ ଟିକସ ଆକାରରେ ଆଦାୟ ହେବା ନିଶ୍ଚିତ କଥା । ଲୋକେ ଯେତେ ଅଧିକ ସାହାଯ୍ୟ ଚାହିଁବେ, ସେତେ ଟିକସ ପରିମାଣ ଅଧିକ ହେବ । ଲୋକମାନେ (ସାଧାରଣତଃ ଶିକ୍ଷିତ ଲୋକମାନେ) ଏକଥା ଜାଣି ବି ନଜାଣିବାର ଅଭିନୟ କରନ୍ତି ଏବଂ ବିଭିନ୍ନ ଭାଷଣ ମାଧ୍ୟମରେ ସମାଜକୁ ବିଭ୍ରାନ୍ତ କରାନ୍ତି ।

ତେବେ ସରକାର ଯେଉଁ ଟିକସ ବ୍ୟବସ୍ଥା କରନ୍ତି, ତାହା ଅନ୍ୟ କେତେକ କାରଣ ପାଇଁ ମଧ୍ୟ ଉଦ୍ଦିଷ୍ଟ । ଯଥା : ଦେଶର ପ୍ରତ୍ୟେକ ନାଗରିକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା, ଗ୍ରାମ ପଞ୍ଚାୟତ, ବ୍ଲକ, ମ୍ୟୁନିସିପାଲିଟି ଆଦି ବହୁବିଧ ସଂସ୍ଥାକୁ ଜନହିତକର କାର୍ଯ୍ୟ ପାଇଁ ଅର୍ଥ ଯୋଗାଣ କରିବା ଏବଂ ବାହ୍ୟ ଶତ୍ରୁ ଆକ୍ରମଣ ଓ ଆଭ୍ୟନ୍ତରୀଣ ଗଣ୍ଡଗୋଳ ଆଦି ସମୟରେ ଜନସାଧାରଣଙ୍କର ଜୀବନ ଓ ସମ୍ପତ୍ତିର ସୁରକ୍ଷା ଦେବା ମଧ୍ୟ ସରକାରଙ୍କର କର୍ତ୍ତବ୍ୟ ।

ବର୍ତ୍ତମାନ ଭାରତୀୟ ଦୁର୍ବଳ ଅର୍ଥ ବ୍ୟବସ୍ଥାର ସୁଧାର ଓ ସ୍ୱଚ୍ଛତା ନିମିତ୍ତ ବିମୁଦ୍ରୀକରଣ (ନଭେମ୍ବର ୮, ୨୦୧୬) ଏବଂ ଜି. ଏସ୍. ଟି. (ଜୁଲାଇ ୧, ୨୦୧୭) ଭଳି ଦୁଇଟି କଠୋର ପଦକ୍ଷେପ ଭାରତ ସରକାର ଲାଗୁ କରିଛନ୍ତି । ଏହାର ସପକ୍ଷ ଓ ବିପକ୍ଷକୁ ନେଇ ବହୁ ତର୍କବିତର୍କ ଚାଲିଥିଲେ ମଧ୍ୟ ଅର୍ଥନୀତି ବିଶାରଦ ଓ ଗବେଷକମାନେ ଏହାର ପ୍ରଭାବକୁ ଭିନ୍ନ ଭାବରେ ଦୃଷ୍ଟିପାତ କରିଛନ୍ତି । ଜାନୁଆରୀରେ ଏକ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (IMF)ର ରିପୋର୍ଟ ଅନୁଯାୟୀ ଭାରତରେ ଦେଶର ସମୁଦାୟ ସମ୍ପତ୍ତିର ୫୮ ଭାଗ, ମୋଟ ଜନସଂଖ୍ୟାର ମାତ୍ର ୧ ଭାଗ ଲୋକଙ୍କ ହାତରେ ଅଛି । ଗରିବ ଲୋକମାନେ ଅଧିକ ଗରିବ ଏବଂ ଧନୀଲୋକ ଅଧିକ ଧନୀ ହେଉଛନ୍ତି । ଏଣୁ ଧନୀ-ଗରିବ ମଧ୍ୟରେ ପାର୍ଥକ୍ୟ ବଢ଼ିବାରେ ଲାଗିଛି ।

ଅଧୁନା ପ୍ରବର୍ତ୍ତିତ ଜି. ଏସ୍. ଟି. (Goods and Services Tax) ଏକ ଅଦ୍ୱିତୀୟ ପରୋକ୍ଷ ବିକ୍ରିକର ବ୍ୟବସ୍ଥା, ଯାହା ପ୍ରୟୋଗ କରାଯାଏ କିଛି ଜିନିଷ ଓ ସେବାର ମୂଲ୍ୟ ଉପରେ । ଜଣକର କାର୍ଯ୍ୟ ପରିସର ଭାରତ ବର୍ଷରେ ଯେଉଁଠି ଥାଉନା କାହିଁକି, କେବଳ ଗୋଟିଏ ପ୍ରକାର ଟିକସ ବ୍ୟବସ୍ଥା ତା' ପ୍ରତି ଲାଗୁ ହୁଏ । ପୂର୍ବରୁ ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାର ଟିକସ ବ୍ୟବସ୍ଥା ଚାଲୁଥିଲା । ଜି. ଏସ୍. ଟି. ଲାଗୁ ହେବା ଫଳରେ ଗୋଟିଏ ଦେଶରେ ଗୋଟିଏ ପ୍ରକାର

ଟିକସ ବ୍ୟବସ୍ଥା ଚାଲୁହେଲା । ଏହା ଫଳରେ ଜନସାଧାରଣ ଉପକୃତ ହେବା ସଙ୍ଗେ ସଙ୍ଗେ ଦେଶ ମଧ୍ୟ ଲାଭବାନ୍ ହେଲା । ପୂର୍ବରୁ ଚାଲୁଥିବା ଆନ୍ତଃରାଜ୍ୟ କାରବାରରେ ବାଧ୍ୟତାମୂଳକ ଭାବେ ଆଦାୟ କରାଯାଉଥିବା କର ବନ୍ଦ ହେଲା । ପୂର୍ବ ବ୍ୟବସ୍ଥା ଅନୁଯାୟୀ ଆଞ୍ଚଳିକ ସ୍ତରରେ ପର୍ଯ୍ୟାୟକ୍ରମେ ଟିକସ ବୃଦ୍ଧିକୁ ରୋକି ସମାନ ଟିକସ ବ୍ୟବସ୍ଥା ଲାଗୁ ହୋଇଛି ଦିଆଶିଲିଠାରୁ ସୁନା ପର୍ଯ୍ୟନ୍ତ – ସବୁକୁ ଛୁଇଁଛି ଜି. ଏସ୍. ଟି । ପ୍ରାୟ ୧,୨୦୦ରୁ ଅଧିକ ବର୍ଗର ଜିନିଷ ପାଇଁ ଏହି ବ୍ୟବସ୍ଥା ଲାଗୁ ହୋଇଛି । ଏହାକୁ ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳ ମାନି ନେଇଛନ୍ତି ।

ଟିକସ ବ୍ୟବସ୍ଥା ଦେଶର ପ୍ରତ୍ୟେକ ନାଗରିକ ପାଇଁ ବାଧ୍ୟତାମୂଳକ । ଭାରତରେ ଏହି ବ୍ୟବସ୍ଥାର ମୂଳଦୁଆ ପଡ଼ିଥିଲା 'ମନୁସ୍ମୃତି' ଏବଂ 'ଅର୍ଥଶାସ୍ତ୍ର' ସମୟରେ । 'ମନୁସ୍ମୃତି' ଅନୁଯାୟୀ ରାଜା ଏପରି ଉପାୟରେ କର ସଂଗ୍ରହ କରିବେ ଯେ କରଦାତା କର ଦେଉଛି ବୋଲି ଜାଣି ବି ପାରିବ ନାହିଁ । 'ଅର୍ଥଶାସ୍ତ୍ର' – ୨,୩୦୦ ବର୍ଷ ପୂର୍ବରୁ ମୌର୍ଯ୍ୟ ଶାସନ ସମୟରେ କୌଟିଲ୍ୟଙ୍କ ଅନୁଯାୟୀ ଟିକସ ବ୍ୟବସ୍ଥା ନ୍ୟାୟ ଓ ନିରପେକ୍ଷତା ଉପରେ ପର୍ଯ୍ୟବସିତ ଥିଲା । ଏଥିରେ ଗରିବ ତୁଳନାରେ ଧନୀ ଅଧିକ କର ଦେବା ବ୍ୟବସ୍ଥା ଥିଲା । ବିଭିନ୍ନ ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନର ନୂତନ ଟିକସ ବ୍ୟବସ୍ଥା ପ୍ରାୟ ଏହି ପ୍ରକାରରେ ଚାଲିଛି ।

ଆଧୁନିକ ଭାରତରେ ଆୟକର ବ୍ୟବସ୍ଥାର ପ୍ରଥମ ପ୍ରଚଳନ ୧୮୬୦ ମସିହାରେ ସାର୍ ଜେମସ୍ ୱିଲସନ୍‌ଙ୍କ ଦ୍ୱାରା କରାଯାଇଥିଲା । ୧୮୫୭ ମସିହାରେ ସିପାହିବିଦ୍ରୋହ ସମୟରେ ସରକାରଙ୍କ ତହବିଲରେ ଅର୍ଥର କ୍ଷତି ଭରଣା କରିବାକୁ ପୁନଶ୍ଚ ୧୯୧୮ ମସିହାରେ ନୂଆ ଆୟକର ଲାଗୁହେଲା । ଅବଶ୍ୟ ମଝିରେ ମଝିରେ ବହୁ ସଂଶୋଧନ କରାଯାଇଥିଲା । ଏହିଭଳି ଭାବରେ ଅର୍ଥନୀତି କ୍ଷେତ୍ରରେ ବହୁ ସମସ୍ୟା ରହି ଆସିଛି ।

ସମ୍ଭବତଃ ଶ୍ରୀଅରବିନ୍ଦ ହେଉଛନ୍ତି ପ୍ରଥମ ଆଧ୍ୟାତ୍ମିକ ଗୁରୁ ଯିଏ ଅର୍ଥ ବ୍ୟବସ୍ଥା ବା ଅର୍ଥ ପରିଚାଳନାକୁ ନିଜ ଦର୍ଶନ ତତ୍ତ୍ୱରୁ ବାଦ୍ ଦେଇ ନାହାନ୍ତି । ତାଙ୍କ ମତରେ –''ଅର୍ଥ ବିଶ୍ୱଗତ ଶକ୍ତିର ଗୋଟିଏ ସ୍ଥୂଳ ଚିହ୍ନ । ଏହି ଶକ୍ତି ଯେତେବେଳେ ପୃଥିବୀ ଉପରେ ପ୍ରକାଶିତ ହୁଏ ସେତେବେଳେ ତାହାର କ୍ରିୟା ହୁଏ ପ୍ରାଣ ଓ ଜଡ଼ର ସ୍ତରରେ; ବାହ୍ୟ ଜୀବନର ପରିପୂର୍ଣ୍ଣତା ନିମିତ୍ତ ଏହି ଶକ୍ତି ଅପରିହାର୍ଯ୍ୟ ।... ଯେଉଁ ଅର୍ଥର ପ୍ରକୃତ ମାଲିକ ଭଗବାନ୍, ତାଙ୍କ ନିମିତ୍ତ ଅର୍ଥର ପୁନରୁଦ୍ଧାର, ଭାଗବତ ଜୀବନ ନିମିତ୍ତ ଭାଗବତ ଭାବରେ ତାହାର ବ୍ୟବହାର,– ଏହାହିଁ ହେଲା ସାଧକ ପକ୍ଷରେ ଅତିମାନସର ପଥ ।'' ସମ୍ଭବତଃ ଖୁବ୍ କମ୍ ଲୋକଙ୍କୁ ଜଣା ଯେ ଭାରତୀୟ ସନନ୍ଦ ଲେଖାକାର ସଂସ୍ଥାନ (Institute of Chartered Accounts of India ବା ICAI) ର ପ୍ରତୀକ (emblem) ଶ୍ରୀଅରବିନ୍ଦଙ୍କ ଦ୍ୱାରାହିଁ ପ୍ରସ୍ତୁତ ହୋଇଥିଲା । ଏହି ସଂସ୍ଥାନଟି ୧୯୪୬ ମସିହା ଜୁଲାଇ ୧ ତାରିଖ ଦିନ ସୃଷ୍ଟି ହୋଇଥିଲା । ଦକ୍ଷିଣ ଭାରତର ଜନୈକ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ୍ ସି. ଏସ୍. ଶାସ୍ତ୍ରୀ ତତ୍କାଳୀନ ମାନ୍ଦ୍ରାଜରୁ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ଅନୁରୋଧ କରିଥିଲେ ନୂଆକରି ଗଢ଼ି ଉଠିଥିବା ଏହି ଅନୁଷ୍ଠାନର ଏକ ପ୍ରତୀକ ପାଇଁ । ତାଙ୍କ ଅନୁରୋଧ କ୍ରମେ ୧୯୪୯ ମସିହାରେ ଶ୍ରୀଅରବିନ୍ଦ ICAI ନିମିତ୍ତ ଏକ ପ୍ରତୀକ ପଠାଇଥିଲେ । ଏହି ପ୍ରତୀକର କେନ୍ଦ୍ରରେ ପୌରାଣିକ ଇଗଲପକ୍ଷୀ 'ଗରୁଡ଼'ଙ୍କର ଏକ ସୁନ୍ଦର ଛବି ସହିତ କଠୋପନିଷଦ୍‌ରୁ ଏକ ଉଦ୍ଧୃତାଂଶ ଲେଖାଥିଲା । ଏହା ହେଉଛି – ''ୟ ଏଷ ସୁପ୍ତେଷୁ ଜାଗର୍ତି'' । ଅର୍ଥାତ୍ – ଏ ହେଉଛନ୍ତି ସେହି, ଯିଏ ସମସ୍ତଙ୍କ ନିଦ୍ରିତାବସ୍ଥାରେ ଜାଗ୍ରତ୍ ଥାଆନ୍ତି ।'' ଏହି ପ୍ରତୀକ ମାନ୍ଦ୍ରାସରେ ଅନୁଷ୍ଠିତ ହୋଇଥିବା କାଉନସିଲର ପ୍ରଥମ ବୈଠକରେ ଅନ୍ୟ ସଭ୍ୟମାନଙ୍କର ବିଭିନ୍ନ ପ୍ରତୀକମାନଙ୍କ ମଧ୍ୟରୁ ଗ୍ରହଣୀୟ ହୋଇଥିଲା । ସେହି ସମୟଠାରୁ ଏପର୍ଯ୍ୟନ୍ତ ICAIର ପ୍ରତୀକ ଭାବରେ ଏହା ରହିଆସିଛି । ଏହି ସଂସ୍ଥାର ବର୍ତ୍ତମାନ ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଏବଂ ୧୫୭ଟି ଭାରତୀୟ ଶାଖା ଓ ୩୦ଟି ବିଦେଶ ଶାଖାରେ ମଧ୍ୟ କାର୍ଯ୍ୟ କରୁଛି ।

ଅତଏବ ସାଧାରଣ ଜୀବନ ତଥା ଆଧ୍ୟାତ୍ମିକ ଜୀବନ – ଏଇ ଉଭୟ ପରିସରରେ ଅର୍ଥ ବା ଅର୍ଥନୀତିର ସ୍ୱଚ୍ଛତା ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ଭାଷାରେ, ''ଅର୍ଥ ହେଲା ଗୋଟାଏ ଶକ୍ତି, ମା'ଙ୍କ ପାଇଁ ପୁନର୍ବାର ତା'କୁ ଜୟ କରିବାକୁ ହେବ, ତାଙ୍କର ସେବାରେ ଅର୍ପଣ କରିବାକୁ ହେବ; ଅର୍ଥକୁ ଏହି ଦୃଷ୍ଟିରେ ଦେଖ ।''

(ସମାପ୍ତ)

❑❑❑

# ହାରାଧନ

## (୧)

''ମଣିଷ ମହାନ୍, ଆଉ ସେହିଁ କେବଳ,
ନିଜସ୍ୱ ନୁହେଁ ଅଥଚ ଏକ ମହାନତାର ଯିଏ
ସେବକ ବିରଳ,
କାରଣ ପ୍ରଶଂସାରେ ଅବା ସମ୍ପଦରେ :
ବୀତସ୍ପୃହ ସିଏ, ସ୍ଥିତି ତା'ର ଅଜଣା ଅଜ୍ଞାତ :
ସ୍ୱୟଂ ସଂପୂର୍ଣ୍ଣ ପୁଣି ଆତ୍ମ-ସମାହିତ ।''

(A Great Man) – ଓମେନ୍ ମେରେଡିଥ୍

ପ୍ରଭାକର (ବାଚ୍ଚି)ଙ୍କ ପ୍ରବନ୍ଧର ଭାବାନୁବାଦରୁ ଉଦ୍ଧୃତି :

''ଏହା ଥିଲା ୧୯୪୦ ଦଶକର କଥା, ଯେତେବେଳେ ଜଣେ ଆଶ୍ରମ ଭିତରକୁ ପ୍ରବେଶ କଲେ ଅଗଣାରେ ନିଶ୍ଚିତ ରୂପେ ହାରାଧନ-ଦା'ଙ୍କ ଉପରେ ନଜର ପଡ଼ିବ । ଏହା ନୁହେଁ ଯେ ଆଶ୍ରମର ଦରଜା ଖୋଲା ସମୟରୁ ସେ ସବୁ ସମୟରେ ଉପସ୍ଥିତ ରହୁଥିଲେ, କିନ୍ତୁ ତାଙ୍କର ଅପୂର୍ବ ଚେହେରାଟି ଯୋଗୁଁ ସେ ସମସ୍ତଙ୍କ ମଧ୍ୟରେ ବାରି ହୋଇଯାଉଥିଲେ, ଅତ୍ୟନ୍ତ ଦୃଷ୍ଟି-ଆକର୍ଷକ ଥିଲା ତାଙ୍କର ଶରୀରର ଅବୟବ । ପୁନଶ୍ଚ ଆଶ୍ରମ ଅଗଣାରେ ତାଙ୍କର କ୍ରିୟାକଳାପ ଏବଂ କର୍ମ କରିବାରେ ତାଙ୍କର ନିଆରା ଧାରାଟି ବି ଥିଲା ବେଶ୍ ଆଖିଦୃଶିଆ ।

''ସେତେବେଳେ ଆମେ ଖୁବ୍ ସାନ ସାନ ପିଲା; ଆଗ୍ରହାତିଶଯ୍ୟ, ଭୟମିଶ୍ରିତ କୌତୂହଳ ଓ ବିସ୍ମୟ ଏବଂ ଖୁବ୍ ସତର୍କତାର ସହିତ ଅଳ୍ପ ଦୂରରୁ ଆମେ ତାଙ୍କୁ କେବଳ ଦେଖୁଥିଲୁ ତ ଦେଖୁଥିଲୁ ।

''ହାରାଧନ-ଦା ଥିଲେ ବେଶ୍ ଚିତ୍ତାକର୍ଷକ ଆକୃତିର; ବିଶାଳ ବପୁ, ଲମ୍ବା, ପ୍ରଶସ୍ତ, ବଳିଷ୍ଠ ଚେହେରା ସହିତ ଅଣ୍ଟା ଉପରିସ୍ଥ ଶରୀରର ସମ୍ମୁଖଭାଗର ଉଦରଟି ବେଶ୍ ପୃଥୁଳ ଯାହାକି ଶରୀରର ପୂର୍ଣ୍ଣ ଅବୟବକୁ ନେଇ ବେଶ୍ ମର୍ଯ୍ୟାଦାଯୁକ୍ତ ଓ ସଂଭ୍ରାନ୍ତ । ମୁଣ୍ଡଟି ମଧ୍ୟ ତଦନୁରୂପ, ବେଶ୍ ବଡ଼; ଦୀର୍ଘ ଅଥଚ ପତଳା ଶ୍ମଶ୍ରୁମଣ୍ଡିତ; ଶାନ୍ତ ଉଜ୍ଜ୍ୱଳ ନେତ୍ରଯୁଗଳ, ବୃହତ୍ ନାସିକା, ଏବଂ ବୃହତ୍ତର ଲଲାଟରେ ଆଠଣି ଆକାରର ସିନ୍ଦୂର ଟୋପା, ସେଇଠାରୁ ପୁଣି ଶୋଭନୀୟ ସୂତାଗୁଚ୍ଛ ସଦୃଶ ଗ୍ରୀବାଲମ୍ବିତ କେଶଗୁଚ୍ଛ ଏବଂ ଚନ୍ଦାମୁଣ୍ଡର ସୀମନ୍ତ ପର୍ଯ୍ୟନ୍ତ ଲମ୍ବିତ ସିନ୍ଦୂର ତିଳକ ।

''ପରିଧେୟ ସାଧାସିଧା, ନିରାଡ଼ମ୍ବର । ଆଣ୍ଠୁ ପର୍ଯ୍ୟନ୍ତ ପରିଷ୍କାର ଅର୍ଦ୍ଧ-ଶୁଭ୍ର ଖଦଡ଼ ଧୋତି; ଅର୍ଦ୍ଧ-ଉନ୍ମୁକ୍ତ ସ୍କନ୍ଧ ଉପର ଦେଇ ବକ୍ଷଦେଶରେ ତଦନୁରୂପ ଚାଦର । ଯାଉ ଯାଉ ଦୂରରୁ ତାଙ୍କ ଉପରେ ନଜର ପଡ଼ିବା ମାତ୍ରେ ଅଟକି ଯିବାକୁ କ'ଣ ଏତିକି ଯଥେଷ୍ଟ ନଥିଲା ? ନା, ଏହାଠୁ ଅଧିକ ବିଚିତ୍ର କିଛି ବି ରହିଥିଲା । ତାଙ୍କ ଗଳାରେ ଏକ ମୋଟା ସୂତାର ଫିତା ଝୁଲୁଥିଲା । ଚାଦର ଭିତରେ ଲୁଚି କରି ସେ ଫିତାରେ କ'ଣ ଝୁଲୁଥିଲା ? ଯଦି ଦୈବାତ୍ ଚାଦରଟି କାନ୍ଧରୁ ଖସିପଡ଼ିଛି, ଆଉ ଯୋଗକୁ ତୁମେ ଯଦି ସେଇ ମୁହୂର୍ତ୍ତରେ ସଜାଗ ରହି ମୁହୂର୍ତ୍ତକ ସକାଶେ ଫିତାଟି ଉପରେ ନଜର ପକାଇଛ, ତେବେ ଦେଖିବାକୁ ପାଇବ ଝୁଲୁଥିବା ଜିନିଷଟି ଆଉ କିଛି ନୁହେଁ ଭାଙ୍ଗି ହୋଇ ଖୋପ ଭିତରେ ରହିଥିବା ଛୁରୀଟିଏ ।

''ପାଦରେ ଥିଲା କାଠର ମୋଟା ଖଡ଼ମ, ଯାହାକି ବର୍ଷ ବର୍ଷ ଧରି ତା'ର ମାଲିକର ସେବା କରି ଆସିଛି । ତେଣୁ ତା'ର ଅବୟବର ପୃଷ୍ଠଦେଶରେ ତାଙ୍କର ପଦଚିହ୍ନକୁ ଅବିକଳ ଭାବରେ ଚକଚକିଆ କରି ଛାପି ରଖିଛି । ଆଉ ମାଲିକ ହାରାଧନ ମଧ୍ୟ ତା' ଉପରେ କୃପା ପରବଶ ହୋଇ ଏତେ ସଦୟ ରହିଥା'ନ୍ତି ଯେ କେହିହେଲେ ତାଙ୍କୁ ନୂତନ ଖଡ଼ମ ପିନ୍ଧିବାରେ କସ୍ମିନ୍‌କାଳେ ଦେଖିବାକୁ ପାଇବେ ନାହିଁ ।

''ସେ ନିତି ଆଶ୍ରମରୁ ସୁରେଇରେ ପିଇବା ପାଣି ନେଇ ନିଜ ରୁମକୁ ଯାଉଥିଲେ । ସୁରେଇଟି ସାଧାରଣ ଥିଲା ସତ, କିନ୍ତୁ ସେଇଟି ତା'ର ଚିହ୍ନଟକାରୀ ସଂକେତ ବହନ କରିଥିଲା । ବେଶ୍ ଦୀର୍ଘଦିନ ଧରି ଅପରିବର୍ତ୍ତନୀୟ ଭାବେ ସଯତ୍ନରେ ବ୍ୟବହୃତ ହୋଇ ସେଇଟି ଚକ୍ ଚକ୍ କରୁଥିବା ଚିକ୍କଣ ଗ୍ରାନାଇଟ୍‌ର ଅବୟବ ନେଇଥିଲା । କାହାରି କେବେ ଏଇ ବିଶ୍ୱସ୍ତ ସୁରେଇଟିର ପରିବର୍ତ୍ତନ ହୋଇଥିବାର ନଜରରେ ଆସି ନାହିଁ । ନିଶ୍ଚିତରୂପେ ଏହାର ଡାକୁଣୀଟିର ନିର୍ବାଣ ପ୍ରାପ୍ତି ହୋଇଥିବ ଏବଂ ସେଇଟିର ସ୍ଥାନ ପୂରଣ କରିଥାଏ ଏକ ନଡ଼ିଆ ଶଢେଇ, ସୁରେଇଟି ସଦୃଶ ଚିକ୍‌କଣ, ଚକ୍ ଚକ୍ ।

''ଆବଶ୍ୟକ ସ୍ଥଳେ ସେ ଏକ ଛତା ବ୍ୟବହାର କରୁଥିଲେ । ସ୍ୱତନ୍ତ୍ର ଶିଲ୍ ମୋହର ଦିଆ ତଦାନୀନ୍ତନ ସାଧାରଣ

ଆଧୁନିକ ଛତା ନୁହେଁ ବା ଭାଙ୍ଗିଯୋଡ଼ି ଛୋଟ କରି ରଖାଯାଇ ପାରୁଥିବା ଅତ୍ୟାଧୁନିକ ସ୍ପ୍ରିଙ୍ଗ୍ ଛତା ମଧ୍ୟ ନୁହେଁ । ତାଙ୍କର ମନଲାଖି ଛତାଟି ଥିଲା କେତେକ ମାତ୍ରାରେ ଅଧିକ ଅଖାଡୁଆ, କିନ୍ତୁ ବେଶ୍ କାର୍ଯ୍ୟକାରୀ ଓ ଫଳପ୍ରଦ ମଧ୍ୟ – ଦୁଃଖର ବିଷୟ ଏବେ ସେ ଧରଣର ଛତାର ଆଉ ଅସ୍ତିତ୍ୱ ନାହିଁ – ବିବର୍ତ୍ତନଧାରାରେ ତା'ର ମଧ୍ୟ ବିବର୍ତ୍ତନ ଘଟିଛି । ଏହା ଥିଲା ତାଳ ପତ୍ର ଓ ବାଉଁଶ ପାତିଆରେ ଅତି ନିପୁଣ ହସ୍ତକର୍ମରେ ନିର୍ମିତ ଗମ୍ବୁଜ ସଦୃଶ ବା ବର୍ତ୍ତୁଳାକାରର ବଡ଼ ଛତାଟିଏ, ବନ୍ଦ କରିବାର ବା ପୁଣି ଖୋଲିବାର ପ୍ରଶ୍ନ ବି ଉଠୁ ନଥିଲା, ସଦା ଉନ୍ମୁକ୍ତ । ଛତାର ବେଣ୍ଟଟି ମଧ୍ୟ ସମଜାତୀୟ ବାଉଁଶଟିର ଥିଲା । (ଆମେ ପୌରାଣିକ ବା ବୈଦିକ ଯୁଗର ଚିତ୍ରାଙ୍କନ ବା ଚଳଚ୍ଚିତ୍ରରେ ଦେଖିଥିବା ବାମନ ଅବତାରଙ୍କର ବ୍ୟବହୃତ ଛତା ସଦୃଶ ।)

''ତାଙ୍କର ଚେହେରା ଆମର ପ୍ରଥମ ନଜରରେ ପଡ଼ିବା ମାତ୍ରେ ହଠାତ୍ ମନେ ହେବ ସତେ ଯେପରି ଶହେ କି ଦୁଇ ଶହ ବର୍ଷ ପୂର୍ବର ଜଣେ ତାନ୍ତ୍ରିକଙ୍କର ଏବେ ଆମ ଗହଣକୁ ଅପ୍ରତ୍ୟାଶିତ ଭାବରେ ଆଗମନ ଘଟିଛି । ସେ ସତରେ ତାଙ୍କର କୌଣସି ଏକ ପୂର୍ବଜନ୍ମରେ ଜଣେ ତାନ୍ତ୍ରିକ ଥିଲେ (ଏ ବିଷୟରେ ପରେ ଅଧିକ ଜାଣିବୁ) । ଏବଂ ସେ ଏ ଜନ୍ମରେ ପୁଣି ସେପରି ହେବାର ତୀବ୍ର ଅଭିପ୍ରାୟ ରଖିଥିଲେ ବା ସେଇ ଶକ୍ତିର ଶିକାର ହୋଇ ଉଠିଥିଲେ – ଶ୍ମଶାନ କାଳୀ ବା ବିଧ୍ୱଂସୀ କାଳୀଙ୍କର ସେବକ ରୂପେ । ଶ୍ରୀମାଶ୍ରୀଅରବିନ୍ଦ ଅସୀମ ଧୈର୍ଯ୍ୟର ସହିତ ତାଙ୍କ ଉପରେ କୃପାବାରି ବର୍ଷଣ ପୂର୍ବକ ତାଙ୍କର ପାଷାଣ ହୃଦୟକୁ ତରଳାଇ ଦେଇ ପାରିଥିଲେ, ତାଙ୍କର ତୀବ୍ର ଉଦ୍ଦଣ୍ଡ ଚରିତ୍ରକୁ ଶାନ୍ତ କରାଇ ପାରିଥିଲେ ।

''ତେଣୁ ସାନସାନ ପିଲାଙ୍କ ଭିତରେ ତାଙ୍କ ପ୍ରତି ଶ୍ରଦ୍ଧା ଭକ୍ତି ମିଶ୍ରିତ ଭୟ ବା ବିସ୍ମୟ ଏବଂ ସତର୍କତା ଅବଲମ୍ବନ କରିବାରେ ସେତେ ବିଚିତ୍ର କିଛି ନଥିଲା । କିନ୍ତୁ ପରବର୍ତ୍ତୀ କାଳରେ ତାଙ୍କର ସାହଚର୍ଯ୍ୟ ଲାଭ କରି ଆମର ତାଙ୍କ ପ୍ରତି ସହାନୁଭୂତି ବା ସଂବେଦନଶୀଳତା ଗଭୀର ହୋଇ ଉଠିଥିଲା – ଏକାଧାରରେ ସମ୍ମାନାସ୍ପଦ ଓ ବିସ୍ମୟାଭିଭୂତ ।

''ହାରାଧନ-ଦା (ହାରାଧନ ବକ୍ସି) ତଦାନୀନ୍ତନ ଫରାସୀ ଉପନିବେଶ ଚନ୍ଦନନଗରରେ ୬ ଜୁନ୍ ୧୮୯୭ରେ ଜନ୍ମ ଗ୍ରହଣ କରିଥିଲେ । ଘଟଣାକ୍ରମେ (ପରେ ବର୍ଣ୍ଣନା କରିବୁ) ୨୧ ମାର୍ଚ୍ଚ ୧୯୧୬ରେ ପ୍ରଥମେ ପଣ୍ଡିଚେରୀରେ ପଦାର୍ପଣ କରି ଶ୍ରୀଅରବିନ୍ଦଙ୍କର ପ୍ରଥମ ଦର୍ଶନ ଲାଭ ସକାଶେ ତୀବ୍ର ଆଗ୍ରହ ପ୍ରକାଶ କରି ଶ୍ରୀଅରବିନ୍ଦଙ୍କର ବାସଭବନ ଅଭିମୁଖେ ଅଗ୍ରସର ହେଲେ ।

''ସେତେବେଳେ ଶ୍ରୀଅରବିନ୍ଦ ତାଙ୍କର ପାଞ୍ଚ, ଛ'ଜଣ ଅନୁଗାମୀଙ୍କ ସହିତ ଫ୍ରାଁସୁଆ ମାରତ୍ୟାଁ ଷ୍ଟ୍ରୀଟ୍‌ରେ (ପରବର୍ତ୍ତୀ କାଳରେ 'ଗେଷ୍ଟ୍ ହାଉସ'ରେ) ବାସ କରୁଥିଲେ । ସେହି କୋଠାରେ ସେତେବେଳେ କେବଳ ତଳ ମହଲାରେହିଁ ପାଣିର ବନ୍ଦୋବସ୍ତ ଥିଲା । ସମସ୍ତଙ୍କର ବ୍ୟବହାର କରିବା ସକାଶେ ଭିତର ଶିଡ଼ି ପାହାଚର କାନ୍ଥ ପାଖରେ ଗୋଟିଏ ମାତ୍ର ପାଣିକଳ ଥିଲା । (ଏବେ ବି ସେଇଠାରେ ସେମିତି ପାଣି କଳଟିଏ ରହିଛି ।)

''ସକାଳେ ଶ୍ରୀଅରବିନ୍ଦ ତଳକୁ ଆସି ମୁହଁ ଧୋଇ ସାରି ନିଜର ସ୍ୱଭାବ ସିଦ୍ଧ ତନ୍ମୟଭାବ ସହ ପାର୍ଶ୍ୱରେ ଛିଡ଼ା ହୋଇଥିବା ଅନ୍ତେବାସୀ ଜଣଙ୍କୁ ନରମ ଗଳାରେ କହିଲେ, 'ମୋ ପାଇଁ କପେ ଚା କରିଦେବ ?'– ଏହା କହି ଶିଡ଼ିରେ ଉପର ମହଲାକୁ ଉଠି ଯାଇଥିଲେ ।...''

କିନ୍ତୁ ସେଦିନ ସେଇ ସକାଳେ ଶ୍ରୀଅରବିନ୍ଦଙ୍କ ପାର୍ଶ୍ୱରେ କୌଣସି ଅନ୍ତେବାସୀ ଛିଡ଼ାହୋଇ ନଥିଲେ, ଯୋଡ଼ ହସ୍ତରେ ଛିଡ଼ା ହୋଇଥିଲେ ୧୯ ବର୍ଷର ଯୁବକ ହାରାଧନ-ଦା' । ସେ ସେଦିନ ବାସଭବନର ଅଗଣାକୁ ପ୍ରବେଶ କରି ଦେଖିଲେ ଯେ ଶ୍ରୀଅରବିନ୍ଦ ମୁହଁ ଧୋଉଛନ୍ତି । ତେଣୁ ସେ ତାଙ୍କର ମୁହଁ ଧୋଇବା କାର୍ଯ୍ୟରେ ବିନ୍ଦୁମାତ୍ର ବ୍ୟାଘାତ ନଘଟାଇ ତାଙ୍କ ପାର୍ଶ୍ୱରେ ଅତି ନିକଟରେ ନୀରବରେ, ବିନୀତ ଭାବରେ ଛିଡ଼ା ହୋଇଥିଲେ । ଗୁରୁଦେବ ମୁହଁ ଧୋଇସାରି ତାଙ୍କୁ ଅନାଇବା ମାତ୍ରେ ସେ ତାଙ୍କର ପାଦପଦ୍ମରେ ପ୍ରଥମ ପ୍ରଣିପାତ ଜଣାଇବେ ! କିନ୍ତୁ...

ଅବଶ୍ୟ ସେଇଦିନ ସକାଳେ ଶ୍ରୀଅରବିନ୍ଦଙ୍କୁ ନିଜର ପ୍ରଣତି ଜଣାଇବାକୁ ହାରାଧନ ଅନୁମତି ପାଇଥିଲେ ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

আন্তর্জাতিক প্রয়োগশালা

# ଅରୋଭିଲ୍‌ରେ ନୂତନ ଶିକ୍ଷାର ଉଦ୍ୟମ

## ରାମନାରାୟଣ ପାତ୍ର

ସେଦିନ ଥାଏ ଜୁନ୍ ୧୨, ୨୦୧୦ । ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ କପିଲ ସିବାଲ୍ ପଦାର୍ପଣ କରନ୍ତି ଅରୋଭିଲ୍‌ସ୍ଥିତ 'ଭାରତ ନିବାସ'ର ଶ୍ରୀଅରବିନ୍ଦ 'ଅଡ଼ିଟୋରିୟମ'ରେ 'Passage' ନାମକ ଶିକ୍ଷାଗବେଷଣା-ପ୍ରସୂତ ଏକ ପ୍ରେରଣାଦାୟକ ସୁନ୍ଦର ପୁସ୍ତକର ଉନ୍ମୋଚନ କରିବା ନିମନ୍ତେ । ଏଥିପାଇଁ ସେ ଆସିଥା'ନ୍ତି ସୁଦୂର ଦିଲ୍ଲୀରୁ । ଅରୋଭିଲ୍‌ରେ ଥିବା ମୁକ୍ତ ପ୍ରଗତି (free progress) ଶିକ୍ଷାଧାରାକୁ ପ୍ରଣୟନ କରି ମଣିଷକୁ ଶିକ୍ଷିତ ବା ବିକଶିତ କରାଇ ଆଣିବାରେ ଲାଗି ରହିଥିବା ଲାଷ୍ଟ୍ ସ୍କୁଲ (Last School) ତା'ର ଚାରିଜଣ ଛାତ୍ରଛାତ୍ରୀଙ୍କ ବିକାଶ ଓ କୃତିକୁ ପରିବେଷଣ କରେ ଏହି ପୁସ୍ତକ 'Passage' ମାଧ୍ୟମରେ । ସେମାନେ ଶ୍ରୀଯୁକ୍ତ ମନ୍ତ୍ରୀ ମହୋଦୟଙ୍କ ଉପସ୍ଥିତିରେ ସମଗ୍ର ଜନତାଙ୍କ ଆଗରେ ସେମାନଙ୍କ ବକ୍ତବ୍ୟକୁ ଏକ ଛୋଟ ପ୍ରଦର୍ଶନ ମାଧ୍ୟମରେ ପରିବେଷଣ କରନ୍ତି । ସେମାନେ କହି ଉଠନ୍ତି ''କସ୍ମିନ୍ ବିଜ୍ଞାତେ ସର୍ବମ୍ ବିଜ୍ଞାତମ୍ ?'' " – Is there a knowledge, having which, all can be known ? – ଏମିତି କିଛି ଜ୍ଞାନ ଅଛି, ଯାହାକୁ ଜାଣିଲେ ସବୁକିଛି ଜାଣି ହୁଏ ? ଏହି ପ୍ରଶ୍ନରେ ସମଗ୍ର ଅଡ଼ିଟୋରୀୟମ୍ ସ୍ପନ୍ଦିତ ହେଉଥାଏ । ସେତେବେଳକୁ ଏହି ପ୍ରଶ୍ନଟି ଛାତ୍ରଛାତ୍ରୀଙ୍କୁ କିଛିବର୍ଷ ପାଇଁ ଗବେଷଣାରେ ନିୟୋଜିତ କରି ରଖିଥାଏ ।

ଜନୈକା ଛାତ୍ରୀ 'ଅରୋଭାନ୍' (Aurovan) କହନ୍ତି : "I have reached a very interesting moment in my work and outside it : I see beauty all around me – all the time. I cannot stay angry or upset very long. Or even afraid... When I am afraid of whatever it be, I can step back and observe it..."

ଅର୍ଥାତ୍, ''ମୋ କାମରେ ଓ ବାହାରେ ମୁଁ ଏମିତି ଏକ ଆଗ୍ରହପ୍ରଦ ମୁହୂର୍ତ୍ତରେ ପହଞ୍ଚିଛି : ମୋ ଚତୁଃପାର୍ଶ୍ୱରେ ମୁଁ ସୌନ୍ଦର୍ଯ୍ୟକୁ ଦେଖୁଛି – ସବୁ ସମୟରେ । ମୁଁ ବହୁତ ସମୟ ଧରି କ୍ରୋଧ ବା ବିଚଳିତ ହୋଇ ରହିପାରେ ନାହିଁ । ଏପରିକି ଭୟଭୀତ ମଧ୍ୟ ହୁଏ ନାହିଁ..., କୌଣସି ବିଷୟରେ ଯେତେବେଳେ ମୁଁ ଭୟଭୀତ ହୁଏ ସେତେବେଳେ ମୁଁ ନିଜ ଭିତରକୁ ପ୍ରବେଶ କରେ ଓ ପର୍ଯ୍ୟବେକ୍ଷଣ କରେ... ।''

ଅନ୍ୟ ଏକ ଛାତ୍ରୀ 'ସୃଷ୍ଟି' କହେ : "I began with exploring two ideas – 'Silence' and 'Sound.'

"Silence meant for me not absence of Being but the fullness and the very space of all. Something which contained power yet was intangible. Sound was its manifest expression.

"With silence came introspection; the rising above immediate surrounding, petty concerns, slowing down and turning the eye within; recognizing one's fears and limitations and choosing to step beyond them. To pull out the experience from within, to give it expression, is what I associate with sound..."

ଅର୍ଥାତ୍, ''ଦୁଇଟି ଧାରଣାକୁ ନେଇ ମୁଁ ମୋର ଗବେଷଣା ଆରମ୍ଭ କଲି – 'ନୀରବତା' ଓ 'ଶବ୍ଦ' । କିଛି ହୋଇ ଉଠିବାର ଅନୁପସ୍ଥିତି ନୁହେଁ କିନ୍ତୁ ସବୁକିଛିର ଉପସ୍ଥିତି ଓ ପୂର୍ଣ୍ଣପ୍ରକାଶ ହେଉଛି ମୋ ପାଇଁ 'ନୀରବତା'ର ଅର୍ଥ । ଏହା ଏପରି କିଛି ଯାହା ଶକ୍ତିକୁ ଧାରଣ କରିଥିଲା କିନ୍ତୁ ତାକୁ ବାରି ହେଉ ନଥିଲା । ଶବ୍ଦ ଏହାକୁ ପ୍ରକାଶ କଲା ।

''ନୀରବତା ମାଧ୍ୟମରେ ଅନ୍ତର୍ଦର୍ଶନ ଆସିଲା; ଅତି ନିକଟ ପରିବେଶ ଓ ବ୍ୟାପାରଗୁଡ଼ିକର ଊର୍ଦ୍ଧ୍ୱକୁ ଉଠିହେଲା, ନିଜକୁ ଥମିତ କରି ନିଜ ଭିତରକୁ ଦୃଷ୍ଟି ଫେରାଇ ଆଣି ହେଲା; ନିଜର ଭୟ ଓ ସୀମିତତାର ପରିଚୟ ପାଇ ସେମାନଙ୍କ ଅପରପାର୍ଶ୍ୱକୁ ବାଛି ହେଲା । ନିଜ ଭିତର ଅନୁଭୂତିକୁ ଟାଣି ଆଣି ତାକୁ ପ୍ରକାଶ କରିବା କଥାଟିକୁ ଶବ୍ଦ ସହ ମୁଁ ସମ୍ପର୍କିତ କରେ... ।''

୨୦୦୪-୦୫ରେ ପ୍ରାକ୍ କୈଶୋର ଅବସ୍ଥାରେ ଅରୋଭାନ୍, ସୃଷ୍ଟି, ଅନାଦି ଓ ସ୍ମିତି ଭର୍ତ୍ତି ହୁଅନ୍ତି Last Schoolରେ । ୨୦୦୯-୧୦ ବେଳକୁ ସେମାନେ ପ୍ରାକ୍ ବୟସ୍କ ଅବସ୍ଥାରେ ପଦାର୍ପଣ କରିବା ବେଳକୁ ପ୍ରତ୍ୟେକେ ଜଣେ ଜଣେ ସ୍ୱୟଂଚାଳିତ ଆତ୍ମନିର୍ଭରଶୀଳ ସଚେତନ ବ୍ୟକ୍ତି ହୋଇ ଉଠନ୍ତି । ସେମାନଙ୍କ ଶିକ୍ଷା ସେଠାରେ ସରି ନାହିଁ । ସେମାନେ ବର୍ତ୍ତମାନ ଅରୋଭିଲ୍‌ର ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି । କିଏ ଅନ୍ୟ ଏକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ତ କିଏ କୌଣସି ଉତ୍ପାଦନକ୍ଷମ ସଂସ୍ଥାର ପରିଚାଳନାରେ ସହାୟିକା । ବର୍ତ୍ତମାନ ସେମାନଙ୍କ କର୍ମ କ୍ଷେତ୍ରରୁ ଶିକ୍ଷା ଗ୍ରହଣ କରୁଥିବା ବେଳେ ସେମାନେ Last Schoolର ବି ଜଣେ ଜଣେ ଛାତ୍ର ବା ଛାତ୍ରୀ ।

ଏଠାରେ ଓ ଅରୋଭିଲ୍‌ର ଅନ୍ୟାନ୍ୟ ଶିକ୍ଷାକେନ୍ଦ୍ର-ମାନଙ୍କରେ ଶିକ୍ଷକମାନଙ୍କୁ ସେମାନଙ୍କ ବିଦ୍ୟୋଚିତ ଯୋଗ୍ୟତା ଅନୁସାରେ ବଛାଯାଇ ନଥାଏ କି ପିଲାମାନଙ୍କୁ ସେଥିଲାଗି ପ୍ରସ୍ତୁତ ହେବା ମନୋଭାବ ରଖି ପାଠ୍ୟ ଖସଡ଼ାମାନ ତିଆରି କରାଯାଇ ନଥାଏ । କୌଣସି ଧରାବନ୍ଧା ପାଠ୍ୟ ଖସଡ଼ାହିଁ ନାହିଁ । ପିଲା, ଶିକ୍ଷକ, ପରିସ୍ଥିତି ଓ ସାମୂହିକ ପରିବେଶକୁ ନେଇ ପାଠ୍ୟକ୍ରମମାନ ଗଢ଼ିଉଠେ । ଏ ବର୍ଷର ପାଠ୍ୟକ୍ରମ ତା' ପରବର୍ଷ ପାଇଁ ପୂରାପୂରି କାମରେ ଲାଗିବାର କୌଣସି ଅବକାଶ ନଥାଏ । ପିଲାମାନଙ୍କ ପାଇଁ ପ୍ରତିବର୍ଷ ନୂଆ ନୂଆ ପାଠ୍ୟ ଖସଡ଼ା ହେଉଥିବା ବେଳେ ଶିକ୍ଷକମାନଙ୍କ ପାଇଁ ମଧ୍ୟ ନୂଆ ହେଉଥାଏ । ଶିଖିବାର ଆନନ୍ଦ ଉଭୟଙ୍କୁ ମିଳେ । ଶିକ୍ଷାଳୟରେ ଅଗ୍ରଗତି କରିବାର ଉତ୍ସାହ ସର୍ବଦା ଅନୁସ୍ୱନ୍ଦିତ ହେଉଥାଏ । କାହାକୁ ବିରକ୍ତ ଲାଗିବା ପାଇଁ ବେଳ ନଥାଏ । ଏମିତି ହେଉ ହେଉ ସପ୍ତାହ ପରେ ସପ୍ତାହ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ ଚାଲିଯାଏ, ଜଣା ପଡ଼େନି । ଆନନ୍ଦର ବାତାବରଣରେ ସମସ୍ତେ ଗଢ଼ି ଉଠନ୍ତି ।

ବର୍ତ୍ତମାନ* Last Schoolରେ ୧୦ରୁ ୨୦ ବର୍ଷ ବୟସର ସମୁଦାୟ ୨୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେମାନଙ୍କ ଶିକ୍ଷାକାର୍ଯ୍ୟରେ ସହାୟକଭାବେ ୪ ଜଣ ପୂରା ସମୟ, ୪ ଜଣ ଆଂଶିକ ସମୟ ଦେଉଛନ୍ତି ।

ଶିକ୍ଷା ମଣିଷକୁ ଯୋଗ୍ୟ ହୋଇ ଉଠିବାରେ ସାହାଯ୍ୟ କରିଥାଏ । ଯୋଗ୍ୟତାର ବିକାଶ ପାଇଁ ଯୁଗେ ଯୁଗେ ଶିକ୍ଷାବିତ୍‌ମାନେ ବିଭିନ୍ନ ପ୍ରକାର ଗବେଷଣା କରି ଶିକ୍ଷାଧାରାମାନ ପ୍ରଣୟନ କରିଛନ୍ତି । ଏପରି ବହୁତ କମ୍ ଶିକ୍ଷା ପଦ୍ଧତି ଅଛି ଯାହାକି ସମଗ୍ର ମଣିଷ ସମାଜକୁ ଗୋଟାଏ ଐକ୍ୟ ମଧ୍ୟରେ ଦେଖିବାରେ ଏବଂ ଅନୁଭବ କରିବାରେ ସାହାଯ୍ୟ କରିଥାଏ । ଏ ପରିପ୍ରେକ୍ଷୀରେ ମା'ଙ୍କ ସହ ହୋଇଥିବା ଏକ ସଂକ୍ଷିପ୍ତ ବାର୍ତ୍ତାଳାପ ଉଲ୍ଲେଖଯୋଗ୍ୟ :

*Question : How can humanity become one ?*

The Mother : By becoming conscious of its origin.

*Question : What is the way of making the consciousness of human unity grow in men ?*

The Mother : Spiritual education. That is to say, an education which gives more importance to the growth of the spirit than to any religious or marvel teaching or to the material, so called knowledge.

ଅର୍ଥାତ୍ :

*ପ୍ରଶ୍ନକର୍ତ୍ତା : ମାନବସମାଜ କିପରି ଏକ ହେବ ?*

ଶ୍ରୀମା : ନିଜର ଉତ୍ସ ବିଷୟରେ ସଚେତନ ହୋଇ ଉଠିବାରେ ।

*ପ୍ରଶ୍ନକର୍ତ୍ତା : ମଣିଷ ଭିତରେ ମାନବ ଐକ୍ୟର ଚେତନା ବିକଶିତ କରିବାର ଧାରା କ'ଣ ?*

ଶ୍ରୀମା : ଆଧ୍ୟାତ୍ମିକ ଶିକ୍ଷା । ଅର୍ଥାତ୍ ଏପରି ଏକ ଶିକ୍ଷା ଯାହା ତଥାକଥିତ ଭୌତିକ ଜ୍ଞାନ ବା କୌଣସି ଧାର୍ମିକ ଶିକ୍ଷା ଅପେକ୍ଷା ଆତ୍ମାର ବିକାଶକୁ ଅଧିକ ଗୁରୁତ୍ୱ ଦେଇଥାଏ ।

ଅନ୍ୟ ଉପରେ ପ୍ରଭୁତ୍ୱ ଆଣିବା, ଅନ୍ୟଠାରୁ ଅଧିକ ସମ୍ପଦର ଅଧିକାରୀ ହେବା, ଅନ୍ୟର ଦୁଃଖରେ ନିଜକୁ ଖୁସୀ କରିବା ଏପରିକି ଅନେକ ପ୍ରବୃତ୍ତି ଦ୍ୱାରା ଅଧିକୃତ ହୋଇ ମଣିଷ ଏ ପୃଥିବୀକୁ ଭାରି ଜଟିଳ କରି ପକାଇଛି, ବହୁ ପ୍ରକାର ବିଭେଦକାରୀ ସୀମାମାନ ଧାର୍ଯ୍ୟ କରିଛି । ଏପରିକି ଅନେକ ଭୌଗୋଳିକ ସୀମାରେଖାମାନ ଟାଣି ସେଗୁଡ଼ିକ ମଧ୍ୟରେ ନିଜକୁ

---

* ପ୍ରବନ୍ଧଟିର ରଚନା କାଳ ୨୦୧୩ ଏପ୍ରିଲ ।

କିଳି ରଖିଛି । ନିଜ ନିଜ ସୀମା ଭିତରେ ରହି ନିଜକୁ ପ୍ରଭାବଶାଳୀ, ଗୁଣୀ, ଧନୀ, ଉଚ୍ଚ, ମହାନ୍, ମହତ୍ ଇତ୍ୟାଦି ଉପାଧିରେ ଭୂଷିତ କରି ଚାଲିଛି । ଏସବୁହିଁ ଯେ ତାକୁ ପ୍ରକୃତରେ ନୀଚ, ସୀମିତ ତଥା ଉପରଠାଉରିଆ କରି ରଖିଛି, ଏହାକୁ ସ୍ୱୀକାର କରିବା ତା' ପାଇଁ ସହଜ ହେଉ ନାହିଁ । ମାତ୍ର ଏସବୁ ଭିତରେ ଯିଏ ସମଗ୍ର ପୃଥିବୀକୁ ଏକ ସଙ୍ଗେ ଦେଖି ପାରୁଛି, ଗିଲାସେ ପାଣି ପିଇଲା ବେଳେ ସମଗ୍ର ଜଳ ରାଶିର କିଛି ଅଂଶ ପିଉଥିଲା ଭଳି ଅନୁଭବ କରୁଛି, ପ୍ରତି ଶ୍ୱାସପ୍ରଶ୍ୱାସରେ ସମଗ୍ର ବାୟୁମଣ୍ଡଳ ସହ ଯୁକ୍ତ ହୋଇ ଶକ୍ତିର ଆଦାନପ୍ରଦାନ ହେଉଥିବାର ଅନୁଭବ କରୁଛି, ପୃଥିବୀର ପ୍ରତ୍ୟେକ ସୁଖଦୁଃଖର ଅଂଶୀଦାର ବୋଲି ଅନୁଭବ କରୁଛି; ସିଏ ତା'ର ଚିନ୍ତା, ଚେତନାଶକ୍ତିକୁ ଯଥେଷ୍ଟଭାବେ ସଂଦୀପିତ କରିବା ପର୍ଯ୍ୟନ୍ତ ଆମ ସମସ୍ତଙ୍କ ଭିତରେ ବର୍ତ୍ତମାନ ଦୁଃଖ, ଯନ୍ତ୍ରଣାର ଅବସ୍ଥା ତଥାପି ରହିଥିବ । ଆମେ ଅନ୍ୟ ସହ ତୁଳନା କରୁଥିବା, ପ୍ରତିଯୋଗିତା କରୁଥିବା, ଅନ୍ୟକୁ ଟପିଯିବାକୁ ଇଚ୍ଛା କରୁଥିବା । ଏବଂ ଏପରି କରିପାରିଲେ ସମାଜରେ ଜଣେ ଯୋଗ୍ୟ ବ୍ୟକ୍ତିଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଛି ବୋଲି ସେ ଗର୍ବ କରିଥାଏ । ତେଣୁ ସେ ପର୍ଯ୍ୟନ୍ତ ଆମ ଭିତରର ଅସଲ ମଣିଷଟି ଓଢ଼ଣା ଟାଣି ପ୍ରକୃଷ୍ଟ ମୁହୂର୍ତ୍ତ ଲାଗି ଅପେକ୍ଷା କରି ରହିବହିଁ ରହିବ । ଯେଉଁ ଶିକ୍ଷା ପ୍ରତିଯୋଗିତା, ଅର୍ଥୋପାର୍ଜନ, କ୍ଷମତାଲାଭ ତଥା ସ୍ୱାର୍ଥକୈନ୍ଦ୍ରିକ ମନୋଭାବକୁ ମାଧ୍ୟମ କରିଥାଏ ତାହା କେବଳ ପୁରୁଣାର ପୁନରାବୃତ୍ତି କରିବାରେ ଲାଗିଥାଏ ଏବଂ ନୂତନ ଆବିର୍ଭାବର ପ୍ରତିବନ୍ଧକ ହୋଇଥାଏ ।

ବର୍ତ୍ତମାନ ସାରା ପୃଥିବୀରେ ଏକ ନୂତନ ଚିନ୍ତା, ଚେତନା ବ୍ୟାପ୍ତ ହୋଇ ରହିଛି ଏବଂ ସମ୍ପୂର୍ଣ୍ଣ ସକ୍ରିୟଭାବେ ଭିନ୍ନ ଭିନ୍ନ ନୂତନ ଜିନିଷକୁ ପ୍ରକାଶିତ କରିବାର ହେତୁ ହୋଇ ରହିଥିବାରୁ ଏପରି ଶିକ୍ଷାଧାରା ପ୍ରତି ଆମ ନିଜକୁ ଖୋଲି ଦେବା ବିଧେୟ ଯାହା ଏହି ନୂଆ ଶକ୍ତିକୁ ଗ୍ରହଣ ଓ ଧାରଣ କରିପାରିବ । ଫଳରେ ନୂତନତାର ପ୍ରକାଶରେ ନିଜକୁ ଅଂଶୀଦାର କରାଇ ଏହି ମାନବଜନ୍ମର ଉଦ୍ଦେଶ୍ୟକୁ ସଫଳ କରାଇପାରିବ ।

ସମାଜବ୍ୟବସ୍ଥା, ଅର୍ଥନୀତି, ରାଜନୀତି, ଶିକ୍ଷା ଭଳି ଯାବତୀୟ ବ୍ୟବସ୍ଥା ଯାହା ମଣିଷକୁ ତା'ର ବର୍ତ୍ତମାନ ସ୍ଥିତିରେ ଆଣି ପହଞ୍ଚାଇଛି, ସେଗୁଡ଼ିକର ପରିବର୍ତ୍ତନ ଲାଗି ଏବଂ ମଣିଷକୁ ସମସ୍ତ ବିଭେଦକାରୀ ଚେତନାରୁ ମୁକ୍ତ କରାଇ ମାନବିକତାର ସ୍ୱାଦ ଚାଖିବା ଲାଗି ଏକ ପ୍ରୟୋଗଶାଳାର ଅତ୍ୟାବଶ୍ୟକତାକୁ ଅନୁଭବ କରି ଦିବ୍ୟଜନନୀ ଅରୋଭିଲ୍‌ର ଶୁଭାରମ୍ଭ କରନ୍ତି ୧୯୬୮ ମସିହାରେ ଯେଉଁଠାରେ ଶିକ୍ଷା ହେଉଛି ସବୁଠୁ ପ୍ରଭାବଶାଳୀ ମାଧ୍ୟମ । ବିଭିନ୍ନ ପ୍ରୟୋଗ-ସମ୍ବଳିତ ଅରୋଭିଲ୍ ପ୍ରକଳ୍ପର ପ୍ରସ୍ତାବ ପଶ୍ଚାତ୍‌ରେ ସମ୍ଭବତଃ ମା'ଆ ଉଦାହରଣମାନ ପ୍ରସ୍ତୁତ କରିବାର ଯୋଜନା କରିଥାଇ ପାରନ୍ତି ବୋଲି ମନେ ହେଉଛି । ବିଶ୍ୱନଗରୀ ଅରୋଭିଲ୍ ବର୍ତ୍ତମାନ ବାହ୍ୟ ତଥା ଆନ୍ତର ଆବିଷ୍କାର ସକଳର ସୁଯୋଗକୁ ଗ୍ରହଣ କରି ଅତୀତ ଓ ଭବିଷ୍ୟତ୍ ମଧ୍ୟରେ ଏକ ସେତୁଭାବେ କାମ କରୁଛି । ଏହାର ପ୍ରତ୍ୟେକ ପ୍ରୟୋଗ ମଧ୍ୟରେ ଏକଥା ଦେଖିବାକୁ ମିଳେ । ସଂସାରରେ ଏପର୍ଯ୍ୟନ୍ତ ବିକଶିତ ବସ୍ତୁଗୁଡ଼ିକର ପ୍ରୟୋଗ କରି ନୂତନ ବସ୍ତୁର ସୃଜନ ଓ ବିତରଣ ଲାଗି ଅରୋଭିଲ୍ ଏକ ଉର୍ବର ତଥା ପ୍ରକୃଷ୍ଟକ୍ଷେତ୍ର ଭାବେ କାର୍ଯ୍ୟ କରୁଛି । ଏଠାରେ ଶିକ୍ଷା ବ୍ୟବସ୍ଥାର ମୂଳରେ ରହିଛି ଏକ ଅଭିନବ ଚିନ୍ତନ : Unending Education (ଅନ୍ତହୀନ ଶିକ୍ଷା) ଓ a youth that never ages (ଚିରନ୍ତନ ଯୌବନ) । ମା'ଙ୍କ ଭାଷାରେ :

... "In this place, children would be able to grow and develop integrally without losing contact with their souls; education would be given not for passing examinations or obtaining certificates and posts but to enrich existing faculties and bring forth new ones. In this place, titles and positions would be replaced by opportunities to serve and organise.,"...

(A Dream)

''ଏଇ ସ୍ଥାନରେ ଶିଶୁମାନେ ସେମାନଙ୍କର ଆତ୍ମା ସହିତ ସମ୍ପର୍କ ଛିନ୍ନ ନକରି ପୂର୍ଣ୍ଣାଙ୍ଗଭାବେ ଅଭିବୃଦ୍ଧି ଓ ବିକଶିତ ହେବାକୁ ସମର୍ଥ ହେବେ,... ସେଠାରେ ଶିକ୍ଷା ଦିଆଯିବ କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ବା ପ୍ରମାଣପତ୍ର ପାଇବାର ଲକ୍ଷ୍ୟ ଏବଂ ଉଚ୍ଚ ପଦବୀ ନୁହେଁ, କିନ୍ତୁ ସେମାନଙ୍କ ନିକଟରେ ଥିବା କାର୍ଯ୍ୟକାରୀ ସକଳ ସାମର୍ଥ୍ୟର ଅଭିବୃଦ୍ଧି ନିମିତ୍ତ ଏବଂ ନୂତନ ସାମର୍ଥ୍ୟ ସବୁକୁ ସମ୍ଭବ କରିବା ନିମିତ୍ତହିଁ ସେମାନଙ୍କୁ ଶିକ୍ଷାଦାନ କରାଯିବ । ଏହି ସ୍ଥାନରେ ପଦବୀ ଓ ପଦମର୍ଯ୍ୟାଦା ବଦଳରେ ସେବା ଓ ସଙ୍ଗଠନ କରିବା ଭଳି ସୁଯୋଗ ସୃଷ୍ଟି କରିବା,...''

ଅରୋଭିଲ୍ ଜୀବନଧାରାର ମୂଳ ଧାରଣା ସମ୍ବଳିତ 'ଏକ ସ୍ୱପ୍ନ' ମା' ଦିଅନ୍ତି ୧୯୫୪ ମସିହାରେ । ୧୯୬୮

ମସିହାରେ ଉଷାନଗରୀ ‘ଅରୋଭିଲ୍’ର ଶୁଭାରମ୍ଭ ହୁଏ । ୧୯୭୧ ମସିହାରେ ଅରୋଭିଲ୍‌ର ପ୍ରଥମ ବିଦ୍ୟାଳୟ ଆରମ୍ଭ ହୁଏ । ମାଆ ଏହାର ନାମ ଦିଅନ୍ତି “Last School” । ଏହା କ’ଣ ଏକ ବିଦ୍ୟାଳୟ ଭବନର ନାମ ! ତା’ପରେ ଯେଉଁ ବିଦ୍ୟାଳୟଗୁଡ଼ିକ ହେବ ସେଗୁଡ଼ିକର କ୍ରମାନୁସାରେ ମା ନାମ ଦିଅନ୍ତି :(1) After School, (2) Super School, (3) No School ଇତ୍ୟାଦି...




ଅରୋଭିଲ୍ ତା’ର ବିକାଶର ବକ୍ଷରେ ଏହି ବିଦ୍ୟାଳୟଗୁଡ଼ିକ ପ୍ରକାଶିତ କରିବ । ଏସବୁ କେବଳ ବିଦ୍ୟାଳୟ ଭବନର ନାମ ନୁହେଁ । ଏଗୁଡ଼ିକ ପ୍ରତ୍ୟେକେ ଏକ ଏକ ଗଭୀର ମନସ୍ତତ୍ତ୍ୱକୁ ବହନ କରୁଥିବା ପ୍ରୟୋଗଶାଳା । ମା’ଙ୍କ ସ୍ୱହସ୍ତଲିଖିତ ଉପରୋକ୍ତ ତାଲିକା ଏକ ମନସ୍ତାତ୍ତ୍ୱିକ ଉତ୍‌କ୍ରମଣର ପ୍ରସ୍ତାବ ବହନ କରୁଥିବାର ଜଣାପଡୁଛି । ସ୍କୁଲ ବା ବିଦ୍ୟାଳୟ କହିଲେ ଆମେ ଶ୍ରେଣୀଗୃହ, ପାଠ୍ୟପୁସ୍ତକ, ଶିକ୍ଷକ, ଛାତ୍ରଛାତ୍ରୀ ଓ ପାଠ୍ୟୋପକରଣ, ପାଠ୍ୟଖସଡ଼ା, ପରୀକ୍ଷା, ପରୀକ୍ଷା ଫଳ, ପ୍ରମାଣ ପତ୍ର, ବିଦ୍ୟାଳୟ ପରିଚାଳନା ଇତ୍ୟାଦି ଅନେକ କିଛିର ସମାରୋହକୁ ବୁଝୁ । ମଣିଷର ମନସ୍ତାତ୍ତ୍ୱିକ ବିକାଶରେ ଏବଂ ତା’ର ଜୀବନକୁ ଦିଗ୍‌ଦର୍ଶନ ଦେବାରେ ବିଦ୍ୟାଳୟମାନଙ୍କର ସଙ୍ଗଠନ ଏଯାଏ ଯେତେ ଯେତେ ସହାୟକ ହୋଇ ଆସିଛି ତାକୁ ପ୍ରତ୍ୟେକେ ସ୍ୱୀକାର କରିବେ । ଗୁରୁକୁଳଠାରୁ ଆରମ୍ଭ କରି ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ଦେଖିଲେ ଏଥିରେ ଅବଶ୍ୟ ପରିଲକ୍ଷିତ ହୁଏ ଏକ କ୍ରମବିକାଶ ବା କ୍ରମବିବର୍ତ୍ତନ । କିନ୍ତୁ ଏଇ କ୍ରମପରିବର୍ତ୍ତନ ବର୍ତ୍ତମାନ ଧାରାମାନଙ୍କରେ ଶେଷ ହୋଇଛି ବୋଲି ଆମେ କହିପାରିବା ତ ? ସେ ଯାହା ବି ହେଉ, ମା’ଙ୍କ ନାମକରଣର ପଶ୍ଚାତରେ ଗଭୀର ଅର୍ଥ ଥିବା ଅନୁମେୟ ଏବଂ ପ୍ରତ୍ୟେକ ଶିକ୍ଷାବିତ୍‌ଙ୍କ ଲାଗି ଏହା ଏକ ଆହ୍ୱାନ ।

ଏପରି ବି ହୋଇପାରେ ବର୍ତ୍ତମାନ No School ଚାଲିଛି, କିନ୍ତୁ କାହାରି ମାପକାଠିରେ ତାକୁ ମାପିବା ସହଜ ହୋଇ ନାହିଁ । ଶିକ୍ଷାର୍ଥୀମାନେ କୌଣସି ପ୍ରଚଳିତ ବିଦ୍ୟାଳୟ ଡାଙ୍ଗି ନମାନି ତଥାପି ଶିକ୍ଷାଲାଭ କରୁଛନ୍ତି, ନିଜ ନିଜ ସ୍ୱକୀୟ ଧାରାରେ ନିଜକୁ ବିକଶିତ କରାଇ ଭବିଷ୍ୟତ୍ ଲାଗି ପ୍ରସ୍ତୁତ ହେଉଛନ୍ତି । ପ୍ରତିଷ୍ଠିତ ସମସ୍ତ ଶିକ୍ଷାଧାରାକୁ ଭାଙ୍ଗି ବା ଅସ୍ୱୀକାର କରି ସ୍ୱୟଂ ନିଜସ୍ୱଧାରାରେ ନିଜକୁ ପ୍ରସ୍ତୁତ କରୁଛନ୍ତି, ନୂତନ ଧାରାର ଖିଅଗୁଡ଼ିକୁ ବିଛାଇ ଚାଲିଛନ୍ତି । ଆମମାନଙ୍କର ବିକଶିତ ଚେତନା ଓ ମାର୍ଜିତ ଦୃଷ୍ଟି ଦିନେ ଏହାକୁ ଚିହ୍ନିବାରେ ସକ୍ଷମ ହେବ । ଅରୋଭିଲ୍ ମାନବସମାଜର ଭବିଷ୍ୟତ୍ ପାଇଁ ଗୋଟିଏ ପରେ ଗୋଟିଏ ଗବେଷଣା ପ୍ରସୂତ ଅଭିନବ ପଦାର୍ଥ ପ୍ରଦାନ କରି ଚାଲିଥିବ ।

(ସୌଜନ୍ୟ : ଦିବ୍ୟ ଉନ୍ମୀଳନ) ❑

**ଶିକ୍ଷାର୍ଥୀମାନଙ୍କ ପାଇଁ**

ଗୋଟିଏ କଥାରେ ତୁମେ ଅବଶ୍ୟ ନିଶ୍ଚିତ ହୋଇ ରହିଥିବ ଯେ **ତୁମର ଭବିଷ୍ୟତ୍ ତୁମ ନିଜ ହାତରେହିଁ** ରହିଛି । ତୁମେ ବଡ଼ ହୋଇ ଯେପରି ଜଣେ ମଣିଷ ହେବା ଲାଗି ପ୍ରକୃତରେ **ଇଚ୍ଛା କରୁଛ**, ତୁମେ ନିଶ୍ଚୟ ତାହାହିଁ ହେବ । ଏବଂ, ତୁମର ଆଦର୍ଶ ଓ ତୁମର ଅଭୀପ୍‌ସା ଯେତିକି ଅଧିକ ଉଚ୍ଚ ହୋଇ ପାରିବ, ତୁମର ଉପଲବ୍ଧିଟି ମଧ୍ୟ ସେତିକି ଉଚ୍ଚ ହେବ । ମାତ୍ର ତୁମ ଭିତରେ ସର୍ବଦା ଏକ ଦୃଢ଼ ସଂକଳ୍ପ ରହିଥିବା ଆବଶ୍ୟକ ଏବଂ ଜୀବନରେ ନିଜର ଯଥାର୍ଥ ଲକ୍ଷ୍ୟଟିକୁ ତୁମର ଆଦୌ ଭୁଲିଯିବା ଉଚିତ ନୁହେଁ ।

*୨ ଏପ୍ରିଲ ୧୯୬୩*

— ଶ୍ରୀମା

# ଆମ ଶରୀର

## (୪)

ଭୋଳେଶ୍ୱର ଭୂୟାଁ

### ଶରୀର ପରିଚାଳନା

ଶରୀରକୁ ଏକ କମ୍ପ୍ୟୁଟର ସହିତ ତୁଳନା କରାଯାଇପାରେ । କେବଳ ଏକ କମ୍ପ୍ୟୁଟର ବଜାରରୁ କିଣି ଘରକୁ ନେଇ ଆସିଲେ ଏହା ବ୍ୟକ୍ତିର କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ । ଯଥାର୍ଥ ସମସ୍ୟାକୁ ସମାଧାନ କରିବା ପାଇଁ ଏହା ଭିତରେ ଯଥାର୍ଥ ପ୍ରୋଗ୍ରାମିଙ୍ଗ୍ ବା ସଫ୍ଟ୍-ଓୟାର୍‌ର ସ୍ଥାପନ କରାଯାଇଥାଏ । ପ୍ରୋଗ୍ରାମିଙ୍ଗ୍ ଛଡ଼ା କେବଳ କମ୍ପ୍ୟୁଟର ମେସିନ୍‌ଟି ହେଲା ହାର୍ଡ୍-ଓୟାର୍ । ସେହିପରି ମଣିଷ ଶରୀରକୁ ପରିଚାଳନା କରିବାକୁ ହେଲେ ଏହାର ମଧ୍ୟ ଉଭୟ Hard-ware ଓ Soft-wareର ଆବଶ୍ୟକ ହୋଇଥାଏ । ଶରୀର ରୂପକ Hard-ware ହେଲା ଏହା ଭିତରେ ଥିବା ବିଭିନ୍ନ ପ୍ରକାରର ଜଡ଼ ପଦାର୍ଥ । ଶରୀରକୁ ଗଠନ କରୁଥିବା ବିଭିନ୍ନ ଧାତବ ବା ଜଡ଼ ପଦାର୍ଥର ସମ୍ମିଶ୍ରଣର ପରିମାଣଗୁଡ଼ିକୁ ନିମ୍ନରେ ପ୍ରଦତ୍ତ କରା ହେଲା :

| | | | |
|---|---|---|---|
| ୧. | ଅମ୍ଳଜାନ (Oxygen) | ... | ୬୫% |
| ୨. | ଅଙ୍ଗାରକାମ୍ଳ (Carbon) | ... | ୧୮% |
| ୩. | ଉଦ୍‌ଜାନ (Hydrogen) | ... | ୧୦% |
| ୪. | ଯବକ୍ଷାରଜାନ (Nitrogen) | ... | ୩ % |
| ୫. | ଚୂନ (Calcium) | ... | ୧.୫% |
| ୬. | ଫସ୍‌ଫରସ୍ (Phosphorous) | ... | ୧% |
| ୭. | ପୋଟାସିୟମ (Potassium) | ... | ୦.୩୫% |
| ୮. | ଗନ୍ଧକ (Sulphur) | ... | ୦.୨୫% |
| ୯. | ଲବଣ (Sodium) | ... | ୦.୧୫% |
| ୧୦. | କ୍ଲୋରିନ୍ (Chlorine) | ... | ୦.୧୫% |
| ୧୧. | ମାଗ୍ନେସିୟମ (Magnesium) | ... | ୦.୦୫% |
| ୧୨. | ଲୌହ (Iron) | ... | ୦.୦୦୦୪% |
| ୧୩. | ଆୟୋଡ଼ିନ୍ (Iodine) | ... | ୦.୦୦୦୪% |

ଏ ସମସ୍ତ ପଦାର୍ଥ ବଜାରରୁ କିଣିବାକୁ ହେଲେ ୧୦୦ ଟଙ୍କାରୁ କମ୍ ପଡ଼ିବ । ଏସବୁ ଧାତବ ପଦାର୍ଥକୁ ମିଶ୍ରଣ କରି ଆମେ ଏକ ଜୀବନ୍ତ ମଣିଷ ତିଆରି କରି ପାରିବୁ ନାହିଁ । ଧାତବ ପଦାର୍ଥଗୁଡ଼ିକ ହେଲା ମଣିଷରୂପୀ କମ୍ପ୍ୟୁଟର୍‌ର Hard-ware ମାତ୍ର । ଏହାକୁ ଜୀବନ୍ତ କରିବା ପାଇଁ ଏବଂ କାର୍ଯ୍ୟକ୍ଷମ କରି ରଖିବା ପାଇଁ ଏହା ଭିତରେ ବିଭିନ୍ନ ପ୍ରୋଗ୍ରାମିଙ୍ଗ୍ (Soft-ware) ଭର୍ତ୍ତି କରା ଯାଇଥାଏ । ମଣିଷ ଏତେ ଜ୍ଞାନୀ, ପଣ୍ଡିତ ହୋଇଥିଲେ ମଧ୍ୟ ଏହିସବୁ ଜଡ଼ ପଦାର୍ଥକୁ ନେଇ ସେଥିରୁ ଏକ ଜୀବନ୍ତ ମଣିଷ ତିଆରି କରିପାରିବ ନାହିଁ । ମଣିଷ କେବେ ହେଲେ ସୃଷ୍ଟିକର୍ତ୍ତାଙ୍କ ସ୍ଥାନ ନେଇ ପାରିବ ନାହିଁ । କିନ୍ତୁ ଭବିଷ୍ୟତରେ ଯେତେବେଳେ ମଣିଷ ତା'ର ସକଳ ସୂକ୍ଷ୍ମ ଓ ସ୍ଥୂଳ ଉପାଦାନରେ ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କୁ ଆହ୍ୱାନ କରି ଆଣି ଶରୀରରେ ଅବତରଣ କରିବ ସେତେବେଳେ ମଣିଷ ଭଗବାନଙ୍କ ଯଥାର୍ଥ ଯନ୍ତ୍ର ହୋଇ ଭଗବାନଙ୍କ କାମରେ ସହଯୋଗ କରିପାରିବ । ଅତଏବ ଏହି ଅପାରଗ, ଅକ୍ଷମ, ଅପୂର୍ଣ୍ଣ ମଣିଷ ଶରୀର ଭିତରୁ ଦିନେ ଅତିମାନବର ନବ ଜନ୍ମ ହେବ । ଏହାହିଁ ଭଗବାନଙ୍କ ଇଚ୍ଛା । ଅର୍ଥାତ୍ ମଣିଷ ଭିତରେ ଭଗବତ୍ ଇଚ୍ଛାଶକ୍ତିହିଁ ଅସଲ Software । ଏହି 'ଇଚ୍ଛାଶକ୍ତି' ଗୋଟିଏ ଶବ୍ଦ ନୁହେଁ, ଏଥିରେ ଦୁଇଟି ଶବ୍ଦ ରହିଛି 'ଇଚ୍ଛା+ଶକ୍ତି' (Will+Power) । ଭଗବତ୍ ଇଚ୍ଛାହିଁ ଶକ୍ତି । ଅର୍ଥାତ୍ ଭଗବାନଙ୍କ ଅଚଳ ଓ ସଚଳ ଶକ୍ତିର ସମ୍ମିଶ୍ରଣ । ଭଗବତ୍ ଇଚ୍ଛା କୌଣସି ବାସନା ବା ପ୍ରଚେଷ୍ଟା ନୁହେଁ । ଶ୍ରୀଅରବିନ୍ଦ କହୁଛନ୍ତି :

"What the Will is you have heard. It is Shakti, it is not Vasana, it is not Cheshta. Vasana and Cheshta are the negation of will. If you have desire, that means you doubt the power of your Will. Brahman has no desire. He wills and all things happen according to his Will."

(*Record of Yoga,* Vol. II, p. 1371)

ଅର୍ଥାତ୍ – ''ତୁମେ ଯେଉଁ ଇଚ୍ଛା ଶକ୍ତି ବିଷୟରେ ଶୁଣିଲ ତାହା କ'ଣ ? ଏହା ହେଲା ଶକ୍ତି, ଏହା ବାସନା ନୁହେଁ,

ଏହା ଚେଷ୍ଟା ମଧ୍ୟ ନୁହେଁ । ବାସନା ଓ ଚେଷ୍ଟା ହେଲା ଇଚ୍ଛାର ବିରୁଦ୍ଧାଚରଣ । ଯଦି ତୁମର ବାସନା ରହିଛି, ତା'ର ଅର୍ଥ ହେଲା ତୁମେ ତୁମ ଇଚ୍ଛାଶକ୍ତି ସମ୍ବନ୍ଧରେ ସନ୍ଦିହାନ । ବ୍ରହ୍ମଙ୍କ ବାସନା ନଥାଏ; ସେ କେବଳ ଇଚ୍ଛା କରନ୍ତି ଏବଂ ସବୁକିଛି ଏହି ଇଚ୍ଛାନୁସାରେ ଘଟିତ ହୁଏ ।''

ପୁଣି ଶ୍ରୀଅରବିନ୍ଦ କହୁଛନ୍ତି : ଶ୍ରୀରାମକୃଷ୍ଣ କହିଛନ୍ତି ଯୋଗ ପାଇଁ ଯାହା ଆବଶ୍ୟକ ତାହା ହେଲା – ''ପ୍ରଥମେ ଶକ୍ତିର ଉପାସନା'' । ସେ କହିଛନ୍ତି ପ୍ରଥମେ ଶକ୍ତି ଆହରଣ କର, 'ସେ' ତୁମକୁ 'ସତ୍' ଦେବେ । ସଂକଳ୍ପ ଏବଂ ଶକ୍ତି ଯୋଗୀ ପାଇଁ ପ୍ରଥମେ ଆବଶ୍ୟକ । ସେଥିପାଇଁ ସେ ସର୍ବଦା କହୁଥିଲେ 'ମନେରଖ ତୁମେ ହେଲ ବ୍ରହ୍ମ' । ସ୍ୱାମୀ ବିବେକାନନ୍ଦଙ୍କୁ ଏହି କେନ୍ଦ୍ରୀୟ ବାଣୀ ସେ ପ୍ରଦାନ କରିଥିଲେ ।

କିନ୍ତୁ ମଣିଷ ଭିତରେ କ୍ରିୟା କରୁଥିବା ଭଗବତ୍ ସଂକଳ୍ପ ଶକ୍ତି ବିକୃତ ହୋଇଯାଇଛି ମନର କାମନା ଓ ପ୍ରାଣର ବାସନାର ପ୍ରଭାବରେ; ଯେପରି କମ୍ପ୍ୟୁଟର ଭିତରେ ପ୍ରୋଗ୍ରାମିଙ୍ଗ୍ ଦୂଷିତ (corrupt) ହୋଇଥାଏ । ପ୍ରୋଗ୍ରାମିଙ୍ଗ୍ ଦୂଷିତ ହେଲେ କମ୍ପ୍ୟୁଟର ଆଉ ଠିକ୍ ଭାବରେ ଚାଲେ ନାହିଁ । ସେହିପରି ମନ ଓ ପ୍ରାଣ ରୂପକ Virus ମଣିଷ ଶରୀରରେ ଭଗବତ୍ ଇଚ୍ଛାଶକ୍ତିରେ ପରିଚାଳିତ ହେଉଥିବା ଶରୀର ରୂପକ ଯନ୍ତ୍ର ଭିତରେ ଅସମଞ୍ଜସତା ଉତ୍ପନ୍ନ କରି ଏହାର କ୍ଷୟକ୍ଷତି କରିଥାଏ ଏବଂ ଶେଷରେ ଶରୀର ମୃତ୍ୟୁର ସମ୍ମୁଖୀନ ହୋଇଥାଏ । ଶରୀର ରୂପକ ଯନ୍ତ୍ର ଉପରେ ମନ ଓ ପ୍ରାଣର ଏହି ମାଲିକାନା ତାକୁ ଦୁଃଖ-ଯନ୍ତ୍ରଣା, ରୋଗ, ଜରା ଓ ମୃତ୍ୟୁ ମୁଖକୁ ଠେଲି ଦେଇଥାଏ । ଆଜି ପର୍ଯ୍ୟନ୍ତ ଶରୀରର ନିଜସ୍ୱ ବ୍ୟକ୍ତିତ୍ୱ ଅର୍ଥାତ୍ ସଚେତନତା ନଥିବାରୁ ସେ ଏସବୁ ମାଲିକମାନଙ୍କର ହସ୍ତକ୍ଷେପକୁ ପ୍ରତିରୋଧ କରିପାରି ନାହିଁ । କେବଳ ଭୃତ୍ୟ ଭାବରେ ଏମାନଙ୍କର ସେବା କରି ଚାଲିଥାଏ ।

କିନ୍ତୁ ଏବେ ଏ ପୃଥିବୀ ପୃଷ୍ଠରେ ମା'ଶ୍ରୀଅରବିନ୍ଦ ଅବତାର ରୂପେ ଜନ୍ମ ଗ୍ରହଣ କରି ମଣିଷ ଶରୀରକୁ ଏହି ଦାସତ୍ୱରୁ ମୁକ୍ତ କରିବା ସହିତ ତାକୁ ସଚେତନ କରାଇ ତା'ର ଅସଲ ମାଲିକଙ୍କ (ଅତିମାନସ ଶକ୍ତି) ହାତରେ ଅର୍ପଣ କରିବେ । ଏହି ଅତିମାନସ ଶକ୍ତିହିଁ ମଣିଷକୁ ରୂପାନ୍ତର କରି ତା'ର ପରବର୍ତ୍ତୀ ବିବର୍ତ୍ତନ ଶିଡ଼ିରେ ଉପରକୁ ଉଠାଇ ଏକ ନୂତନ ଜୀବଜାତି ସୃଷ୍ଟି କରିବେ – ଯାହାର ନାମ ହେବ ଅତିମାନବ । ଏବଂ ମଣିଷ ଭିତରେ ପୁଣି ଭଗବତ୍ ଇଚ୍ଛାଶକ୍ତି ନିର୍ବିଘ୍ନରେ କ୍ରିୟାକରି ତାକୁ ଦେବତାରେ ପରିଣତ କରିବେ । ମଣିଷ ଭିତରୁ ସ୍ୱାଭାବିକ ଭାବେ ବିକୃତ ମନ ଓ ବିକୃତ ପ୍ରାଣର ବିଲୋପ ହେବ ।

ବାସ୍ତବରେ ଭଗବାନଙ୍କ ବିଶ୍ୱକର୍ମାରୂପୀ ପ୍ରକୃତିହିଁ ମଣିଷକୁ ଗଢ଼ିଛି ଓ ତାକୁ ପରିଚାଳନା କରିଆସିଛି । ସୃଷ୍ଟିର ପ୍ରାରମ୍ଭରେ କ୍ରମ-ବିବର୍ତ୍ତନର ଗତି ସହ ପୃଥିବୀପୃଷ୍ଠରେ କିପରି ଏହି ଜଡ଼ ଜୀବଜଗତର ସୃଷ୍ଟି ଜଳ ମଧ୍ୟରେ ଥିବା ଏକକୋଷୀ ଜୀବ 'ଏମିବା' ଉଦ୍ଭବ ହୋଇଛି – ସେ ବିଷୟରେ ସମ୍ପୂର୍ଣ୍ଣ ଠିକ୍‌ଭାବେ ଜାଣିବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ଏହି ଏକ କୋଷୀ ଜୀବରୁ ବୃକ୍ଷ, ଲତା, ଜୀବ, ଜନ୍ତୁ ଓ ଶେଷରେ ସହସ୍ର ସହସ୍ର କୋଷୀ ମଣିଷ ବିବର୍ତ୍ତିତ ହୋଇପାରିଛି । କିନ୍ତୁ ପ୍ରଥମେ କିପରି ଏ ଜଡ଼ରେ ପ୍ରାଣର ସଞ୍ଚାର ହେଲା ସେବିଷୟରେ ଆଜିର ଜ୍ଞାନୀ, ବିଦ୍ୱାନ୍ ବୋଲାଉଥିବା ସଭ୍ୟ ମଣିଷ ମଧ୍ୟ ଜାଣେ ନାହିଁ । ଏ ପୃଥିବୀରେ ବିବର୍ତ୍ତନ ଆରମ୍ଭ ହେବା ପୂର୍ବରୁ ଛ'ଟି ଗ୍ରହରେ ବିବର୍ତ୍ତନ ହୋଇ ତାହା ପ୍ରଳୟ ଗର୍ଭରେ ବିଲୀନ ହୋଇଯାଇଛି । ଆମ ପୃଥିବୀ ନିକଟରେ ଘୁରି ବୁଲୁଥିବା ଯେଉଁ ଉଲ୍‌କା ପିଣ୍ଡର ବଳୟ ରହିଛି ତାହା ଅବଶ୍ୟ ଏକ ଗ୍ରହର ଧ୍ୱଂସାବଶେଷ ମାତ୍ର । ମଙ୍ଗଳ ଗ୍ରହକୁ ଦେଖିଲେ ଜଣାଯାଏ ସେଠାରେ ପାଣି, ପବନ, ନଦନଦୀ ଥିବାର ପ୍ରମାଣ ମିଳେ । ହୁଏତ ମଙ୍ଗଳ ଗ୍ରହ ମଧ୍ୟ ଏକ ପ୍ରଳୟ ଘଟିତ ମୃତ ଗ୍ରହ ହୋଇପାରେ । ଏ ବିଶ୍ୱବ୍ରହ୍ମାଣ୍ଡରେ ସୂର୍ଯ୍ୟଙ୍କ ବ୍ୟତୀତ କୋଟି କୋଟି ସୂର୍ଯ୍ୟ ରହିଛି । ଆମ ସୌରଜଗତ ପରି ସେସବୁ ସୂର୍ଯ୍ୟଙ୍କର ମଧ୍ୟ ଗ୍ରହ, ଉପଗ୍ରହ ଥାଇପାରେ । ହୁଏତ ଏହି ଅନନ୍ତ ମହାଶୂନ୍ୟରେ ଆମ 'Milky Way' (ଛାୟାପଥ) ଭଳି ଶତ ଶତ ଗ୍ୟାଲେକ୍ସି ରହିଛି । ଗୋଟିଏ ଗ୍ୟାଲେକ୍ସିରେ କୋଟି କୋଟି ପୃଥିବୀ ଭଳି ଗ୍ରହ ଥାଇପାରନ୍ତି । ତେଣୁ ଆମେ କିପରି କହି ପାରିବୁ ଯେ ଏହି ପୃଥିବୀରେ କେବଳ ଜୀବଜନ୍ତୁ ରହିଛନ୍ତି । ଶ୍ରୀଅରବିନ୍ଦ କହୁଛନ୍ତି : ''We are not alone'' । ଏ ବିଶ୍ୱବ୍ରହ୍ମାଣ୍ଡରେ ମଣିଷ ଅପେକ୍ଷା ଅବଶ୍ୟ ଆହୁରି ଉନ୍ନତ ଜୀବ ରହିଛନ୍ତି । ସେମାନେ ଏ ପୃଥିବୀର ଲୋକଙ୍କ ସହିତ ସମ୍ପର୍କ ରଖିବାକୁ ଚେଷ୍ଟା କରୁଛନ୍ତି । ଆମେ ଅନେକ UFO(Unidentified Flying Object) ବିଷୟରେ ଶୁଣିଛୁ । ସେଥିମଧ୍ୟରୁ ଅଧିକାଂଶ ହେଲା ମିଥ୍ୟା । ଏ ଲେଖକ ଏହା କେବେ ବିଶ୍ୱାସ କରୁ ନଥିଲା । କିନ୍ତୁ ଯେତେବେଳେ ମା ପଣ୍ଡିଚେରୀରେ UFO ଦେଖିଥିବା କଥା କହିଲେ ସେତେବେଳେ ଏ ଲେଖକ ବିଶ୍ୱାସ କରିବା ପାଇଁ ବାଧ୍ୟ ହେଲା ।

ଏହି UFOରେ ଅନ୍ୟ ଗ୍ରହର ଜୀବ ପୃଥିବୀକୁ ଆସିବା ପାଇଁ ଚେଷ୍ଟା କରୁଛନ୍ତି । ଏପରିକି ମୋର ଜଣେ ଆତ୍ମୀୟ ଆସାମ ନିକଟରେ ଏକ UFO ଅବତରଣ କରିଥିବା କଥା ମୋତେ କହିଥିଲେ ।

ଜୀବକୋଷ କିପରି ଏ ପୃଥିବୀକୁ ଆସିଛି ସେ ବିଷୟରେ କହିବାକୁ ଯାଇ କେତେକ ବୈଜ୍ଞାନିକ କହନ୍ତି ଯେ ଧୂମକେତୁ (comet) ମାଧ୍ୟମରେ ଅନ୍ୟ ଗ୍ରହରୁ ଆମ ଗ୍ରହ ପୃଥିବୀକୁ ପ୍ରଥମ ଜୀବକୋଷ ଆସିଛି । ଏହା ସତ୍ୟ ହୋଇପାରେ । କାରଣ ଧୂମକେତୁର ଲାଞ୍ଜରେ ବରଫ ରହିଥାଏ ଓ ଏହା ଏକ ଗ୍ୟାଲେକ୍ସିରୁ ଅନ୍ୟ ଗ୍ୟାଲେକ୍ସି ମଧ୍ୟ ଦେଇ ପରିକ୍ରମା କରିଥାଏ । ତେଣୁ ଏହା ଅନ୍ୟ ଗ୍ରହରୁ ଜୀବନ ବହନ କରି ଆଣିବା ଅସମ୍ଭବ ନୁହେଁ ।

ପ୍ରତ୍ୟେକ ଜୀବକୋଷର କେନ୍ଦ୍ରରେ DNA ରହିଥାଏ । ଏହି DNA ଭିତରେ କ୍ରମବିବର୍ତ୍ତନର ସମସ୍ତ ସୂଚନା ଦେଖାଯାଏ । ପ୍ରତ୍ୟେକ ଘଟଣା, ପ୍ରତ୍ୟେକ ସମସ୍ୟାକୁ କିପରି ସମାଧାନ କରାଯିବ, ପ୍ରତ୍ୟେକ ରୋଗକୁ କିପରି ପ୍ରତିରୋଧ କରାଯିବ ଏସବୁର ସୂଚନା DNA ଭିତରେ ରହିଥାଏ । ଯେତେବେଳେ କୋଷ ବିଭାଜିତ ହୋଇ ଅନ୍ୟ ଏକ ନୂତନ କୋଷର ଜନ୍ମ ହୁଏ ସେତେବେଳେ DNAର ଏକ ଅନୁଲିପି ନୂତନ କୋଷକୁ ଯାଇଥାଏ । ଶିଶୁ ଜନ୍ମନେବା ସମୟରେ ମାତା-ପିତାଙ୍କ DNAର ଭୂତାଣୁ ଶିଶୁର DNAକୁ ଆସିଥାଏ । ଏହିପରି ଭାବରେ DNAର ସୂଚନା କେବେ ହେଲେ ନଷ୍ଟ ହୁଏ ନାହିଁ । DNA ଭିତରେ ଯେଉଁ ଭୂତାଣୁର ଉପସ୍ଥିତି ରହିଥାଏ ତାହାର ଏକ ଭାଷା ଅଛି । ଏହି ଭାଷାର ଚାରୋଟି ଅକ୍ଷର ଅଛି ଯାହା ହେଲା C,G,T,A । ଏହି ଚାରୋଟି ଅକ୍ଷର ହେଲା ଚାରିଟି ରାସାୟନିକ ପଦାର୍ଥର ପ୍ରଥମ ଅକ୍ଷର । C= Cytosine, G= Guanine, T = Thymine, A= Adinine । ସେହିପରି କମ୍ପ୍ୟୁଟରର ଏକ ମୂଳ ଭାଷା ରହିଛି, ଏହା ଦୁଇଟି ଅକ୍ଷର ନେଇ ଗଠିତ – 'o' ଏବଂ '1' । ଯେପରି ବୈଦ୍ୟୁତିକ ଶକ୍ତିର ଅନୁପସ୍ଥିତିକୁ 'o' (Zero) ନିଆ ଯାଇଥିବାବେଳେ, ବୈଦ୍ୟୁତିକ ଶକ୍ତିର ଉପସ୍ଥିତିକୁ '1' (One)ଭାବେ ଗ୍ରହଣ କରାଯାଇଛି । ଦୁଇଟି ଗାଣିତିକ ସଂଖ୍ୟାକୁ ନେଇ କମ୍ପ୍ୟୁଟରର ସମସ୍ତ କାମ ହୋଇଥାଏ ।

ଶରୀର ଭିତରେ ଥିବା DNAର ସୂଚନା ବିଷୟରେ ପ୍ରଥମେ DNA ଅବଗତ ହୁଏ । କେଉଁ ପରିସ୍ଥିତିରେ କ'ଣ କରାଯିବ ତାହା DNAରେ ଥିବା ଶବ୍ଦକୋଷରୁ ପଢ଼ି ସେହି ଅଂଶ କୋଷ ଭିତରେ ଥିବା RNA ଉପରେ ପ୍ରିଣ୍ଟ୍ କରିଦିଏ । RNA ହେଲା କୋଷର ସଚଳ ଶକ୍ତି ବା କ୍ରିୟାଶୀଳ ଶକ୍ତି । RNA ଉପରେ ପ୍ରିଣ୍ଟ୍ ହୋଇଥିବା ସୂଚନା ଯଦି କୋଷର ଅନ୍ୟ କୌଣସି ଅଂଶ, ଯନ୍ତ୍ର ବା କୋଷକୁ ପଠାଇବାକୁ ହୁଏ ତେବେ RNA ଏହି ସୂଚନାକୁ କୋଷରେ ଥିବା ଏନ୍‌ଜାଇମ୍ ଉପରେ ପ୍ରିଣ୍ଟ୍ କରିଦିଏ । ଏନ୍‌ଜାଇମ୍ କୋଷର ବାହାରକୁ ଯାଇପାରିଥାଏ । ସେ ଏହି ପରି ଅନ୍ୟ କୋଷମାନଙ୍କୁ ମଧ୍ୟ ଏହି ସୂଚନା ଦେଇଥାଏ ଯେ ଏପରି ପରିସ୍ଥିତିରେ କ'ଣ କରାଯିବ । ଉଦାହରଣ ସ୍ୱରୂପ ଶରୀରର ଏକ ଅଂଶ ଏକ ଧାରୁଆ ଛୁରୀରେ କଟି ଗଲା । ସେଥିରୁ ରକ୍ତ ବୋହିବାକୁ ଆରମ୍ଭ କରେ । ଶରୀର ଯଦି ଏହି ରକ୍ତ ବୋହିବାକୁ ବନ୍ଦ ନକରେ ତେବେ ଶରୀରର ସମସ୍ତ ରକ୍ତ ଏହି କ୍ଷତ ମାଧ୍ୟମରେ ବାହାରି ଯିବ । ତେଣୁ ଏହି କ୍ଷତର ଆଖପାଖ କୋଷର DNA ଶରୀରର ଅନ୍ୟ କୋଷମାନଙ୍କୁ ଖବର ପଠାଇଥାଏ ଶୀଘ୍ର 'ଫେବ୍ରିନୋଜେନ୍' ନାମକ ଏକ ଜାଲ ଭଳି ଉପାଦନକୁ ଏହି କ୍ଷତ ସ୍ଥାନକୁ ପଠାଇବାକୁ, ଯଦ୍ୱାରା ରକ୍ତସ୍ରାବକୁ ଏହି ଜାଲ ମାଧ୍ୟମରେ ଅଟକାଇ ହେବ ।

ଏହିପରି ଶରୀରର ସମସ୍ତ କ୍ରିୟାକଳାପ ପ୍ରକୃତି ମାଧ୍ୟମରେ ସ୍ୱତଃ ପରିଚାଳିତ ହୁଏ । ଆମେ ଯଦି ଶରୀରକୁ ପୂର୍ଣ୍ଣରୂପେ ପ୍ରକୃତି ହାତରେ ଛାଡ଼ି ଦେଉ ତେବେ ଏହାର ସମସ୍ୟା ବହୁତ କମ୍ ହୋଇଯାଏ । କିନ୍ତୁ ଆମର ବିକୃତ ସନ୍ଦେହୀ ମନର ହସ୍ତକ୍ଷେପ ଫଳରେ ମଣିଷ ଗୁଡ଼ାଏ ଡାକ୍ତରୀ ଔଷଧ ସେବନ କରି ଶରୀରର ଏହି ସ୍ୱତଃ ପ୍ରାକୃତିକ କ୍ରିୟା କଳାପକୁ କାମ କରିବାକୁ ଦେଇ ନଥାଏ । ତେଣୁ ଶରୀର ତା'ର ସ୍ୱାଭାବିକତାକୁ ହରାଇ କ୍ରମଶଃ ଅସୁସ୍ଥତାକୁ ବରଣ କରିଥାଏ ।

'Body is your own doctor'– ଏହି କଥାକୁ ଦୃଷ୍ଟି ସମ୍ମୁଖରେ ରଖି ଯଦି ଶରୀରକୁ ତା'ର ନିଜସ୍ୱ ଧାରାରେ ଗତି କରିବାକୁ ଦିଆଯାଏ ତେବେ ଶରୀର ତା'ର ସମସ୍ୟାର ସମାଧାନ ସୂତ୍ର ଆବିଷ୍କାର କରି ସୁସ୍ଥ, ସବଳ, ନୀରୋଗ ହୋଇଥାଏ ।

(କ୍ରମଶଃ)

❑❑❑

# ନିବେଦନ

## ଜ୍ୟୋସ୍ନାରାଣୀ ଦାଶ

ମାଆଗୋ...
ତୁମ ହାତଗଢ଼ା ଏ ସଂସାର
ଏକ ଜୀବନ୍ତ କାରୁପୂର୍ଣ୍ଣ ଚିତ୍ରକଳାଟିଏ
ଆଉ ତୁମେ ତା'ର ସୁନିପୁଣ ଚିତ୍ରକରଟିଏ
ଏ ସଂସାର ଏକ ରୁଚିପୂର୍ଣ୍ଣ ଅସରା କବିତା
ମା'ଗୋ ତୁମେ ତା'ର ରଚୟିତା
ମଣିଷ ଜୀବନ ଏକ ଅନନ୍ତ ନିର୍ଝର
ପ୍ରବାହିତ ହେବା ତା'ର ପରମ ସୌନ୍ଦର୍ଯ୍ୟ
କିନ୍ତୁ ମାଆ...
ମଣିଷର ତୁଚ୍ଛା ଅହଂକାର ଅଜ୍ଞାନତା
ପଥର ସଦୃଶ ବାଧା ଦିଏ ସେଇ ପ୍ରବହମାନରେ
ଯେଉଁଥି ପାଇଁ କି ମାଆ
ସୁନିପୁଣ ଚିତ୍ରକଳା ପାଲଟେ ବିକୃତ
ଛନ୍ଦଭରା କବିତାଟା ରହିଯାଏ ଅଧୁରା ଅଧୁରା
ମଣିଷ ଜୀବନ ହୁଏ ଦୁଃଖ ଯନ୍ତ୍ରଣାରେ ପରିପୂର୍ଣ୍ଣ ।

କୃପାକର କୃପାମୟି !
ତୁମ ଦିବ୍ୟ-କରୁଣାର ହସ୍ତ –
ମଣିଷ ମନରୁ ପୋଛି ଦେଉ ସବୁ ଅହଂକାର ।
ତୁମ ଅଙ୍କା ଛବି ପରିପୂର୍ଣ୍ଣ ଚମତ୍କାର ହେଉ
ତୁମର କବିତା ପ୍ରାଣବନ୍ତ ଅମୃତର ସମ
ମଣିଷ ଜୀବନେ ଝରୁ
ଧୋଇ ଦେଇ ଅନ୍ଧ ଅଜ୍ଞାନତା ।
❑❑❑

# କରୁଛି ତୋ କୃପାଭିକ୍ଷା

## ନିର୍ମଳା ମହାପାତ୍ର

କଥାକୁହା ତୋର ଆଖି ଇସାରାରେ
ମୁଁ ଯେ ହୋଇଗଲି କିଣି,
କେତେବେଳେ ମୋତେ ନିଜର କଲୁ ମା
ମୁଁ ଯେ ପାରିଲିନି ଜାଣି ।
ଭୌତିକ ମୋହରେ ସୁଖ ଓ ଲୁହରେ
ସମୟ ନଯାଉ ବିତି,
ହୃଦୟ କନ୍ଦରେ ଜାଳିଦିଅ ମା
ଆସ୍ପୃହାର ଦିବ୍ୟ-ଜ୍ୟୋତିଃ ।
ଅସ୍ଥିର ଚିତ୍ତରେ ସ୍ଥିରତା ଦିଅ ମା
ଧରି ରଖିବାକୁ ତୋତେ,
ସେ ଅମୃତ ଭରା ଦିବ୍ୟହସ ଝରା
ଥାଉ ମୋର ଦୃଷ୍ଟି ପଥେ ।
ହେଲେ ପଥବଣା ଅଛି ମୋତେ ଜଣା
ହାତ ଧରି ନେବୁ ଟାଣି,
ଅଦିବ୍ୟ ମାନବେ ଦିବ୍ୟ କରିବୁ ତୁ
ସତ୍ୟ ତୋର ଏଇ ବାଣୀ ।
ଯେ ପଦ ଯୁଗଳ ଫୁଲହୁଁ କୋମଳ
ପୁଣ୍ୟ ଆଶ୍ରୟ ସ୍ଥଳ,
ବିତିଯାଉ ମା ଚିନ୍ତି ସେ ଚରଣ
ବାକୀ ଏ ଜୀବନକାଳ ।
ଲୋଡ଼ା ନାହିଁ ମୋର ମାନ ସନମାନ
କାଶୀ, ବୃନ୍ଦାବନ ଧାମ,
ଶେଷଯାଏ ମା ଶ୍ୱାସ ପ୍ରବାହରେ
ଜପୁଥାଏ ତୋର ନାମ ।
ତୋ ପଣତ କାନି କେବେ ଛାଡ଼ିବିନି
ଦେଏ ମା ଏତିକି ଶିକ୍ଷା,
ନିହାତି ଅଜ୍ଞାନ ମୁଁ ତୋର ସନ୍ତାନ
କରୁଛି ତୋ କୃପାଭିକ୍ଷା । ❑

# ଈର୍ଷାହିଁ ବିନାଶର କାରଣ

## ଦୌଲତ ପାଣ୍ଡେ

ରାଜପ୍ରାସାଦର ଉପବନ ପାଚେରି ବାହାରେ ସୁନ୍ଦର ଏକ ବାଦାମ ଗଛ ଥିଲା । ପ୍ରଚଣ୍ଡ ଖରା ଓ ହାଡ଼ଭଙ୍ଗା ଶୀତକୁ ଭ୍ରୁକ୍ଷେପ ନ କରି ବାଦାମ ଗଛଟିର ସୁରକ୍ଷା ବଳୟ ଭିତରେ ରହି ଥରେ ଏକ ଗୋଲାପ ବୁଦା ବଢ଼ିବାରେ ଲାଗିଲା । ଗ୍ରୀଷ୍ମଋତୁର ପ୍ରଚଣ୍ଡ ଉତ୍ତାପ ଓ ଝାଞ୍ଜି ପବନ ଯେତେବେଳେ ସୁକୁମାରୀ ଗୋଲାପ ଗଛଟିକୁ ବ୍ୟତିବ୍ୟସ୍ତ କରିବାକୁ ଆରମ୍ଭ କରିଦିଏ, ସାଥୀ ବାଦାମ ଗଛଟି ତା'ର ଗହଳିଆ ଡାଳପତ୍ରରେ ଗୋଲାପ ବୁଦାଟିକୁ ଢାଙ୍କି ଉତ୍ତାପରୁ ରକ୍ଷାକରେ । ଶୀତ ଋତୁର ଆଗମନରେ ଉଭୟ ଗୋଲାପ ଓ ବାଦାମ ଗଛରୁ ପତ୍ରସବୁ ଝଡ଼ିଯାଏ । ଗୋଲାପ ଫୁଲର ପାଖୁଡ଼ାସବୁ ଝଡ଼ିଯାଏ । ସେହି ଦୁର୍ଦ୍ଦିନରେ ବାଦାମ ଗଛଟି ଥାଏ ଗୋଲାପର ଏକମାତ୍ର ସାଥୀ । ଗୋଲାପକୁ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ ବାଦାମ ଗଛଟି ନିଜ ଅଙ୍ଗେ ନିଭା ପୁରୁଣା କାହାଣୀସବୁ ଗୋଲାପ ଆଗରେ ବଖାଣି ଯାଏ । ନିଜ ଜନ୍ମ ପୂର୍ବର କାହାଣୀସବୁ ବାଦାମ ଗଛଠାରୁ ଶୁଣି ଗୋଲାପ ଗଛଟି ଦୁଃସହ ଶୀତ ଯନ୍ତ୍ରଣା ଭୁଲିଯାଏ । ଶେଷରେ ବହୁ ଆକାଙ୍‌କ୍ଷିତ ବସନ୍ତ ଋତୁ ଯେତେବେଳେ କୋମଳ ପଦପାତରେ ନଦ-ନଦୀ, ପାହାଡ଼-ପର୍ବତ ଓ ଉପତ୍ୟକା ଉପରେ ନାଚି ନାଚି ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଏ ଉଭୟ ବାଦାମ ଗଛ ଓ ଗୋଲାପ ଗଛ ପତ୍ରଫୁଲରେ ଭରିଯା'ନ୍ତି । ପକ୍ଷୀମାନେ ସେମାନଙ୍କ ପାଖକୁ ଫେରି ଆସନ୍ତି । ପତ୍ରଫୁଲଭରା ଗହଳିଆ ଡାଳରେ ବସି ମଧୁର କାକଳିରେ ସମଗ୍ର ବାତାବରଣକୁ ଉତ୍ସବ-ମୁଖର କରିଦିଅନ୍ତି । ପ୍ରଜାପତିର ମଧୁର ଚୁମ୍ବନରେ ଗୋଲାପ କଢ଼ିଗୁଡ଼ିକ ପୁଣି ପାଖୁଡ଼ା ମେଲି ଫୁଟି ଉଠନ୍ତି ।

ଥରକର ଘଟଣା । ଋତୁରାଜ ବସନ୍ତର ଆଗମନରେ ଗୋଲାପ ବୁଦାଟିରେ ଫୁଲପତ୍ର ଭରିଗଲା । ମହୁମାଛିମାନେ ଗୁଣୁ ଗୁଣୁ ଧ୍ୱନି କରି ମନ ଆନନ୍ଦରେ ଫୁଲରୁ ଫୁଲକୁ ଉଡ଼ି ମହୁ ସଂଗ୍ରହ କରିବାରେ ଲାଗିଗଲେ । ଝିଣ୍ଟିକାମାନେ କଅଁଳ ଘାସର ଗାଲିଚା ଉପରେ ଡେଇଁ ବୁଲିଲେ । ଆନନ୍ଦ ବିଭୋର ଫୁଟନ୍ତା ଗୋଲାପଗୁଡ଼ିକ ପକ୍ଷୀମାନଙ୍କୁ କହିବାରେ ଲାଗିଲେ – ''ଆମର ଏ ଜୀବନ ସତେ କେଡ଼େ ମଧୁମୟ ! ଏବେ ଆମେ କି ସୁଖରେ କାଳଯାପନ କରୁଛୁ !'' ଉତ୍ତରରେ ପକ୍ଷୀମାନେ କହିଲେ ''ଆମେମାନେ ମଧ କମ୍ ସୁଖୀ ନୋହୁଁ । ଆମମାନଙ୍କ ଜୀବନ ଏବେ ସଙ୍ଗୀତମୟ ହୋଇଯାଇଛି ।'' ବାଦାମ ଗଛଟି କହିଲା – ''ମୁଁ ସମସ୍ତଙ୍କ ଅପେକ୍ଷା ଅଧିକ ଖୁସୀ । କାରଣ ପ୍ରତିଦିନ ମୋର ଉଚ୍ଚତା କ୍ରମେ ବଢ଼ିବାରେ ଲାଗିଛି । ଆଉ ଅଳ୍ପ ଦିନ ଭିତରେ ମୋର ବଢ଼ନ୍ତା ଡାଳସବୁ ପ୍ରାସାଦର ପାଚେରିକୁ ଅତିକ୍ରମ କରିଯିବେ । ମୋ ଫୁଲସବୁ ପ୍ରାସାଦ ଉଦ୍ୟାନରେ ବିଞ୍ଚି ହୋଇଯିବେ ।''

ଗୋଲାପ ଗଛଟି କହିଲା – ''ଭାଇ ସତରେ ତୁମେ ବଡ଼ ଭାଗ୍ୟବାନ୍ । ମୁଁ ତୁମ ଭଳି ଡେଙ୍ଗା ହୋଇଥାନ୍ତି କି ! ତାହା ହେଲେ ପାଚେରିରେ ଉଙ୍କିମାରି ଦେଖିପାରନ୍ତି ରାଜାଙ୍କ ଉଦ୍ୟାନରେ ଗୋଲାପ ଫୁଟିଛି କି ନାହିଁ ।'' କାଠହଣା ଚଢ଼େଇଟି ବାଦାମ ଗଛର ଉଚ୍ଚ ଡାଳରେ ବସି ଗଛକୁ ଥଣ୍ଟରେ ଆଘାତ ଦେଉ ଦେଉ ଗୋଲାପକୁ କହିଲା – ''ମୋ କାମରେ ମୁଁ ବ୍ୟସ୍ତ । ମୋ ଅବସ୍ଥା ଯଦି ତୁମ ଭଳି ହୋଇଥା'ନ୍ତା, ତେବେ ବି ମୁଁ ଅନ୍ୟ କାହା କଥାରେ ମୁଣ୍ଡ ପୂରାନ୍ତି ନାହିଁ ।'' ଗୋଲାପଗୁଡ଼ିକ ସମବେତ କଣ୍ଠରେ କହି ଉଠିଲେ – ''ଏଭଳି କହିବା ତୁମ ପାଇଁ ବେଶ୍ ସହଜ । କାରଣ ତୁମର ଡେଣା ଅଛି, ଯେତେବେଳେ ଚାହିଁବ ପାଚେରି ଉପରକୁ ଉଡ଼ି ଯାଇ ପାରିବ; ରାଜାଙ୍କ ବଗିଚାରେ କେଉଁ ଫୁଲ ଫୁଟିଛି ଦେଖିପାରିବ । ଆମ ପକ୍ଷେ ତ ତାହା ସମ୍ଭବ ନୁହେଁ ! ଆମେ ଇଞ୍ଚେ ବି ଘୁଞ୍ଚି ପାରିବୁ ନାହିଁ ।'' ହଳଦୀ ବର୍ଣ୍ଣର ବଟର କପ୍ ଫୁଲଟି କହି ଉଠିଲା – ''ଆମ ଅବସ୍ଥା ବି ଠିକ୍ ସେଇଆ ! ମାତ୍ର ସେଥିପାଇଁ ଆମର ଆଦୌ ଦୁଃଖ ନାହିଁ । କାରଣ ଆମେ ତ ପକ୍ଷୀ ନୋହୁଁ, ଆମେ ଫୁଲ ।'' ଗୋଲାପମାନେ ବାଦାମ ଗଛକୁ ଲକ୍ଷ୍ୟ କରି କହିଲେ – ''ଭାଇ, ପାଚେରି ସେ ପାଖରେ ତୁମ ନଜର ପଡ଼ିବା ମାତ୍ରେ ରାଜାଙ୍କ ବଗିଚାରେ କ'ଣ ସବୁ ଅଛି ଆମକୁ ନିଶ୍ଚୟ କହିବ ।'' ବାଦାମ ଗଛଟି ହଁ ଭରି କହିଲା – ''ଏବେ ସେ କଥା ଭୁଲିଯାଅ । ଦେଖ ମନ୍ଦ ମଳୟରେ ମୋ ଫୁଲ ସବୁ କିପରି ଶୂନ୍ୟରେ ଘୂରି ଘୂରି, ନାଚି ନାଚି ଉଡ଼ି ଯାଉଛନ୍ତି ।''

ସୁଖ ସ୍ୱପ୍ନ ତୁଲ୍ୟ ଦିନ ଗଡ଼ି ଚାଲିଲା । ଦିନେ ସକାଳେ ହଠାତ୍ ବାଦାମ ଗଛଟି ଆନନ୍ଦ ଗଦ୍‌ଗଦ କଣ୍ଠରେ ଘୋଷଣା

କଲା ଯେ ପାଚେରି ଆରପାଖରେ କ'ଣ ସବୁ ଅଛି ସେ ଦେଖିପାରୁଛି । ବାଦାମ ଗଛଟି କ'ଣ ସବୁ ଦେଖୁଛି ଜାଣିବା ପାଇଁ ଗୋଲାପ ଗଛଟି ଅତ୍ୟନ୍ତ ଉତ୍କଣ୍ଠିତ ହୋଇ ଉଠିଲା । ବାଦାମ କହିଲା – ''ବଗିଚାଟିରେ ଅନେକ ପ୍ରକାର ଫୁଲସବୁ ଫୁଟିଛି । ଆଉ ଗୋଲାପ କଥା କ'ଣ କହିବି ? ଏ ଦୁନିଆରେ ଏତେ ଜାତିର ଗୋଲାପ ଅଛି, ମୁଁ ଜାଣି ନଥିଲି । ହେଇ, ସାଙ୍ଗସାଥୀଙ୍କ ଗହଣରେ ସ୍ୱୟଂ ରାଜକୁମାର ବଗିଚା ଭିତରକୁ ବୁଲି ଆସୁଛନ୍ତି ।'' ଗୋଲାପ କହିଲା – ''ଭାଇ, ସତରେ ତୁମ ପ୍ରତି ଆମର ଈର୍ଷା ହେଉଛି । ରାଜକୁମାର କ'ଣ ସତରେ ଜଣେ ଗୌର ବର୍ଣ୍ଣର ସୁନ୍ଦର ଯୁବକ ?'' ବାଦାମ ଗଛ କହିଲା – ''ହଁ, ଦୁନିଆର ଯେ କୌଣସି ରାଜକୁମାର ତୁଲ୍ୟ ସେ ଅତିଶୟ ସୁନ୍ଦର । ଲୋହିତ ବର୍ଣ୍ଣର ସୁନ୍ଦର ଗୋଲାପଟିଏ ହାତରେ ଧରି ସେ ତାହାର ପାଖୁଡ଼ାଗୁଡ଼ିକୁ ନିଜ ଆଙ୍ଗୁଳିର କୋମଳ ସ୍ପର୍ଶ ଦେବାରେ ଲାଗିଛନ୍ତି ।''

ଗୋଲାପଗୁଡ଼ିକ କାନ୍ଦି କାନ୍ଦି କହିବାର ଶୁଣାଗଲା, କୌଣସି ରାଜକୁମାର ସୋମାନଙ୍କ ପାଖକୁ ଆସନ୍ତି ନାହିଁ । ଏହା ଶୁଣି ପକ୍ଷୀମାନେ କହିଲେ – ''ସେଥିରେ ତୁମର ଦୁଃଖ କାହିଁକି ? ଆମେ ତ ତୁମ ପାଖକୁ ଆସୁଛୁ ।'' ଗୋଲାପମାନେ ପକ୍ଷୀମାନଙ୍କ ପ୍ରତି ଅବଜ୍ଞା ପ୍ରକାଶ କରି କହିଲେ – ''ରାଜକୁମାରଙ୍କ ଧମନୀରେ ରାଜରକ୍ତ ପ୍ରବାହିତ ହେଉଛି । ତାଙ୍କ ସହିତ ନିଜକୁ ତୁଳନା କରିବାର ଧୃଷ୍ଟତା କିପରି କରିପାରୁଛ ?'' ପକ୍ଷୀମାନେ କହିଲେ – ''ଏ କଥା ସତ ଯେ ଆମେମାନେ ରାଜକୁମାର ନୋହୁଁ । ହେଲେ, ଆମେ ତୁମମାନଙ୍କୁ କେଡ଼େ ଶ୍ରଦ୍ଧା କରୁଛୁ ! କିନ୍ତୁ ରାଜକୁମାର ତୁମକୁ ଅଚଳ ମୁଦ୍ରାତୁଲ୍ୟ କେବଳ ବେଖାତିର କରନ୍ତି ।'' ଈର୍ଷା ଜର୍ଜରିତ ଗୋଲାପମାନେ ସ୍ଥାନ, କାଳ ଓ ପାତ୍ର ଭୁଲିଗଲେ ଏବଂ କହିଲେ ତାଙ୍କର କେବଳ ରାଜକୁମାର ଦରକାର, ଆଉ କେହି ନୁହେଁ । ବାଦାମ ଗଛଟି ଗୋଲାପକୁ ଆକଟ କଲା ଏବଂ ପକ୍ଷୀମାନଙ୍କୁ ଏଭଳି ଅଭଦ୍ର ବ୍ୟବହାର କରିବାକୁ ବାରଣ କଲା । ଗୋଲାପଗୁଡ଼ିକ ନିଜର ଭୁଲ୍ ବୁଝିବା ଦୂରେ ଥାଉ ବାଦାମ ଗଛକୁ ଲକ୍ଷ୍ୟ କରି କହିଲେ – ''ସେଥିରେ ଆମର ଖାତିର ନାହିଁ । ଭବିଷ୍ୟତରେ ନିଜ କଥା ନିଜେ ବୁଝିବାକୁ ଚେଷ୍ଟାକର । ଆମକୁ ନୀତିବାଣୀ ଶୁଣାଇବା ଦରକାର ନାହିଁ ।'' ପକ୍ଷୀମାନଙ୍କୁ ଲକ୍ଷ୍ୟ କରି କହିଲେ – ''ତୁମମାନଙ୍କ ଶ୍ରଦ୍ଧା ମଧ୍ୟ ଆମର ଦରକାର ନାହିଁ । ତୁମେମାନେ ଆଉ କାହା ପାଖକୁ ଯାଇପାର ।''

ଗୋଲାପର ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟ ପକ୍ଷୀମାନଙ୍କୁ ବଡ଼ ବାଧିଲା । ସେମାନେ ଗୋଟିକ ପରେ ଗୋଟିଏ ସେ ସ୍ଥାନ ଛାଡ଼ି ଉଡ଼ି ଗଲେ । ଗୋଲାପ ବୁଦାଟି ନିଜ ଅହଂକାରକୁ ଧରି ସେହିଠାରେ ରହିଲା । ବାଦାମ ଗଛଟି ମଧ୍ୟ ଗୋଲାପର କଥାରେ କ୍ଷୁବ୍ଧ ଏବଂ ଅପମାନିତ ବୋଧକଲା । ସେ ବି ଗୋଲାପ ବୁଦାଟି ଆଡୁ ମୁହଁ ବୁଲାଇ ନେଲା । ଫଳରେ ଗୋଲାପ ବୁଦାଟି ବାଦାମ ଡାଳର ଶୀତଳ ଛାୟାରୁ ବଞ୍ଚିତ ହେଲା । ସମୟକ୍ରମେ ଗ୍ରୀଷ୍ମଋତୁ ଆସିଲା । ଗ୍ରୀଷ୍ମତାପ ସହି ନପାରି ଗୋଲାପ ଗଛଟି ଶୁଖି ଶୁଖି ମରିଗଲା । ଯେଉଁ ସ୍ଥାନରେ ଏକଦା ସ୍ନେହ, ଶ୍ରଦ୍ଧା ଓ ସୁଖ-ଶାନ୍ତି ବିରାଜୁ ଥିଲା, କେବଳ ଈର୍ଷା ସବୁକୁ ଧୂଳିସାତ୍ କରିଦେଲା । ବାଦାମ ଗଛଟି ନୀରବ ରହିବା ଉଚିତ ମନେ କଲା । ବର୍ଷ ପରେ ବର୍ଷ ବିତିଗଲା । ଗୋଲାପ ସ୍ଥାନରେ ଅନ୍ୟ ଫୁଲସବୁ ଫୁଟିବାରେ ଲାଗିଲେ । ମାତ୍ର ପାଚେରି ସେପାଖ ରାଜ-ଉଦ୍ୟାନରେ କ'ଣ ସବୁ ଦେଖିଲା ବାଦାମ ଆଉ କେବେ କାହାରିକୁ କହିବାର ଶୁଣାଗଲା ନାହିଁ । ନୀରବ ରହିବା ବୁଦ୍ଧିମାନର କାର୍ଯ୍ୟ ବୋଲି ବୋଧହୁଏ ସେ ବୁଝି ପାରିଲା ।

(The Tales of India - I ପୁସ୍ତକରୁ)

ଅନୁବାଦ : ସନାତନ ମହାନ୍ତି

❑❑❑

ସ୍ୱାର୍ଥପରତାହିଁ ଏକମାତ୍ର ପାପ, ନୀଚତା ଏକମାତ୍ର ଦୁର୍ମତି, ଘୃଣା ଏକମାତ୍ର ଅପରାଧ । ଆଉ ସବୁକୁ ଭଲରେ ପରିଣତ କରାଯାଇପାରେ, କିନ୍ତୁ ଏହିଗୁଡ଼ିକହିଁ ଭାଗବତ ସାନ୍ନିଧ୍ୟ ଦିଗରେ ଦୁରନ୍ତ ବାଧା ।

– ଶ୍ରୀଅରବିନ୍ଦ

# ଜିଜ୍ଞାସୁର ପୃଷ୍ଠା

[ଆତ୍ମୋତ୍ସର୍ଗ କୌଣସି ବିଶେଷ କାର୍ଯ୍ୟ କରିବା ଉପରେ ନିର୍ଭର କରେ ନାହିଁ, ବରଂ କେଉଁ ଭାବସହ ପ୍ରତ୍ୟେକ କାର୍ଯ୍ୟ କର ତାହା ଉପରେ ନିର୍ଭର କରେ, – ସେ କାର୍ଯ୍ୟ ଯେଉଁ ପ୍ରକାରର ହେଉନା କାହିଁକି । ନିଷ୍କାମ ଓ ନିରହଂକାର ହୋଇ, ସୁଖ-ଦୁଃଖରେ ଶାନ୍ତ ଓ ସ୍ଥିର ଭାବେ, ମନର ସମତାସହ, ଉତ୍ତମ ରୂପେ ଓ ଯତ୍ନ ସହକାରେ ଯେକୌଣସି କର୍ମ ଭଗବାନଙ୍କୁ ଯଜ୍ଞ ରୂପେ ଅର୍ପଣ କରାଗଲେ ଓ ଏକମାତ୍ର ଭଗବାନଙ୍କ ଉଦ୍ଦେଶ୍ୟରେ କରାଗଲେ ଏବଂ ନିଜ ସ୍ୱାର୍ଥ ନିମିତ୍ତ ନୁହେଁ, କୌଣସି ପୁରସ୍କାର ବା ପରିଣାମ ନିମିତ୍ତ ବି ନୁହେଁ, ଏବଂ ଏହି ବୋଧସହ ଯେ ''ସକଳ କର୍ମ ଭାଗବତୀ ଶକ୍ତିର ଆୟତ୍ତାଧୀନ;'' ତେବେ ସେହି କର୍ମ ଆତ୍ମ-ନିବେଦନର ଗୋଟିଏ ଉପାୟ ହୁଏ । – ଶ୍ରୀଅରବିନ୍ଦ]

*ପ୍ରଶ୍ନ : ଆମେମାନେ ଯେକୌଣସି କାର୍ଯ୍ୟ କରୁ, ସେଥିରେ କିଛି ନା କିଛି କାମନା ଥାଏ । ଯଥାର୍ଥରେ ନିଷ୍କାମ କର୍ମର ସ୍ୱରୂପ କ'ଣ ? ଗୀତାରେ ବର୍ଣ୍ଣିତ ନିଷ୍କାମ କର୍ମ, ଆଉ ଫଳ ପ୍ରାପ୍ତିର କାମନା ନରଖି ଦେଶ ସେବା, ମନୁଷ୍ୟ ସେବାଦି କର୍ମ – ଏହି ଦୁଇ ମଧ୍ୟରେ ପ୍ରଭେଦ କ'ଣ ? କିପରି ଭାବେ କର୍ମ କଲେ ତାହା ନିଷ୍କାମ ହେବ ?*

ଉତ୍ତର : ନିଷ୍କାମ କର୍ମର ସ୍ୱରୂପ ହେଲା – କୌଣସି ଫଳର ଆଶା ନରଖି କର୍ମ କରିବା । କର୍ମ କରିବାରେ କେବଳ ଅଧିକାର, ଫଳରେ ନୁହେଁ । କର୍ମର ଫଳ ଲକ୍ଷ୍ୟର ଅନୁକୂଳ ହେଉ ବା ପ୍ରତିକୂଳ ହେଉ ସେଥିରେ ସମତ୍ୱ ରଖିବା, ଅର୍ଥାତ୍ ବିଚଳିତ ନହେବା, ହର୍ଷ ବା ବିଷାଦ ନହେବା, ଏହାହିଁ ହେଲା ନିଷ୍କାମ କର୍ମର ସ୍ୱରୂପ । ଏହି ନିଷ୍କାମ କର୍ମ ସମ୍ପାଦିତ ହୁଏ ଭଗବାନଙ୍କ ନିମିତ୍ତ କର୍ମ କରିବାରେ । ନିଷ୍କାମ କର୍ମର ସ୍ୱରୂପ ହେଲା – ଭଗବାନଙ୍କ ନିମିତ୍ତ କର୍ମ । ଭଗବାନଙ୍କ ଛଡ଼ା ଅଜ୍ଞାନ ଅବସ୍ଥାରେ ସମସ୍ତ କର୍ମ ସକାମ ।

ଗୀତାରେ ବର୍ଣ୍ଣିତ ନିଷ୍କାମ କର୍ମ ଆଉ ଫଳ ପ୍ରାପ୍ତିର କାମନା ନରଖି ଦେଶ ସେବା, ମନୁଷ୍ୟଜାତିର ସେବାଦି କର୍ମ – ଏହି ଦୁଇ ମଧ୍ୟରେ ଯାହା ପ୍ରଭେଦ, ତାହା ହେଲା ଏହି : ମନୁଷ୍ୟ କୌଣସି ପ୍ରେରଣାର ବଶବର୍ତ୍ତୀ ହୋଇ, କାମନା ରଖି କର୍ମରେ ପ୍ରବୃତ୍ତ ହୁଏ । କାମନା ପରିତ୍ୟାଗ କଲେ ତାହା ଦ୍ୱାରା କର୍ମ ସମ୍ପାଦନ ହେବା ସମ୍ଭବ ନୁହେଁ । ସାଧାରଣେ ମନୁଷ୍ୟ ଅହଂକାର ଦ୍ୱାରା ପ୍ରେରିତ ହୋଇ, ନିଜ ସ୍ୱାର୍ଥ ସିଦ୍ଧି, ଅହଂର ତୃପ୍ତି ସକାଶେ ନାନା ପ୍ରକାର କର୍ମ କରେ । କର୍ମର ସ୍ୱରୂପ ଯେତେ ଉତ୍ତମ ବୋଲି ଦୃଷ୍ଟିଗୋଚର ହେଉଥିଲେ ସୁଦ୍ଧା, ତାହା ଯଥାର୍ଥରେ ନିଷ୍କାମ ହୁଏ ନାହିଁ ।

ଭକ୍ତ ଏହି କର୍ମକୁ ଗୀତାର ଆଦେଶ ଅନୁସାରେ ବା ଯଜ୍ଞ ଆହୁତି ରୂପେ ଭଗବାନଙ୍କୁ ଅର୍ପଣ କରି ଦେବାରୁ ତାହା ନିଷ୍କାମ ହୁଏ । ସେମାନଙ୍କ କର୍ମକୁ ସେମାନେ ଭଗବାନଙ୍କୁ ଅର୍ପଣ କରି ଦିଅନ୍ତି, କର୍ମ ତାଙ୍କ ପାଖରେ ରହେ ନାହିଁ, ଫଳ ଆସିବ କେଉଁଠାରୁ ?

ମନୁଷ୍ୟ ସେବା ଓ ଦେଶ ସେବା କର୍ମ ଯଦି ସର୍ବବ୍ୟାପୀ ଭଗବାନ୍, ନରରୂପୀ ନାରାୟଣଙ୍କୁ ଯାହା ଅର୍ପଣ କରା ନହୁଏ, ସେଥିରେ ଯଦି କେବଳ ଲୋକ-କଲ୍ୟାଣର ଭାବନା ଥାଏ, ତେବେ କର୍ମ ସାତ୍ତ୍ୱିକ ହେଲେ ସୁଦ୍ଧା ସେଥିରେ ଥାଏ ଫଳ ପ୍ରାପ୍ତିର କାମନା । ସେ'ନେଇ କର୍ମ ନିଷ୍କାମ ହୁଏ ନାହିଁ । ଗୀତା ଅନୁସାରେ କର୍ମ ଭଗବାନଙ୍କୁ ଅର୍ପଣ ହେବାରୁ ତାହା ହୁଏ ନିଷ୍କାମ; ଦେଶ-ସେବାଦି କର୍ମ ଭଗବାନଙ୍କୁ ଅର୍ପଣ ନହେବାରୁ ହୁଏ ସକାମ । ଏହି ଦୁଇ କର୍ମରେ ଏହାହିଁ ପ୍ରଭେଦ ।

ମନୁଷ୍ୟ କର୍ମ ତ୍ୟାଗ କରି ନିଷ୍କର୍ମା ହୋଇପାରେ ନାହିଁ । କାରଣ ମନୁଷ୍ୟର ସ୍ଥୂଳ କର୍ମ ହୁଏ ହସ୍ତ, ପଦ, ଚକ୍ଷୁ, କର୍ଣ୍ଣାଦି ସ୍ଥୂଳ ଇନ୍ଦ୍ରିୟମାନଙ୍କ ଦ୍ୱାରା ଏବଂ ସୂକ୍ଷ୍ମ କର୍ମ ହୁଏ ମନ, ଚିତ୍ତ, ବୁଦ୍ଧି, ଅହଂକାରାଦି ସୂକ୍ଷ୍ମ ଇନ୍ଦ୍ରିୟ ଦ୍ୱାରା । ଏ ସବୁର ମୂଳ କାରଣ 'ଅହଂ' । 'ଅହଂ'କୁ ତ୍ୟାଗ କରି ଦେଲେ ବ୍ୟକ୍ତିତ୍ୱ ନଷ୍ଟ ହୋଇଯିବ । ସେ'ନେଇ ଶରୀରରେ କର୍ମ ଅନିବାର୍ଯ୍ୟ ଆଉ କର୍ମ ବନ୍ଧନର କାରଣ । କର୍ମର ଫଳ ସୁଖ, ଦୁଃଖ, ଜନ୍ମ ଓ ମୃତ୍ୟୁ । କର୍ମରୁ ମନୁଷ୍ୟ ମୁକ୍ତ ନହେଲେ ମୁନି-ଦୁର୍ଲଭ ପରମ ଶାନ୍ତି, ପରମ ଆନନ୍ଦ, ପରମ ଜ୍ଞାନ-ସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ ହୋଇ ପାରେ ନାହିଁ । ଏହି ସକାଶେ କର୍ମ ଭଗବାନଙ୍କ ନିମିତ୍ତ କରି ତାହା ଭଗବାନଙ୍କୁ ସମର୍ପଣ କରି ଦେଲେ, ତାହା ହୁଏ ନିଷ୍କାମ, ପରମ ପଦ ପରମାତ୍ମା ପ୍ରାପ୍ତିର କାରଣ ।

ସାଧାରଣତଃ ମନୁଷ୍ୟ ଅବିକଶିତ ଚେତନା ଏବଂ ଅଶୁଦ୍ଧ

ବୁଦ୍ଧିରେ ଯନ୍ତ୍ରବତ୍ ନିଜ ସ୍ୱାର୍ଥ ସିଦ୍ଧି ଏବଂ ନିଜ କୁଟୁମ୍ବ ପୋଷଣାର୍ଥେ କାର୍ଯ୍ୟ କରୁଥାଏ । ଏହାଠାରୁ ଉନ୍ନତ ଅବସ୍ଥାରେ ବ୍ୟକ୍ତି ବୁଦ୍ଧି ଦ୍ୱାରା ବିଚାର କରି ଦେଶସେବା, ପ୍ରାଣୀ ମାତ୍ରର ସେବା ଏବଂ ସଦାଚାର ଆଦି ଶୁଭକର୍ମ କରେ । ବହୁତ ଲୋକ ନିଷ୍କାମ କର୍ମର ସ୍ୱରୂପ ନଜାଣି ଏହି ଶୁଭ କର୍ମକୁହିଁ ନିଷ୍କାମ କର୍ମର ନାମ ଦିଅନ୍ତି । ଇଞ୍ଜିନିୟର, ମାଷ୍ଟର, ପ୍ରଫେସର, ଡକ୍ଟର, ଦେଶ ସେବକ, ଦେଶ ନେତା ଓ ଦେଶର ହିତଚିନ୍ତକ ବ୍ୟକ୍ତିମାନେ କହନ୍ତି, ‘‘ଆମମାନଙ୍କର କର୍ମ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ, ସେଥିରେ ଆମର କୌଣସି ସ୍ୱାର୍ଥ ନାହିଁ । ସ୍ୱାର୍ଥ ବିନା କର୍ମ ନିଷ୍କାମ । ଆମର ବେତନ କେବଳ ଉଦର ପୋଷଣ ସକାଶେ, ସଂସାରରେ ବଡ଼ ବଡ଼ ସାଧୁ-ମହାତ୍ମାଙ୍କୁ ଉଦର ପୋଷଣ କରିବାକୁ ପଡ଼େ । ସେ’ନେଇ ଆମମାନଙ୍କର ବେତନ କର୍ମର ନିଷ୍କାମତାକୁ ବ୍ୟାହତ କରେ ନାହିଁ ।’’ ଆଉ ଯେଉଁମାନେ ବେତନ ବିନା ଦେଶସେବା କରନ୍ତି, ସେମାନେ ତ ନିଃସନ୍ଦେହରେ ଧାରଣା କରନ୍ତି ଏବଂ କହନ୍ତି, ‘‘ଆମର କର୍ମ ପୂର୍ଣ୍ଣତଃ ଅନ୍ୟର ଉପକାର ସକାଶେ, ଏଥିରେ ଆମର ସ୍ୱାର୍ଥ ନାହିଁ । ଅତଏବ ଆମମାନଙ୍କର କର୍ମ ନିଶ୍ଚୟହିଁ ନିଷ୍କାମ’’ । କିନ୍ତୁ କର୍ମର ନିଷ୍କାମତା ଏହା ଉପରେ ନିର୍ଭର କରେ ନାହିଁ । ନିର୍ଭର କରେ – ତୁମର କର୍ମ ଭଗବାନଙ୍କ ସକାଶେ କରା ହେଉଛି କି ନାହିଁ ତାହା ଉପରେ । ଭଗବାନଙ୍କ ଉଦ୍ଦେଶ୍ୟରେ ରାଜା ଅମ୍ବରୀଶଙ୍କ ରାଜ୍ୟ ଶାସନ ସଦୃଶ କଠୋର କାର୍ଯ୍ୟ ହୁଏ ନିଷ୍କାମ । ଭଗବାନଙ୍କ ଛଡ଼ା ଦେଶସେବା, ଦାନ, ଦକ୍ଷିଣା, ଯଜ୍ଞାଦି ପରମ ପବିତ୍ର କାର୍ଯ୍ୟ ହୁଏ ସକାମ । ନିଷ୍କାମତା ଏବଂ ସକାମତା କର୍ମର ସ୍ୱରୂପ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ କେବଳ ଭାବ ଉପରେ । ଭଗବତ୍ ଉଦ୍ଦେଶ୍ୟ ଛଡ଼ା ଶୁଭ କର୍ମର ଫଳ ଶୁଭ, ଅଶୁଭ କର୍ମର ଫଳ ଦୁଃଖ ଭୋଗ କରିବାକୁ ହୁଏ । ଜନ୍ମ-ମୃତ୍ୟୁର ଚକ୍ରରେ ଘୂର୍ଣ୍ଣାୟମାନ ହେବାକୁ ହୁଏ । କିନ୍ତୁ ଏହା ଦ୍ୱାରା ମନୁଷ୍ୟ ପରମ-ପଦ, ପରମ-ଆନନ୍ଦ, ଶାଶ୍ୱତ ଶାନ୍ତିର ଅଧିକାରୀ ହୁଏ ନାହିଁ । ଅବଶ୍ୟ ଅଶୁଭ କର୍ମ ଅପେକ୍ଷା ଶୁଭ କର୍ମ ଉତ୍ତମ । ଏହା ଦ୍ୱାରା ମନୁଷ୍ୟ ଭଗବାନ୍ ଓ ନିଷ୍କାମ କର୍ମ ଦିଗରେ ଅଗ୍ରସର ହୋଇପାରେ ।

*ପ୍ରଶ୍ନ : ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କ ନିମିତ୍ତ କାର୍ଯ୍ୟ କଲେ ତାହା କାହିଁକି ଏବଂ କିପରି ନିଷ୍କାମ ହେବ ?*

ଉତ୍ତର : ମନୁଷ୍ୟ ଭଗବାନଙ୍କ ଅଂଶ । ସ୍ୱୟଂ ଭଗବାନ୍ ସଂସାର ରୂପେ ଏବଂ ନାନା ପ୍ରକାର ପ୍ରାଣୀ ରୂପେ ପ୍ରକଟ ହୋଇଅଛନ୍ତି । ପ୍ରାଣୀ ନିଜ ସ୍ୱରୂପ ବିସ୍ମରଣ ହୋଇ, ଭ୍ରମରେ ପଡ଼ି, ଅହଂକାରର ବଶୀଭୂତ ହୋଇ ‘ମୁଁ’ ‘ମୋର’, ‘ତୁ’ ‘ତୋର’ ଭେଦ-ଭାବ ଆରୋପ କରେ । ଏହାହିଁ ହେଲା ଅଜ୍ଞାନ । ଅଜ୍ଞାନର ଆଶ୍ରୟସ୍ଥଳ ଅହଂ । ଅହଂ ବନ୍ଧନର କାରଣ । ଯେପର୍ଯ୍ୟନ୍ତ ମନୁଷ୍ୟ ଅଜ୍ଞାନ, ସେପର୍ଯ୍ୟନ୍ତ ସେ ନିଜ ଆତ୍ମା ଏବଂ ପରମାତ୍ମା ଭଗବାନଙ୍କ ସମ୍ବନ୍ଧେ ଅଚେତନ । ମନୁଷ୍ୟର ସ୍ଥୂଳବୁଦ୍ଧି ଉନ୍ନତ ହୋଇପାରେ, ସେ ଭୌତିକ କାର୍ଯ୍ୟରେ ଦକ୍ଷତା ପ୍ରାପ୍ତ କରି, କୌଶଳ ଦେଖାଇ ଅନ୍ୟମାନଙ୍କୁ ନିଜ କର୍ମ ଦ୍ୱାରା ଆଶ୍ଚର୍ଯ୍ୟ ଓ ଚକିତ କରିପାରେ, କିନ୍ତୁ ଯେପର୍ଯ୍ୟନ୍ତ ସେ ଆତ୍ମା ଓ ପରମାତ୍ମାଙ୍କୁ ନଜାଣିଛି ସେପର୍ଯ୍ୟନ୍ତ ସେ ଅଜ୍ଞାନର ବଶ ହୋଇ ଅହଂ ଦ୍ୱାରା ପରିଚାଳିତ ହୁଏ । ଏହି ଅବସ୍ଥାରେ ତାହା ଦ୍ୱାରା ଜଗତର ହିତ ନିମିତ୍ତ ବଡ଼ ବଡ଼ କାର୍ଯ୍ୟ ବି ହୁଏ ସକାମ । ମନୁଷ୍ୟ ସେବା ସକାଶେ ଓ ତାହାର କଲ୍ୟାଣ ଉଦ୍ଦେଶ୍ୟରେ ଯେ କୌଣସି କାର୍ଯ୍ୟ କରା ହୁଏ ସେଥିରେ ଥାଏ ମନୁଷ୍ୟର ମଙ୍ଗଳ କାମନା । ‘‘ମନୁଷ୍ୟର ମଙ୍ଗଳ କରିବା’’ ଯେଉଁ ଉଦ୍ଦେଶ୍ୟ ତାହାହିଁ ହେଲା ସକାମ । ଏହି କାର୍ଯ୍ୟ ଯଦି ଭଗବତ୍ ଉଦ୍ଦେଶ୍ୟରେ କରା ହୁଏ ତେବେ ସେହି କର୍ମ ଦ୍ୱାରା ମନୁଷ୍ୟ ଜାତିର ହିତ ସାଧିତ ହୁଏ, କିନ୍ତୁ କର୍ମର ଉଦ୍ଦେଶ୍ୟ ଓ ଫଳ ଯାହା, ‘‘ମନୁଷ୍ୟର ହିତ କାମନା’’ – ତାହା ଏଥିରେ ନଥାଏ; ଏଥିରେ ଏକମାତ୍ର କାମନା ଥାଏ, ‘‘ଭଗବତ୍ ଉଦ୍ଦେଶ୍ୟରେ କର୍ମ କରିବା’’ । ଭଗବାନଙ୍କ ନିମିତ୍ତ କର୍ମରେ କାମନା ନଥାଏ, କାରଣ ଏଠାରେ ସମସ୍ତ କର୍ମର ଉତ୍ସ ସ୍ୱୟଂ ଭଗବାନ୍ ।

*ପ୍ରଶ୍ନ : କାମନା ବନ୍ଧନର କାରଣ । ‘‘ଭଗବତ୍ ଉଦ୍ଦେଶ୍ୟରେ କର୍ମ’’ – ଏହା ବି କାମନା, ଏହି କାମନା ଥିବା ସତ୍ତ୍ୱେ କର୍ମ ନିଷ୍କାମ ହେବ କିପରି ?*

ଉତ୍ତର : ପରମ ଜ୍ଞାନ, ପରମ ଆନନ୍ଦ, ପରମ ଶାନ୍ତିର ସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହେଲେ ଜୀବ ଜନ୍ମ-ମୃତ୍ୟୁ ରୂପକ ଘୋର ଯନ୍ତ୍ରଣାରୁ ମୁକ୍ତ ହୁଏ । ଭଗବାନହିଁ ଜୀବର ଶାଶ୍ୱତ ବିଶ୍ରାମ ସ୍ଥାନ ଏବଂ ତାହାର ମୂଳ ସତ୍ୟ ସ୍ୱରୂପ । ତାଙ୍କୁହିଁ ପ୍ରାପ୍ତ କରିବା ଜୀବର ଏକମାତ୍ର ସତ୍ୟ-ସିଦ୍ଧି ଏବଂ ଯଥାର୍ଥ ଉଦ୍ଦେଶ୍ୟ । ଭଗବାନଙ୍କ ନିମିତ୍ତ କର୍ମ ଦ୍ୱାରା ଜୀବ ଜନ୍ମ-ମୃତ୍ୟୁ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ ହେଉଥିବାରୁ ଏହା ହୁଏ ନିଷ୍କାମ ।

ଭଗବତ୍ ଉଦ୍ଦେଶ୍ୟ ଛଡ଼ା ଅନ୍ୟାନ୍ୟ କର୍ମ ଦ୍ୱାରା ମନୁଷ୍ୟ ଜନ୍ମ-ମୃତ୍ୟୁ ଚକ୍ରରେ ଭ୍ରମଣ କରୁଥିବାରୁ ତାହା ହୁଏ ସକାମ । ସେଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି –

''ଯତ୍‌କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍‌କୁରୁଷ୍ୱ ମଦର୍ପଣମ୍ ।''୯।୨୭

''ଯେଉଁ କର୍ମ କର, ଯାହା ଭୋଜନ କର, ଯାହା ହୋମ କର, ଯାହା ଦାନ କର, ଯେଉଁ ତପ କର, ତାହା ସବୁ ମୋତେ ଅର୍ପଣ କର ।''

''ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।
ସନ୍ନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ।''୯।୨୮

କର୍ମ ଅର୍ପଣ ରୂପ ସନ୍ନ୍ୟାସ ଯୋଗ-ଯୁକ୍ତ ହୋଇ କର୍ମ କଲେ ତୁ କର୍ମ ବନ୍ଧନରୁ ମୁକ୍ତ ହୋଇ ମୋତେ ପ୍ରାପ୍ତ ହେବୁ ।

*ପ୍ରଶ୍ନ : ଯେଉଁମାନେ ଭଗବାନଙ୍କୁ ଛାଡ଼ି କେବଳ ଲୋକ କଲ୍ୟାଣାଦି ଶୁଭ କର୍ମ କରନ୍ତି ତାହା ସକାମ ହୋଇପାରେ, କିନ୍ତୁ ଯେଉଁମାନେ ଭଗବାନଙ୍କ ସକାଶେ କର୍ମ କରୁ ଅଛନ୍ତି ବୋଲି କୁହନ୍ତି ତାହା ତ ନିଷ୍କାମ ହେବା ଉଚିତ ।*

ଉତ୍ତର : କେବଳ ବାକ୍ୟରେ କହିଦେଲେ ଯଥାର୍ଥରେ ଭଗବାନଙ୍କ ନିମିତ୍ତ କର୍ମ ହୁଏ ନାହିଁ । ଯଥାର୍ଥରେ ଭଗବତ୍ କର୍ମର ସ୍ୱରୂପ ହେଲା, ''ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କ ନିମିତ୍ତ କର୍ମ ସମ୍ପାଦନ'' ଭାବନା ଏଥିରେହିଁ ପ୍ରଧାନ, – କର୍ମ ଗୌଣ । ଅର୍ଥାତ୍ କର୍ମର ସିଦ୍ଧି ଏବଂ ଅସିଦ୍ଧି ଉଭୟ ଅବସ୍ଥାରେ ବ୍ୟକ୍ତି ରହେ ସମଭାବାପନ୍ନ । ଅର୍ଥାତ୍ ସେ କାର୍ଯ୍ୟ ସଫଳତାର ଆନନ୍ଦରେ ଉନ୍ମତ୍ତ ହୁଏ ନାହିଁ କିଂବା ବିଫଳତାରେ ହତାଶ ହୁଏ ନାହିଁ । କାରଣ ତା'ର ତ ଉଦ୍ଦେଶ୍ୟ ଭଗବାନଙ୍କ ନିମିତ୍ତ କେବଳ କର୍ମ କରିବା । କର୍ମ ସିଦ୍ଧ ହେବା ତାହାର ଉଦ୍ଦେଶ୍ୟ ନୁହେଁ । କର୍ମ ସିଦ୍ଧି ଏବଂ ଅସିଦ୍ଧି ଉଭୟ ଅବସ୍ଥାରେ ତାହାର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ । ସେଥିପାଇଁ ସେ ହର୍ଷ ବା ବିଷାଦରେ ପଡ଼େ ନାହିଁ ।

ଯେଉଁମାନେ ବାକ୍ୟରେ ''ଭଗବାନଙ୍କ ନିମିତ୍ତ'' କର୍ମ କରୁଥିବାର କୁହନ୍ତି; ତାଙ୍କର କର୍ମହିଁ ପ୍ରଧାନ, କର୍ମର ଫଳ ପ୍ରାପ୍ତିର ଉଦ୍ଦେଶ୍ୟ ଅର୍ଥାତ୍ ଯେଉଁ ଉଦ୍ଦେଶ୍ୟରେ କର୍ମ କରନ୍ତି ସେମାନେ ତାହାର ଫଳ ଚାହାନ୍ତି, ତାହାର ସିଦ୍ଧି ଚାହାନ୍ତି । ତାହା ପୂର୍ଣ୍ଣ ନହେଲେ କିଂବା ସେହି କର୍ମ ଛାଡ଼ିବାକୁ ପଡ଼ିଲେ ସେମାନେ ବ୍ୟସ୍ତ ହୁଅନ୍ତି, ହତାଶ ହୋଇ ପଡ଼ନ୍ତି । 'ଭଗବାନଙ୍କ ନିମିତ୍ତ କର୍ମ କରୁଥିବା' ଶବ୍ଦଟା କେବଳ ମୁଖରେ ଥାଏ, ଅଭ୍ୟାସରେ କେବେ ପରିଣତ ହୁଏ ନାହିଁ । ସେ'ନେଇ 'ସମତା' ଆସେ ନାହିଁ । ଫେରେ ଭଗବତ୍ ସ୍ମରଣ ହେବ କିପରି ? 'ଭଗବତ୍ ଉଦ୍ଦେଶ୍ୟରେ କର୍ମ' ଏହି ଭାବ ଯଥାର୍ଥରେ ନଥିବାରୁ ସେମାନେ ସମତ୍ୱ ହରାଇ ହତାଶ ହୋଇ ପଡ଼ନ୍ତି, କାରଣ ତାଙ୍କ କର୍ମର ଫଳ ବ୍ୟର୍ଥ ହେଲା । ଏହିମାନଙ୍କର କର୍ମହିଁ ପ୍ରଧାନ, ଆଉ କର୍ମ-ପ୍ରଧାନ ବ୍ୟକ୍ତିର କର୍ମ ସକାମ ।

*ପ୍ରଶ୍ନ : ସାଧନାର ପ୍ରଥମାବସ୍ଥାରେ ଭଗବତ୍ ସ୍ମରଣ ସତତ ହୁଏ ନାହିଁ; ବହୁତ ଦିନ ଅଭ୍ୟାସ କରିବା ପରେ ତାହା ହୋଇପାରେ । ଯେଉଁମାନଙ୍କୁ ସକାମୀ କର୍ମୀ କୁହାଯାଉଛି ସେମାନେ ଭବିଷ୍ୟତରେ ଭଗବତ୍ ପରାୟଣ ହୋଇ ଭଗବାନଙ୍କ ନିମିତ୍ତ କର୍ମ କରିପାରିବେ କି ?*

ଉତ୍ତର : ଆରମ୍ଭରେ ଯେଉଁ ଉଦ୍ଦେଶ୍ୟ ଉପରେ ପ୍ରାଧାନ୍ୟ ଦିଆ ହୁଏ, ସେହି ଉଦ୍ଦେଶ୍ୟ କ୍ରମଶଃ ବିକାଶ ଏବଂ ବୃଦ୍ଧିପାଏ । ଯେଉଁ ଉଦ୍ଦେଶ୍ୟ ଗୌଣ ଥାଏ, ତାହା କ୍ରମଶଃ କ୍ଷୀଣ ହୋଇ ଶେଷରେ ବିଲୁପ୍ତ ହୋଇଯାଏ ।

ଯେଉଁମାନେ ଭଗବତ୍-ପ୍ରାପ୍ତି ଉଦ୍ଦେଶ୍ୟ ରଖି କର୍ମ କରନ୍ତି ସେମାନଙ୍କର କ୍ରମଶଃ ଭଗବତ୍ ସ୍ମରଣ ବୃଦ୍ଧି ହୁଏ । ସମତା, ଶାନ୍ତି, ଆନନ୍ଦାଦି ଭଗବତ୍ ଦିବ୍ୟଗୁଣ ଅଧିକାଧିକ ପ୍ରାପ୍ତ ହେଉଥାଏ । ଯେଉଁମାନେ କର୍ମକୁ ପ୍ରାଧାନ୍ୟ ଦେଇ ମୁଖରେ 'ଭଗବାନଙ୍କ ନିମିତ୍ତ' କର୍ମ କରୁଛନ୍ତି ବୋଲି କୁହନ୍ତି ସେମାନଙ୍କର ହୃଦୟର ଗଭୀରରେ ଭଗବାନ୍ ନିବାସ କରୁଅଛନ୍ତି ଏ ସମ୍ବନ୍ଧେ ସେମାନେ ସଚେତନ ନୁହଁନ୍ତି । କର୍ମର ସଫଳତା ଓ ବିଫଳତାର ହର୍ଷ-ବିଷାଦରେ ବାହ୍ୟ ଶବ୍ଦ ବିସ୍ମରଣ ହୋଇଯାଏ । ଶେଷରେ କର୍ମ ଓ କର୍ମକର୍ତ୍ତା ''ବ୍ୟକ୍ତି ସ୍ୱୟଂ'' ଏହି ଉଭୟହିଁ ରହି ଯାଆନ୍ତି । ଅତଏବ ଯେଉଁମାନଙ୍କର ଜୀବନ କର୍ମ-ପ୍ରଧାନ ସେମାନଙ୍କର ଯଥାର୍ଥ ନିଷ୍କାମ କର୍ମ ହୁଏ ନାହିଁ । ଯେଉଁ ସମୟରୁ ସେମାନେ ସଚେତ ହୋଇ ଭଗବାନଙ୍କ ନିମିତ୍ତ କର୍ମକୁ ଅର୍ଥାତ୍ ଭଗବତ୍ ପ୍ରାପ୍ତିକୁ ଜୀବନର ପ୍ରଧାନ ଲକ୍ଷ୍ୟ ବୋଲି ମାନି ଭଗବତ୍ ପ୍ରାପ୍ତି

ଉଦ୍ଦେଶ୍ୟରେ କର୍ମ କରନ୍ତି, ସେହି ସମୟରୁ ସେମାନଙ୍କର ସମସ୍ତ କର୍ମ ନିଷ୍କାମ ହୁଏ ।

ନିଷ୍କାମ କର୍ମ ଭଗବତ୍ ପ୍ରାପ୍ତିର ଏକ ଅନିବାର୍ଯ୍ୟ ଉପାୟ । କିନ୍ତୁ ଏଥିରେ ବି ବହୁତ ସୂକ୍ଷ୍ମରେ ଥାଏ କର୍ତ୍ତାର ଅହଂ । କର୍ମ ସମ୍ପାଦନ ହେଲେ ତାହାର କର୍ତ୍ତା (ବ୍ୟକ୍ତି) ଏବଂ କର୍ମ ସମର୍ପଣ ହେଲେ ସେହି ସମର୍ପଣ କରିବାର କର୍ତ୍ତା ଏହି ବୋଧକୁ କର୍ତ୍ତୃତ୍ୱାଭିମାନ କୁହାଯାଏ । ଭଗବାନଙ୍କ ନିମିତ୍ତ ନିବେଦିତ ନିଷ୍କାମ କର୍ମରେ ଏହି କର୍ତ୍ତୃତ୍ୱାଭିମାନ ରହିଥାଏ । ଏହି ଭାବ ରହିଲେ ଭଗବାନ୍ ପୂର୍ଣ୍ଣ ସ୍ୱରୂପରେ ପ୍ରାପ୍ତ ହୁଅନ୍ତି ନାହିଁ ।

*ପ୍ରଶ୍ନ : ଏହି କର୍ତ୍ତୃତ୍ୱାଭିମାନର ଅହଂ-ବୋଧ ନାଶ ହୁଏ କିପରି ?*

ଉତ୍ତର : ଏହା ନାଶ ହୁଏ ନିଷ୍କାମ କର୍ମ ଦ୍ୱାରା ଭଗବତ୍ ପରାଭକ୍ତି ପ୍ରାପ୍ତ ହେଲେ । ପରାଭକ୍ତିର ସ୍ୱରୂପ ହେଲା ଭଗବାନଙ୍କ ସଙ୍ଗେ ଅଖଣ୍ଡ ଏକ ହେବା ସତ୍ତ୍ୱେ ପୃଥକ୍ ରହିବା । ଏହି ଉଭୟ ବୋଧ ଏକ ସଙ୍ଗେ ଥାଏ ।

କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗ ପଦ୍ଧତି ଅନୁସାରେ ଭାଗବତୀ ଶକ୍ତିର ଯନ୍ତ୍ର ହୋଇ, ତାହାର ପରିଚାଳନାରେ କର୍ମ କରିବାରେ କର୍ତ୍ତୃତ୍ୱାଭିମାନ ରହେ ନାହିଁ । ସେହି କର୍ମ ହୁଏ ଭଗବତ୍ କର୍ମ ।

*ପ୍ରଶ୍ନ : ତାହାର ପ୍ରକ୍ରିୟା କିପରି ?*

ଉତ୍ତର : ଶ୍ରୀଅରବିନ୍ଦଙ୍କ ଯୋଗର ଆରମ୍ଭରୁ ସାଧକ ନିଜ ଦାୟିତ୍ୱରେ ବାହ୍ୟ କର୍ମ କିଂବା ଆନ୍ତର ସାଧନା କିଛି ବି କର୍ତ୍ତା ଭାବେ କରେ ନାହିଁ । ସାଧନା ଆରମ୍ଭରେ ସାଧକ ଭଗବାନଙ୍କୁ କର୍ତ୍ତାଭାବେ ଅର୍ଥାତ୍ ଭଗବତ୍ ଶକ୍ତିକୁ ଆବାହନ କରେ ଏବଂ ନିଜ ମଧ୍ୟରେ ତାଙ୍କୁ କର୍ମ କରିବାକୁ ପ୍ରାର୍ଥନା କରେ । ସାଧକ ମଧ୍ୟରେ ଭାଗବତୀ ଶକ୍ତି କର୍ମ କରନ୍ତି, ତାକୁ ପରିଚାଳନା କରନ୍ତି । ସାଧକ ସାକ୍ଷୀବତ୍ ଭାଗବତ ଶକ୍ତିର ପରିଚାଳନାକୁ ଦେଖେ ଓ ସେଥିରେ ସମ୍ମତି ଦିଏ । କର୍ମର କର୍ତ୍ତ୍ରୀ ଭାଗବତୀ ଶକ୍ତି, ସେ ଭଗବାନଙ୍କ ନିମିତ୍ତ ଭଗବତ୍ କାର୍ଯ୍ୟ କରନ୍ତି, ସାଧକକୁ ଯନ୍ତ୍ର କରି ସାଧନାର ଯଥାର୍ଥ ମାର୍ଗରେ ପରିଚାଳନା କରି ନେଇ ଯାଆନ୍ତି । ସାଧକ ଯଥାର୍ଥରେ ସ୍ୱୟଂ କର୍ମ କରେ ନାହିଁ, ସେ କର୍ମର କର୍ତ୍ତା ନୁହେଁ, କର୍ମର କର୍ତ୍ତା ସ୍ୱୟଂ ଭାଗବତୀ ଶକ୍ତି । ସେ'ନେଇ ସାଧକର କର୍ତ୍ତୃତ୍ୱାଭିମାନ ରହେ ନାହିଁ ।... ...

(ସମ୍ପାଦକଙ୍କୁ ପତ୍ର,
ନବଜ୍ୟୋତି - ୧୯୬୦, ଅଗଷ୍ଟ ସଂଖ୍ୟା) ❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ଟ୍ରଷ୍ଟୀ, ଶ୍ରୀ ବିଦ୍ୟାଧର ମହାନ୍ତ, ମାଆମୀରା ମନ୍ଦିର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଶଙ୍କିର, ସା/ପୋ ଶଙ୍କିର, କେନ୍ଦୁଝର, ପିନ୍ – ୭୫୮୦୧୩, ମୋବାଇଲ ନଂ : ୯୪୩୭୨୧୫୦୩୯ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ପଦ ନିମନ୍ତେ ତାଲିମ ପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ (B. A. B.Ed. / B.Sc. B.Ed.) ଏବଂ ଖେଳ ଶିକ୍ଷକ ପାଇଁ (P. E.T.) ଶିକ୍ଷାଗତ ଯୋଗ୍ୟତା ଥିବା ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

ଚେତନାର ଦିଗ୍‌ବଳୟ :

# ସାହିତ୍ୟ ସୃଜନ : ପ୍ରବେଗ ଓ ପ୍ରେରଣା

ସଂପ୍ରତି – ଗତ ଜାନୁଆରୀ ଦ୍ୱିତୀୟ ସପ୍ତାହରେ – ଭୁବନେଶ୍ୱରରେ ଏକ ବିଶେଷ ସାହିତ୍ୟ-ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତାହାକୁ 'ସାହିତ୍ୟ-ଭିତ୍ତିକ' ବୋଲି କହିବାର ହେତୁ, ତିନିଦିନ ବ୍ୟାପ୍ତ ସେ କାର୍ଯ୍ୟକ୍ରମରେ ସମସାମୟିକ ଭାରତୀୟ ସମାଜର ଅନ୍ୟାନ୍ୟ କେତେକ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଯୋଗ ଦେଇଥିଲେ ଭାରତର କେତେ ଜଣ ଖ୍ୟାତନାମା ଲେଖକ, ସମୀକ୍ଷକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ – ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ ଓ ଚିନ୍ତାବିତ୍‌ଙ୍କ ସମେତ ।

ପ୍ରଖ୍ୟାତ ଇଂରାଜୀ ଲେଖକ ରସ୍କିନ୍ ବଣ୍ଡ ଏବଂ ଏ ଲେଖକ ଦୁହେଁ ଏକତ୍ର ଏ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାର ବ୍ୟବସ୍ଥା କରିଥିଲେ ଆୟୋଜକମାନେ : ଟାଟା ଷ୍ଟିଲ୍ ଏବଂ ବହୁଳ ପ୍ରସାରିତ ସମ୍ବାଦପତ୍ର 'ସମ୍ବାଦ' ।

ସେ ପ୍ରାରମ୍ଭିକ ଅନୁଷ୍ଠାନରେ ଭୁବନେଶ୍ୱର ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆଗତ ବହୁ ଗୁଣଗ୍ରାହୀ ବ୍ୟକ୍ତି ସମବେତ ହୋଇଥିଲେ । ଉଦ୍‌ଘାଟନ ପରେ ଏ ଲେଖକକୁ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସାହିତ୍ୟକୁ ପଟ୍ଟଭୂମିରେ ରଖି ତା' ନିଜ ଲେଖାଲେଖି ସମ୍ପର୍କରେ କହିବାକୁ ପଡ଼ିଥିଲା, କିନ୍ତୁ ଯାହା ବିଶେଷ ଉଲ୍ଲେଖଯୋଗ୍ୟ, ତାହା ଘଟିଥିଲା ପରଦିନ ପୂର୍ବାହ୍ଣରେ । ସେ ଅଧିବେଶନରେ ଛାତ୍ରଛାତ୍ରୀମାନେ ଏ ଲେଖକକୁ ପ୍ରଶ୍ନ କରିବେ ଏବଂ ଲେଖକ ଉତ୍ତର ଦେବ, ଏହାହିଁ ଘୋଷିତ ହୋଇଥିଲା । ଅବଶ୍ୟ ବୟସ୍କମାନେ ମଧ୍ୟ ବହୁ ସଂଖ୍ୟାରେ ଆସିଗଲେ ଏବଂ ପ୍ରଶ୍ନ କଲେ ।

ଛାତ୍ରଛାତ୍ରୀମାନେ ଯେଉଁସବୁ ପ୍ରଶ୍ନ ପଚାରିଲେ, ସେସବୁର ଉତ୍କର୍ଷ ଲେଖକକୁ ବିପୁଳ ଆନନ୍ଦ ଦେଲା । ସେମାନଙ୍କ ବୋଧଶକ୍ତି ଓ ବୁଦ୍ଧିମତ୍ତା ଅତୀବ ପ୍ରଶଂସନୀୟ ।

ସେମାନଙ୍କ ଭିତରେ କେହି କେହି ଲେଖକ ହେବା ନିମନ୍ତେ ଉତ୍ସାହ ଅନୁଭବ କରୁଥା'ନ୍ତି । ସର୍ବ ସମକ୍ଷରେ ସେ ସମ୍ପର୍କରେ ପ୍ରଶ୍ନ କରିବାକୁ ସଙ୍କୋଚ ଅନୁଭବ କରି ସେମାନଙ୍କ ଭିତରୁ କେତେ ଜଣ ଏ ଲେଖକକୁ ହୋଟେଲ ଯାଏ ଅନୁସରଣ କରୁଥା'ନ୍ତି । ସେମାନଙ୍କ ମନରେ ଥିବା ହାରାହାରି ପ୍ରଶ୍ନର କେତୋଟି ନମୁନା, ଅବଶ୍ୟ ସଂକ୍ଷେପିତ ଭାଷାରେ :

ଏକ : ମୁଁ ଲେଖିବାକୁ ଅତ୍ୟନ୍ତ ଆଗ୍ରହୀ କିନ୍ତୁ କେଉଁ ବିଷୟରେ ଲେଖିବି ବୁଝିପାରେ ନାହିଁ । ମୋ ଆଗ୍ରହ କ'ଣ ତୁଚ୍ଛା ଉଚ୍ଚାଭିଳାଷ ? କେବଳ ଖ୍ୟାତି ସକାଶେ ବ୍ୟାକୁଳତା ?

ଏ ଜିଜ୍ଞାସାର ଉତ୍ତର ହେବ ଏହିପରି : ଅନେକ କ୍ଷେତ୍ରରେ କୌଣସି ସୃଜନଶୀଳ କର୍ମ ସକାଶେ ଆଗ୍ରହ ପଶ୍ଚାତରେ ପ୍ରକୃତ ପ୍ରେରଣା ଥାଇପାରେ । ଯଦି ଏହା ତୁଚ୍ଛା ଉଚ୍ଚାଭିଳାଷ ହୋଇଥିବ, ତେବେ ଅନ୍ୟ କୌଣସି ମାର୍ଗରେ ସେ ଅଭିଳାଷ ପୂରଣ ହେବାର ସୁଯୋଗ ଆସିଗଲେ ଏ ଆଗ୍ରହ ଅନ୍ତର୍ହିତ ହୋଇଯିବ । ଜଣେ ଯୁବକଙ୍କ କଥା କହୁଛି । ସେ ଲେଖକ ହେବାକୁ ଉଦ୍ୟତ ହେବା ଅବସରରେ ଚଳଚ୍ଚିତ୍ରରେ ଅଭିନୟ ସୁଯୋଗ ପାଇଗଲେ ଓ ଲେଖକ ହେବା କଥା ଭୁଲିଗଲେ ।

ତେବେ କେଉଁ ବିଷୟରେ ଲେଖିବେ, ସେତକ ଯଦି ବୁଝିପାରୁ ନାହାନ୍ତି, ତେବେ ଏହା କେବଳ ଖ୍ୟାତି ସକାଶେ ସାମୟିକ ଆଗ୍ରହ ହୋଇପାରେ । ସାଧାରଣତଃ ବିଷୟବସ୍ତୁଟିହିଁ ଲେଖିବାର ଆଗ୍ରହ ଉପୁଜାଏ – ସେ ବିଷୟବସ୍ତୁ ପ୍ରଥମେ ଯେତେ ଧୂଆଁଳିଆ, ଯେତେ ଅପରିଣତ ଧାରଣାଟିଏ ଭାବରେ ଆସିଥାଉ ନା କାହିଁକି । ତେବେ ଧୈର୍ଯ୍ୟଧରି ଏକାଗ୍ର ହୁଅନ୍ତୁ । ହୁଏତ ଆଗ୍ରହର ଉତ୍ତାପ ପ୍ରଶମିତ ହେଲେ ପଛରୁ ବିଷୟବସ୍ତୁ ପ୍ରକଟିତ ହେବ ।

ଅନ୍ୟ ଏକ ପ୍ରଶ୍ନ : କେମିତି ଚମତ୍କାର ଗପଟାଏ ଲେଖିବା ସମ୍ଭବ ହେବ, ତା'ର କଳାକୌଶଳ ସଂକ୍ଷେପରେ ବତାଇ ଦିଅନ୍ତୁ ।

ପ୍ରଶ୍ନଟି ମନେ ପକାଇଦେଲା ମୋଜାର୍ଟଙ୍କ ସହ ଜଣେ ଯୁବକର ସଂଳାପ । ଯୁବକ ମୋଜାର୍ଟଙ୍କୁ କହିଲା, ''ସମବେତ ଯନ୍ତ୍ରସଂଗୀତ (Symphony) କିପରି ରଚନା କରିବାକୁ ହୁଏ କହିଦିଅନ୍ତେ ନାହିଁ ?''

ମୋଜାର୍ଟ ଯୁବକଙ୍କୁ କହିଲେ, ''ଏଡ଼େ ବ୍ୟସ୍ତ କାହିଁକି ? ତୁମର କ'ଣ ସେ କର୍ମ ସକାଶେ ଯଥେଷ୍ଟ ବୟସ ହେଲାଣି ?''

''ଆପଣ କହୁଛନ୍ତି କ'ଣ ?'' ଯୁବକ କିଞ୍ଚିତ୍ ଉତ୍ତେଜିତ ଭାବେ ପ୍ରଶ୍ନକଲେ, ''ମୋତେ ଚବିଶ ବର୍ଷ ହେଲାଣି ! ଆପଣ ତ ଆଠବର୍ଷ ବୟସରେ ଯେଉଁ ସିଂଫୋନି ରଚନା କରିଥିଲେ ତାହା ଅପୂର୍ବ !''

''କଥା ହେଲା, ମୁଁ କିନ୍ତୁ ରଚନାର କଳାକୌଶଳ କ'ଣ ସେକଥା କାହାକୁ ପଚାରି ନଥିଲି !'' ଉତ୍ତର ଦେଲେ ମୋଜାର୍ଟ ।

ଏ ସଂଳାପର ମର୍ମ ହେଲା, ''ଚମତ୍କାର'' କିଛି ରଚନା କରିବା ନିମନ୍ତେ ପ୍ରୟୋଜନ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା; କାହାରିଠାରୁ ଶିଖିନେବା ଭଳି କଳା କୌଶଳ ନୁହେଁ । ତେବେ ସେଭଳି ପ୍ରେରଣା ବିରଳ । ତାହାର ଅନୁପସ୍ଥିତିରେ ଯେ ଜଣେ ସାହିତ୍ୟ ରଚନା କରିପାରିବ ନାହିଁ, ତାହା ନୁହେଁ । ଯଥେଷ୍ଟ କଳ୍ପନାଶକ୍ତି, ଭାଷାଜ୍ଞାନ ଏବଂ ସୁନିର୍ବାଚିତ ସାହିତ୍ୟର ଅଧ୍ୟୟନରୁ ଜଣେ ସଫଳ ଲେଖକ ହୋଇପାରେ । ହଁ, ଏଭଳି କ୍ଷେତ୍ରରେ କଳ୍ପନା ଶକ୍ତି ଯେପରି ଅପରିହାର୍ଯ୍ୟ, ନିଜ ରଚନାକୁ ସତ୍‌ସାହିତ୍ୟ ପର୍ଯ୍ୟାୟକୁ ନେବା ନିମନ୍ତେ ବିବେକର ମଧ୍ୟ ସେତିକି ପ୍ରୟୋଜନ ।

ଲେଖକ ସଚେତନ ହେବା ଉଚିତ – ତା' ଲେଖା ଯେପରି ପାଠକର ଚେତନାକୁ ନିମ୍ନଗାମୀ କରିବ ନାହିଁ । ଏହା ପ୍ରଥମ କଥା । ଦ୍ୱିତୀୟ କଥା, ଲେଖା ପଢ଼ିବା ସକାଶେ ପାଠକ ତା'ର ସମୟ ବ୍ୟୟ କରିବ । ଲେଖକ ନିଜକୁ ପ୍ରଶ୍ନ କରିବା ଚାହି : ପାଠକର ସେତକ ସମୟ ନେବା ନିମନ୍ତେ ତା' ଲିଖିତ ସାହିତ୍ୟର ସର୍ବନିମ୍ନ ଅଧିକାର ଅଛି ତ ? ଏଭଳି ଆତ୍ମ-ସମୀକ୍ଷା ସୃଜନଶୀଳ ମାନସିକତାକୁ ଭାବପ୍ରବଣତାର ଊର୍ଦ୍ଧ୍ୱକୁ ନେଇଯିବ ଏବଂ ଭାବସହ ଭାବନାର ସମନ୍ୱୟ ସମ୍ଭବ ହେବ ।

ସେ ଯାହାହେଉ, ତରୁଣମାନଙ୍କର ଜିଜ୍ଞାସାବୋଧ ଏବଂ ଉତ୍ସାହ ଏ ଲେଖକକୁ ବେଶ୍ ଆଶାବାଦୀ କରିଥିଲା । ଗୋଟାଏ ଗବେଷଣାରୁ ଜଣାଯାଏ, ଆଜିର ନାନାଦି ବୈଦ୍ୟୁତିକ ସାଜସରଞ୍ଜାମ ଭିତରେ ନିମଜ୍ଜିତ ତରୁଣମାନଙ୍କର ମୌଳିକ ସମ୍ବେଦନଶୀଳତା, ଭାବନାଶକ୍ତି ଏବଂ କଳାତ୍ମକ ସୃଜନୀଶକ୍ତି ହ୍ରାସ ହୋଇଚାଲିଛି । ତେବେ ଆମ ଚେତନାରେ ଏ ପର୍ଯ୍ୟାୟରୁ ଉନ୍ନୀତ ହେବାର ସାମର୍ଥ୍ୟ ନିଶ୍ଚୟ ରହିଛି । ସେ ଦିଗରେ ତରୁଣ ପିଢ଼ି ସଚେତନ ହେବା ଜରୁରି ।

**– ମନୋଜ ଦାସ**

❑❑❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

**Form–IV**

(See Rule 8)

| | | | |
|---|---|---|---|
| 1. | Place of Publication | ··· | Sri Aurobindo Ashram, Pondicherry - 605 002 |
| 2. | Periodicity of its Publication | ··· | Monthly |
| 3. | Printer's Name | ··· | Swadhin Chatterjee |
| | Nationality | ··· | Indian |
| | Address | ··· | Sri Aurobindo Ashram Press, Pondicherry - 605 002 |
| 4. | Publisher's Name | ··· | Manoj Das Gupta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 5. | Editor's Name | ··· | Madhusudan Mishra |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 6. | Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 8.3.2018* *Signature of Publisher*

**Vol. XLIX, No. 3** **R.N.I. No. 18163/70.**
Navaprakash (Monthly), March, 2018 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

## ବିଶେଷ ସୂଚନା

# ବେଦରହସ୍ୟ

ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।




୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**